# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୧୯/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, January 19/ 2019 (Career & Appointment) ★★

୧୫ଶ ଭାଗ ୩୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଭାରତର ସ୍ମରଣୀୟ ସିରିଜ ବିଜୟ**

ମେଲବୋର୍ନରେ ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବିଜୟ ସହ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥରପାଇଁ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଜିତିଛି ଟିମ୍ ଇଣ୍ଡିଆ। ୧୫


୦୨


**କର୍ଣ୍ଣି ସେନାଙ୍କ ଆଗରେ ନଇଁବି ନାହିଁ: କଙ୍ଗନା**

କର୍ଣ୍ଣି ସେନାଙ୍କ ଧମକ ଆଗରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନାହିଁ ବୋଲି ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତ୍ ପ୍ରକାଶ କରିଛନ୍ତି।



# ପିସିରେ ପେଶି ହେଉଛି ପକ୍କାଘର

**ସୁନୀତ ମିଶ୍ର**

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

- ପ୍ରତିଶ୍ରୁତି ପୂରଣ ହୋଇପାରିବ ନାହିଁ ମାନିଲେ ମନ୍ତ୍ରୀ
- ଲକ୍ଷ୍ୟ ରଖିଥିବା ସଂଖ୍ୟା ବି ଛୁଇଁ ପାରିଲେନି
- ଭରସା କରି ଭୋଟ ଦେଇଥିଲୁ ଫଳ ପାଉଛୁ
- ଘର ମିଳିବ ଅପେକ୍ଷା କରିଛୁ





ପୁରୀ ଜିଲା ପିପିଲି ବ୍ଲକର ସାନସରଗାଇଲେ ଗ୍ରାମ।

୨୦୧୯ ସୁଦ୍ଧା ରାଜ୍ୟରେ ସମସ୍ତ କଚ୍ଚା ଘରକୁ ପକ୍କା ଘର କରାଯିବ। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ପ୍ରତିଶ୍ରୁତି ଦେଇ ବିଜେଡି ନିଜ ନିର୍ବାଚନୀ ଇସ୍ତାହାରରେ ଉଲ୍ଲେଖ କରିଥିଲା। ଲୋକମାନଙ୍କ ବିପୁଳ ସମର୍ଥନ ପାଇ ୪ର୍ଥଥର ପାଇଁ ବିଜେଡି କ୍ଷମତାକୁ ଫେରିଥିଲା। ହେଲେ ରାଜ୍ୟ ସରକାର ୨୦୧୯ ସୁଦ୍ଧା ୨୫ ଲକ୍ଷ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଲେ। ଲୋକେ ଭାବିଥିଲେ ସରକାର ପର୍ଯ୍ୟାୟ କ୍ରମେ ଏହି ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି କରିବେ ଏବଂ ନିର୍ବାଚନ ସମୟର ପ୍ରତିଶ୍ରୁତି ପାଳନ କରିବେ। ମାତ୍ର ସରକାର ଏସବୁଥିରେ ବିଫଳ ହୋଇଛନ୍ତି। ଏନେଇ ପଞ୍ଚାୟତିରାଜ ସଚିବ ଦେଓ ରଞ୍ଜନ ସିଂ(ଆଇଏଏସ୍)ଙ୍କୁ ଧରିତ୍ରୀ ତରଫରୁ ପଚାରିବାରୁ ସେ କହିଥିଲେ ଯେ, ୨୦୧୪ରୁ ୨୦୧୯ ମଧ୍ୟରେ ଆମେ ୨୫ଲକ୍ଷ ଘର କରିବାକୁ ଲକ୍ଷ୍ୟ ରଖିଥିଲୁ। ପ୍ରାୟ ୨୧ଲକ୍ଷ ପକ୍କାଘର ଲୋକଙ୍କୁ ଦିଆଯାଇଛି। ମାର୍ଚ୍ଚ ସୁଦ୍ଧା ୪ଲକ୍ଷ ଘର କାର୍ଯ୍ୟ ସାରିବାକୁ ଚେଷ୍ଟା କରିବୁ। କିଛି ଜିଲାରେ ଠିକ୍‌ଭାବେ କାମ ହେଉ ନ ଥିବା ଦେଓ ରଞ୍ଜନ ସ୍ୱିକାର କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ସଚିବ କହିଥିବା ୨୧ଲକ୍ଷ ଘର ମଧ୍ୟରେ କେନ୍ଦ୍ର ସରକାରଙ୍କ ଯୋଜନାରେ ଅର୍ଦ୍ଧନିର୍ମିତ ଘରଗୁଡିକ ମଧ୍ୟ ସାମିଲ। ଅର୍ଥାତ୍ ସରକାରଙ୍କ ପକ୍ଷରୁ ଦାବି କରାଯାଉଥିବା ୨୧ ଲକ୍ଷ ନିର୍ମିତ ଘର ବିଜୁ ପକ୍କାଘର ଯୋଜନା ଅନ୍ତର୍ଭୁକ୍ତ ନୁହେଁ। ଏବଂ ପୁରୁଣା ଘର ନିର୍ମିତ ହେଉଥିବାରୁ ନୂତନ ହିତାଧିକାରୀ ଲାଭବାନ ହୋଇପାରୁ ନାହାନ୍ତି।

ପ୍ରଥମ କଥା ସରକାରଙ୍କ ହିତାଧିକାରୀ ଚୟନରୁ ବହୁ ଯୋଗ୍ୟ ବ୍ୟକ୍ତି ବାଦ୍ ପଡ଼ିଛନ୍ତି। ସେମାନେ ସରକାରୀ ଯୋଜନାରେ ପକ୍କାଘର ପାଇବା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡ଼ିଛନ୍ତି। ଦ୍ୱିତୀୟ କଥା ଯେଉଁମାନେ ହିତାଧିକାରୀ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମ କେବଳ ତାଲିକାରେ ସୀମିତ ରହିଛି। ସେମାନଙ୍କ କଚ୍ଚା ଘର ଏଯାଏ ପକ୍କା ହୋଇପାରିନାହିଁ। ବିଜେଡି ଦେଇଥିବା ପ୍ରତିଶ୍ରୁତି ପାଳନର ସତ୍ୟାସତ୍ୟ ପରଖିବା ପାଇଁ କେତେକ ପଞ୍ଚାୟତକୁ ଯିବା ପରେ ଏଭଳି ବାସ୍ତବତା ଜଣାପଡ଼ିଛି। ଏପରି କି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ 'ସବୁ କଚ୍ଚା ଘର ପକ୍କା ଘର ହେବା' ପ୍ରତିଶ୍ରୁତି ପାଳନ ହୋଇପାରିବ ନାହିଁ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝୀ ସ୍ୱୀକାର କରିନେଇଛନ୍ତି। ମନ୍ତ୍ରୀ ମାଝୀ କହିଛନ୍ତି ଯେ, ଯେତିକି କଚ୍ଚାଘରକୁ ପକ୍କାଘର କରିବା ପାଇଁ ଲକ୍ଷ୍ୟ ରଖିଥିଲୁ ତାହା ପୂରଣ ହୋଇନାହିଁ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ଘର ଦେବାକୁ ଚେଷ୍ଟା କରୁଛୁ। ଯାହା ଲକ୍ଷ୍ୟ ଥିଲା ତାହା ୨୦୧୯ ସୁଦ୍ଧା ପୂରଣ ହୋଇପାରିବ ନାହିଁ ବୋଲି ମାଝୀ କହିଛନ୍ତି।

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନା, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା ଏବଂ ପକ୍କାଘର ଯୋଜନା(ଖଣି) ମାଧ୍ୟମରେ ଗରିବମାନଙ୍କୁ ସରକାର ଘର ଯୋଗାଇ ଦେଉଛନ୍ତି। ଏହି ସବୁ ଯୋଜନାରେ ପ୍ରାୟ ୨୫ ଲକ୍ଷ ହିତାଧିକାରୀଙ୍କୁ ୨୦୧୪ରୁ ୨୦୧୯ ମଧ୍ୟରେ ପକ୍କାଘର ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇ ଥିଲାବେଳେ ମାତ୍ର ୨୦ ଲକ୍ଷ ୧୮ ହଜାର ୭୭୯ଜଣଙ୍କୁ ଘର ଦିଆଯାଇଛି। ବିଧାନସଭାର ଗତ ଶୀତଅଧିବେଶନ ସମୟରେ ବିଧାୟକ ନବ ଦାସ ପଚାରିଥିବା ଅଣତାରକା ପ୍ରଶ୍ନ ୪୧୩ର ଉତ୍ତର ରଖି ୨୦।୧୧।୧୮ରେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ ଏହି ସୂଚନା ଦେଇଥିଲେ। ଆହୁରି ୪,୧୫,୩୦୨ ଘର


☞ ପୃଷ୍ଠା-୪


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

**ସଂସ୍କାର ପାଇଁ ତରତର ନାହିଁ**

**ଆଜିର ମନ୍ତବ୍ୟ**

" ଭାରତ ବିରୋଧୀ ସ୍ଲୋଗାନ ଦେଉଥିବା ଲୋକଙ୍କ ସହ କଂଗ୍ରେସ ଛିଡ଼ାହୋଇଛି।

**-ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ**


NECC NATIONAL EGG CO-ORDINATION COMMITTEE 18.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 76 | 127 | 137 |
| BLS | 79 | 131 | 141 |
| ANG | 77 | 128 | 138 |

*Conditions Apply

**Eggs Retail Price- 54/-Dozen**

Issued in the Interest of Consumers




**Rourkela**: Kesar Bhawan, Main Road

STORES ALSO AT: BHUBANESWAR : 621, Saheed Nagar, Janpath | BHUBANESWAR: Biju Patnaik International Airport | BHUBANESWAR: 309, District Centre, Chandrasekharpur | BERHAMPUR: Venkatraju Arcade, Sano Bazar | CUTTACK: 558/834, Cantonment Road | Toll Free: 1800 3131 777 | Open on Sundays



"ଫ୍ରାନ୍ସରୁ ୧୨୬ ପରିବର୍ତ୍ତେ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଏନ୍‌ଡିଏ ନିଷ୍ପତ୍ତି ନେଇଥିଲା। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ନିଜ ବ୍ୟବସାୟୀ ବନ୍ଧୁଙ୍କ ଫାଇଦା ପାଇଁ ଏହି ଡିଲ୍ କରିଥିଲେ। ଏଥିପାଇଁ ଏହାର ଜେପିସି ତଦନ୍ତ କରାଇବାକୁ ସରକାର ମଙ୍ଗୁନାହାନ୍ତି।"

- ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ

## ସଂକ୍ଷେପରେ

### ଲଦାଖରେ ହିମସ୍ଖଳନ
### ୫ ମୃତ, ୫ ନିଖୋଜ



**ଶ୍ରୀନଗର,୧୮।୧(ପି.ଟି.):** ଜମ୍ମୁ-କଶ୍ମୀରର ଲଦାଖ ଅଞ୍ଚଳ ଅନ୍ତର୍ଗତ ଖାର୍ଦ୍ଦୁଙ୍ଗ ଲା ଗିରିପଥରେ ଶୁକ୍ରବାର ହିମସ୍ଖଳନ ଘଟି ୫ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୫ ଜଣ ନିଖୋଜ ହୋଇଛନ୍ତି। ସକାଳ ୭ଟା ସମୟରେ ୧୦ ଜଣଙ୍କୁ ନେଇ ଉକ୍ତ ଗିରିପଥରେ ଯାଉଥିବା ଏକ ଟ୍ରକ ହିମସ୍ଖଳନ ଯୋଗୁ ପୋତି ହୋଇପଡିଥିଲା। ସୀମା ସଡ଼କ ସଂଗଠନର କର୍ମଚାରୀ ଏବଂ ଯନ୍ତ୍ରପାତି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ପୋଲିସ, ସେନା ଯବାନ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ବରଫ ତଳୁ ୫ଟି ମୃତଦେହ ଉଦ୍ଧାର ହୋଇଛି।

### ଲୋଫଭେନ୍ ପୁନଃ ନିର୍ବାଚିତ



**ଷ୍ଟକହୋମ,୧୮।୧(ଏଏଫ୍‌ପି):** ଷ୍ଟିଫାନ ଲୋଫଭେନ୍ ଦ୍ୱିତୀୟ ଥର ଲାଗି ସ୍ୱିଡେନ ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ଫଳରେ ୪ ମାସ ହେଲା ଦେଖାଦେଇଥିବା ରାଜନୈତିକ ଶୂନ୍ୟତା ପୂରଣ ହୋଇଛି। ଲୋଫମ୍ୟାନଙ୍କ ସୋସିଆଲ ଡେମୋକ୍ରାଟିକ ପାର୍ଟି ଏବଂ ଗ୍ରୀନ ପାର୍ଟିକୁ ନେଇ ଗଠିତ ନୂଆ ସଂଖ୍ୟାଲଘୁ କୈନ୍ଦ୍ରିକ ବାମ ସରକାରଙ୍କୁ ସେଣ୍ଟର ପାର୍ଟି ଏବଂ ଲିବେରାଲ ପାର୍ଟି ସମର୍ଥନ ଜଣାଇଛନ୍ତି। ଗତ ସେପ୍ଟେମ୍ବରରେ ପାର୍ଲାମେଣ୍ଟ ନିର୍ବାଚନ ସମ୍ପୂର୍ଣ୍ଣ ହୋଇ ନ ପାରିବାରୁ ସେଠାରେ ୪ ମାସ ହେଲା ରାଜନୈତିକ ଅଚଳାବସ୍ଥା ଲାଗି ରହିଥିଲା।

### ବିସ୍ଫୋରଣରେ ୨୧ ନିହତ

**ବୋଗୋଟା,୧୮।୧(ଏଏଫ୍‌ପି):** କଲମ୍ବିଆର ବୋଗୋଟା ପୋଲିସ ପ୍ରଶିକ୍ଷଣ ଏକାଡେମୀରେ ଆତଙ୍କବାଦୀ ଆକ୍ରମଣରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୮ ଆହତ ହୋଇଛନ୍ତି। ମୃତ ପୋଲିସଙ୍କ ଲାଗି କଲମ୍ବିଆ ସରକାର ତିନିଦିନିଆ ଶୋକପାଳନ ନିମନ୍ତେ ଘୋଷଣା କରିଛନ୍ତି। ଗତ ୧୬ ବର୍ଷ ମଧ୍ୟରେ ବୋଗୋଟାରେ ଏହା ସବୁଠୁ ଭୟାବହ ଆକ୍ରମଣ ବୋଲି କୁହାଯାଉଛି। ଆତଙ୍କବାଦୀମାନେ ୮୦ କିଲୋଗ୍ରାମ ବିସ୍ଫୋରକ ଭର୍ତ୍ତି ଏକ କାରକୁ ବିସ୍ଫୋରଣ ଘଟାଇଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ମଧ୍ୟ ଅଛନ୍ତି। ଆତଙ୍କବାଦ ବିରୋଧରେ ଏକାଠି ଲଢ଼ିବାକୁ ରାଷ୍ଟ୍ରପତି ଇଭାନ ଡୁକ୍ୟୁ ଟୁଇଟ୍ କରିଛନ୍ତି। ଏହି ଘଟଣା ପରେ କଲମ୍ବିଆ ସୀମା ଏବଂ ବୋଗୋଟା ସହରକୁ ଯାଇଥିବା ରାସ୍ତାରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ଆକ୍ରମଣର ମାଷ୍ଟରମାଇଣ୍ଡକୁ ଖୋଜି ବାହାର କରିବା ଉପରେ ପ୍ରାଧାନ୍ୟ ଦେବା ଲାଗି ତଦନ୍ତକାରୀ ସଂସ୍ଥାଗୁଡିକୁ ସେ ନିବେଦନ କରିଛନ୍ତି। କ୍ୟାଡେଟମାନଙ୍କ ଉତ୍ସବ ଚାଲିଥିବାବେଳେ ଜେନେରାଲ ଫ୍ରାନ୍ସିସ୍କୋ ଡି ପାଉଲା ସାଣ୍ଟାଣ୍ଡର ଅଫିସର୍ସ ସ୍କୁଲ୍ ଉପରେ ଏହି ଆକ୍ରମଣ ହୋଇଥିଲା। ଆକ୍ରମଣ ଲାଗି କୌଣସି ସଂଗଠନ ନିଜକୁ ଦାୟୀ କରି ନ ଥିବାବେଳେ ଜୋସ୍ ଆଲଡେମାର ରୋଜାସ୍ ରେଡ୍ରିଗୁଏଜ୍ ଏଥିରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। କାରଣ ସେ ଏକ ପେଟ୍ରୋଲ ଟ୍ରକ୍ ନେଇ ଉକ୍ତ ସ୍କୁଲ କମ୍ପାଉଣ୍ଡରେ ପ୍ରବେଶ କରିଥିଲେ ବୋଲି ସୂଚନା ମିଳିଛି।

[ଇତିହାସର ଆଇନାରେ]

### ଜାନୁୟାରୀ ୧୯ର ପ୍ରମୁଖ ଘଟଣା

୧୯୯୧ ଜାନୁୟାରୀ ୧୯ରେ ଇରାକ୍ ଏହାର ଦ୍ୱିତୀୟ ସ୍କଡ୍ କ୍ଷେପଣାସ୍ତ୍ର ଇସ୍ରାଏଲ୍ ଉପରେ ମାଡ କରିବାରୁ ୧୫ ଜଣ ଲୋକ ଆହତ ହୋଇଥିଲେ। ଏହା ଉପସାଗରୀୟ ଯୁଦ୍ଧ ବେଳର ଘଟଣା। ଏହି ଯୁଦ୍ଧ ୧୯୯୦ ଅଗଷ୍ଟ ୨ରୁ ଆରମ୍ଭ ହୋଇ ୧୯୯୧ ଫେବୃୟାରୀ ୨୮ରେ ଶେଷ ହୋଇଥିଲା।

୧୯୨୦ ଜାନୁୟାରୀ ୧୯ରେ ଦି ଆମେରିକାନ୍ ସିଭିଲ ଲିବର୍ଟିଜ୍ ୟୁନିୟନ୍(ଏସିଏଲ୍‌ୟୁ) ଗଠନ କରାଯାଇଥିଲା। ଏହା ଏକ ଅଣଲାଭକାରୀ ଅନୁଷ୍ଠାନ। ମାନବିକ ଅଧିକାର ଓ ସ୍ୱାଧୀନତାର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ। ଉଦାର ଓ ରକ୍ଷଣଶୀଳ ଅନୁଷ୍ଠାନ ଗୁଡିକ ଏହି ସଂଗଠନକୁ ସମର୍ଥନ କରିଆସୁଛନ୍ତି। ଏହି ସଂଗଠନର ୧୨ଲକ୍ଷ ସଦସ୍ୟ ରହିଛନ୍ତି।

## ମମତାଙ୍କ ବିରୋଧୀ ମେଳି ଆଜି



**ନୂଆଦିଲ୍ଲୀ,୧୮।୧(ପି.ଟି.):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧୀ ମେଳି ଶନିବାର କଲିକତାରେ ହେବ। ଏଥରେ ବିରୋଧୀ ଦଳଗୁଡ଼ିକର ଅନେକ ନେତା ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ 'ବିରୋଧୀ ଏକତା' ପ୍ରଦର୍ଶନ ପାଇଁ ଏହାକୁ ସମର୍ଥନ ଦେଇଛନ୍ତି। ଏକ ସଂଯୁକ୍ତ ଭାରତର ପ୍ରଭାବଶାଳୀ ସନ୍ଦେଶ ଦେବା ପାଇଁ ଏହା ସଫଳ ହେବ ବୋଲି ରାହୁଲ କହିଛନ୍ତି। ଏଥିରେ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ରାହୁଲଙ୍କ ପକ୍ଷରୁ ଏଥିରେ ଯୋଗଦେବେ।

## କଂଗ୍ରେସ ସହ ମେଣ୍ଟ କରିବନି ଏଏପି



**ନୂଆଦିଲ୍ଲୀ,୧୮।୧(ପି.ଟି.):** ତମାମ କଳ୍ପନାଜଳ୍ପନାର ଅବସାନ ଘଟାଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କଂଗ୍ରେସ ସହ ମେଣ୍ଟ କରିବ ନାହିଁ ବୋଲି ଘୋଷଣା କରିଛି। ଆସନ୍ତା ଲୋକ ସଭା ନିର୍ବାଚନ ବେଳେ ଦିଲ୍ଲୀ, ପଞ୍ଜାବ ଓ ହରିୟାଣାରୁ ଏକାକୀ ଲଢ଼ିବାକୁ ଦଳ ନିଷ୍ପତ୍ତି ନେଇଥିବା ଶୁକ୍ରବାର ଦଳ ପକ୍ଷରୁ ସୂଚନା ଦିଆଯାଇଛି। ନିକଟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଓ ଦିଲ୍ଲୀ କଂଗ୍ରେସ ମୁଖ୍ୟ ସମ୍ଭାବ୍ୟ ମେଣ୍ଟକୁ ବିରୋଧ କରି ମନ୍ତବ୍ୟ ଦେଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ବରିଷ୍ଠ ଏଏପି ନେତା ଗୋପାଳ ରାୟ କହିଛନ୍ତି।

## ଦଳକୁ ପ୍ରକାଶ ରାଜଙ୍କ ନା



**ବେଙ୍ଗାଲୁରୁ,୧୮।୧(ପି.ଟି.):** ଅଭିନେତା ପ୍ରକାଶ ରାଜ କୌଣସି ରାଜନୈତିକ ଦଳରେ ଯୋଗଦେବେ ନାହିଁ। ସେ ବେଙ୍ଗାଲୁରୁ ସେଣ୍ଟ୍ରାଲ ଲୋକ ସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ବୋଲି ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ରାଜନୈତିକ ଦଳଗୁଡ଼ିକ ସଚ୍ଚୋଟ ନୁହନ୍ତି। ତେଣୁ ସେ କୌଣସି ଦଳରେ ୩ ମାସରୁ ଅଧିକ ସମୟ ରହିପାରିବେ ନାହିଁ ବୋଲି ଭାଜପା ବିରୋଧୀ ଅଭିମୁଖ୍ୟକୁ ନେଇ ଜଣାଶୁଣା ଏହି ଅଭିନେତା ବେଙ୍ଗାଲୁରୁରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଭିନେତାରୁ ରାଜନେତା ସାଜିଥିବା କମଲ ହାସନ ନିକଟରେ ପ୍ରକାଶରାଜଙ୍କୁ ରାଜନୀତିକୁ ସ୍ୱାଗତ କରିଥିଲେ ।

## କଂଗ୍ରେସ ବିଧାୟକଙ୍କୁ ହୋଟେଲକୁ ନିଆଗଲା
# ମୁଣ୍ଡ ଗଣତିରେ ୬ ଊଣା

**ବେଙ୍ଗାଲୁରୁ,୧୮।୧**

କର୍ନାଟକର ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)-କଂଗ୍ରେସ ମେଣ୍ଟ ସରକାର ଅବସ୍ଥା ଭଲ ନାହିଁ। ୨ ସ୍ୱାଧୀନ ବିଧାୟକ ସରକାରରୁ ଓହରି ଭାଜପାକୁ ସମର୍ଥନ ଦେବା ପରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଚିନ୍ତା ବଢ଼ିଯାଇଛି। ଏହି ମେଣ୍ଟ ଘୋଡ଼ାବେପାର କରି ଭାଜପା ବିଧାୟକଙ୍କୁ କିଣିବାକୁ ଉଦ୍ୟମ କରୁଥିବା ଦର୍ଶାଇ ଗୈରିକ ଦଳ ସେମାନଙ୍କୁ ହରିୟାଣାର ଗୁରୁଗ୍ରାମରେ ଲୁଚାଇ ରଖିଛି। ସେପଟେ ଭାଜପା ବିରୋଧରେ କଂଗ୍ରେସ ଅନୁରୂପ ଅଭିଯୋଗ ଆଣୁଛି। ଏଭଳି ସମୟରେ କଂଗ୍ରେସର ୬ ଜଣ ଏମ୍‌ଏଲ୍‌ଏ ଶୁକ୍ରବାର ବିଧାୟକ ଦଳ ବୈଠକରେ ଅନୁପସ୍ଥିତ ରହିବା ପାଣିପାଗକୁ ଅଧିକ ଗୋଳିଆ କରିଛି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୁକ୍ରବାର ଅପରାହ୍ନ ୩ଟା ୩୦ରେ ବେଙ୍ଗାଲୁରୁରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଯୋଗଦେଇଥିଲେ। ବୈଠକରେ ସମସ୍ତ ୮୦ ବିଧାୟକ ଉପସ୍ଥିତ ରହିବେ ବୋଲି ହୁଇପ୍ ଜାରି କରାଯାଇଥିଲା। ବିଧାୟକଙ୍କ ଅନୁପସ୍ଥିତିକୁ କଂଗ୍ରେସ ଗମ୍ଭୀରତା ସହ ନେଇ ସେମାନଙ୍କ ବିରୋଧରେ ଦଳବଦଳ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଚେତାବନୀ ଦେଇଥିଲେ। ହେଲେ ଦଳର ଚେତାବନୀକୁ ଖାତିର ନ କରି ବିଦ୍ରୋହୀ ବିଧାୟକ ରମେଶ ଜାର୍କିଖୋଲି, ବି.ନାଗେନ୍ଦ୍ର, ଉମେଶ ଯାଦବ ଓ ମହେଶ କୁମାଥାହାଲ୍ଲି ବୈଠକକୁ ବର୍ଜନ କରିଥିଲେ। ନାଗେନ୍ଦ୍ର ଓ ଉମେଶ କୋର୍ଟ କାମ ଯୋଗୁ ସେଠାକୁ ଯାଇପାରି ନ ଥିବା ଦର୍ଶାଇଛନ୍ତି। ସେହିପରି ବିଧାୟକ ବି. ନରାୟଣ ରାଓ ବିମାନ ବିଳମ୍ବିତ ହୋଇଥିବାରୁ ହାଇଦ୍ରାବାଦରୁ ଫେରିପାରି ନ ଥିବା କହିଛନ୍ତି। ଅନ୍ୟ ଜଣେ ବିଧାୟକ ମଧ୍ୟ ବୈଠକକୁ ଯାଇ ନ ଥିଲେ। ୪ ବିଦ୍ରୋହୀ ବିଧାୟକ ମୁମ୍ବାଇର ଏକ ହୋଟେଲରେ ଅଛନ୍ତି। ସେମାନେ ଭାଜପା ସହ ଯୋଗସୂତ୍ରରେ ଥିବା ଜଣାପଡ଼ିଛି। ଏହି ବୈଠକକୁ ଭାଜପା ବିରୋଧରେ ଶକ୍ତି ପ୍ରଦର୍ଶନ ବୋଲି କଂଗ୍ରେସ ନେତାମାନେ ମନେକରୁଥିଲେ। ତେବେ ୬ ଜଣଙ୍କ ଉପସ୍ଥିତି ସାତମାସ ପୁରୁଣା କୁମାରସ୍ୱାମୀ ସରକାରଙ୍କ ପ୍ରତି ବିପଦର ସଙ୍କେତ ଦେଇଛି। ଅନ୍ୟପକ୍ଷରେ କଂଗ୍ରେସର ୮ ବିଧାୟକ ଭାଜପା ପ୍ରତି ଅନୁଗତ୍ୟ ପ୍ରଦର୍ଶନ କରୁଛନ୍ତି। ସେମାନେ ଭାଜପାକୁ ଡେଇଁ ପାରନ୍ତି ବୋଲି ଆଶଙ୍କା କରି ୭୪ ବିଧାୟକଙ୍କୁ ଏକ ହୋଟେଲକୁ ନିଆଯାଇଥିବା ଜଣେ ବରିଷ୍ଠ କଂଗ୍ରେସ ନେତା କହିଛନ୍ତି। ଘୋଡ଼ାବେପାର ଭୟରେ ସେମାନଙ୍କୁ ବେଙ୍ଗାଲୁରୁର ଇଗଲ୍‌ଟନ୍ ରିସର୍ଟରେ ରଖାଯାଇଥିବା ଜଣାପଡ଼ିଛି। ଗତବର୍ଷ ମେ'ରେ ବିଧାନସଭା ନିର୍ବାଚନ ପରେ ବିଧାୟକମାନଙ୍କୁ ଏହି ରିସର୍ଟରେ ଏକଜୁଟ କରି ରଖାଯାଇଥିଲା।



କଂଗ୍ରେସ ବିଧାୟକ ଦଳ ବୈଠକ



ବେଙ୍ଗାଲୁରୁସ୍ଥିତ ଇଗଲ୍‌ଟନ୍ ରିସର୍ଟ

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କର୍ନାଟକ ସରକାରର ପତନ ଘଟାଇବାକୁ ଉଦ୍ୟମ କରୁଛନ୍ତି। କାରଣ ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାର ପରାଜୟ ନିଶ୍ଚିତ ବୋଲି ଜାଣି ଦୁହେଁ ଭୟଭୀତ ହୋଇଯାଇଛନ୍ତି।"

–ସିଦ୍ଧାରାମାୟା, ବରିଷ୍ଠ କଂଗ୍ରେସ ନେତା



**କର୍ନାଟକ ସଙ୍କଟ**

- କଂଗ୍ରେସର ବିଧାୟକ ଦଳ ବୈଠକରେ ୬ ଅନୁପସ୍ଥିତ
- ଦଳୀୟ ହୁଇପ୍‌କୁ ଖାତିର କଲେନି
- ବିଦ୍ରୋହୀଙ୍କ ବିରୋଧରେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ

# ଶପଥ ନେଲେ ୨ ବିଚାରପତି

**ନୂଆଦିଲ୍ଲୀ,୧୮।୧(ପି.ଟି.)**



ଜଷ୍ଟିସ ଦିନେଶ ମହେଶ୍ୱରୀ   ସଞ୍ଜୀବ ଖାନ୍ନା

ଜଷ୍ଟିସ ଦିନେଶ ମହେଶ୍ୱରୀ ଏବଂ ଜଷ୍ଟିସ ସଞ୍ଜୀବ ଖାନ୍ନା ସୁପ୍ରିମକୋର୍ଟ ବିଚାରପତି ଭାବେ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ବରିଷ୍ଠଙ୍କୁ ଅଣଦେଖା କରି କନିଷ୍ଠ ବିଚାରପତିଙ୍କୁ ପଦୋନ୍ନତି ଲାଗି ସୁପାରିସ କରାଯାଇଥିବାରୁ ବିବାଦ ଲାଗି ରହିଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଉଭୟଙ୍କୁ ଶପଥ ପାଠ କରାଇଥିଲେ। ଏମାନଙ୍କୁ ମିଶାଇ ସୁପ୍ରିମକୋର୍ଟର ମୋଟ ବିଚାରପତି ସଂଖ୍ୟା ୨୮ରେ ପହଞ୍ଚିଛି।

ସୁପ୍ରିମକୋର୍ଟର ବିଚାରପତି ଭାବେ ପଦୋନ୍ନତି ତାଙ୍କୁ ଆଶ୍ଚର୍ଯ୍ୟ କରିଥିବା ଜଷ୍ଟିସ ଖାନ୍ନା ପୂର୍ବରୁ କହିଥିଲେ। ସେ ଶୁକ୍ରବାର କୋର୍ଟ ନଂ.-୨ରେ ଜଷ୍ଟିସ ଏସ.ଏ. ବୋବ୍‌ଡେ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡପୀଠରେ ସାମିଲ ହୋଇଥିଲେ। ଉକ୍ତ କୋର୍ଟ ରୁମ୍‌ରେ ତାଙ୍କ ଦାଦା ଜଷ୍ଟିସ ହଂସରାଜ ଖାନ୍ନାଙ୍କ ଫଟୋ ରହିଛି। ଜରୁରୀ ପରିସ୍ଥିତି ବେଳେ ହଂସରାଜଙ୍କ ସଂଖ୍ୟାଲଘୁ ରାୟ ଯୋଗୁ ବରିଷ୍ଠତା ସତ୍ତ୍ୱେ ତାଙ୍କୁ ପ୍ରଧାନ ବିଚାରପତି କରାଯାଇ ନ ଥିଲା। ଫଳରେ ସେ ଇସ୍ତଫା ଦେଇଥିଲେ। ସଞ୍ଜୀବ ଖାନ୍ନା ହେଉଛନ୍ତି ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଡି.ଆର୍. ଖାନ୍ନାଙ୍କ ପୁଅ। ବରିଷ୍ଠଙ୍କୁ ଅଣଦେଖା କରି ଜଷ୍ଟିସ ଖାନ୍ନାଙ୍କୁ ପଦୋନ୍ନତି ପ୍ରସଙ୍ଗ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଦିଲ୍ଲୀ ବାର୍ କାଉନସିଲ୍ ଅଧ୍ୟକ୍ଷ କେ.ସି. ମିତ୍ତଲ ଉଠାଇଥିଲେ। ଜଷ୍ଟିସ ମାହେଶ୍ୱରୀ ପୂର୍ବରୁ କର୍ନାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଥିଲେ। ପୂର୍ବରୁ ଜଷ୍ଟିସ ମାହେଶ୍ୱରୀଙ୍କ ଠାରୁ କନିଷ୍ଠ ଜଷ୍ଟିସ ଅଜୟ ରସ୍ତୋଗୀଙ୍କ ନାଁ ପଦୋନ୍ନତି ପାଇଁ ସୁପାରିସ କରାଯାଇଥିଲା।

## ମହାକାଶରୁ କୁମ୍ଭମେଳା




ଉତ୍ତରପ୍ରଦେଶର ପ୍ରୟାଗରେ ଜାନୁୟାରୀ ୧୫ରୁ ବିଶ୍ୱପ୍ରସିଦ୍ଧ ଅର୍ଦ୍ଧ କୁମ୍ଭମେଳା ଚାଲିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଗୁରୁବାର ଜାରି କରାଯାଇଥିବା ଏହାର ଫଟୋଚିତ୍ର।

## ଫୁର୍‌ସତ

# ନେତାଜୀ ଜୟନ୍ତୀକୁ 'ଦେଶପ୍ରେମ ଦିବସ'କରାଯାଉ

**ନୂଆଦିଲ୍ଲୀ:** ନେତାଜୀ ଜୟନ୍ତୀଙ୍କୁ 'ଦେଶପ୍ରେମ ଦିବସ' ଭାବେ ପାଳନ କରିବା ପାଇଁ ଫରୱାର୍ଡ ବ୍ଲକ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦାବି କରିଛି। ଦୀର୍ଘ ୮ବର୍ଷ ତଳେ ଏହି ଦାବି କରାଯାଇଥିଲେ ହେଁ କଂଗ୍ରେସ ନେତୃତ୍ୱାଧୀନ ସରକାର ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସୂଚନାଯୋଗ୍ୟ ଯେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ ନେତା ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ଛାଡି ୧୯୩୯ରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ଗଠନ କରିଥିଲେ। ମୋଦିଙ୍କୁ ନେତାଜୀଙ୍କର ଜଣେ ଦୃଢ଼ ପ୍ରଶଂସକ ବର୍ଣ୍ଣନା କରି ଉକ୍ତ ବାମପନ୍ଥୀ ଦଳ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଏକ ପତ୍ର ଲେଖିଛି।



# ଜାପାନ ସୃଷ୍ଟିକଲା କୃତ୍ରିମ ଉଲ୍‌କା

**ଟୋକିଓ:** ଜାପାନ ଦ୍ୱାରା ଶୁକ୍ରବାର ଲଞ୍ଚ୍ କରାଯାଇଥିବା ସାଟେଲାଇଟ୍ ବହନକାରୀ ରକେଟ ମହାକାଶରେ ବିସ୍ଫୋରଣ କରାଯିବା ପରେ କୃତ୍ରିମ ଉଲ୍‌କାମାନ ସୃଷ୍ଟି ହୋଇଥିଲା। ଏହା ବିଶ୍ୱର ପ୍ରଥମ କୃତ୍ରିମ ଉଲ୍‌କାପାତ ବୋଲି ଜାପାନୀ ବୈଜ୍ଞାନିକମାନେ ଦାବି କରିଛନ୍ତି। ଆସନ୍ତାବର୍ଷ ପ୍ରାରମ୍ଭରେ ହିରେଶିମା ଆକାଶରେ କୃତ୍ରିମ ତାରା ପ୍ରଦର୍ଶନ କରିବାକୁ ଯାଉଛି ଜାପାନ। ଏହାକୁ 'ଶୁଟିଂ ଷ୍ଟାର୍ସ ଅନ୍ ଡିମାଣ୍ଡ' କୁହାଯାଉଛି। ପରୀକ୍ଷାମୂଳକ ଭାବରେ ଏପରି ଏକ ମାଇକ୍ରୋ ସାଟେଲାଇଟ୍ ବିକାଶ କରାଯାଇଛି। ଉକ୍ତ ସାଟେଲାଇଟ୍‌କୁ ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ୍ ଏଜେନ୍ସି (ଜାକ୍ସା) ଦ୍ୱାରା ଶୁକ୍ରବାର ଲଞ୍ଚ୍ କରାଯାଇଥିଲା। ଲଞ୍ଚ କରାଯାଇଥିବା ୭ଟି କ୍ଷୁଦ୍ର ସାଟେଲାଇଟ୍ ସଫଳତାର ସହିତ ପୃଥିବୀର କକ୍ଷପଥରେ ପହଞ୍ଚିପାରିଥିଲା ଏବଂ କୃତ୍ରିମ ଉଲ୍‌କାପାତ ଖୁବ୍ ଆକର୍ଷଣୀୟ ଥିଲା ବୋଲି ଜାକ୍ସା ମୁଖପାତ୍ର ନୋବୁୟୋଶି ଫୁଜିମୋଟୋ ପ୍ରକାଶ କରିଛନ୍ତି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୮ | ୧୧.୧ |
| ଚାନ୍ଦବାଲି | ୨୭.୪ | ୧୨.୮ |
| କଟକ | ୨୯.୬ | ୧୨.୫ |
| ପାରାଦ୍ୱୀପ | ୨୬.୪ | ୧୪.୬ |
| ଭୁବନେଶ୍ୱର | ୩୦.୭ | ୧୩.୫ |
| ଗୋପାଳପୁର | ୨୮.୮ | ୧୫.୨ |
| ପୁରୀ | ୨୭.୪ | ୧୫.୯ |
| ଅନୁଗୋଳ | ୨୭.୫ | ୦୮.୬ |
| ବାରିପଦା | ୨୬.୪ | ୧୧.୦ |
| ଝାରସୁଗୁଡ଼ା | ୨୮.୧ | ୯.୮ |
| କେନ୍ଦୁଝର | ୨୭.୨ | ୯.୮ |
| ସମ୍ବଲପୁର | ୨୮.୮ | ୧୦.୦ |
| ସୁନ୍ଦରଗଡ଼ | ୨୬.୫ | ୯.୫ |
| ହୀରାକୁଦ | ୨୮.୧ | ୧୦.୧ |
| ତାଳଚେର | ୩୧.୮ | ୧୦.୩ |
| ଭବାନୀପାଟଣା | ୩୦.୦ | ୯.୮ |
| ବଲାଙ୍ଗୀର | --- | ୧୦.୬ |
| କୋରାପୁଟ | ୨୭.୬ | ୧୦.୦ |
| ଫୁଲବାଣୀ | ୨୭.୫ | ୭.୦ |
| ଟିଟିଲାଗଡ଼ | --- | ୯.୫ |
| ମାଲକାନଗିରି | ୩୨.୪ | ୧୪.୨ |
| ସୋନପୁର | ୨୮.୮ | ୮.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# କର୍ନି ସେନା ଆଗରେ ନଇଁବି ନାହିଁ

**ମୁମ୍ବାଇ:** କର୍ନି ସେନାଙ୍କ ଧମକ ଆଗରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନାହିଁ ବୋଲି ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ୍ ପ୍ରକାଶ କରିଛନ୍ତି। ଥିଏଟରରେ ରିଲିଜ ହେବା ପୂର୍ବରୁ ମଣିକର୍ଣ୍ଣିକାର ବିଷୟବସ୍ତୁ ପ୍ରଦର୍ଶନ ନ କରାଇଲେ ଏହାକୁ ବିରୋଧ କରାଯିବ ବୋଲି କର୍ନି ସେନା ଧମକ ଦେଇଥିଲା। ରିପୋର୍ଟ ଅନୁଯାୟୀ କର୍ନି ସେନାର ମହାରାଷ୍ଟ୍ର ଶାଖା ଗୁରୁବାର ଏହି ଫିଲ୍ମକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଐତିହାସିକ କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ ରାଣୀ ଲକ୍ଷ୍ମୀବାଈ ଜଣେ ବ୍ରିଟିଶ ଅଫିସରଙ୍କ ସହ ସମ୍ପର୍କ ରଖିଥିବା ଏଥିରେ ଦର୍ଶାଯାଇଛି। ଉକ୍ତ ସଂଗଠନ ମଧ୍ୟ ୨୦୧୭ରେ 'ପଦ୍ମାବତ୍'କୁ ଘୋର ବିରୋଧ କରିଥିଲା। ରାଣୀଙ୍କ ନୃତ୍ୟ ପରମ୍ପରା ବିରୋଧୀ ବୋଲି ଅଭିଯୋଗ କରାଯାଇଥିଲା। ସେମାନେ ମଧ୍ୟ ଫିଲ୍ମ ରିଲିଜ ପୂର୍ବରୁ ଏହାକୁ ପ୍ରଦର୍ଶନ କରିବା ନିମନ୍ତେ ନିର୍ମାତାଙ୍କ ନିକଟରେ ଦାବି କରିଥିଲେ। କଙ୍ଗନା କହନ୍ତି, ଚାରିଜଣ ଐତିହାସିକ 'ମଣିକର୍ଣ୍ଣିକା'କୁ ପ୍ରମାଣପତ୍ର ଦେଇଛନ୍ତି। ସେନ୍ସର ବୋର୍ଡର ସାର୍ଟିଫିକେଟ ପାଇସାରିଛୁ। ଏ କଥା ବାରମ୍ବାର କୁହାଯାଉଥିଲେ ମଧ୍ୟ ସେମାନେ ଧମକ ଦେଇ ଆସୁଛନ୍ତି। ସେମାନେ ଏଥିରୁ ନିବୃତ୍ତ ନ ରହିଲେ, ମୁଁ କିଛି ବି କରିପାରେ ବୋଲି ଜାଣିରଖିବା ଉଚିତ। 'ମଣିକର୍ଣ୍ଣିକା: ଦି କୁଇନ୍ ଅଫ୍ ଝାନ୍‌ସୀ' ରାଣୀ ଲକ୍ଷ୍ମୀବାଈଙ୍କ ଜୀବନ କାହାଣୀ ଉପରେ ଆଧାରିତ। ଲକ୍ଷ୍ମୀବାଈ ଭୂମିକାରେ କଙ୍ଗନାଙ୍କ ଅଭିନୟ ଖୁବ୍ ଜୀବନ୍ତ ହୋଇପାରିଛି। ଉକ୍ତ ଫିଲ୍ମରେ ଅଙ୍କିତା ଲୋଖାଣ୍ଡେ, ଅତୁଲ କୁଲକର୍ନି, ବୈଭବ ତତ୍ୱୱାଡି, ସୁରେଶ ଓବେରୋଇ ଏବଂ ଯିଶୁ ସେନଗୁପ୍ତ ଅଭିନୟ କରିଛନ୍ତି।



କଙ୍ଗନା ରାଣାଓ୍ୱତ୍



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି।
- ତୁଳସୀ ଦାସ



## ସଂକ୍ଷେପରେ

### ହାଇକୋର୍ଟଙ୍କ ଆଦେଶ ଏଏସ୍‌ଓ ପରୀକ୍ଷା ଅବଧି ଘୁଞ୍ଚିବନି

**କଟକ ଅଫିସ, ୧୮।୧:** ସହକାରୀ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷା ଆସନ୍ତା ୨୦ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ସମୟ ଘୁଞ୍ଚାଇବା ପାଇଁ ହାଇକୋର୍ଟ ସ୍ପଷ୍ଟ ମନା କରିଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଆଦେଶ ହୋଇଛନ୍ତି। ଫଳରେ ପୂର୍ବ ନିର୍ଦ୍ଧାରିତ ତାରିଖରେ ପରୀକ୍ଷା ହେବା ସ୍ପଷ୍ଟ ହୋଇଯାଇଛି। ସୂଚନାଥାଉକି, ଜାନୁୟାରୀ ୨୦ରେ ଏଏସ୍‌ଓ ପରୀକ୍ଷା ସହିତ ରେଲୱେର ଏଏଲ୍‌ପି (ଆସିଷ୍ଟାଣ୍ଟ ଲୋକୋ ପାଇଲଟ) ଓ ଆଇବିପିଏସ୍ (ଇନ୍‌ଷ୍ଟିଚ୍ୟୁଟ ଅଫ ବ୍ୟାଙ୍କିଙ୍ଗ ପର୍ସୋନେଲ ସିଲେକ୍ସନ)ର କ୍ଲର୍କ ପରୀକ୍ଷା ମଧ ଅନୁଷ୍ଠିତ ହେବ। ଏହି ୩ ପଦବୀ ନିମନ୍ତେ ଅନେକ ପ୍ରାର୍ଥୀ ଆବେଦନ କରିଛନ୍ତି। ତେଣୁ ଗୋଟିଏ ଦିନରେ ୩ଟି ଯାକ ପଦବୀ ପାଇଁ ପରୀକ୍ଷା ହେଉଥିବାରୁ ଆବେଦନକାରୀମାନେ ବଞ୍ଚିତ ହେବା ନିଶ୍ଚିତ ହୋଇଥିଲା। ତେବେ ଏଏସ୍‌ଓ ପରୀକ୍ଷା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ଅନ୍ୟ ଦୁଇଟି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେଣୁ ଏଏସ୍‌ଓ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ପରୀକ୍ଷାର୍ଥୀମାନେ ପ୍ରଥମେ ଓପିଏସ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଓପିଏସ୍‌ସି ଏଥିପ୍ରତି ଧାନ ନ ଦେବାରୁ ଆଶାୟୀ ପରୀକ୍ଷାର୍ଥୀମାନେ ସ୍ୟାଟ୍‌କୁ ଯାଇଥିଲେ। ସ୍ୟାଟ୍ ଓପିଏସ୍‌ସିକୁ ନିଷ୍ପତ୍ତି ନେବାକୁ ଆଦେଶ ଦେଇଥିଲେ। ଫଳରେ କେତେଜଣ ଆବେଦନକାରୀ ସ୍ୟାଟ୍‌ଙ୍କ ଆଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ନିଶାଖାଇ ୩ ଛାତ୍ର ଅସୁସ୍ଥ

ସମ୍ବଲପୁର, ୧୮।୧ (ବ୍ୟୁରୋ) : ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଶିକ୍ଷା ମଣ୍ଡଳ ଅଧୀନ ଏକ ସ୍କୁଲରେ ଶୁକ୍ରବାର ୩ ଜଣ ଛାତ୍ର ନିଶାଦ୍ରବ୍ୟ ଖାଇ ଅସୁସ୍ଥ ହୋଇ ପଡିଛନ୍ତି। ଶିକ୍ଷକ ଓ ଅଭିଭାବକଙ୍କ ସହିତ ଜିଲା ସଦର ଡାକ୍ତରଖାନାରେ ଏମାନଙ୍କୁ ଭର୍ତ୍ତି କରିଥିଲେ । ହେଲେ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଶିକ୍ଷା ବିଭାଗର କୌଣସି ଅଧିକାରୀ ପିଲାମାନଙ୍କ ପାଖରେ ପହଞ୍ଚି ନ ଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ମଧାହ୍ନ ଭୋଜନ ଖାଇ ସାରିବା ପରେ ଜଣେ ଛାତ୍ର ପୂର୍ବରୁ ରଖିଥିବା ନିଶାଦ୍ରବ୍ୟ ବାହର କରିଥିଲେ। ଦୁଇ ସାଙ୍ଗଙ୍କୁ ଖାଇବାକୁ କହିଥିଲେ। ସେମାନେ ଖାଇବାକୁ ମନା କରି ଦେଇଥିଲେ । ହେଲେ ଏହା ଚକଲେଟ ଭଳି ଲାଗେ ଖାଇଦେ ବୋଲି କହିଥିଲେ। ଏଣୁ ସେମାନେ ଖାଇବାର କିଛି ସମୟ ପରେ ନିଶାଗ୍ରସ୍ତ ହୋଇ ଅସୁସ୍ଥ ହୋଇ ପଡିଥିଲେ।




# କଂଗ୍ରେସରୁ ଇସ୍ତଫା ଦେଲେ ଯୋଗେଶ ସିଂ

ସୁନ୍ଦରଗଡ/ଭୁବନେଶ୍ୱର ୧୮।୧ (ଡି.ଏନ୍.ଏ.)



କଂଗ୍ରେସରୁ ନିଲମ୍ବିତ ପରେ ଶୁକ୍ରବାର ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂ କଂଗ୍ରେସ ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାସହ ତାର ଏକକିତା ନକଲ ଏଆଇସିସି ସାଧାରଣ ସମ୍ପାଦକ ତଥା ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ, ମସ୍ତାନ୍ ଭାଲି ଓ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଯୋଗେଶ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମୋତେ କାରଣ ଦର୍ଶାଅ ନୋଟିସ ନ ଦେଇ କିମ୍ବା ଆଗୁଆ କୌଣସି ସୂଚନା ଦିଆ ନ ଯାଇ ହଠାତ୍ ପିସିସି ଶୃଙ୍ଖଳା କମିଟି ମୋତେ ଦଳରୁ ନିଲମ୍ବିତ କରିଥିଲା। ମୋ ଉପରେ ଦଳ ବିରୋଧୀ କାର୍ଯ୍ୟକଳାପର ଆରୋପ ଲଗାଗଲା। ଏହି କଥା ଗଣମାଧ୍ୟମରୁ ଜାଣିବା ପରେ ମୁଁ ବିସ୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିବା ଓ ଆସନ୍ତା ୨୫ ତାରିଖରେ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ନିଜର ବ୍ୟକ୍ତିଗତ କାର୍ଯ୍ୟବ୍ୟସ୍ତତା ଓ ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଯୋଗୁ ଯୋଗ ଦେଇପାରିବି ନାହିଁ ବୋଲି କହିବା ଦଳବିରୋଧୀ କାର୍ଯ୍ୟ ବୋଲି ମନେକରୁନାହିଁ। ବିଗତ ୧୭ ବର୍ଷ ଧରି କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଓ ଗତ ୧୦ବର୍ଷ ଧରି ବିଧାୟକ ଭାବେ ନିଜ ଦାୟିତ୍ୱ,କର୍ତ୍ତବ୍ୟକୁ ସୁଚାରୁରୂପେ ନିର୍ବାହ କରିଆସିଛି। ମାତ୍ର ପିସିସି ଶୃଙ୍ଖଳା କମିଟି ଏଭଳି ପଦକ୍ଷେପ କାହିଁକି ନେଲା ବୁଝିପାରୁନାହିଁ। ମୋ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କୁ ଉପା ସରକାରର ବହୁ କେନ୍ଦ୍ରମନ୍ତ୍ରୀ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ମଧ ପ୍ରଶଂସା କରିଛନ୍ତି। ହେଲେ ବର୍ତ୍ତମାନ ମୋ କ୍ଷେତ୍ରରେ ଏଭଳି କାର୍ଯ୍ୟାନୁଷ୍ଠାନ ପୂର୍ବରୁ କୌଣସି ଯୋଗାଯୋଗ କରାଯାଇ ନ ଥିଲା। ପିସିସିର ଏଭଳି ପଦକ୍ଷେପ କେବଳ ମୋତେ ନୁହେଁ, ମୋ ନିର୍ବାଚନମଣ୍ଡଳୀ ଲୋକଙ୍କୁ ମଧ ବିସ୍ମିତ କରିଛି ବୋଲି ସେ ଦର୍ଶାଇଛନ୍ତି । ଅନ୍ୟପଟେ ଶାସକ ଦଳର ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ଚଳିତ ମାସ ଶେଷସୁଦ୍ଧା ଯୋଗେଶ ବିଜେଡିରେ ଯୋଗଦେବା ନେଇ ଆପାତତଃ ଚୂଡାନ୍ତ ହୋଇସାରିଛି। ସୂଚନାଯୋଗ୍ୟ, ଗୁରୁବାର ଦଳ ବିରୋଧୀ କାର୍ଯ୍ୟ କରୁଥିବା ଦର୍ଶାଇ ଯୋଗେଶଙ୍କୁ ପିସିସି ଶୃଙ୍ଖଳା କମିଟି ଦଳରୁ ନିଲମ୍ବିତ କରିଥିଲା।

# ଲୋକ ସଭା ସହ ୫ ରାଜ୍ୟ ବିଧାନସଭା ଭୋଟ: ମାର୍ଚ୍ଚରେ ତାରିଖ ଘୋଷଣା

**ନୂଆଦିଲ୍ଲୀ,୧୮।୧(ପି.ଟି.):** ସାଧାରଣ ନିର୍ବାଚନ ପାଇଁ ସବୁ ରାଜନୈତିକଦଳପକ୍ଷରୁତତ୍ପରତାପ୍ରକାଶପାଇଥିବାବେଳେ କେବଳ ତାରିଖ ଘୋଷଣାକୁ ରହିଛି ଅପେକ୍ଷା। ନିର୍ବାଚନ କମିଶନ (ଇସି) ଲୋକ ସଭା ସହ ୫ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ମାର୍ଚ୍ଚ ପ୍ରଥମ ସପ୍ତାହରେ ତାରିଖ ଘୋଷଣା କରିବେ ବୋଲି ଶୁକ୍ରବାର ସୂତ୍ରରୁ ଜଣାପଡ଼ିଛି।

ଷୋଡ଼ଶ ଲୋକ ସଭାର କାର୍ଯ୍ୟକାଳ ଆସନ୍ତା ଜୁନ୍ ୩ରେ ଶେଷ ହେଉଛି। ଏହା ପୂର୍ବରୁ ଦେଶରେ ସାଧାରଣ ନିର୍ବାଚନ କରାଇବା ଜରୁରୀ। ତେଣୁ ଇସିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କେଉଁ କେଉଁ ମାସରେ କେତୋଟି ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ ସେନେଇ ଇସି ଅନୁଧ୍ୟାନ କରୁଛନ୍ତି। ମିଳିଥିବା ସୂଚନାନୁସାରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ସହ ଲୋକ ସଭା ଭୋଟ ହେବ। ସେହିପରି ୨୦୧୮ ନଭେମ୍ବରରେ ଜମ୍ମୁ-କଶ୍ମୀର ବିଧାନସଭାକୁ ଭଙ୍ଗ କରାଯାଇ ପରେ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା। ତେଣୁ ମେ ପୂର୍ବରୁ ଅର୍ଥାତ୍ ଲୋକ ସଭା ନିର୍ବାଚନ ସହ ଏହି ରାଜ୍ୟର ବିଧାନସଭା ଭୋଟ ଏକସଙ୍ଗେ କରାଯାଇପାରେ। ଗତ ସାଧାରଣ ନିର୍ବାଚନ ପାଇଁ ଇସି ୨୦୧୪ ମାର୍ଚ୍ଚ ୫ରେ ତାରିଖ ଘୋଷଣା କରିଥିଲେ। ଏପ୍ରିଲ ୭ରୁ ମେ ୧୨ ମଧ୍ୟରେ ୯ଟି ପର୍ଯ୍ୟାୟରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟ ଗ୍ରହଣ କରାଯାଇଥିଲା। ତେଣୁ ଏଥର ମଧ ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା କରାଯାଇପାରେ ବୋଲି କୁହାଯାଉଛି।




# ୨୩ରୁ ଉସିକନ ବାର୍ଷିକ ସମ୍ମିଳନୀ: ଯୋଗଦେବେ ୨୫୦୦ ଡାକ୍ତର

କଟକ ଅଫିସ, ୧୮।୧

ଜାନୁୟାରୀ ୨୩ରୁ ୟୁରୋଲୋଜିକାଲ ସୋସାଇଟି ଅଫ୍ ଇଣ୍ଡିଆର ୫୨ତମ ବାର୍ଷିକ ସମ୍ମିଳନୀ (ଉସିକନ) ଭୁବନେଶ୍ୱରରେ ଆରମ୍ଭ ହେବ। ୪ ଦିନ ଧରି ହେବାକୁ ଥିବା ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏଥିରେ ଦେଶବିଦେଶରୁ ୨୫୦୦ ଡାକ୍ତର (ୟୁରୋଲୋଜିଷ୍ଟ) ଯୋଗଦେବେ। ସେମାନଙ୍କ ମଧ୍ୟରୁ ସାର୍କ ଦେଶ ସମୂହରୁ ୧୨୦ ଜଣ ଡାକ୍ତର ଥିବାବେଳେ ୟୁରୋପ, ଆମେରିକା ଆଦି ରାଷ୍ଟ୍ରରୁ ୨୫ ଜଣ ଡାକ୍ତର ରହିଛନ୍ତି। ୨୦ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଏହି ସମ୍ମିଳନୀ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହା ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ସମ୍ମିଳନୀର ସଂଗଠନ ଅଧ୍ୟକ୍ଷ ଡା. ଏଲ୍.କେ. ସାହୁ ଓ ସଂଗଠନ ସମ୍ପାଦକ ଡା. ଦଣ୍ଡେଶ୍ୱର ହୋତା କହିଛନ୍ତି। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡା. ସାହୁ ଓ ଡା. ହୋତା କହିଥିଲେ ଯେ, ଆଧୁନିକ ୟୁରୋଲୋଜି ଚିକିତ୍ସା ଓ ଲୋକଙ୍କୁ ଏହାର ସୁଫଳ ସମ୍ମିଳନୀର ବିଷୟବସ୍ତୁ। ୟୁରୋଲୋଜି ସମ୍ବନ୍ଧୀୟ ରୋଗ ଉପରେ କିଭଳି ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଆପଣାଯାଉଛି ସେ ସମ୍ପର୍କରେ ବିଦେଶରୁ ଆସୁଥିବା ଡାକ୍ତରମାନେ ସୂଚନା ଦେବେ। ସମ୍ମିଳନୀରେ ୟୁରୋଲୋଜି ରୋଗ ସମ୍ବନ୍ଧୀୟ ଉପକରଣ, ରୋବୋଟିକ୍ ସର୍ଜରି, ଲାପ୍ରୋସ୍କୋପିକ୍, ଅଙ୍କୋଲୋଜି ଓ ଇଣ୍ଡୋସ୍କୋପି ସର୍ଜରି ସମ୍ପର୍କରେ ଏକ ପ୍ରଦର୍ଶନୀ ଖୋଲାଯିବ। ମୁଖ୍ୟତଃ ରୋବୋଟିକ୍ ସର୍ଜରି ଉପରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବ ବୋଲି ଡାକ୍ତର ହୋତା କହିଥିଲେ। ସୂଚନାଥାଉକି, ୨୦୧୯ ମଧ୍ୟଭାଗରେ ଏସ୍‌ସିବି ମେଡିକାଲରେ ରୋବୋଟିକ୍ ସର୍ଜରି ଆରମ୍ଭ ହେବାକୁ ଯାଉଛି। ଏଥିନିମନ୍ତେ ସରକାର ୧୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ସର୍ଜରି ଆରମ୍ଭ ହେବା ପରେ ଏସ୍‌ସିବି ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। କାରଣ ଦେଶର କୌଣସି ସରକାରୀ ମେଡିକାଲ କଲେଜରେ ରୋବୋଟିକ୍ ସର୍ଜରି ପ୍ରଥମ ହେବ ବୋଲି ଡାକ୍ତର ହୋତା କହିଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗର ବରିଷ୍ଠ ପ୍ରଫେସର ଡା. ଚିତ୍ତରଞ୍ଜନ କର ଉପସ୍ଥିତ ଥିଲେ।

# ଜଣେ ଦୋଷ ସ୍ୱୀକାର କରି କ୍ଷମା ମାଗିଛନ୍ତି

## ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ

**ପୁରୀ ଅଫିସ,୧୮।୧:** ବହୁଚର୍ଚ୍ଚିତ ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଗତ ନଭେମ୍ବର ୧୪ରେ ୯ ଦଇତାପତି ସେବକ ଏବଂ ଜଣେ ମହାରଣା ସେବକଙ୍କୁ ନୋଟିସ ଜାରି କରିଥିଲା। ସେମାନେ ଉତ୍ତର ରଖିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୋଷ ସ୍ୱୀକାର କରି କ୍ଷମା ମାଗିଛନ୍ତି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି ଯେ, ବ୍ରହ୍ମ ବିଭ୍ରାଟ ଘଟଣାରେ ୯ ଜଣ ଦୋଷୀ ସ୍ୱୀକାର କରିନାହାନ୍ତି। ତେଣୁ ଏହାର ତଦନ୍ତ ପ୍ରକ୍ରିୟା ଜାରି ରହିବ। ଶ୍ରୀମନ୍ଦିର ଆଇନ ୨୧ (ଖ) ଅନୁଯାୟୀ ଏହାର ତଦନ୍ତ କରାଯିବ। ତେଣୁ ଦ୍ୱିତୀୟ ଥର ପାଇଁ ଗତ ୧୧ ତାରିଖରେ ୯ ଜଣଙ୍କୁ ନୋଟିସ ଜାରି କରାଯାଇଛି। ନୋଟିସ ପାଇବାର ୧୫ ଦିନ ମଧ୍ୟରେ ଆଉଥରେ ଉତ୍ତର ଦେବାକୁ କୁହାଯାଇଛି। ୨୦୧୫ ଜୁନ୍ ୧୫ରେ ମହାପ୍ରଭୁଙ୍କ ଘଟ ପରିବର୍ତ୍ତନ ହେବାପାଇଁ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ଘଟ ସଂସ୍ଥାପନରେ ଅହେତୁକ ବିଳମ୍ବ ସାଙ୍ଗକୁ ବିଭ୍ରାଟ ହୋଇଥିଲା। ୨୦୧୭ ଅଗଷ୍ଟ ୫ରେ ପ୍ରାକ୍ତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନକୁ ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ଦେଇଥିଲେ।

# 'ପିଠା'କୁ ନେଇ ରାଜନୀତି ଜୋର୍‌ଦାର

## ଧାମନଗର ବିଧାୟକଙ୍କ କୁଶପୁତ୍ତଳିକା ଦାହ



ସରପଞ୍ଚ ଓ ତାଙ୍କ ସମର୍ଥକମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।

**ତିହିଡ଼ି, ୧୮।୧ (ଡି.ଏନ.ଏ.) :** ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତରେ ସରକାରଙ୍କ ଦ୍ୱାରା ଆୟୋଜିତ 'ପିଠା' କାର୍ଯ୍ୟକ୍ରମକୁ ନେଇ ରାଜନୀତି ଜୋର୍‌ଦାର ହୋଇଛି। ଧାମନଗର ବିଧାୟକଙ୍କୁ ନେଇ ତାଙ୍କ ସମର୍ଥକମାନେ ଶୁକ୍ରବାର ପିଠା କାର୍ଯ୍ୟକ୍ରମ କରୁଥିବା ବେଳେ ସରପଞ୍ଚ ଏବଂ ତାଙ୍କ ସମର୍ଥକ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ କୁଶପୁତ୍ତଳିକା ଦାହ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ପାଇଁ ବିଡିଓ ସରପଞ୍ଚଙ୍କୁ ଜଣାଇଥିଲେ। ତଦନୁଯାୟୀ ସରପଞ୍ଚ ଉଷାକାନ୍ତ ନାୟକ କାର୍ଯ୍ୟକ୍ରମ ପ୍ରସ୍ତୁତି ଚଳାଇଥିଲେ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲେ ମଧ ପଞ୍ଚାୟତ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ କରିବାକୁ ବିଡିଓ ସରପଞ୍ଚଙ୍କୁ ଚିଠି କରିଥିଲେ। ଏହାକୁ ନେଇ ସରପଞ୍ଚ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସରପଞ୍ଚ ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ମଧ ଜଣାଇଥିଲେ। ଶୁକ୍ରବାର ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣଙ୍କ ଅଭ୍ୟର୍ଥନା ଗୃହ ପରିସରରେ ପିଠା କାର୍ଯ୍ୟକ୍ରମ ଚାଲିଥିଲା। ପୂର୍ବତନ ସରପଞ୍ଚ ବସନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମଣ୍ଡଳଙ୍କ ସମେତ ଜିଲା ପରିଷଦ ସଭ୍ୟ ଚିନ୍ତାମଣି ଦାସ, ପାଳିଆବିନ୍ଧା ସମବାୟ ସମିତି ସଭାପତି ସୁଧନ୍ୱା ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଈଶ୍ୱର ଚନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଅପରପକ୍ଷେ କାର୍ଯ୍ୟକ୍ରମଠାରୁ ଅନତି ଦୂରରେ ସରପଞ୍ଚ ନାୟକଙ୍କ ସମର୍ଥକ ନବକିଶୋର ମଲିକ, ଦୁଷ୍ମନ୍ତ ନାୟକ, ଜଗନ୍ନାଥ ମଲ୍ଲିକ, ସରୋଜ ଦାସ, ଘନଶ୍ୟାମ ନାୟକ, ସନ୍ତୋଷ ନାୟକ, ଅର୍ଜୁନ ପୋଇ ପ୍ରମୁଖ ବିଧାୟକ ମଣ୍ଡଳଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବିଧାୟକ ନିଜର କର୍ତ୍ତୃତ୍ୱ ଜାହିର ପାଇଁ କାର୍ଯ୍ୟକ୍ରମ ଅନ୍ୟତ୍ର କରାଇଥିବାରୁ ଏହାର ପ୍ରତିବାଦରେ ସେମାନେ ଏଭଳି ପଦକ୍ଷେପ ନେଇଥିବା ଦର୍ଶାଇଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଭୂମିକା
ପରିବାରବର୍ଗ


ଧରିତ୍ରୀ
ପରିବାରବର୍ଗ


ଶ୍ରୁତି
ପରିବାରବର୍ଗ


ସୁପ୍ରିୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଶ୍ଚିମ ଓଡ଼ିଶାରେ ଶୀତ ପ୍ରକୋପ ଜାରି

ଭୁବନେଶ୍ୱର,୧୮।୧(ବ୍ୟୁରୋ)- ପଶ୍ଚିମ ଓଡିଶାରେ ଶୀତର ପ୍ରକୋପ ଜାରି ରହିଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଅନୁଗୋଳ, ବୌଦ୍ଧ, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ଶୀତ ଲହରୀ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ଅଞ୍ଚଳରେ ପାରଦ ୧୦ ଡିଗ୍ରୀ ତଳେ ରହିବ। କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ର ଆହୁରି ତଳକୁ ଖସିବ ବୋଲି ଅନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶନିଦୃଷ୍ଟ ଚନ୍ଦ୍ର ଓ ରେବତୀ ନକ୍ଷତ୍ରସ୍ଥ ରାଶ୍ୟାଧିପତି ହେତୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ କେତେକାଂଶରେ ପ୍ରଭାବିତ ହୋଇପାରେ। ପାରିବାରିକ ସ୍ଥିତି ପୂର୍ବପରି ରହିବା ସାଙ୍ଗକୁ ପାଖ ପଡୋଶୀଙ୍କ ସହ ସମ୍ପର୍କ ଗତାନୁଗତିକ ରୀତିରେ ଗଡି ଚାଲିବ। ବ୍ୟବସାୟ, ଯାତ୍ରା ଓ ପ୍ରଶାସନିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିପାରେ। ଅପରାହ୍ଣେ ଶୁଭଖବର ପାଇବେ।

**ବୃଷ** ମିତ୍ର ନକ୍ଷତ୍ରସ୍ଥ ଶୁକ୍ର ଓ ଚନ୍ଦ୍ର କେନ୍ଦ୍ରାଧିପତିଙ୍କ ସମ୍ବନ୍ଧିତ ହେତୁ ଉଚ୍ଚ ସମ୍ମାନ ସହ ଆର୍ଥିକ ଅଭିବୃଦ୍ଧି ମନକୁ ଉଚ୍ଚାଟ କରିବ। ମନୋରଞ୍ଜନରେ ଆଗ୍ରହୀ ହେବା ସହ ସାହିତ୍ୟ,କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ବୃହସ୍ପତିଙ୍କ ସ୍ଥାନ ପ୍ରଭାବ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ । ଯାତ୍ରାକାଳୀନ କୌଣସି ସମସ୍ୟାର ସମ୍ମୁଖୀନ ହେବେ।

**ମିଥୁନ** ରାଶିରେ ଚନ୍ଦ୍ର ଓ ଏକାଦଶାଧିପତି ଧନାଧିପଙ୍କ ନକ୍ଷତ୍ରରେ ରହିଥିବାରୁ ଆଜି ଯାହା ପାଇବାକୁ ଆଶା ବାନ୍ଧିଛନ୍ତି ତାହା ନିଶ୍ଚିତ ପାଇପାରିବେ। କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଶିଳ୍ପ,ବାଣିଜ୍ୟ,କଳ କାରଖାନା,ହୋଟେଲ,ବ୍ୟବସାୟରୁ ସୁଫଳ ପାଇବେ।

**କର୍କଟ** ରାଶିପ୍ରତି ଗୁରୁଦୃଷ୍ଟି ଆପଣଙ୍କ କଥାର ଓଜନକୁ ବୃଦ୍ଧି କରିବ ଫଳରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି ପାଇବ। କୌଣସି ନୂଆ କାମଟିକୁ ଆରମ୍ଭ କରିବା କ୍ଷେତ୍ରରେ ବିଳମ୍ବ କରନ୍ତୁ ନାହିଁ। ଅଶ୍ଳେଷା ନକ୍ଷତ୍ର କିନ୍ତୁ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ ।

**ସିଂହ** ଆଜିର ଦ୍ୱାଦଶାଧିପ ଚନ୍ଦ୍ର ଏକାଦଶ ଭାବରେ ରହି ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ହାସଲ କରାଇବେ। ଆଶା କରିଥିବା ଦିଗରୁ ଅର୍ଥ, ସମ୍ମାନ ଓ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ଅସୁବିଧା ଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

**କନ୍ୟା** କର୍ମ ସ୍ଥାନରେ ଚନ୍ଦ୍ର ହେତୁ ଆଜିର ଦିନଟି ପୂର୍ବାପେକ୍ଷା ବହୁତ ଭଲ ରହିବ। କର୍ମକ୍ଷେତ୍ର,ବ୍ୟବସାୟ ଓ ଯାତ୍ରା ମଧ୍ୟ ମନ୍ଦ ହେବନି। କିନ୍ତୁ ପାରିବାରିକ କ୍ଷେତ୍ରରେ ମତାନ୍ତର ପାଇଁ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ଅଫିସ୍‌ରେ ଖୋଜୁଥିବା କୌଣସି ଫାଇଲପତ୍ର ଆବଶ୍ୟକ ସମୟରେ ନ ପାଇବା କାରଣରୁ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଆପଣ ଯାହା କରିବା ସକାଶେ ମନସ୍ଥ କରିଛନ୍ତି ଶୀଘ୍ର ଆରମ୍ଭ କରିଦେବା ବହୁତ ଭଲ ହେବ। ଯୋଗକାରକ ଶନିଙ୍କ ଦୃଷ୍ଟି ଚନ୍ଦ୍ର ଉପରେ ପତିତ ହେଉଥିବାରୁ କୌଣସି ବିଜାତୀୟବ୍ୟକ୍ତିଙ୍କ ସହାୟତା ପାଇବାର ସମ୍ଭାବନା ରହିଛି। ଆଜି ଆକସ୍ମିକ ଭାବରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** କିଛି ଆଶା ଓ ଆଶଙ୍କା ମଧ୍ୟରେ ମାନସିକ ସ୍ଥିତି ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ଅଷ୍ଟମ ଚନ୍ଦ୍ର କାରଣରୁ ଅସ୍ଥିରତା ମଧ୍ୟରେ ଯଦିଓ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ,ସାମାଜିକ ସ୍ଥିତି ପ୍ରାୟତଃ ମଧ୍ୟମ ପ୍ରକାରର ରହିବ। ସାହିତ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**ଧନୁ** ଦୀର୍ଘଦିନର ଆଶା ଓ ଅଭିଳାଷକୁ ପୂରଣ କରିବାର ବେଳ ଆସିଯାଇଛି ତଥାପି ଆଜିର ଦିନଟି ମଧ୍ୟମ ପ୍ରକାରର ରହିବ। ଚନ୍ଦ୍ରଙ୍କ ପ୍ରଭାବରେ ଆଜିର ଯାତ୍ରାରେ ଯେଉଁଥି ସକାଶେ ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ଦ୍ୱାଦଶ ଭାବରେ ଗୁରୁ ଓ ଶୁକ୍ରଙ୍କ ସ୍ଥିତି ଜନିତ ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ ।

**ମକର** ପୂର୍ବର ସରାଗ କେତେକାଂଶରେ ମଉଳିଯିବା ସହ ସ୍ୱାସ୍ଥ୍ୟ, ଯାତ୍ରା ଓ ଲକ୍ଷ୍ୟପୂରଣ ବହୁଳାଂଶରେ ବାଧାପ୍ରାପ୍ତ ହେବ। ତଥାପି ସାମୟିକ ଭାବରେ ଆଜି ଦିନଟିରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ।

**କୁମ୍ଭ** ନିକଟ ସମ୍ପର୍କୀୟମାନେ ନିଜର ଆଶା ଓ ଅଭିଳାଷକୁ ପୂରଣ କରିବା ସକାଶେ ମନଗଢା କାହାଣୀମାନ ଉପସ୍ଥାପିତ କରିପାରନ୍ତି। ପରିବାର ସଦସ୍ୟଙ୍କ କାର୍ଯ୍ୟକଳାପ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଗୁରୁ କର୍ମସ୍ଥାନରେ ଥିବାରୁ ଅସୁବିଧା ନ ହେଲେ ମଧ୍ୟ କେତେକ କାମ ଅଧାରେ ଅଟକି ଯାଇପାରେ।

**ମୀନ** ଆଜିର ଚନ୍ଦ୍ର ଆପଣଙ୍କୁ ଜହ୍ନମାମୁ ଭଳି ନିଜ ପରିସର,କର୍ମକ୍ଷେତ୍ର ଓ ବନ୍ଧୁଗହଣରେ ଆଦରଣୀୟ କରାଇବ। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ସାମୟିକ ରହିବ।

ଆଜି ପୌଷ ଶୁକ୍ଳ ତ୍ରୟୋଦଶୀ ଶନିବାର, ଜାନୁୟାରୀ ୧୯ ତାରିଖ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର-ଦିବା ଘ୧୧।୧୯ମି. ପର୍ଯ୍ୟନ୍ତ ମୃଗଶିରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ଦିବା ଘ୧୨।୦୧ମି. ଗତେ ଘ୧।୨୪ମି. ମଧ୍ୟେ, ଘ୨।୪୮ମି. ଗତେ ଘ୪।୧୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୫୨ମି. ଗତେ ଘ୯।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା । ସକାଳ ଘ୯।୧୨ମି. ଗତେ ଘ୧୦।୩୫ମି. ମଧ୍ୟେ ରାହୁକାଳ।


# classified

**real estate**

## SALE

Booking one lakh simplex 2BHK 1200 sqft. land 20,50,000/- BDA area Tankapani Road, Sai Temple. Instalment 10,000/-. 7735738102. D-10628

2BHK simplex @ 25,50,000/- at Balianta, Hanspal. Mob: 7064994691, 8763499150. D-10631

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10649

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

ମୋର ଘାଟିକିଆ ମୌଜାରେଥିବା ୨୦୦ ଫୁଟ୍ ରାସ୍ତାକୁ ଲାଗି ପ୍ଲଟ୍ ବିକ୍ରିହେବ। କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। ଫୋନ୍ ନଂ: 9937273159. D-10524

ଭୁବନେଶ୍ୱର ବାଳକାଟିବଜାରରୁ 3km. ଦୂରତାରେ 30'ରୋଡ୍ ଇଲେକ୍ଟ୍ରିସିଟି ସୁବିଧାଥାଇ ଘରବାରି ପାଚେରିସହ ପିଚୁରୋଡକୁଲାଗି sqft. 550/-, ଜଟଣୀଗେଟ୍‌ରୁ 1km. 1200କୁ 2,40,000/-ରେ ବିକ୍ରିହେବ। 9090053827, 9348020724. D-65335

BDA yellowzone gharabadi boundary, electricity and greenery facilities plot at Patrapada, Tamnado and Infovally GITA College Square. 9938770157, 7008818121. D-65339

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10478

Plot sale near AIIMS Hospital, Bhubaneswar 30' wide road. 8280401077. D-65333

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-65509

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10648

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି। 8093465134. D-65338

ଭୁବନେଶ୍ୱର ଖଣ୍ଡଗିରି AMRI Hospital ନିକଟରେ ପାଚେରିସହ plot sqft. 1350/-. 9776452737. D-65340

**construction**

**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10650

**to-let**

1400 sqft. commercial space at BMC Bhabani mall sqft. 50/-. 9337119834. D-65331

1000, 750, 700, 650, 450 sqft. available for office purpose at centrally located Unit-9. 2300 sqft. office space available at Metro house Vanivihar. 3BHK available for rent at Damayanti Apartment Nayapally. Mob: 7789837712, 9861256148. D-71411

ଭୁବନେଶ୍ୱରରେ ଆଜବେଷ୍ଟସ ଘର-3 phase line ସହ ଖୋଲା ଜାଗା ଆବଶ୍ୟକ। Contact: 8018172594. D-62917

**business**

Buy one Jeans pant only 850/- and earn upto 30,000/- per month. Cash on delivery available. Order only to whatsapp: 8114680173. D-64775

### ଜନ୍ମବାର୍ଷିକ ଶୁଭେଚ୍ଛା


(ରୁଦ୍ର)
**ରୁଦ୍ରାଂଶୁ ମହାପାତ୍ର**
ମନ୍ଦାରିଆପାଟଣା, ଜଗନ୍ନାଥପୁର, ଖୋର୍ଦ୍ଧା
ଆଜି ତୋର ପ୍ରଥମ ଜନ୍ମବାର୍ଷିକରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହେଉଥାଉ ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଅଛୁ। ତୋର ଶୁଭେଚ୍ଛା ସହ: ବାବା, ମାମା, ବଡବାପା, ବଡବୋଉ, ଅଜା, ଆଈ, ପିଉସା, ପିଉସୀ, ମାମୁ, ମାଈଁ, ଭାଇ, ଭଉଣୀ। ଧ-୧୦୬୦୬

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା


(ସ୍ନେହା)
**ଶୁଭଶ୍ରୀ ପ୍ରିୟଦର୍ଶିନୀ**
ସରିପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ଯେ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ବିଦୁଲତା ସାହୁ, ଲକ୍ଷ୍ମୀଧର ସାହୁ, କମଳଲୋଚନ ସାହୁ, ମାନିନୀ ସାହୁ, ମନ୍ଦାକିନୀ, ବାସୁଦେବ, ସାନୁ, ସୋନୁ, ସାଇ, ଲିଜା, ଲକିନା, ନନ୍ଦୁ, ମାନୁ, ପ୍ରାଚୀ, ଲାଲା, ଖୁସି, ବନ୍ଧୁ ଓ ପରିବାରବର୍ଗ। ଧ-୬୫୨୯୪

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା


(ବେବିନ୍)
**ଯଶରାଜ ପାଢୀ**
ବାହାରପାଳ, ଖେରଙ୍ଗ, ଭଦ୍ରକ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ଏବଂ ମଙ୍ଗଳମୟ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବୁଡୀଆଈ, ବାପା, ମାଆ, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ଲୁଲୁକକା, ନେତକକା, ବୁଲାକକା, ବାବୁକକା, ଓମ୍, ମାମନ, ବାପନ, ମାମାଲି, ତପି, ଶିବାନୀ, ସୋନାଲି, କାହ୍ନା, ମନିଷା, ଗୁଡୁଲୁ, ଗେଲ୍ହି, ସେଲି, ସ୍ନେହା ଓ ମାଟି। ଧ-୧୦୫୭୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ସପ୍ତଶଯ୍ୟା ଆଶ୍ରମ ସ୍କୁଲରେ ଆଲୋଡ଼ନ

# ଆଦିବାସୀ ଛାତ୍ରୀ ଗର୍ଭବତୀ

- **୬ଘଣ୍ଟା ରୁଦ୍ଧଦ୍ୱାର ତଦନ୍ତ**
- **ଥାନାରେ ମାମଲା, ଜଣେ ଅଟକ**

ଢେଙ୍କାନାଳ ଅଫିସ, ୧୮।୧

ଢେଙ୍କାନାଳ ଶିକ୍ଷା ବ୍ୟବସ୍ଥାରେ ପୁଣି ଥରେ ଯୋଡ଼ିହୋଇଛି କଳଙ୍କର ଫର୍ଦ୍ଦ। ବେଲଟିକିରି ଶେଲ୍‌ଟର ହୋମ ଯୌନଶୋଷଣ ମାମଲାର ଚର୍ଚ୍ଚା ନ ଥମୁଣୁ ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟର ଜଣେ ୮ମ ଶ୍ରେଣୀ ଆଦିବାସୀ ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଛି। ଘଟଣା ଚପାଇଦେବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରାଯାଇଥିଲା। ହେଲେ ସତ୍ୟାସତ୍ୟ ପଦାକୁ ଆସିବା ପରେ ପଦାରେ ପଡ଼ିଛି ମଙ୍ଗଳ ବିଭାଗ ଏବଂ ସ୍କୁଲ କର୍ତ୍ତୃପକ୍ଷଙ୍କ ଚରମ ଅପାରଗତା। ଏହି ଘଟଣାରେ ପୀଡ଼ିତାଙ୍କ ସମ୍ପର୍କୀୟ ଜଣେ ନାବାଳକଙ୍କୁ ପୋଲିସ ଅଟକ ରଖିଛି। ଉଭୟ ନାବାଳିକା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି।

ଅପରପକ୍ଷେ ଜିଲା ମଙ୍ଗଳ ବିଭାଗ, ଶିଶୁ ସୁରକ୍ଷା ବିଭାଗର ପଦାଧିକାରୀ ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ରାତି ୭ଟା ଯାଏ ଛାତ୍ରୀନିବାସ ପ୍ରକୋଷ୍ଠରେ ରୁଦ୍ଧଦ୍ୱାର ତଦନ୍ତ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧିଙ୍କ ଆଢୁଆଳରେ କରାଯାଇଥିବା ଏହି ଗୋପନ ବୈଠକ ଏକାଧିକ ପ୍ରଶ୍ନ ଛିଡ଼ା କରାଇଛି।

ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ସେ ୪ର୍ଥ ଶ୍ରେଣୀରୁ ସପ୍ତଶଯ୍ୟା ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢୁଛନ୍ତି। ବଡ଼ଦିନ ଛୁଟି ପାଇଁ ସେ ଗ୍ରାମକୁ ଯାଇଥିଲେ। ଗତ ୧୬ ତାରିଖରେ ସେ ସ୍କୁଲକୁ ଫେରିଥିଲେ। ଶାରୀରିକ ଅସୁସ୍ଥ ଅନୁଭବ କରିବାରୁ ଛାତ୍ରୀ ଜଣକ ମାଟ୍ରନଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ୭ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏ ନେଇ ପରିବାରକୁ ସ୍ପଷ୍ଟ ସୂଚନା ଦେବା ପରିବର୍ତ୍ତେ ଛାତ୍ରୀଙ୍କୁ ଜ୍ୱର ହୋଇଥିବା କୁହାଯାଇଥିଲା। ପୋଲିସ ସହାୟତାରେ ଏକ ଗାଡ଼ିରେ ସେମାନଙ୍କୁ ଗ୍ରାମରୁ ଅଣାଯାଇଥିବା ପରିବାର ଲୋକେ କହିଛନ୍ତି। ଛାତ୍ରୀଜଣକ ୭ମାସର ଗର୍ଭବତୀ ଥିବାବେଳେ ଛାତ୍ରୀ ନିବାସ ପକ୍ଷରୁ ହେଉଥିବା ମାସିକ ସ୍ୱାସ୍ଥ୍ୟ ପରୀକ୍ଷାରୁ କିପରି ଜଣାପଡ଼ିଲାନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିୟମ ଅନୁଯାୟୀ ସ୍ୱାସ୍ଥ୍ୟପରୀକ୍ଷା କରାଯାଉ ନ ଥିବା ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କୁହନ୍ତି, ଘଟଣା ସମସ୍ତେ ଜାଣିଛନ୍ତି। ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି। ଏ ସମ୍ପର୍କରେ ଜିଲାପାଳଙ୍କୁ ପଚାରିବାକୁ କହି ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଥାନାଧିକାରୀ ମଳୟ ନାୟକ କୁହନ୍ତି, ପ୍ରଧାନ ଶିକ୍ଷକଙ୍କ ଅଭିଯୋଗକ୍ରମେ ବଳାତ୍କାର ଓ ପୋକ୍‌ସୋ ଆକ୍ଟ ଦଫାରେ ମାମଲା ରୁଜୁ କରାଯାଇଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ସ୍କୁଲ ପରିସରରେ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି।

### ନବୋଦୟ ବିଦ୍ୟାଳୟ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣା

# ପରିବାର ଲୋକେ ଝିଅକୁ ବିହାର ନେଇଗଲେ

- **ତନାଘନା ତଦନ୍ତ ଆରମ୍ଭ**
- **ମୁହଁ ଖୋଲୁ ନାହାନ୍ତି ସ୍କୁଲ କର୍ତ୍ତୃପକ୍ଷ**

ଭବାନୀପାଟଣା / ନର୍ଲା, ୧୮।୧ (ଡି.ଏନ.ଏ.)

ନର୍ଲା ନବୋଦୟ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଅନ୍ତଃସତ୍ତ୍ୱା ହେବା ଘଟଣା ଜଣାପଡିବା ପରେ ତନାଘନା ଆରମ୍ଭ ହୋଇଛି । ଛାତ୍ରୀ ଜଣକ ନିଜ ପରିବାର ସଦସ୍ୟଙ୍କ ସହ ବିହାର ଚାଲି ଯାଇଥିବା ଜଣାପଡିଛି । ଅନ୍ୟପକ୍ଷେ ସ୍କୁଲ କର୍ତ୍ତୃପକ୍ଷ କିମ୍ବା ସ୍ଥାନୀୟ ପ୍ରଶାସନ ଏ ନେଇ ମୁହଁ ଖୋଲୁନାହାନ୍ତି। ନର୍ଲା ଆଇଆଇସି କହିଛନ୍ତି, ଆମେ ଏ ନେଇ ଖବର ପାଇଛୁ । ତଦନ୍ତ ପାଇଁ ଜଣେ ଅଧିକାରୀଙ୍କୁ ଡାକ୍ତରଖାନାକୁ ପଠାଇଥିଲୁ । ଛାତ୍ରୀ ଜଣକ ବିହାର ରାଜ୍ୟର । ସେ ଛାତ୍ରୀନିବାସରେ ରହୁଥିଲେ। ୧୪ ତାରିଖ ଦିନ ତାଙ୍କର ରକ୍ତସ୍ରାବ ହେବାରୁ ଗୁରୁତର ହୋଇପଡିଥିଲେ । ତାଙ୍କୁ ଭବାନୀପାଟଣାସ୍ଥିତ ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ସ୍ଥିତି ସଙ୍କଟାପନ୍ନ ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଛାତ୍ରୀ ଜଣକ ଗର୍ଭବତୀ ଥିବା ଜଣାପଡିବା ପରେ ସ୍କୁଲ କର୍ତ୍ତୃପକ୍ଷ କି ପରିବାର ଲୋକେ କୌଣସି ଲିଖିତ ଅଭିଯୋଗ ନର୍ଲା ଥାନାରେ ଦେଇ ନ ଥିଲେ। ଡାକ୍ତରଖାନାର ସୂଚନା ଆଧାରରେ ଜିଲା ପ୍ରଶାସନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ନର୍ଲା ପୋଲିସ ତଦନ୍ତ ଜାରି ରଖିଛି। ନବୋଦୟ ବିଦ୍ୟାଳୟର ଜଣେ କର୍ମଚାରୀ ଏଥିରେ ସମ୍ପୃକ୍ତ ଥିବା ଚର୍ଚ୍ଚା ଜୋର ଧରିଛି। ଏବେ ନବୋଦୟ ବିଦ୍ୟାଳୟ ଫାଟକରେ ତାଲା ଝୁଲୁଛି। କାହାରିକୁ ମଧ୍ୟ ଭିତରୁ ଛଡା ଯାଉନାହିଁ । ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବି. ସୀତାଲକ୍ଷ୍ମୀଙ୍କ ମତାମତ ପାଇଁ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲା । ହେଲେ ତାହା ସୁଇଚ୍ ଅଫ୍ ଥିବାରୁ ମତାମତ ମିଳିପାରିନାହିଁ।

### କିଛି ତଥ୍ୟ

୨୦୧୮ ଡିସେମ୍ବରରେ ଦେଶର ପିଗ୍ ଆଇରନ ଉତ୍ପାଦନ ୫.୫% ହ୍ରାସ ଘଟି ୦.୫୩୦ ନିୟୁତ ଟନ୍ ରହିଛି।

**– ଇସ୍ପାତ ମନ୍ତ୍ରଣାଳୟ**

ପ୍ରଥମ ପୃଷ୍ଠାରୁ...

## ପିପିରେ ପେଶି ...

ଏବେବି ନିର୍ମାଣ ହୋଇ ନ ଥିବା ସେ ଦର୍ଶାଇଥିଲେ। ହେଲେ ବାସ୍ତବତା ପରଖିବାବେଳେ ସରକାରଙ୍କ ତଥ୍ୟରେ ସତ୍ୟତା ନ ଥିବା ଜଣାପଡିଛି। କେବଳ କାଗଜପତ୍ରରେ ହିତାଧିକାରୀମାନଙ୍କୁ ଘର ମିଳିଥିବା ଲୋକଙ୍କ ଅଭିଯୋଗରୁ ବୁଝାପଡ଼ିଛି। କେତେ ସଂଖ୍ୟକ ଗରିବଙ୍କୁ ସରକାର ପକ୍କାଘର ଦେବାରେ ସକ୍ଷମ ହୋଇଛନ୍ତି ତାହା ଜାଣିବା ପାଇଁ ଆମେ କେତେକ ଅଞ୍ଚଳ ଯାଇଥିଲୁ। ପିପିଲିର ସାନଗରଗାଇଲୋ ଗାଁରେ ପହଞ୍ଚିବା ପରେ ଜଣେ ବୃଦ୍ଧ ଆମ ହାତକୁ ଟାଣି ନେଇ ନିଜର ଭଙ୍ଗା ଦଦରା ଘରର ଚିତ୍ର ଦେଖାଇବା ଆରମ୍ଭ କରିଥିଲେ। ଆମେ କାଳେ ସରକାରୀ ଅଧିକାରୀ ଭାବି ନିଜ ଦୁଃଖ ବଖାଣି ପକାଇଥିଲେ। ୪ବର୍ଷ ହେଲାଣି ସେ ଘର ପାଇଁ ଦୌଡୁଥିବା ବେଳେ ପଞ୍ଚାୟତସ୍ତରର ଜନପ୍ରତିନିଧିମାନଙ୍କୁ ଲାଞ୍ଚ ନ ଦେବା କାରଣରୁ ତାହା ସମ୍ଭବ ହେଉ ନ ଥିବା ଅଭିଯୋଗ ଆଣିଥିଲେ। ଉକ୍ତ ବୃଦ୍ଧଙ୍କ ଧାରଣା ଥିଲା କୌଣସି ସରକାରୀ ଅଧିକାରୀ ବୋଧେ ଆସିଛନ୍ତି ଏବଂ ତାଙ୍କୁ ଘରଖଣ୍ଡେ ମିଳିଯିବ। ହେଲେ ଗଣମାଧ୍ୟମରୁ ଆସିଛୁ ଜାଣିବାପରେ ଆଉ କେତେଜଣ ଲୋକେ ଆକୁଳ ନିବେଦନ କରି ସେମାନଙ୍କୁ କିପରି ଘରଖଣ୍ଡେ ମିଳିଯିବ ସେଥିପାଇଁ ଗୁହାରି କରିଥିଲେ। ସେମାନେ ଏହା ମଧ୍ୟ କହିଥିଲେ ଥିବା ଲୋକଙ୍କୁ ଘର ମିଳୁଛି, ଲାଞ୍ଚ ଦେବାରେ ଅକ୍ଷମ ଗରିବଙ୍କୁ କୌଣସି ସୁବିଧା ଯୋଗାଇ ଦିଆଯାଉନାହିଁ।

ନୟାଗଡ ନିର୍ବାଚନମଣ୍ଡଳୀର ବଡପଣ୍ଡୁସର ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମର ଆନନ୍ଦ ମହାନ୍ତି କହିଛନ୍ତି, ଘରେ ଖଣ୍ଡେ ପାଇବା ପାଇଁ ସବୁଆଡେ ଦୌଡି ସାରିଲୁଣି। ୪ବର୍ଷ ହେଇଗଲା ଏ ବର୍ଷ ନୁହେଁ ଆର ବର୍ଷ କହି ସମସ୍ତେ ସମୟ ଗଡାଇ ସାରିଛନ୍ତି। ଏହା ଭିତରେ ସରପଞ୍ଚ, ବିଡିଓ ଏବଂ ଜିଲାପାଳଙ୍କ ପାଖକୁ ଯାଇଛି। ତାଲିକାରେ ନାଁ ଥାଇ ମଧ୍ୟ ଘରଖଣ୍ଡେ ମିଳୁନାହିଁ। ବିଜେଡି ସରକାର ଉପରେ ଭରସା କରି ଭୋଟ ଦେଲୁ ଏବେ ତାର ଫଳ ପାଉଛୁ ବୋଲି ମହାନ୍ତି କହିଛନ୍ତି।

ସେହିପରି ବଡପଣ୍ଡୁସର ପଞ୍ଚାୟତର ମୁକୁତା ମହାନ୍ତି କହିଛନ୍ତି, ୧୦ବର୍ଷ ତଳୁ ଆମେ ଘରଖଣ୍ଡେ ପାଇଁ ଦୌଡୁଛୁ। ବିଜେଡି ଯେତେବେଳେ ସମସ୍ତ କଚ୍ଚାଘରକୁ ପକ୍କାଘର କରିବାର ପ୍ରତିଶ୍ରୁତି ଦେଲା ଆମେ ବିଶ୍ୱାସ କରି ଭୋଟ ଖଣ୍ଡେ ଦେଲୁ। ହେଲେ ଆଜି ଯାଏଁ ଦୌଡିଦୌଡି ଘର ଖଣ୍ଡେ ମିଳିପାରିଲା ନାହିଁ। ଏ ସରକାର ଥାଇ କେତେ ନ ଥାଇ କେତେ ବୋଲି ମୁକୁତା କହିଛନ୍ତି।

ପୁରୀ ଜିଲା ପିପିଲି ବ୍ଲକର ସାନସରଗାଇଲେ ଗ୍ରାମର ହଜୁରୀ ବେହେରା କହିଛନ୍ତି, ଆମକୁ ଘରଖଣ୍ଡେ ଦେବେ ବୋଲି ସମସ୍ତେ ଭଣ୍ଡାଇ ଚାଲିଛନ୍ତି। ୧୦ହଜାର ଟଙ୍କା ଦେଲେ ଘର ଦେବେ ବୋଲି କହୁଛନ୍ତି। ଏତେ ଟଙ୍କା ଆମେ ଆଣିବୁ କୋଉଟାରୁ ଯେ ଦବୁ। ଏ ସରକାର ଉପରେ ଆମର ବିଶ୍ୱାସ ଅଛି କେତେବେଳେ ଆମ ଦୁଃଖ ବୁଝି ଘରଖଣ୍ଡେ ଦେଇପାରନ୍ତି। ୪ବର୍ଷ ଗଲାଣି, ଆଗକୁ ଆମକୁ କେବେ ଘର ମିଳିବ ଆପକ୍ଷା କରିଛୁ ବୋଲି ସେ କହିଛନ୍ତି।


# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ


**ସ୍ୱର୍ଗତ ରଘୁନାଥ ପାଳ**
ଦେୱାନ୍ ସାହି, ଗୁରୁଜଙ୍ଗ, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୧।୧୯୩୨
ତିରୋଧାନ: ୦୯।୦୧।୨୦୧୯
ବାପା, ଆପଣଙ୍କ ଅକାଳ ବିୟୋଗରେ ଆମେ ସମସ୍ତେ ମର୍ମାହତ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ। ଆପଣଙ୍କ ଦର୍ଶିତ ମାର୍ଗରେ ଚାଲିବାର ସଂକଳ୍ପ ନେଉଛୁ। ପିଲାମାନେ: ମଳୟେଶ, ପ୍ରଳୟେଶ, ନିଳୟେଶ ଓ ନିଳୟଲକ୍ଷ୍ମୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୦୬୪୦

### ଏକାଦଶାହ ଉପଲକ୍ଷେ


**ସ୍ୱର୍ଗତ ହରମୋହନ ସେନାପତି**
ଜନ୍ମ: ୦୯।୦୭।୧୯୩୯
ତିରୋଧାନ: ୦୯।୦୧।୨୦୧୯
ସ୍ଥାନ: କୁମୁଟି ସାହି, ପୁରୀ ଟାଉନ୍
ଚାହୁଁ ଚାହୁଁ ଏଗାରଦିନ ହୋଇଗଲା। ଆପଣ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଯାଇଅଛନ୍ତି। ଆପଣଙ୍କ ଜ୍ୟେଷ୍ଠପୁତ୍ର- ଚନ୍ଦ୍ରଜିତ୍ ସେନାପତିଙ୍କ ପରଲୋକ ଗମନର ଅଷ୍ଟମ ଦିବସରେ ଆପଣଙ୍କ ବିୟୋଗ ଆମ୍ଭମାନଙ୍କୁ ସ୍ତବ୍ଧ କରିଦେଇଛି। ଭଗବାନ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ଆପଣ ଓ ଜ୍ୟେଷ୍ଠପୁତ୍ର ଚନ୍ଦ୍ରଜିତ୍‌ଙ୍କର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ। ଆପଣଙ୍କର ହତଭାଗ୍ୟ ପୁତ୍ର- ବିଶ୍ୱଜିତ୍, ସତ୍ୟଜିତ୍, ରଣଜିତ୍, ବୋହୂ, ନାତୁଣୀ ଓ ବନ୍ଧୁପରିବାରବର୍ଗ। ଧ-୬୩୭୫୩

### ଏକାଦଶାହ ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତ ବୃଷଭ ପଣ୍ଡା**
ଜଗନ୍ନାଥପ୍ରସାଦ, ନାକଟିଦେଉଳ, ଜିଲା- ସମ୍ବଲପୁର
ଆବିର୍ଭାବ- ୦୨.୦୧.୧୯୨୬
ତିରୋଧାନ- ୦୯.୦୧.୨୦୧୯
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା । ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ- ପତ୍ନୀ- ସୁନୀତା, ଝିଅ- ଅଲି, ଜୟନ୍ତୀ, ଖୁଲଣା, ସୁଜାତା, ମାମି, ସଂଗୀତା, ଜ୍ୱାଇଁ ମାନେ, ନାତି ନାତୁଣୀ ଓ ବନ୍ଧୁ ପରିବାର ବର୍ଗ । ଧ-୧୦୬୫୪

# ‘ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଅ’

■ ଦାବି ଦୋହରାଇଲେ ମୁଖ୍ୟମନ୍ତ୍ରୀ
■ ପ୍ରଧାନମନ୍ତ୍ରୀଙ୍କୁ ଲେଖିଲେ ଚିଠି

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ବାତ୍ୟା,ବନ୍ୟା,ମରୁଡ଼ି ଭଳି ପ୍ରାକୃତିକ ବିପଦ ରାଜ୍ୟକୁ ଘେରି ରହିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ରାଜ୍ୟକୁ ଲଗାତର ଅବହେଳା କରି ଆସିଛନ୍ତି। ଏହା ସତ୍ତ୍ୱେ ରାଜ୍ୟର ଅଭିବୃଦ୍ଧି ଆଗକୁ ମାଡ଼ି ଚାଲିଛି। ବିକାଶକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ସେ ଏ ନେଇ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବାତ୍ୟା ତିତ୍‌ଲି ୨୦୧୮ ଅକ୍ଟୋବର ୧୧ରେ ଓଡ଼ିଶା ଉପକୂଳକୁ ଅତିକ୍ରମ କରିଥିଲା। ପ୍ରବଳ ପବନ ସହିତ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଲା। ବଡ଼ ବଡ଼ ଗଛ ଉପୁଡି ପଡ଼ିବା ସହ ବହୁ ଫସଲ ନଷ୍ଟ ହେଲା। ଘର, ରାସ୍ତାଘାଟ, ପୋଲ, ବିଦ୍ୟୁତ, ପାନୀୟ ଜଳ ଏବଂ ଜଳସେଚନ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥିଲା। ଲୋକମାନଙ୍କ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ସରକାର ଯଥା ସମ୍ଭବ ଚେଷ୍ଟା କରିବା ସହ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ରାସ୍ତାଘାଟ ପୁନଃ ସ୍ଥାପନ କରିଛନ୍ତି। ତେବେ ଦୀର୍ଘକାଳୀନ ପୁନଃ ନିର୍ମାଣ ଓ ଥଇଥାନ ପାଇଁ ବହୁ ପରିମାଣର ସମ୍ବଳର ଆବଶ୍ୟକତା ରହିଛି। ଓଡ଼ିଶାର ଭୌଗୋଳିକ ଜଳବାୟୁ ଯୋଗୁ ଅଧିକାଂଶ ସମୟରେ ଏହା ପ୍ରାକୃତିକ ବିପଦ ପ୍ରବଣ ରହୁଛି। ୧୯୦୦ରୁ ୨୦୧୮ ମଧ୍ୟରେ ପ୍ରତିବର୍ଷ ବନ୍ୟା,ବାତ୍ୟା,ଘୂର୍ଣ୍ଣିଝଡ଼,ମରୁଡ଼ି ଭଳି ପ୍ରାକୃତିକ ବିପତ୍ତିର ଓଡ଼ିଶା ସମ୍ମୁଖୀନ ହୋଇ ଆସୁଛି। ଏପରିକି ଗୋଟିଏ ବର୍ଷରେ ବହୁମୁଖୀ ବିପର୍ଯ୍ୟୟକୁ ମଧ୍ୟ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟର ୮୦ ପ୍ରତିଶତ ଅଞ୍ଚଳ ଏବଂ ପ୍ରାୟ ୯୦ ପ୍ରତିଶତ ଲୋକମାନେ ସର୍ବଦା ବିପର୍ଯ୍ୟୟ ପ୍ରବଣ ମଧ୍ୟରେ ରହୁଛନ୍ତି। ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ଓଡ଼ିଶା ଆହୁରି ବିପଦଗ୍ରସ୍ତ ହୋଇପଡ଼ିଛି। ମରୁଡ଼ି ମଧ୍ୟ ରାଜ୍ୟର ଅନ୍ୟ ଏକ ସମସ୍ୟା। ଏହା ବେଳେ ବେଳେ କେତେକ ଅଞ୍ଚଳକୁ କବ୍‌ଜା କରୁଥିବା ବେଳେ କେତେବେଳେ ସମଗ୍ର ରାଜ୍ୟକୁ ମଧ୍ୟ ଗ୍ରାସ କରୁଛି। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି(ଏସ୍‌ଡିଆର୍‌ଏଫ୍) ଏବଂ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି(ଏନ୍‌ଡିଆର୍‌ଏଫ୍)ପାଇଁ ଅର୍ଥ କମିଶନ ସୁପାରିସ କରୁଛନ୍ତି। ମହାବାତ୍ୟା ସମୟରେ ଏନ୍‌ଡିଆର୍‌ଏଫ୍‌ରୁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଉଛି। ଏତେ ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଓଡ଼ିଶା ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଗତ ୬ ବର୍ଷ ମଧ୍ୟରେ ରାଜ୍ୟର ଘରୋଇ ଉତ୍ପାଦ ୫୦ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟରେ ଦାରିଦ୍ର୍ୟ ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ୨୪.୬ ପ୍ରତିଶତକୁ ହ୍ରାସ ପାଇଛି। ଏହି ହାର ଦେଶର ଅଗ୍ରଣୀ ରାଜ୍ୟଗୁଡ଼ିକଠାରୁ ମଧ୍ୟ ବହୁ ଆଗରେ ରହିଛି। ରାଜ୍ୟ ସରକାର ମଧ୍ୟ ନିଜର ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା କରିଛନ୍ତି। ଡାକ୍ତରଖାନାରେ ପ୍ରସବ କ୍ଷେତ୍ରରେ ଓଡିଶା ରେକର୍ଡ କରିଛି। ଟିକାକରଣ ଯୋଗୁ ରାଜ୍ୟରେ ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ପାଇ ପାରିଛି। ମମତା ଯୋଜନା ରାଜ୍ୟ ସରକାରଙ୍କର ଏକ ବୃହତ ଯୋଜନା। ୨୦୧୧ରେ ଆରମ୍ଭ କରାଯାଇଥିବା ଏହି ଯୋଜନାରେ ପିଲା ଜନ୍ମ କରିଥିବା ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ଯୁବକମାନଙ୍କର ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଦୁଇଥର ପୁରସ୍କୃତ ହୋଇଛି। ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନାରେ ୨୦୧୪-୧୫ରେ ୨୦ ଲକ୍ଷ ପକ୍କାଘର ନିର୍ମାଣ କରାଯାଇଥିଲା, ଯାହାକି ଦେଶରେ ସର୍ବାଧିକ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା(ପିଏମ୍‌ଜିଏସ୍‌ୱାଇ)ପାଇଁ ୨୦୧୭-୧୮ରେ ୩ଟି ପୁରସ୍କାର ପାଇ ପାରିଛି। ଧାନ ଉତ୍ପାଦନ ପାଇଁ ଓଡ଼ିଶାକୁ ୫ ଥର କୃଷି କର୍ମଣ ପୁରସ୍କାର ପ୍ରଦାନ କରାଯାଇଛି। ଆମର ଆଭ୍ୟନ୍ତରୀଣ ବିକାଶ ଉଲ୍ଲେଖନୀୟ ରହିଛି। ଓଡ଼ିଶାର ପ୍ରାକୃତିକ ସମ୍ପଦରୁ କେନ୍ଦ୍ର ଭରପୂର ଲାଭ ଉଠାଉଛି। ଅନେକ ବର୍ଷ ଧରି ଓଡ଼ିଶାର ଲୁହାପଥର ଓ ଅନ୍ୟ ଖଣିଜ ପଦାର୍ଥ ଦେଶ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର କ୍ରମାଗତ ଭାବେ ଓଡ଼ିଶାକୁ ଅବହେଳା କରି ଆସିଛନ୍ତି। ଟେଲି ଯୋଗାଯୋଗ, ରେଲୱେ ନେଟ୍‌ୱର୍କ, ବ୍ୟାଙ୍କିଂ ନେଟ୍‌ୱର୍କ, ଜାତୀୟ ରାଜପଥ ଓ ଏୟାର କନେକ୍ଟିଭିଟି କ୍ଷେତ୍ରରେ କେନ୍ଦ୍ର ସରକାର ଅବହେଳା କରି ଆସୁଛନ୍ତି। ସେଥିପାଇଁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ଆମେ ବାରମ୍ବାର ଦାବି କରି ଆସୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜାତୀୟ ହାର ତୁଳନାରେ ଓଡ଼ିଶାର ଅଭିବୃଦ୍ଧି ହାର ଅଧିକ ରହିଛି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ମିଳିବା ପରେ ରାଜ୍ୟର ଅଭିବୃଦ୍ଧି ହାର ଆହୁରି ବଢ଼ିବା ସହ ଶିଳ୍ପ କ୍ଷେତ୍ରରେ ବିକାଶ ହେବ ଓ ଅଧିକ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିପାରିବ। ଓଡ଼ିଶାର ଦାବିକୁ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

■ ‘ମୋ ସ୍କୁଲ’ ଯୋଜନା

# ୧୬ ଜିଲାର ୧୩୯୮ ବିଦ୍ୟାଳୟ ସାମିଲ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

**ଖର୍ଚ୍ଚ ହେବ ୯ କୋଟି ୧୬ ଲକ୍ଷ ୬୫ ହଜାର**

ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀ-ସମ୍ପୃକ୍ତ ଶିକ୍ଷା କାର୍ଯ୍ୟକ୍ରମ ‘ମୋ ସ୍କୁଲ’ ଯୋଜନାର ସପ୍ତମ ପର୍ଯ୍ୟାୟରେ ୧୬ ଜିଲାର ୧୩୯୮ ବିଦ୍ୟାଳୟ ସାମିଲ ହୋଇଛନ୍ତି। ଏହି ଜିଲାଗୁଡ଼ିକ ହେଲା ବରଗଡ଼, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼। ଏହି ସମସ୍ତ ଜିଲାରେ ‘ମୋ ସ୍କୁଲ’ ଯୋଜନାରେ ୯ କୋଟି ୧୬ଲକ୍ଷ ୬୫ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ। ଏଥିରୁ ରାଜ୍ୟ ସରକାର ୬କୋଟି ୧୧ଲକ୍ଷ ୧୦ହଜାର ଟଙ୍କା ଅନୁଦାନ ଦେଇଥିବା ବେଳେ ଜନସାଧାରଣଙ୍କଠାରୁ ୩କୋଟି ୫ଲକ୍ଷ ୫୫ହଜାର ଟଙ୍କା ସଂଗୃହ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ପଦୀପ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ‘ମୋ ସ୍କୁଲ’ ଯୋଜନାର ସପ୍ତମ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହା ସ୍ଥିର କରାଯାଇଛି।

ବୈଠକରେ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୬ତାରିଖରୁ ଜିଲା, ବ୍ଲକ୍, ସ୍କୁଲ ସ୍ତରରେ ଆଲୁମ୍‌ନି ମିଟ୍ କରାଯାଇ ଏହି ଯୋଜନାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ଫଟୋ ପ୍ରଦର୍ଶନୀ, ସ୍ମୃତି ଶୋଭାଯାତ୍ରା, ବନ୍ଧୁତ୍ୱ ସମାବେଶ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି କ୍ରମରେ ‘ମୋ ସ୍କୁଲ’ ପରିଯୋଜନା ପରାମର୍ଶଦାତା ସଦସ୍ୟ ପ୍ରଫେସର ଯତୀନ ନାୟକଙ୍କ ତତ୍ତ୍ୱାବଧାନରେ ରାଜ୍ୟ ଓ ରାଜ୍ୟ ବାହାରୁ ସାମିଲ ହୋଇଥିବା ୧ ଶହ ବିଦ୍ୟାର୍ଥୀଙ୍କୁ ନେଇ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତି ପାଇଁ ପ୍ରସ୍ତାବ କରାଯାଇଛି। ସେହିପରି ଆସନ୍ତା ୨୭ତାରିଖରୁ ବକୁଳ ଫାଉଣ୍ଡେଶନ ପକ୍ଷରୁ ରାୟଗଡ଼ା, କନ୍ଧମାଳ ଓ କଳାହାଣ୍ଡି ଜିଲାର ୨୦ଟି ବିଦ୍ୟାଳୟରେ ଭ୍ରାମ୍ୟମାଣ ଯାନ ମାଧ୍ୟମରେ ଗଳ୍ପକଥନ, ସାହିତ୍ୟ ଉତ୍ସବ ଓ ବୃତ୍ତ ଚିତ୍ର ପ୍ରଦର୍ଶନ କରାଯିବ। ବକୁଳ ଫାଉଣ୍ଡେଶନ ଶିକ୍ଷାୟତନରେ ପାଠାଗାର ପ୍ରତିଷ୍ଠା ପାଇଁ ସହାୟତା କରିବାକୁ ବୈଠକରେ ସ୍ଥିର କରାଯାଇଥିବା ଓପେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓ ‘ମୋ ସ୍କୁଲ’ ଯୋଜନା ମୁଖ୍ୟ ନିର୍ବାହୀ ଭୂପେନ୍ଦ୍ର ସିଂ ପୁନିଆ ପ୍ରକାଶ କରିଛନ୍ତି। ଶୁକ୍ରବାର ଓପେପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ବୈଠକରେ ପ୍ରାଥମିକ ଶିକ୍ଷା, ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ, ଓପେପା ବିତ୍ତ ପରାମର୍ଶଦାତା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପ୍ରତିନିଧି, ‘ମୋ ସ୍କୁଲ’ ଯୋଜନାର ସ୍ୱତନ୍ତ୍ର ଅଧିକାରୀ, ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ଏ ପର୍ଯ୍ୟନ୍ତ ୮୦୪୪ ବିଦ୍ୟାଳୟ ‘ମୋ ସ୍କୁଲ’ ଯୋଜନାରେ ସାମିଲ ହୋଇଛନ୍ତି।






ବ୍ୟକ୍ତି- ସର୍ବସ୍ୱ ସମାଜ ବ୍ୟବସ୍ଥା ଅପେକ୍ଷା ସମଷ୍ଟି-ସର୍ବସ୍ୱ ବ୍ୟବସ୍ଥା ମୂଳତଃ ଶ୍ରେଷ୍ଠତର - ଯେପରି ଈର୍ଷା ଓ ପରର ହତ୍ୟା ଅପେକ୍ଷା ଭ୍ରାତୃଭାବର ସମ୍ପର୍କ ହେଉଛି ଶ୍ରେଷ୍ଠ। କିନ୍ତୁ ୟୁରୋପର ଯେତେ ସମାଜ- ତନ୍ତ୍ରୀ ବ୍ୟବସ୍ଥା କାର୍ଯ୍ୟତଃ ପ୍ରଣୟନ କରାଯାଇଛି- ସେଗୁଡିକ ହେଲା ଯୁଗଭାର -ଅତ୍ୟାଚାର-ଓ କାରାଗାର।

-ଶ୍ରୀଅରବିନ୍ଦ

# ସଂସ୍କାର ପାଇଁ ତରତର ନାହିଁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତି ଆୟୋଗର ଷ୍ଟ୍ରାଟେଜି ଡକୁମେଣ୍ଟ 'Strategy for New India@75'ରେ ଭାରତୀୟ ଅମଲାତନ୍ତ୍ରରେ ସଂସ୍କାର ଆଣିବା ପାଇଁ ବହୁବିଧ ପଦକ୍ଷେପ ନେବା ଲାଗି ସୁପାରିସ କରାଯାଇଛି। ସେଗୁଡ଼ିକ ମଧ୍ୟରେ ରହିଛି ଅପାରଗ ବାବୁମାନଙ୍କୁ ବାଧ୍ୟତାମୂଳକ ଅବସର ଦେବା, ବର୍ତ୍ତମାନ ପ୍ରଚଳିତ ପ୍ରଶାସନିକ ସେବା ସଂଖ୍ୟା କମାଇଦେବା, ପ୍ରଶାସନିକ ସେବା ପରୀକ୍ଷା ଦେବା ଲାଗି ସାଧାରଣ ପ୍ରାର୍ଥୀମାନଙ୍କ ସର୍ବୋଚ୍ଚ ବୟସ ସୀମା ୩୨ରୁ ୨୭ ବର୍ଷକୁ ହ୍ରାସ କରିବା ଇତ୍ୟାଦି। ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ପ୍ରଶାସନିକ ସେବା ପାଇଁ ଗୋଟିଏ ସର୍ବଭାରତୀୟ ପରୀକ୍ଷା କରିବା ଲାଗି ମଧ୍ୟ ବିଶେଷଜ୍ଞମଣ୍ଡଳୀ ପ୍ରସ୍ତାବ ଦେଇଛନ୍ତି। ଆମ ରୁଗ୍ଣ ପ୍ରଶାସନିକ ସେବା ବ୍ୟବସ୍ଥାକୁ ସୁଧାରିବା ଲାଗି ଡାକ୍ତରଙ୍କ ବ୍ୟବସ୍ଥାପତ୍ର ଭଳି ବିଶେଷଜ୍ଞମାନେ ସିନା ସଂସ୍କାର-ପ୍ରସ୍ତାବମାନ ଦେଇଦେଲେ, ହେଲେ ମିଳିଥିବା ପ୍ରସ୍ତାବଗୁଡ଼ିକୁ ସରକାର ଏବେ ତରତର ହୋଇ କାର୍ଯ୍ୟକାରୀ କରିବାକୁ ଯାଉନାହାନ୍ତି। କାରଣ ସାଧାରଣ ନିର୍ବାଚନ ଆଉ ଅଳ୍ପ କେଇମାସ ବାକି ଥିବାରୁ ଏଗୁଡ଼ିକ କାର୍ଯ୍ୟକାରୀ କଲେ ବିରାଟ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସରକାର ଭୟ କରୁଛନ୍ତି। ଏହିସବୁ ପ୍ରସ୍ତାବ ଦେବାରେ ନୀତି ଆୟୋଗ ପ୍ରଥମ ନୁହନ୍ତି। ଅନେକ କମିଟି ତଥା ଦ୍ୱିତୀୟ ପ୍ରଶାସନିକ ସଂସ୍କାର କମିଶନ ଆଗରୁ ଏଭଳି ପ୍ରସ୍ତାବ ଦେଇଥିଲେ। କିନ୍ତୁ ସ୍ଥିତାବସ୍ଥା ବିଗିଡ଼ିବା ଓ ଅନେକ ରାଜନୈତିକ ଜଟିଳତା ସୃଷ୍ଟିହେବା ଭୟରେ ଏଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ନ ଥିଲା। ନୀତି ଆୟୋଗର ପ୍ରସ୍ତାବଗୁଡ଼ିକ ମଧ୍ୟ ସମଦଶା ଭୋଗିବାର ସମ୍ଭାବନା ରହିଛି।

### ଅନିଶ୍ଚିତତାରେ ମେଡିକାଲ ସେବା କ୍ୟାଡର

୨୦୧୭ ମସିହାରେ ମୋଦି ସରକାର ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଭଳି ସର୍ବଭାରତୀୟ ମେଡିକାଲ ସେବା (ଏଆଇଏମ୍‌ଏସ୍) କ୍ୟାଡର ପ୍ରତିଷ୍ଠା କରିବା ଲାଗି ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏ ନେଇ ମେଡିକାଲ ପ୍ରଫେସନାଲମାନଙ୍କ ତରଫରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରସ୍ତାବଟିକୁ ଆଗକୁ ନେବା ଦିଗରେ ସାମାନ୍ୟତମ ଉଦ୍ୟମ କରାଯାଇ ନାହିଁ। ସ୍ୱାସ୍ଥ୍ୟ ରାଜ୍ୟ ସରକାରଙ୍କ ବିଷୟ ହୋଇଥିବାରୁ କେନ୍ଦ୍ର ସରକାର ଏ ପ୍ରସ୍ତାବ ଉପରେ ରାଜ୍ୟ ସରକାରଗୁଡ଼ିକର ମତାମତକୁ ଅପେକ୍ଷା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଏ ସମ୍ପର୍କରେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ମାତ୍ର ଛଅଟି ରାଜ୍ୟ ମତାମତ ଦେଇଛନ୍ତି। ସେହି ରାଜ୍ୟଗୁଡ଼ିକ ହେଉଛନ୍ତି ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ସିକ୍କିମ, ଗୋଆ ଓ ମିଜୋରାମ। ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଳି ଏବଂ ଆଣ୍ଡାମାନ ଓ ନିକୋବର ମଧ୍ୟ ଉତ୍ତର ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ନିଜ ପ୍ରତିକ୍ରିୟାରେ ଅଧିକ ବୋଧଗମ୍ୟ ଓ ବିସ୍ତୃତ ପ୍ରସ୍ତାବ ଦେବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଲେଖିଛି। ଏ ଦିଗରେ ଅଧିକ ଅଗ୍ରଗତି କରିବା ପାଇଁ ଅନ୍ୟ ରାଜ୍ୟଗୁଡ଼ିକର ପ୍ରତିକ୍ରିୟା ମିଳିବାକୁ ଅପେକ୍ଷା କରାଯାଇଥିବାରୁ ଏଥିପାଇଁ ଦୀର୍ଘ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।

### ଆଇପିଏସ୍ ବାବୁମାନଙ୍କ ଅସନ୍ତୋଷ

ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟିର ସୁପାରିସକୁ ନେଇ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଫିସରମାନେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଆର୍‌ପିଏଫ୍) ଉପରେ ଆଇପିଏସ୍ ଅଫିସରମାନଙ୍କ ପ୍ରଭୁତ୍ୱ ହଟାଇବା ପାଇଁ କମିଟି ସରକାରଙ୍କୁ ସୁପାରିସ କରିଛି। ସ୍ୱରାଷ୍ଟ୍ର ସଂସଦୀୟ କମିଟିର ସୁପାରିସ ଅନୁସାରେ ସିଆର୍‌ପିଏଫ୍‌ରୁ ଆଇପିଏସ୍ ଅଫିସରମାନଙ୍କୁ କ୍ରମଶଃ ଅପସାରଣ କରାଯିବ ଏବଂ ଏହି ବାହିନୀରେ ଆଇପିଏସ୍‌ଙ୍କ ଡେପୁଟେଶନ ମାତ୍ର ୨୫ ପ୍ରତିଶତ ଭିତରେ ସୀମିତ ରହିବ। ସିଆର୍‌ପିଏଫ୍ ଅଫିସରମାନେ ଏହି ସୁପାରିସକୁ ଯଥାର୍ଥ ବୋଲି ଅଭିହିତ କରିଥିଲାବେଳେ ଆଇପିଏସ୍ ଅଫିସରମାନେ ଏହାକୁ 'ଅଦରକାରୀ' ଓ 'ବିପଜ୍ଜନକ' ବୋଲି ମତ ଦେଇଛନ୍ତି। ପ୍ରତ୍ୟେକ ବାହିନୀରେ ନିଜ ନିଜର କ୍ୟାଡର ଥିବାବେଳେ ନିୟମତଃ ଜଣେ ଜଣେ ଆଇପିଏସ୍ ଅଫିସର ମହାନିର୍ଦ୍ଦେଶକ (ଡିଜି) ପଦବୀରେ ଅବସ୍ଥାପିତ ହୋଇ ସେଗୁଡ଼ିକର ମୁଖ୍ୟ ହୋଇଥାନ୍ତି। ଏପରି କି ଅତିରିକ୍ତ ଡିଜି, ଆଇଜି, ଡିଆଇଜି ପରି ପଦବୀଗୁଡ଼ିକ ମଧ୍ୟ ପ୍ରାୟତଃ ଆଇପିଏସ୍ ଅଫିସରମାନଙ୍କ ପାଇଁ ସଂରକ୍ଷିତ ଥାଏ। ଏହା ସିଆର୍‌ପିଏଫ୍ କ୍ୟାଡର ଅଫିସରମାନଙ୍କ ଭିତରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥାଏ। ସେମାନଙ୍କ ମତରେ ନିଜ ବାହିନୀରେ ସେମାନଙ୍କୁ ସର୍ବୋଚ୍ଚ ପଦରୁ ବଞ୍ଚିତ କରାଯିବା ଅନ୍ୟାୟ ଓ ପାତରଅନ୍ତରମୂଳକ। ସଂସଦୀୟ କମିଟି ମତରେ ସିଆର୍‌ପିଏଫ୍ କ୍ୟାଡର ଅଫିସରମାନଙ୍କୁ ସେମାନଙ୍କ ନିଜ ବାହିନୀରେ ମୁଖ୍ୟ ପଦରେ ଅବସ୍ଥାପିତ କଲେ ସେମାନଙ୍କ ମନୋବଳ ବୃଦ୍ଧି ପାଇବ ଏବଂ ସିଆର୍‌ପିଏଫ୍ ସେବା ଭିତରକୁ ଅଧିକ ଶିକ୍ଷିତ ଓ ଯୋଗ୍ୟ ଅଫିସରମାନେ ଆସିବେ। କିନ୍ତୁ କମିଟିର ସୁପାରିସକୁ ନେଇ ଆଇପିଏସ୍ ଅଫିସର ସଂଘ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହା ବିରୋଧରେ ଚିଦାମ୍ବରମ୍ ଓ ଅନ୍ୟ ସଦସ୍ୟମାନଙ୍କୁ ଚିଠି ଲେଖିବାକୁ ବିଚାର କରୁଛି। ସେମାନଙ୍କୁ ଏ ପ୍ରସଙ୍ଗରେ ଆଇଏଏସ୍ ସଂଘ ମଧ୍ୟ ସମର୍ଥନ କରୁଥିବା ଜଣାପଡ଼ିଛି।

Email: dilipcherian@gmail.com

# ଆଧ୍ୟାତ୍ମିକତାର ମର୍ମ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ସମ୍ପ୍ରତି ଧର୍ମ ଓ ଆଧ୍ୟାତ୍ମିକତା ସମାର୍ଥବାଚକ ଶବ୍ଦ ଭାବରେ ବ୍ୟବହୃତ ହେଉଛି। ମାତ୍ର ସାମାଜିକ ଧର୍ମାନୁଷ୍ଠାନ ସହ ଆଧ୍ୟାତ୍ମିକତାର ବିଶେଷ ସମ୍ପର୍କ ନାହିଁ। ଆଜିକାଲି ଭଗବାନଙ୍କ ଉପରେ ଉପରଠାଉରିଆ ବିଶ୍ୱାସ। ମନ୍ଦିର, ମସ୍‌ଜିଦ ବା ଗୀର୍ଜାରେ ପହଞ୍ଚି ଉପାସନା କରିବାକୁ ଧର୍ମନିଷ୍ଠା କୁହାଯାଉଛି। ଏହା ସହ ଆଧ୍ୟାତ୍ମିକତାର ସିଧାସଳଖ କୌଣସି ସମ୍ପର୍କ ନାହିଁ। ବିଶେଷଣ ପଦ ରୂପେ ଅଧ୍ୟାତ୍ମ ଶବ୍ଦର ଅର୍ଥ ହେଲା 'ଆତ୍ମ ବିଷୟକ'। ବିଶେଷ୍ୟ ପଦ ଭାବରେ ଏହାର ଅର୍ଥ ହେଲା ପରମାତ୍ମା ବା ବ୍ରହ୍ମ। ଆଧ୍ୟାତ୍ମିକ ମାନେ 'ବ୍ରହ୍ମ ବା ପରମାତ୍ମା ବିଷୟକ'। ଏହି ବ୍ରହ୍ମ ବିଷୟକ ଭାବ ହେଉଛି ଆଧ୍ୟାତ୍ମିକତା। ଏଣୁ ଆଧ୍ୟାତ୍ମିକତାର ମର୍ମ ବୁଝିବାକୁ ହେଲେ ଆମକୁ ବ୍ରହ୍ମ ସମ୍ପର୍କରେ ବୁଝିବାକୁ ହେବ। ଗୀତାରେ ଭଗବାନ୍ କହିଛନ୍ତି, ଏ ସଂସାରରେ ଜୀବ ରୂପ ଧରିଥିବା ଆତ୍ମା ମୋର ହିଁ ସନାତନ ଅଂଶ। ଏଣୁ ପ୍ରତ୍ୟେକ ଜୀବାତ୍ମା ମଧ୍ୟରେ ପରମାତ୍ମା ବା ବ୍ରହ୍ମଙ୍କୁ ଉପଲବ୍ଧି କରିବା ହେଉଛି ଆଧ୍ୟାତ୍ମିକତା। ସମସ୍ତଙ୍କ ହୃଦୟରେ ବ୍ରହ୍ମଙ୍କୁ ଦେଖିବା ଓ ବ୍ରହ୍ମଙ୍କଠାରେ ସମସ୍ତଙ୍କୁ ଦେଖିବା (ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି- ଗୀତା ୬/୩୦) ହେଉଛି ଆଧ୍ୟାତ୍ମିକତାର ମୂଳକଥା।

ମଣିଷ ଆଧ୍ୟାତ୍ମିକ ଭାବାପନ୍ନ ହେଲେ ସେ ଅନୁଭବ କରେ ଯେ ତା'ର ସମସ୍ତ କର୍ମରେ ପରମାତ୍ମାଙ୍କ ଶକ୍ତି କାମ କରୁଛି। ଯେତେବେଳେ ମଣିଷ ଅଧ୍ୟାତ୍ମଚିତ୍ତ ହୋଇଯାଏ ସେ ତା'ର ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରିଦିଏ। ସେ ନିଷ୍କାମ ହୋଇଯାଏ। କାମନା ହିଁ ଦୁଃଖର କାରଣ। ଏଣୁ ନିଷ୍କାମ ହୋଇଗଲେ ମନରେ ଆଉ ସନ୍ତାପ ରହେନାହିଁ। ମୁଁ ସମସ୍ତ କର୍ମର ନିମିତ୍ତମାତ୍ର ଭାବି ସେ ସବୁକୁ ଭଗବାନଙ୍କୁ ସମର୍ପଣ କରି ନିଷ୍କାମ ହୋଇ କର୍ମ କଲେ କର୍ମଟି 'ଯୋଗ' ହୋଇଯାଏ।

ଜଣେ ଆଧ୍ୟାତ୍ମିକ ଭାବାପନ୍ନ ମଣିଷ ବାହ୍ୟ ଉପଚାର ଉପରେ ଗୁରୁତ୍ୱ ଦିଏନାହିଁ। ଧର୍ମ ନାମରେ ଆମେ ଯାହାସବୁ କରୁଛୁ ତାହା ଏକପ୍ରକାର ଆତ୍ମସନ୍ତୋଷ ଓ ଧାର୍ମିକ ବା ଭକ୍ତ ବୋଲାଇବାର ଅହଂ। ଈଶ୍ୱର ବିଶ୍ୱାସକୁ ନେଇ ବହୁ ଗୋଷ୍ଠୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ଧର୍ମୀୟ ଗୋଷ୍ଠୀ ନିଜ ନିଜ ଧର୍ମକୁ ଶ୍ରେଷ୍ଠ ଓ ଅନ୍ୟ ଧର୍ମକୁ ନିକୃଷ୍ଟ ବୋଲି ପ୍ରମାଣ କରିବା ପାଇଁ ଉଦ୍ୟତ। ଏହିସବୁ ଦାବିରୁ ଗୋଷ୍ଠୀ ସଂଘର୍ଷ ହେଉଛି। ପ୍ରତ୍ୟେକ ଧର୍ମ ଗୋଟିଏ ଲେଖାଏଁ ଆଧ୍ୟାତ୍ମିକ ଅନୁଭୂତି। ଆଧ୍ୟାତ୍ମିକତା ହେଉଛି ଧର୍ମର ଆତ୍ମା। ମାତ୍ର ଧର୍ମ ନାମରେ ଅହଂର ପରିପ୍ରକାଶ ହେଲେ ଆଧ୍ୟାତ୍ମିକତାର ମୃତ୍ୟୁ ହୁଏ। କୌଣସି ଧର୍ମ ବା ଈଶ୍ୱରଙ୍କଠାରେ ବିଶ୍ୱାସ ନ ରଖି ମଧ୍ୟ ଆଧ୍ୟାତ୍ମିକ ଜୀବନ ସମ୍ଭବ। ବୁଦ୍ଧଦେବ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ନୀରବ ଥିଲେ। ସେ ଗୁରୁତ୍ୱ ଦେଇଥିଲେ 'ଅଷ୍ଟାଙ୍ଗ ମାର୍ଗ'- ସତ୍‌କାର୍ଯ୍ୟ, ସତ୍‌ଭାବନା, ସତ୍‌ବାକ୍ୟ, ସତ୍ ସଙ୍କଳ୍ପ, ସତ୍‌ଜୀବିକା, ସତ୍ ପରିଶ୍ରମ, ସତ୍ ସ୍ମୃତି ଓ ସତ୍ ସମାଧି ଉପରେ। ଜଣେ ଏକ ଧର୍ମର ନିର୍ଦ୍ଦିଷ୍ଟ ଈଶ୍ୱରଙ୍କୁ ବିଶ୍ୱାସ ନ କରି ମଧ୍ୟ ଯଦି ତା'ର ଅନ୍ତରାତ୍ମାରେ ଦିବ୍ୟଶକ୍ତି ଉପଲବ୍ଧି କରେ ତାହା ହେଉଛି ଆଧ୍ୟାତ୍ମିକ ଅନୁଭୂତି। ଏହି ଅନୁଭବ ହେଲେ ସେ ଜଗତର ସମସ୍ତ ପ୍ରାଣୀଙ୍କୁ ସେହି ଦିବ୍ୟ ଚେତନାର ପରିପ୍ରକାଶ ବୋଲି ମନେ କରେ। ସେ କେବଳ ନିଜ ପାଇଁ ବଞ୍ଚେ ନାହିଁ, ବଞ୍ଚେ ସମସ୍ତଙ୍କ ପାଇଁ। ଏହି ପ୍ରସଙ୍ଗରେ ମନେପଡ଼େ ଏକ କାହାଣୀ।

ଜଣେ ରାଜା ଏକ ଭୟଙ୍କର ବ୍ୟାଧିରେ ପୀଡ଼ିତ ହେଲେ। ରାଜ୍ୟର ସମସ୍ତ କୁଶଳୀ ବୈଦ୍ୟଙ୍କ ଚିକିତ୍ସା ସତ୍ତ୍ୱେ ସେ ଆରୋଗ୍ୟ ଲାଭ କରିପାରିଲେ ନାହିଁ। ଦିନେ ଦେଖିଲେ ସେ ଏକ ସ୍ୱପ୍ନ। ଜଣେ ଦିବ୍ୟପୁରୁଷ କହୁଛନ୍ତି, ''ଯଦି ଈଶ୍ୱରଙ୍କୁ କିଛି ମାଗି ନ ଥିବା ଜଣେ ଲୋକ ତୁମକୁ ରୋଗମୁକ୍ତ କରିବା ପାଇଁ ପ୍ରାର୍ଥନା କରେ ତୁମେ ସୁସ୍ଥ ହେବ।'' କଥାଟା ଚାରିଆଡ଼େ ପ୍ରଘଟ ହେଲା। ବିନା କାମନାରେ କେହି କେବେ ପ୍ରାର୍ଥନା କରେ ନାହିଁ। ସମସ୍ତଙ୍କ ଧାରଣା, ଈଶ୍ୱରଙ୍କୁ ପ୍ରାର୍ଥନା କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ। ମୋଟ୍ ଉପରେ ରାଜାଙ୍କ ସୁସ୍ଥ ଜୀବନ ନିମନ୍ତେ ଲୋଡ଼ା ଜଣେ ନାସ୍ତିକ। କାରଣ ନାସ୍ତିକମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ, ତେଣୁ କାମନା ପୂରଣ କରିବା ପାଇଁ ପ୍ରାର୍ଥନା ବି କରନ୍ତି ନାହିଁ। ଜଣେ ନାସ୍ତିକ ପ୍ରାର୍ଥନା କଲେ ରାଜା ସୁସ୍ଥ ହେବେ, ଏହା ଥିଲା ଏକ ବିରୋଧାଭାସ। କାରଣ ଯିଏ ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ ସେ କାହିଁକି ବା ପ୍ରାର୍ଥନା କରିବ? ତଥାପି ରାଜକର୍ମଚାରୀମାନେ ଦିବ୍ୟପୁରୁଷଙ୍କ ସୂଚନା ଅନୁସାରେ ସେହିଭଳି ଏକ ମଣିଷ ଠାବ କଲେ। ସେ କେବେ ମନ୍ଦିର, ମସ୍‌ଜିଦ୍ ବା ଚର୍ଚ୍ଚକୁ ଯାଏ ନାହିଁ। ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ। ସେ ନିଜ ଶକ୍ତି ଉପରେ ବିଶ୍ୱାସ କରେ। ପୂଜାପାଠ କରେ ନାହିଁ। ମାତ୍ର ନିଜ ସାମର୍ଥ୍ୟ ଅନୁସାରେ ତା'ର ଚାରିପାଖରେ ଥିବା ଦୀନ, ଦରିଦ୍ର ଓ ଦୁଃଖୀ ମଣିଷର ସେବା କରିବାକୁ ସେ କର୍ତ୍ତବ୍ୟ ମଣେ। ସେ ଈଶ୍ୱରଙ୍କୁ ଭଲ ପାଇବା ପରିବର୍ତ୍ତେ ମଣିଷକୁ ଭଲପାଏ। ରାଜକର୍ମଚାରୀ ସେହି ନାସ୍ତିକକୁ ରାଜାଙ୍କ ଆରୋଗ୍ୟ କାମନା କରି ଈଶ୍ୱରଙ୍କୁ ପ୍ରାର୍ଥନା କରିବା ପାଇଁ ଅନୁରୋଧ କଲେ। ଏପ୍ରକାର ଅନୁରୋଧ ଲୋକଟି ପାଇଁ ଗ୍ରହଣୀୟ ନ ଥିଲା। ତଥାପି ସେ କହିଲା, ଯଦି ଆପଣମାନେ ବିଶ୍ୱାସ କରୁଥିବା ଈଶ୍ୱରଙ୍କୁ ପ୍ରାର୍ଥନା କଲେ ରାଜାଙ୍କ ଜୀବନ ରକ୍ଷା ହେବ, ମୁଁ ନିଶ୍ଚୟ ପ୍ରାର୍ଥନା କରିବି। ସେ ସଙ୍ଗେ ସଙ୍ଗେ ଜୀବନରେ କେବେ ବିଶ୍ୱାସ କରୁ ନ ଥିବା ଈଶ୍ୱରଙ୍କୁ ପ୍ରାର୍ଥନା କଲା। ସତକୁ ସତ ରାଜା ସୁସ୍ଥ ହେଲେ। ନାସ୍ତିକ ଲୋକଟି କେବେ ଈଶ୍ୱରଙ୍କୁ ବିଶ୍ୱାସ ନ କଲେ ସୁଦ୍ଧା ଅନ୍ୟ ଜଣକୁ ବଞ୍ଚାଇବା ପାଇଁ ନିଜର ଆଦର୍ଶବିରୋଧୀ କାମଟି କଲା। ଏହା କେବଳ ଜଣେ ଆଧ୍ୟାତ୍ମିକଭାବାପନ୍ନ ମଣିଷ କରିପାରେ। ଏଣୁ ଆଧ୍ୟାତ୍ମିକତା ସହିତ ଈଶ୍ୱର ବିଶ୍ୱାସ ବା ପୂଜାର୍ଚ୍ଚନାର କୌଣସି ଅବିଚ୍ଛେଦ୍ୟ ସମ୍ପର୍କ ନାହିଁ। ଧର୍ମର ଇତିହାସ ଅଧ୍ୟୟନ କଲେ ଜଣାପଡ଼େ ଯେ ପ୍ରଥମ ପର୍ଯ୍ୟାୟରେ ଧର୍ମ ଓ ଆଧ୍ୟାତ୍ମିକତା ଅବିଚ୍ଛିନ୍ନ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କେହି କେହି ଧର୍ମାନୁଷ୍ଠାନ ଭିତରୁ ଆଧ୍ୟାତ୍ମିକ ଅଭିଜ୍ଞତା ଅର୍ଜନ କରିଛନ୍ତି। ମାତ୍ର ଏହି ପର୍ଯ୍ୟାୟରେ ନାନା କୁସଂସ୍କାର, ଅନ୍ଧବିଶ୍ୱାସ ଉତ୍ପତ୍ତି ହୋଇଛି। ପୂର୍ବରୁ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ନ ଥିଲା। ପରେ ଦ୍ୱିତୀୟ ପର୍ଯ୍ୟାୟରେ ଏସବୁର ବିକାଶ ଘଟିଛି। ତତ୍ ସଙ୍ଗେ ସଙ୍ଗେ ପୂଜାପାର୍ବଣ ଓ ବିଭିନ୍ନ ଧର୍ମାନୁଷ୍ଠାନ ମୁଣ୍ଡ ଟେକିଛି। ମଣିଷ ନିଜ ଅନ୍ତଃସତ୍ତାକୁ ଜାଣିବାକୁ ଚେଷ୍ଟା ନ କରି ବାହ୍ୟ ଉପଚାରରେ ଗୁରୁତ୍ୱ ଦେଇଛି। ତା'ପରେ ଆସିଛି ଦୁର୍ଭାଗ୍ୟଜନକ ତୃତୀୟ ପର୍ଯ୍ୟାୟ। ଆନୁଷ୍ଠାନିକ ଧର୍ମରୁ ଶୃଙ୍ଖଳା ଓ ସଂସ୍କୃତି ବିଦାୟ ନେଇଛି। ଆନୁଷ୍ଠାନିକ ଧର୍ମ ହୋଇଛି ଆମୋଦପ୍ରମୋଦର ମାଧ୍ୟମ। ଆଜିକାଲି ଯେଉଁଭଳି ଭାବରେ ଗଣେଶ ପୂଜା, ସରସ୍ୱତୀ ପୂଜା, ଦୁର୍ଗାପୂଜା ଆଦି ଆୟୋଜିତ ହେଉଛି ସେଗୁଡିକ ଦେଖିଲେ ନିଶ୍ଚିତ ହେବାକୁ ପଡ଼େ ଆଧ୍ୟାତ୍ମିକ ଅନୁଭୂତି ଅର୍ଥରେ ଧର୍ମର ମୃତ୍ୟୁ ଘଟିଛି। ଅନ୍ୟ ଭାଷାରେ କହିଲେ, ସାମ୍ପ୍ରତିକ ଧର୍ମାନୁଷ୍ଠାନରେ ଆଧ୍ୟାତ୍ମିକତାର ମୃତ୍ୟୁ ଘଟିଛି।

ମଣିଷ ଯେତେବେଳେ ବାହ୍ୟ ଉପଚାର ଛାଡ଼ି ଚେତନାର ଇଲାକାରେ ପ୍ରବେଶ କରେ ସେତେବେଳେ ତା'ର ଦୃଷ୍ଟିଭଙ୍ଗୀ ବଦଳିଯାଏ। ସେ ବସ୍ତୁବାଦୀ ମୂଲ୍ୟବୋଧକୁ ତ୍ୟାଗ କରେ। ଧନସମ୍ପଦ, ଇନ୍ଦ୍ରିୟ ଲାଳସା, କ୍ଷମତା, ଅର୍ଥଲୋଭ ଆଦି ସୁଖ ବାହାରେ ଆଉ କିଛି ବାସ୍ତବତା ଅଛି ବୋଲି ଅନୁଭବ କରେ। ସେତେବେଳେ ସେ ଜୀବନକୁ ଗଭୀର ଦୃଷ୍ଟିଦେଇ ଦେଖେ। ଭୌତିକ ସୁଖ ଓ ବିଷୟାସକ୍ତିରେ ଭାସି ନ ଯାଇ ଜୀବନର ରହସ୍ୟ ଖୋଜିବାକୁ ଆରମ୍ଭ କରେ। ସତ୍ୟ ଜାଣିବାକୁ ଚେଷ୍ଟା କରେ। ସେତେବେଳେ ସେ ହୁଏ ଆଧ୍ୟାତ୍ମିକ ପଥର ଯାତ୍ରୀ। ଆଧ୍ୟାତ୍ମିକତାର ଆଧାରଶିଳା ଉପରେ ପ୍ରତିଷ୍ଠିତ ଧର୍ମ ଚିରନ୍ତନ ଓ ବିଶ୍ୱକଲ୍ୟାଣକର ହୁଏ। ଏଣୁ ଧର୍ମର ବାହ୍ୟ ଉପଚାର ଉପରେ ଗୁରୁତ୍ୱ ନ ଦେଇ ଚେତନାର ଅନ୍ତର୍ମୁଖୀ ଯାତ୍ରାକୁ ଗୁରୁତ୍ୱ ଦେଲେ ମଣିଷ ହୁଏ ଆଧ୍ୟାତ୍ମିକ ପଥର ଯାତ୍ରୀ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ମୋ-୯୪୩୭୩୨୯୨୬୩

# ବାଂଲାଦେଶ ନିର୍ବାଚନ



ଶରତ ଚନ୍ଦ୍ର ମିଶ୍ର

ଡିସେମ୍ବର ୩୦, ୨୦୧୮ରେ ବାଂଲାଦେଶରେ ଏକାଦଶ ଜାତୀୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ସଦ୍ୟ ସମାପ୍ତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆୱାମୀ ଲିଗ୍ ୩୦୦ରୁ ୨୬୭ଟି ସ୍ଥାନ ଅଧିକାର କରି ଅଭୂତପୂର୍ବ ସଫଳତା ହାସଲ କରିଛି। ତାଙ୍କର ସହଯୋଗୀ ଦଳ ଜାତୀୟ ପାର୍ଟି ୨୦ଟି ସ୍ଥାନ ପ୍ରାପ୍ତ ହୋଇଛି। ଜାତୀୟ ପାର୍ଟିର ନେତା ହେଉଛନ୍ତି ପୂର୍ବତନ ମିଲିଟାରୀ ଶାସକ ଜେନେରାଲ ଏରସାଦ। ଦେଶର ମୁଖ୍ୟ ବିରୋଧୀ ଦଳ ବାଂଲାଦେଶ ଜାତୀୟ ଦଳ ଅନ୍ୟାନ୍ୟ ଛୋଟ ଛୋଟ ୧୦ଟି ଦଳ ସହିତ ମିଶି ଜାତୀୟ ମିଳିତ ସାମ୍ମୁଖ୍ୟ ଗଠନ କରି ପ୍ରମୁଖ ବିରୋଧୀ ଭାବରେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲା। ଏହି ସାମ୍ମୁଖ୍ୟର ନେତୃତ୍ୱ ନେଇଥିଲେ ପ୍ରବୀଣ ନେତା ଡ. କମାଲ ହୋସେନ ଏବଂ କେତେକ ସ୍ୱାଧୀନତା ସଂଗ୍ରାମୀ କାଦେର ସିଦ୍ଦିକଙ୍କ ନେତୃତ୍ୱରେ ଏଥିରେ ଯୋଗଦେଇଥିଲେ। ଡ. କମାଲ ହୋସେନ ଏକଦା ଆୱାମୀ ଲିଗ୍‌ର ପ୍ରମୁଖ ନେତା ଥିଲେ। ସେ ଶେଖ୍ ମୁଜିବୁର ରହେମାନଙ୍କ ସରକାରରେ ମନ୍ତ୍ରୀ ଥିଲେ। ସେ ଏକଦା (୧୯୮୨) ରାଷ୍ଟ୍ରପତି ପଦ ନିମନ୍ତେ ଆୱାମୀ ଲିଗ୍ ତରଫରୁ ପ୍ରାର୍ଥୀ ହୋଇଥିଲେ ଓ ବାଂଲାଦେଶର ପ୍ରଥମ ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ୮୨ ବର୍ଷ ବୟସ୍କ ପ୍ରବୀଣ ଆଇନଜ୍ଞଙ୍କୁ ବାଂଲାଦେଶର ଆମ୍ବେଦକର ବୋଲି କୁହାଯାଏ। ଜାତୀୟ ମିଳିତ ସାମ୍ମୁଖ୍ୟ ମାତ୍ର ସାତଟି ଆସନ ପ୍ରାପ୍ତ ହୋଇଛି।

ବାଂଲାଦେଶ ଜାତୀୟ ପାର୍ଟି ଆଗରୁ ଦୁଇଥର ନିର୍ବାଚନରେ ଜୟ ଲାଭ କରିଥିଲା ଓ ଏହାର ନେତ୍ରୀ ବେଗମ୍ ଖାଲେଦା ଜିଆ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ବର୍ତ୍ତମାନ ଖାଲେଦା ଜିଆ ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗୁଛନ୍ତି। ଦଳର ଜେନେରାଲ ସେକ୍ରେଟାରି, ତାଙ୍କ ପୁତ୍ର ତାରେକ ରହେମାନ ମଧ୍ୟ ଦୁର୍ନୀତି ଅଭିଯୋଗରେ ଦଣ୍ଡିତ ହୋଇ ଦେଶରୁ ଫେରାର ଅଛନ୍ତି। ନେତୃତ୍ୱହୀନ ହୋଇ ଦଳ କମାଲ ହୋସେନଙ୍କ ନେତୃତ୍ୱକୁ ମାନି ନେଇଥିଲା।

ଦ୍ୱିତୀୟରେ ୨୦୧୪ ନିର୍ବାଚନକୁ ବାଂଲାଦେଶ ଜାତୀୟ ଦଳ ବର୍ଜନ କରି ସେଥିରେ ଭାଗ ନେଇ ନ ଥିଲା। ଫଳତଃ ଦଳ ଗତ ପାଞ୍ଚବର୍ଷ ଧରି ନିଷ୍କ୍ରିୟ ଥିଲା। ବାଂଲାଦେଶ ସମ୍ବିଧାନରେ ଏକ ଧାରା ଥିଲା ଯେ, ନିର୍ବାଚନ ଏକ ମଧ୍ୟବର୍ତ୍ତିକାଳୀନ ନିରପେକ୍ଷ ସରକାର ହିଁ ପରିଚାଳନା କରିବେ। ସାଧାରଣତଃ ପ୍ରଧାନ ବିଚାରପତି ଅଥବା ସେନାଧ୍ୟକ୍ଷ ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ମୁଖ୍ୟ ହୁଅନ୍ତି। ଏହିପରି ଏକ ସେନାଚାଳିତ ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ନିର୍ବାଚନ ପରିଚାଳନା ପ୍ରକ୍ରିୟାରେ ଶେଖ୍ ହାସିନା ୨୦୦୯ରେ କ୍ଷମତାସୀନ ହୋଇଥିଲେ। ହାସିନା କ୍ଷମତାକୁ ଆସିଲା ପରେ ଏହି ବ୍ୟବସ୍ଥାଟିକୁ ସମ୍ବିଧାନ ସଂଶୋଧନ କରି ଲୋପ କରିଦେଲେ। ଏହାର ପ୍ରତିବାଦରେ ବାଂଲାଦେଶ ଜାତୀୟ ଦଳ ୨୦୧୪ ନିର୍ବାଚନରେ ଭାଗ ନେଲାନାହିଁ ଓ ଜାତୀୟ ସଂସଦକୁ ଆୱାମୀ ଲିଗ୍‌ର ୧୫୩ ଜଣ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହେଲେ।

ହାସିନାଙ୍କ ଗତ ଦଶବର୍ଷର ଶାସନ କାଳରେ ଦେଶରେ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଘଟିଛି। ଦେଶର ଆର୍ଥିକ ଅଭିବୃଦ୍ଧି ପ୍ରାୟ ବର୍ଷକୁ ୬ ପ୍ରତିଶତ। ବାଂଲାଦେଶୀମାନେ ବିଦେଶରୁ ସ୍ୱଦେଶକୁ ପ୍ରଚୁର ଅର୍ଥ ପ୍ରେରଣ କରୁଛନ୍ତି। ଆମେରିକୀୟ କମ୍ପାନୀଗୁଡ଼ିକର ପୁଞ୍ଜି ଲଗାଣ ବୃଦ୍ଧି ପାଇଛି ଏବଂ ବାଂଲାଦେଶ ବର୍ତ୍ତମାନ ଚାଇନା ପଛକୁ ପୃଥିବୀର ଦ୍ୱିତୀୟ ବୃହତ୍ ପୋଷାକ ରପ୍ତାନିକାରୀ ଦେଶ। ରୁଷିଆ ବାଂଲାଦେଶରେ ଏହାର ପ୍ରଥମ ଆଣବିକ ଶକ୍ତି କାରଖାନା ନିର୍ମାଣ କରୁଛି।

ଶେଖ୍ ମୁଜିବୁର ରହେମାନଙ୍କ ତନୟା ହାସିନା ପ୍ରଥମେ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇଥିଲେ। ପୁଣି ୨୦୦୯ ଜାନୁୟାରୀରେ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ଭାବରେ ଦଶବର୍ଷ ହେଲା ଅଛନ୍ତି। ତାଙ୍କ ସମୟରେ ଦେଶରେ ସ୍ଥିରତା ଓ ପ୍ରଗତି ଘଟିଥିଲେ ମଧ୍ୟ ମାନବିକ ଅଧିକାର ଉଲ୍ଲଂଘନ ଓ ଗଣତାନ୍ତ୍ରିକ ବାତାବରଣ ଅଭାବର ଅଭିଯୋଗ ହୁଏ। ଗତ ନିର୍ବାଚନରେ ମଧ୍ୟ ହିଂସାକାଣ୍ଡ ଘଟି ୧୭ ଜଣଙ୍କର ପ୍ରାଣହାନି ଘଟିଛି। ବିରୋଧୀ ଦଳ ନିର୍ବାଚନରେ ବ୍ୟାପକ ଜାଲିଆତିର ଅଭିଯୋଗ କରି ପୁନଃନିର୍ବାଚନ ଦାବି କରିଛନ୍ତି। ପାଶ୍ଚାତ୍ୟ ଦେଶର ଗଣମାଧ୍ୟମ ଓ ପାକିସ୍ତାନର ଗଣମାଧ୍ୟମ ମଧ୍ୟ ଏହି ଅଭିଯୋଗ ଆଣିଛନ୍ତି। ପ୍ରତିବାଦ କରି ଜାତୀୟ ମିଳିତ ସାମ୍ମୁଖ୍ୟର ସାତଜଣ ସଦସ୍ୟ ଜାତୀୟ ସଂସଦରେ ଶପଥ ଗ୍ରହଣ କରିନାହାନ୍ତି। ୯୦ ଦିନ ମଧ୍ୟରେ ଶପଥ ଗ୍ରହଣ ନ କଲେ ସେମାନଙ୍କ ସଦସ୍ୟ ପଦ ବାତିଲ ହୋଇଯିବ। ଆମେରିକା ଓ ୟୁରୋପୀୟ ସଂଘ ହିଂସାକାଣ୍ଡ, ଜାଲିଆତି ଓ ଭୋଟଦାନରେ ବାଧା ସୃଷ୍ଟି ଇତ୍ୟାଦି ଅଭିଯୋଗର ତଦନ୍ତ କରିବା ନିମନ୍ତେ ନୂତନ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ହାସିନା ବର୍ତ୍ତମାନ ଦେଶର ସବୁଠାରୁ ଜନପ୍ରିୟ ଓ ପ୍ରଭାବଶାଳୀ ନେତ୍ରୀ। ସେ ଜଣେ ଦକ୍ଷ ଶାସକ ଭାବରେ ପ୍ରଶଂସିତ ଓ ପ୍ରଭୁତ୍ୱବାଦୀ ବ୍ୟକ୍ତି ଭାବରେ ସମାଲୋଚିତ। ବେଗମ୍ ଖାଲେଦା ଜିଆଙ୍କ କାରାବରଣ ପରେ ଦେଶରେ ତାଙ୍କ ସମକକ୍ଷ ନେତା ଆଉ ନାହାନ୍ତି। ଖାଲେଦା ଜିଆ ମଧ୍ୟ ତାଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ବ୍ୟାପକ ଦୁର୍ନୀତି ହେତୁ ଜନପ୍ରିୟତା ହରାଇ ବସିଛନ୍ତି।

ହାସିନାଙ୍କର ଗତ ଦଶବର୍ଷର ଶାସନ କାଳରେ ଭାରତ ସହ ତାଙ୍କ ଦେଶର ସମ୍ପର୍କରେ ଉନ୍ନତି ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ତାଙ୍କୁ ଅଭିନନ୍ଦନ ଜଣାଇବାରେ ପ୍ରଥମ ବିଦେଶୀ ନେତା। ବାଂଲାଦେଶ ସାଙ୍ଗରେ ତିସ୍ତା ନଦୀଜଳ ବଣ୍ଟନ ସମ୍ବନ୍ଧୀୟ ଚୁକ୍ତି ସ୍ୱାକ୍ଷର ବାକି ଅଛି। ବାଂଲାଦେଶୀଙ୍କ ଭାରତରେ ଅନୁପ୍ରବେଶ ଓ ରୋହିଙ୍ଗ୍ୟା ମୁସଲମାନଙ୍କ ପ୍ରତ୍ୟର୍ପଣ ଆଦି ସମସ୍ୟା ମଧ୍ୟ ରହିଛି। ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ବାଂଲାଦେଶୀ ଭିଜା ନେଇ ଭାରତ ଆସନ୍ତି। ସେମାନଙ୍କର ସୁବିଧା ନିମନ୍ତେ ବର୍ତ୍ତମାନ ଭାରତ ସରକାର ବାଂଲାଦେଶର ୧୫ଟି ଜାଗାରେ ଭିଜା ପ୍ରଦାନର ସୁବିଧା ଉପଲବ୍ଧ କରାଉଛନ୍ତି। ଦୁଇ ଦେଶର ବ୍ୟବସାୟ ବାଣିଜ୍ୟରେ ଉନ୍ନତି ନିମନ୍ତେ ଭାରତ ବାଂଲାଦେଶକୁ ସାଢ଼େ ୨ ବିଲିୟନ ଡଲାର ଋଣ ପ୍ରଦାନ କରିଛି ଏବଂ ଉଭୟ ଦେଶର ବାଣିଜ୍ୟରେ ଉନ୍ନତି ଘଟିଛି।

ହାସିନାଙ୍କ ସରକାର ଚାଇନା ସାଙ୍ଗରେ ସମ୍ପର୍କ ଉତ୍ତମ ରଖିଛନ୍ତି। କିନ୍ତୁ ଚାଇନାକୁ ତାଙ୍କ ଦେଶରେ ପ୍ରାଧାନ୍ୟ ପ୍ରଦାନ କରୁନାହାନ୍ତି। ହାସିନାଙ୍କ ନିର୍ବାଚନ ଭାରତ ପ୍ରତି ଶୁଭକାରକ। ତାଙ୍କ ସମୟରେ ବାଂଲାଦେଶରେ ଭାରତ ବିରୋଧୀ ମନୋଭାବ ହ୍ରାସ ପାଇଛି ଏବଂ ଆଗକୁ ଉଭୟ ଦେଶର ବିଭିନ୍ନ ସମସ୍ୟା ସମାଧାନର ବାଟ ଫିଟିବ ବୋଲି ଆଶା କରାଯାଏ।

ମୋ-୯୯୩୭୪୨୨୫୨୧

## ଏଇ ଭାରତରେ

ବିବାହ ଏକ ପବିତ୍ର ବନ୍ଧନ। ଏହା ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନ କରେ। କାହିଁ କେଉଁ ଅନାଦି କାଳରୁ ଏହି ପରମ୍ପରା ଚଳିଆସୁଛି। ବିବାହ ପରେ ପୁରୁଷ-ସ୍ତ୍ରୀ ମଧ୍ୟରେ ଦୈହିକ ସମ୍ପର୍କ ପବିତ୍ର। କିନ୍ତୁ ରାଞ୍ଚିର ଜନଜାତି ସମ୍ପ୍ରଦାୟ ବିବାହ ନ କରି ଦୀର୍ଘବର୍ଷ ଧରି ଏକତ୍ର ରହି ଆସୁଛନ୍ତି। ଏହା ପଛର ଅସଲ କାରଣ ହେଉଛି ବିବାହ ଉତ୍ସବରେ ଖର୍ଚ୍ଚକରିବା ଲାଗି ସେମାନଙ୍କ ପାଖରେ ଟଙ୍କା ନାହିଁ। ସେମାନଙ୍କ ଅସୁବିଧା ସମ୍ପର୍କରେ ଅବଗତ ହେବା ପରେ ଏଠାରେ ସାମାଜିକ ସେବା ଜାରି ରଖୁଥିବା ଏକ ସଂଗଠନ ଅଭାବୀ ଲୋକମାନଙ୍କର ବିବାହ କରାଉଛି। କେତେକ ଲୋକ ଏଠାରେ ୪୦ବର୍ଷରୁ ଅଧିକ ହେଲା ଏକାଠି ରହି ଆସୁଛନ୍ତି। ପିଲାଛୁଆ ହୋଇଥିଲେ ମଧ୍ୟ ଏହି ଦମ୍ପତି ଏ ପର୍ଯ୍ୟନ୍ତ ବିବାହ କରିନାହାନ୍ତି। ୨୦୧୬ରେ ଏଭଳି ୨୧ ଦମ୍ପତିଙ୍କର ବିବାହ କରାଯାଇଥିବାବେଳେ ୨୦୧୭ରେ ୪୩ ଏବଂ ୨୦୧୮ରେ ୧୩୨ ଦମ୍ପତିଙ୍କର ବିବାହ ହୋଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଓରାନ୍, ମୁଣ୍ଡା ଏବଂ ହୋ ଆଦି ଜନଜାତି ସମ୍ପ୍ରଦାୟର ଅନେକ ଲୋକ ଲିଭ୍-ଇନ୍-ରିଲେଶନ୍‌ଶିପ୍‌ରେ ରହି ଆସୁଛନ୍ତି।

## ଚିରନ୍ତନୀ

ବିରାଜିଲ ଧରାଧାମେ ଅଭିରାମ
ଅଦ୍ୱିତୀୟ ସତ୍ୟ
ମାନବର ବୁଦ୍ଧି ପରେ ବଢ଼ାଇଲ
ଆପଣା ମହତ୍ତ୍ୱ।
କର୍ମର ପ୍ରେରଣା ତୁମେ ବିଶ୍ୱର
ଆଳସ୍ୟହାରୀ ସୁଧା
କ୍ଷୁଦ୍ରର ଆକାଶ-ଚାନ୍ଦ କ୍ଷୁଧିତର
ହେ ଚରମ କ୍ଷୁଧା!
(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜାନୁୟାରୀ ୧୯୯୪

- ଆଙ୍ଗୋଲା ଗୃହଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସହାୟତା କରିବା ପାଇଁ ଅଷ୍ଟ୍ରେଲିଆ ଜରୁରିକାଳୀନ ଅର୍ଥ ସହାୟତା ପ୍ରଦାନ କରିବାକୁ ନିଷ୍ପତ୍ତି।
- ଦକ୍ଷିଣ କାଲିଫର୍ଣ୍ଣିଆର ଲସ୍ ଏଞ୍ଜେଲସଠାରେ ଭୟାବହ ଭୂମିକମ୍ପ ଘଟି ୫୦ ଜଣଙ୍କ ମୃତ୍ୟୁ।
- କଂଗ୍ରେସ (ଇ) ସଭାପତି ପି.ଭି. ନରସିଂହ ରାଓ ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦରେ ବୀରାପ୍ପା ମୋଇଲିଙ୍କୁ ଅବ୍ୟାହତ ରଖିଛନ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | 3 | | 0 | | | | | | | 4 | 2 | | B |
| | 7 | 9 | C | | | | | 8 | 1 | | B | | 5 | |
| | | 8 | 1 | | | | A | | 5 | | 7 | | | |
| D | | 2 | | | | 0 | | 1 | | E | | | | |
| | 0 | | 8 | | A | E | 5 | | | D | | | 7 | |
| | 9 | | | | | 5 | 0 | | | | A | | | E |
| | | 7 | | | | | 9 | 3 | C | 4 | 6 | | | |
| | | | | | 0 | | | | 7 | B | E | | A | 1 |
| | | 1 | | B | | | | 6 | 8 | 5 | | 3 | 0 | C |
| C | | | | | | | | | | | | 4 | D | |
| | 2 | 5 | | | | 6 | | A | | 9 | | | | |
| | 8 | | | C | | | | | | | | E | | |
| 7 | | | | 4 | | | 8 | 0 | | C | 5 | | | |
| | 1 | | 2 | 9 | | 3 | | | D | | | B | 8 | |
| | B | 4 | | | | | | 5 | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 1 | A | C | B | 6 | 4 | 8 | 7 | 0 | 2 | E | 3 | 5 |
| 4 | 6 | 2 | 7 | E | 1 | C | B | A | 8 | 3 | 5 | D | 0 | 9 |
| 0 | 7 | 3 | 5 | 9 | 4 | 1 | D | E | 6 | B | A | 2 | C | 8 |
| B | 8 | A | D | 3 | 0 | 5 | 7 | 2 | E | C | 9 | 6 | 1 | 4 |
| C | E | 5 | 8 | 2 | 6 | 3 | 9 | 0 | D | 4 | 1 | 7 | A | B |
| A | B | D | 6 | 7 | 2 | E | 0 | 4 | 3 | 8 | C | 5 | 9 | 1 |
| 2 | 0 | 6 | 1 | D | 5 | 9 | 3 | B | A | 7 | E | 8 | 4 | C |
| E | 4 | 9 | B | 8 | 3 | D | 1 | C | 0 | 5 | 6 | A | 7 | 2 |
| 1 | C | 8 | 9 | 4 | E | 7 | A | 5 | 2 | D | B | 0 | 6 | 3 |
| 3 | 5 | 7 | C | 0 | A | 2 | 8 | 6 | 9 | 1 | 4 | B | E | D |
| 6 | 1 | C | 0 | B | 7 | 4 | E | 9 | 5 | 2 | 8 | 3 | D | A |
| 9 | 3 | 4 | 2 | 6 | D | A | 5 | 1 | B | E | 0 | C | 8 | 7 |
| 7 | A | 0 | E | 5 | C | 8 | 2 | D | 4 | 9 | 3 | 1 | B | 6 |
| 5 | D | E | 4 | A | 8 | B | C | 3 | 1 | 6 | 7 | 9 | 2 | 0 |
| 8 | 2 | B | 3 | 1 | 9 | 0 | 6 | 7 | C | A | D | 4 | 5 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନିଶା ସମ୍ପୂର୍ଣ୍ଣ ବନ୍ଦ ହେଉ

ମହାଶୟ,

ନିଶା ଏକ ମାରାତ୍ମକ ଜିନିଷ। ମଣିଷ ଯେତେବେଳେ ନିଶାଗ୍ରସ୍ତ ହୋଇଯାଏ ସେତେବେଳେ ସେ ହିତାହିତ ଜ୍ଞାନ ଭୁଲିଯାଏ। ନିଶାଖୋର ବ୍ୟକ୍ତି ଅନେକ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହନ୍ତି। ସମାଜରେ ତାଙ୍କର ମାନସମ୍ମାନ ରହେନାହିଁ। ଯେତେବେଳେ ଅସାମାଜିକ କାର୍ଯ୍ୟକଳାପ ଦ୍ୱାରା ନିଜକୁ ବା ନିଜ ଜୀବନକୁ ବୃଥା ମନେକରେ ସେତେବେଳେ ତା'ର ଆତ୍ମହତ୍ୟାପ୍ରବଣତା ଜାଗ୍ରତ ହୁଏ। ତେଣୁ ଆମ ରାଜ୍ୟରେ ବିହାର ପରି ସମ୍ପୂର୍ଣ୍ଣ ମଦ ବନ୍ଦ କରାଯିବା ସହ ସବୁ ପ୍ରକାର ନିଶା ସେବନକୁ ନିରୁତ୍ସାହିତ କରାଯିବା ଉଚିତ।

ଅଜିତ ବେଉରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

### ବଳାତ୍କାରୀଙ୍କୁ ଦଣ୍ଡ ମିଳୁ

ରାଜ୍ୟରେ ବଳାତ୍କାରୀମାନଙ୍କୁ କଠୋର ଦଣ୍ଡ ଦିଆଯାଉ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଅସଦାଚରଣ ଥମୁନାହିଁ। ପୋଲିସର କାର୍ଯ୍ୟାନୁଷ୍ଠାନ ଆଖିଦୃଶିଆ ନୁହେଁ। ଆଇନକୁ ଲଂଘନ କରି ସମାଜରେ ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆ ନ ଯାଉ। ଏଥିପାଇଁ ନାରୀମାନଙ୍କୁ ସମ୍ମାନ ମିଳିବା ବଦଳରେ ସେମାନଙ୍କ ପକ୍ଷରୁ ନ୍ୟାୟଭିକ୍ଷା କରାଯାଉଛି। ଏପରିକି ପିପିଲିର ବେବିନା, ସାଲେପୁର ନାବାଳିକା ପ୍ରତି ବଳାତ୍କାର ଘଟଣା ଲୋମହର୍ଷଣକାରୀ। ଗୋଟିଏ ପରେ ଗୋଟିଏ ଘଟଣା ମହିଳାଙ୍କ ସମ୍ମାନରେ ଆଘାତ ଆଣୁଛି। ଭବିଷ୍ୟତରେ ଏହାର ପୁନରାବୃତ୍ତି ନ ହେଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଶ୍ରୀମନ୍ଦିରରେ ବିଶୃଙ୍ଖଳା

ଶ୍ରୀମନ୍ଦିର ସେବାୟତ ଓ ସରକାରଙ୍କ ମଧ୍ୟରେ ବିଚାରବିମର୍ଶ ସର୍ବଦା ଚାଲିଛି। କିନ୍ତୁ ସମସ୍ୟାର ସମାଧାନ ହେଉନାହିଁ। ସେବାୟତ କହୁଛନ୍ତି, ଶ୍ରୀଜଗନ୍ନାଥ ଆମ ପୈତୃକ ସମ୍ପତ୍ତି, ଏଥିରେ ଆଉ କାହାରି ଅଧିକାର ନାହିଁ। ସରକାର ଆମ କଥାକୁ ଗ୍ରହଣ କରନ୍ତୁ, ତା' ନ ହେଲେ ନୀତି ବନ୍ଦ। ସରକାର ଦୃଢ଼ ପଦକ୍ଷେପ ନେଉନାହାନ୍ତି। ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଯଦି ଦର୍ଶନ ନ କରି ଫେରିନ୍ତି ଓଡ଼ିଶାକୁ ଆଉ ଆସିବେ କି?

ପ୍ରଭାତ ପାଣି, ବଡ଼ବାଗସାହି, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ। - ଇମରସନ

## ସଂକ୍ଷେପରେ

### ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ
## ବଲାଙ୍ଗୀରକୁ ହରାଇ ସମ୍ବଲପୁର ବିଜୟୀ

ମୋହନଗିରି,୧୮।୧(ଡି.ଏନ.ଏ.) କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିରେ ଚାଲିଥିବା ଧବଳେଶ୍ୱର କ୍ରିଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଷଷ୍ଠ ଲିଗ୍ ମ୍ୟାଚରେ ବଲାଙ୍ଗୀରକୁ ହରାଇ ସମ୍ବଲପୁର ବିଜୟୀ ହୋଇଛି । ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ ଜିଣି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଥିଲା । ଜବାବରେ ବଲାଙ୍ଗୀର ଦଳ ୨୦ ଓଭରରେ ଖେଳି ୮ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ବ୍ୟକ୍ତିଗତ ଭାବେ ୬୪ ରନ ସଂଗ୍ରହ କରିଥିବା ସମ୍ବଲପୁରର ସଞ୍ଜୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା । ମ୍ୟାଚରେ ଅମ୍ପିୟାର ଭାବରେ ସତ୍ୟ ମାହାପାତ୍ର ଓ ରାଧାକାନ୍ତ ବେହେରା ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ ସ୍ୱପ୍ନେଶ୍ୱର କର୍ମୀ, ଜଳେଶ୍ୱର ସାହୁ, ସ୍କୋର ବୋର୍ଡରେ ସୁନିଲ କୁମାର ଭୋଇ ଓ ଚନ୍ଦ୍ରଭାନୁ ବେହେରା ଦାୟିତ୍ୱ ତୁଲାଇଥିଲେ । ୧୯ ତାରିଖରେ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସମ୍ବଲପୁର ଓ ଭାବନୀପାଟଣା ମଧ୍ୟରେ ଅନୁଷ୍ଠିତ ହେବ।

# ଓଡ଼ିଶାର ୪ ଶିଶୁ ପାଇବେ ଜାତୀୟ ସାହସିକତା ପୁରସ୍କାର

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ଓଡ଼ିଶାର ୪ ଶିଶୁଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବ। ସାରା ଦେଶରୁ ୨୧ଜଣ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ୪ଜଣ ମନୋନୀତ ହୋଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶାର ପୁରସ୍କାର ପାଇବାକୁ ଥିବା ଏହି ସାହସୀ ପିଲାମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗରର ସିତୁ ମଲ୍ଲିକ, ସୋନପୁର ତରଭା ଅଞ୍ଚଳର ଝିଲି ବାଗ, କଳାହାଣ୍ଡି ଜିଲା ନକରୁଣ୍ଡି ଅଞ୍ଚଳର ରଞ୍ଜିତା ମାଝି ଓ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକର ବିଶ୍ୱଜିତ ପୁହାଣ।

୧୪ ବର୍ଷୀୟ ସିତୁ ସମ୍ମାନଜନକ 'ବାପୁ ଗଇଧନୀ' ପୁରସ୍କାର ପାଇବେ। ୨୦୧୮ ଫେବୃୟାରୀ ୨୦ରେ ସିତୁଙ୍କ ଦାଦା ବିନୋଦ ହାତ ଧୋଇବା ପାଇଁ ନଦୀକୁ ଯାଇଥିବା ସମୟରେ ଗୋଟିଏ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ସିତୁ ଏକ ବାଉଁଶରେ କୁମ୍ଭୀର ମୁଣ୍ଡକୁ ବାଡ଼େଇ ତାଙ୍କ ଦାଦାଙ୍କ ଜୀବନ ବଞ୍ଚାଇଥିଲେ। ନିଜ ଦାଦାଙ୍କୁ କୁମ୍ଭୀର କବଳରୁ ରକ୍ଷା କରିଥିବାରୁ ସିତୁଙ୍କୁ ଏହି ସାହସିକତା ପୁରସ୍କାର ମିଳିବ।



ଜାତୀୟ ସାହସିକତା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ୪ ଶିଶୁ।

ସେହିପରି ୨୦୧୮ ଜୁନ ୧୬ରେ ୮ବର୍ଷୀୟା ଝିଲି ବାଗ ତାଙ୍କ ସାନ ଭଉଣୀ ମିଲି ସହିତ ଏକ ଅବ୍ୟବହୃତ କୂଅ ପାଖରେ ଖେଳୁଥିଲେ। ଅସାବଧାନତା ଯୋଗୁ ମିଲି କୂଅରେ ପଡ଼ି ଯାଇଥିଲେ। ଝିଲି ଉପସ୍ଥିତ ବୁଦ୍ଧି ଖଟାଇ ସାଙ୍ଗମାନଙ୍କୁ ପରିବାର ଓ ଗାଁ ଲୋକଙ୍କୁ ଡାକିବାକୁ ପଠାଇଦେବା ସହ ଭଉଣୀକୁ ଉଦ୍ଧାର କରିବାକୁ ୨୫ ଫୁଟ ଗଭୀର କୂଅ ଭିତରକୁ ଡେଇଁ ପଡ଼ିଥିଲେ। ଝିଲି କୂଅ ଭିତରେ ମିଲିଙ୍କୁ ୨୦ମିନିଟ୍ ପର୍ଯ୍ୟନ୍ତ ଦୁଇ ହାତରେ ଧରି ଛିଡା ହୋଇ ରହିଥିଲେ। ପରିବାର ଓ ଗାଁ ଲୋକେ ଆସିବା ପରେ ସେମାନଙ୍କୁ କୂଅରୁ ଉଦ୍ଧାର କରାଯାଇଥିଲା।

୨୦୧୭ ଅକ୍ଟୋବର ୧୪ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଇଚ୍ଛାପୁର ଗାଁର ୫ ବର୍ଷୀୟା ବାଳିକା ମାମୁନି ବିଶ୍ୱାଳ ତାଙ୍କ ଖୁଡ଼ୀ ସହିତ କେନାଲକୁ ଯାଇଥିଲେ। କେନାଲ ପାଖରେ ସେ ଖେଳୁଥିବା ବେଳେ ପାଣିକୁ ଖସି ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା ବିଶ୍ୱଜିତ ପୁହାଣ(୧୦) ଜୀବନକୁ ବାଜି ଲଗାଇ କେନାଲକୁ ଡେଇଁ ୬ରୁ ୭ ଫୁଟ୍ ଗଭୀର ପାଣିରୁ ମାମୁନିଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତାଙ୍କ ଘରେ ଛାଡ଼ିଥିଲେ।

କଳାହାଣ୍ଡି ଜିଲାର ରଞ୍ଜିତା ମାଝି ସପ୍ତମ ଶ୍ରେଣୀରେ ପଢୁଥିଲେ। ଏହି ବୟସରେ ତାଙ୍କ ବାପା ଜଣେ ମଦ୍ୟପଙ୍କ ସହିତ ତାଙ୍କର ବାହାଘର ଠିକ କରିଦେଇଥିଲେ। କିନ୍ତୁ ରଞ୍ଜିତା ପଢ଼ିବାକୁ ଚାହୁଁଥିଲେ। ତେଣୁ ସେ ତାଙ୍କ ବାପାଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ସେଥିପାଇଁ ସେ ପୂଜାଛୁଟିରେ ଘରକୁ ନ ଯାଇ ହଷ୍ଟେଲ୍‌ରେ ରହିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜରିଆରେ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଜିଲାପାଳଙ୍କ ନିକଟରେ କଥା ପହଞ୍ଚିଥିଲା। ଜିଲାପାଳ ଘଟଣାକୁ ଗୁରୁତର ସହ ନେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ଶିଶୁ କଲ୍ୟାଣ ସମିତି କର୍ମକର୍ତ୍ତା ସ୍କୁଲରୁ ରଞ୍ଜିତା ଓ ତାଙ୍କ ଘରୁ ଅନ୍ୟ ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ସେମାନେ ବର୍ତ୍ତମାନ ବାଳ ସୁଧାର ଗୃହରେ ରହି ପଢୁଛନ୍ତି। ରଞ୍ଜିତାଙ୍କ ଏପରି ଉଦ୍ୟମ ପାଇଁ ତାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯିବ।

**କେନ୍ଦ୍ରାପଡ଼ାର ସିତୁ, ସୋନପୁରର ଝିଲି, କଳାହାଣ୍ଡିର ରଞ୍ଜିତା, ଜଗତ୍‌ସିଂହପୁରର ବିଶ୍ୱଜିତ ମନୋନୀତ**

## ଭିସୁଟ୍ ଛାତ୍ରୀଙ୍କୁ ପିଛା କରି ୨ ଅଭିଯୁକ୍ତ ଗିରଫ

ଚିପିଲିମା, ୧୮।୧ (ଡି.ଏନ୍.ଏ.)

ସ୍ଥାନୀୟ ଭିସୁଟ୍‌ର ଜଣେ ଛାତ୍ରୀ ନିକଟସ୍ଥ ସାଇଫନ ଅଞ୍ଚଳରେ ବୁଲାବୁଲି କରୁଥିବାବେଳେ ତାଙ୍କୁ ପିଛା କରି ୨ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ସମ୍ବଲପୁର କ୍ଷେତରାଜପୁର ଥାନା ଅଧୀନ ବଡବଜାରର ମଣ୍ଟୁ ପୃଷେଟ ଓ ଗୋଶାଳାର କୃପାସିନ୍ଧୁ ଘୁର୍ଲିଆ। ଏମାନେ ଯୁବତୀଙ୍କ ଫଟୋ ଏବଂ ଭିଡିଓ ଉଠାଇ ଟଙ୍କା ଦାବି କରୁଥିଲେ। ହେଲେ ଛାତ୍ରୀଜଣକ ପ୍ରତିବାଦ କରିବାରୁ ସେମାନେ ସୋସିଆଲ୍ ମଡିଆରେ ଭାଇରାଲ୍ କରିବେ ବୋଲି ଧମକ ଦେଇ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଚେତାବନୀ ମଧ୍ୟ ଦେଇଥିଲେ। ଅଭିଯୋଗ ପାଇବା ପରେ ବୁର୍ଲା ଥାନା ପୋଲିସ୍ ଏକ ମାମଲା ରୁଜୁ କରି ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ମୁଙ୍ଗାଲାଲ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡାଉତ୍ସବ

ସମ୍ବଲପୁର, ୧୮।୧ (ବ୍ୟୁରୋ)

ମୁଙ୍ଗାଲାଲ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଓ ବିଜ୍ଞାନ ମେଳା ଶୁକ୍ରବାର ବଡବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୃଷ୍ଣ ଚନ୍ଦ୍ର ସରାଫଙ୍କ ପରିଚାଳନା ଉତ୍ସବ ହୋଇଥିଲା। ଅନ୍ତର୍ଜାତୀୟ ମାଷ୍ଟର୍ସ ଆଥ୍‌ଲେଟ୍ ସୁନ୍ଦରମଣୀ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଗୋପାଳ ପାତ୍ର, ପ୍ରଶାନ୍ତ ଶତପଥୀ, ଚୈତାଲି ଦତ୍ତ ଇଭେଣ୍ଟ ପରିଚାଳନା କରିଥିଲେ । ସ୍କୁଲ ସମ୍ପାଦକ ପବନ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଜପା ଅନୁସୂଚିତ ଜନଜାତିର ବୈଠକ

ସମ୍ବଲପୁର, ୧୮।୧ (ବ୍ୟୁରୋ)

ସମ୍ବଲପୁର ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଜିଲାସ୍ତରୀୟ କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କଚେରୀ ରୋଡସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ବେଣୁଧର ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା । ରାଜ୍ୟ ଉପସଭାନେତ୍ରୀ ସୁକେଶି ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନାଉରୀ ନାୟକ, ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ଫୁଟବଲ ଟୁର୍ନାମେଣ୍ଟରେ ଧୁଚୁରାପଡା ବିଜୟୀ

ସମ୍ବଲପୁର, ୧୮।୧ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଧୁଚୁରାପଡା ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଧୁଚୁରାପଡା ବନାମ ସିଂହପାଲି ମଧ୍ୟରେ ମ୍ୟାଚ ଆକର୍ଷଣୀୟ ହୋଇଥିଲା । ଶେଷରେ ଧୁଚୁରାପଡା ୪-୧ ଗୋଲରେ ବିଜୟୀ ହୋଇଥିଲା । ନୃସିଂହଗୁରୁ ଟାଉନ ହାଇସ୍କୁଲ ଖେଳ ଶିକ୍ଷକ ଜଗବନ୍ଧୁ ବେହେରା, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥୀ, ସନ୍ତରଣ କୋଚ ଆଶୁତୋଷ ନାୟକ, ମହମ୍ମଦ ପରଭେଜ୍ ଓ ପଦ୍ମ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ସିଂହପାଲିର ଖେଳାଳି ସୁଶାନ୍ତ ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଫୁଟବଲ ସମ୍ପାଦକ ଅବଦୁଲ ଗଫାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଅତିଥିମାନେ ସମ୍ବଲପୁର ସିଂହପାଲି ଖେଳାଳି ସୁଶାନ୍ତ ଓରାମଙ୍କୁ ପୁରସ୍କୃତ କରୁଛନ୍ତି ।

### ■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା
# ଥାନାରେ ଅଭିଯୋଗ କଲା ବୋର୍ଡ

କଟକ ଅଫିସ/ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପରିଚାଳନାଧୀନ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ(ଓଟିଇଟି) ପ୍ରଶ୍ନପତ୍ର ପରୀକ୍ଷା ଆରମ୍ଭ ହେବାର କିଛି ସମୟ ପରେ ଲିକ୍ ହୋଇଥିଲା। ଫଳରେ ପରୀକ୍ଷାକୁ ବାତିଲ କରାଯାଇଥିଲାବେଳେ ବୋର୍ଡର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିଛି। ପ୍ରଶ୍ନପତ୍ର ଲିକ୍‌କୁ ନେଇ ବୋର୍ଡ ସଭାପତି ଡ. ଜହାଁ ଆରା ବେଗମ ଶୁକ୍ରବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୪୦୮ ଏବଂ 'ଦ ଓଡ଼ିଶା କଣ୍ଡକ୍ଟ ଅଫ୍ ଏକ୍‌ଜାମିନେଶନ୍ ଆକ୍ଟ ୧୯୮୮'ର ସେକ୍ସନ ୯ ଅନୁଯାୟୀ ଏକ ମାମଲା(୧୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ଶୁକ୍ରବାର ବୋର୍ଡକୁ ନିକଟସ୍ଥ ଥାନାରେ ଅଭିଯୋଗ କରିବା ପାଇଁ କହିବା ପରେ ସଭାପତି ବେଗମ ଥାନାରେ ଅଭିଯୋଗ କରିଛନ୍ତି। ଭୁବନେଶ୍ୱରରେ ଖବରଦାତାମାନଙ୍କୁ ଉପାଧ୍ୟାୟ କହିଥିଲେ, ବୋର୍ଡ ପକ୍ଷରୁ ଘଟଣାର ତଦନ୍ତ ପାଇଁ ଯେଉଁ ଚିଠି ପଠାଯାଇଥିଲା ତାହା ଆମେ ପାଇଛୁ। କିନ୍ତୁ ବୋର୍ଡ ପକ୍ଷରୁ କୌଣସି ଲିଖିତ ଅଭିଯୋଗ କରାଯାଇନାହିଁ। ଲିଖିତ ଅଭିଯୋଗ କରାଗଲେ ଆମେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବୁ। ଏହାସହ କେଉଁଠୁ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଛି ତାହା ମଧ୍ୟ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।

ସଭାପତି ବେଗମ ଅଭିଯୋଗରେ ଦର୍ଶାଇଛନ୍ତି, ବୋର୍ଡ ପକ୍ଷରୁ ଗତ ୧୬ ତାରିଖ ଓଟିଇଟି ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା। ୨୫୧ କେନ୍ଦ୍ରକୁ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପଠାଇ ଦିଆଯାଇଥିଲା। ହେଲେ ପରୀକ୍ଷାର କିଛି ସମୟ ପରେ ଗଣମାଧ୍ୟମରୁ ଆମେ ପ୍ରଶ୍ନପତ୍ର ଲିକ୍ ହୋଇଛି ବୋଲି ଜାଣିବାକୁ ପାଇଥିଲୁ। ଯାଞ୍ଚ କରିବାରୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ସହ ଆମର ପ୍ରଶ୍ନପତ୍ର ସମାନ ଥିବା ଜାଣିବାକୁ ପାଇଥିଲୁ। ତେଣୁ ତୁରନ୍ତ ପରୀକ୍ଷା ବାତିଲ କଲୁ। ଘଟଣାର ତଦନ୍ତ କରି ଦୋଷୀଙ୍କୁ ଧରିବା ପାଇଁ ସେ ଉଲ୍ଲେଖ କରିଛନ୍ତି।

ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ଆମେ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛୁ। କେଉଁ ସ୍ଥାନରୁ ପ୍ରଶ୍ନପତ୍ର ଲିକ୍ ହୋଇଥିଲା ତାହା ଉପରେ ଆମେ ପ୍ରଥମେ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି।

### ■ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ
# ସାଇବର ନିରାପତ୍ତା ଦେଶ ପାଇଁ ବଡ଼ ଚ୍ୟାଲେଞ୍ଜ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ଦେଶରେ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଛି। ଅପରାଧୀମାନେ ଦେଶରେ କୌଣସି ଏକ କୋଣରେ ବସି ଆଖି ପିଛୁଳାକେ କୋଟି କୋଟି କୋଟି ଟଙ୍କା ଲୁଟ୍ କରି ନେଉଛନ୍ତି। ତେଣୁ ବର୍ତ୍ତମାନ ସବୟରେ ସାଇବର ନିରାପତ୍ତା ହେଉଛି ଦେଶ ପାଇଁ ବଡ ଚ୍ୟାଲେଞ୍ଜ। ସ୍ଥାନୀୟ ପୋଲିସ ଭବନରେ ଚାଲିଥିବା ୬୧ ତମ ବରିଷ୍ଠ ପୋଲିସ ଅଧିକାରୀ ସମ୍ମିଳନୀ ୨ୟ ଦିନରେ ଯୋଗଦେଇଥିବା ଗୋଆ ଡିଜିପି ଡା. ମୁକ୍ତେଶ ଚନ୍ଦ୍ରା ଏହା କହିଛନ୍ତି।

ସେ ଆହୁରି କହିଛନ୍ତି, ଆର୍ଥିକ କାରବାର କରୁଥିବା ସଂସ୍ଥା ସାଇବର ନିରାପତ୍ତା ରଖିବା ନିତାନ୍ତ ଆବଶ୍ୟକ। କାରଣ ବ୍ୟାଙ୍କ ଓ ଆର୍ଥିକ କାରବାରକୁ ହ୍ୟାକ୍ କରିବା ଉପରେ ସାଇବର ଅପରାଧୀ ନଜର ପକାଇଛନ୍ତି। ବିଗତ ବର୍ଷରେ ବଡବଡ ସାଇବର ଅପରାଧୀ ଏଭଳି ଅପରାଧ ଘଟାଇଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପୁଣେର କସ୍‌ମସ ବ୍ୟାଙ୍କ୍‌ରୁ ୯୪ କୋଟି ଟଙ୍କା ଗାଏବ ହେବା ଘଟଣା। କେବଳ ଏହି ଗୋଟିଏ ବ୍ୟାଙ୍କ୍ ନୁହେଁ ଏହିଭଳି ଅନେକ ବ୍ୟାଙ୍କ୍‌ରୁ ସାଇବର ଅପରାଧୀମାନେ ବହୁ କୋଟି ଟଙ୍କା ଲୁଟି ନେଇଛନ୍ତି। କେବଳ ବ୍ୟାଙ୍କ କ୍ଷେତ୍ରରେ ଏହା ସୀମିତ ରହିନାହିଁ। ପରିବହନ ଏବଂ ଶକ୍ତି ସଞ୍ଚାଳନ କ୍ଷେତ୍ର ମଧ୍ୟ ସେମାନଙ୍କ ଟାର୍ଗେଟରେ ରହିଛି। ସାଇବର ଅପରାଧୀଙ୍କର କୌଣସି ସୀମା ନାହିଁ। ସେମାନେ ଦେଶ ଭିତରେ ଯେ କୌଣସି ସ୍ଥାନରେ ରହି ଅପରାଧ ଘଟାଇପାରୁଛନ୍ତି। ଏହାଠୁ ଅଧିକ ସମସ୍ୟା ବଢାଇଛି ସୋସିଆଲ ମିଡିଆ। ସୋସିଆଲ ମିଡିଆରେ ଯେଉଁ ଭୁଲ ତଥ୍ୟ ଭାଇରାଲ କରାଯାଉଛି ତାହା ପୋଲିସ ପାଇଁ ଚିନ୍ତା ପାଲଟିଛି। ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଆଇଟି ଆକ୍ଟ ୨୦୧୮ ଓ ଡାଟା ପୋଟେକ୍ସନ ଆକ୍ଟ ଅଧିକ କଡାକଡି କରିବା ଉଚିତ। ୨୦୧୬ରେ ଜାତୀୟ ସ୍ତରରେ ୧୨ ହଜାରରୁ ଅଧିକ ସୋସିଆଲ ମିଡିଆ ଜନିତ ଆପରାଧିକ ମାମଲା ରୁଜୁ ହୋଇଛି। ତେଣୁ ସାଇବର ଅପରାଧକୁ ରୋକିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ରଣନୀତି ଆପାଣାଇବାକୁ ଗୋଆ ଡିଜିପି ପରାମର୍ଶ ଦେଇଛନ୍ତି।

ନିକଟରେ ଭଦ୍ରକରେ ସୋସିଆଲ ମିଡିଆରେ ଧର୍ମକୁ ନେଇ ଭୁଲ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ କରାଯିବା ଫଳରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିଭଳି ପିଲାଚୋରି ଗୁଜବ ମଧ୍ୟ ପୋଲିସ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ସୋସିଆଲ ମିଡିଆ ମନିଟରିଂ ବ୍ୟବସ୍ଥା କରାଯାଇ ସୋସିଆଲ ମିଡିଆରେ ରଚାଯାଉଥିବା ଅପରାଧକୁ ରୋକିହେବ ବୋଲି ପୋଲିସ ଅଧିକାରୀମାନେ ସମ୍ମିଳନୀରେ ମତ ଦେଇଥିଲେ।

ସମ୍ମିଳନୀର ଦ୍ୱିତୀୟ ଦିନରେ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ସଡ଼କ ଦୁର୍ଘଟଣା ରୋକିବା, ଦୁର୍ନୀତି ନିବାରଣ କରିବା ଓ ଥାନାରେ ହେଉଥିବା ଦୈନନ୍ଦିନ କାମ ପେପରଲେସ୍ କରିବା ପାଇଁ ଡିଜିପି ଗୁରୁତ୍ୱ ଦେଇଥିଲେ। ୨୦୧୮ରେ ସଡକ ଦୁର୍ଘଟଣାରେ ୫୨୦୦ ଜଣଙ୍କ ଜୀବନ ଯାଇଛି। ତେଣୁ ଶଡକ ଦୁର୍ଘଟଣା ରୋକିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ।

**■ ଦୁର୍ନୀତି ରୋକିବାକୁ ଡିଜିପିଙ୍କ ପରାମର୍ଶ**

**■ ଆର୍ଥିକ କାରବାର କରୁଥିବା ସଂସ୍ଥା ଉପରେ ସାଇବର ଅପରାଧୀଙ୍କ ନଜର: ଗୋଆ ଡିଜିପି**

## ବିବାହିତ ମହିଳାଙ୍କ ରହସ୍ୟଜନକ ମୃତ୍ୟୁ

ବାମରା, ୧୮।୧ (ସ୍ୱ.ପ୍ର.)

ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ତାଲଡିହିର ଆନନ୍ଦ ଟପ୍ପୋଙ୍କ ସ୍ତ୍ରୀ କୁମୁଦିନୀ (୩୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ପ୍ରଥମେ ଗୋବିନ୍ଦପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। କୁମୁଦିନୀ ଧାରୁଆଡିହି ଥାନା ଅନ୍ତର୍ଗତ ସାଲବିରା ଗ୍ରାମର ହୋଇଥିବା ବେଳେ ଗତ ୨ବର୍ଷ ତଳେ ଆନନ୍ଦଙ୍କୁ ବିବାହ କରିଥିଲେ । ଗୁରୁବାର ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ରାତିରେ ତାଙ୍କ ଘରୁ ଧୂଆଁ ବାହାରୁଥିବା ଲୋକେ ଦେଖି ଥିଲେ।

## ଜିଲାପାଳଙ୍କୁ ସଂଖ୍ୟାଲଘୁ ବିକାଶ ମଞ୍ଚର ସ୍ମାରକପତ୍ର

ସମ୍ବଲପୁର, ୧୮।୧ (ବ୍ୟୁରୋ)

ବୁର୍ଲା ଓ ହୀରାକୁଦ ଅଞ୍ଚଳର ବିଭିନ୍ନ ଦାବି ନେଇ ସଂଖ୍ୟା ଲଘୁ ବିକାଶ ମଞ୍ଚ ଶୁକ୍ରବାର ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଓ ହୀରାକୁଦର ସମସ୍ୟା ସମାଧାନ କରିବା, ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ, ଦୈନିକ ବଜାର ନିର୍ମାଣ, ବିଭିନ୍ନ ସ୍ଥାନରେ ଯାତ୍ରୀ ପ୍ରତୀକ୍ଷାଳୟ, ସୁଇମିଂ ପୁଲ୍, ଯାତ୍ରୀ ନିବାସ, ପବ୍ଲିକ ଲାଇବ୍ରେରୀ ନିର୍ମାଣ ପ୍ରଭୃତି ଦାବି ରହିଛି । ପ୍ରତିନିଧି ଦଳରେ ଦେବାଶିଷ ପୁରୋହିତ, ସୟଦ ଅବଦୁଲ୍ଲ କାସିମ୍, ମହମ୍ମଦ ନସିମ୍, ପଦ୍ମନାଭ ନାୟକ, ମହମ୍ମଦ ନୱାବ, ମହମ୍ମଦ ରଫି ଉଲ୍ଲା, ମହମ୍ମଦ ୟୁସୁଫ, ସୁରେନ୍ଦ୍ର ଗୁପ୍ତା, ଶିଶିର ଦଣ୍ଡିଆ ପ୍ରମୁଖ ସାମିଲ ଥିଲେ ।



ଶୁକ୍ରବାର ସମ୍ବଲପୁର ସଂଖ୍ୟା ଲଘୁ ବିକାଶ ମଞ୍ଚ ପ୍ରତିନିଧିମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଛନ୍ତି ।

## ଜଳିଗଲା ଔଷଧ ବୋଝେଇ ଟ୍ରକ୍

ସମ୍ବଲପୁର,୧୮।୧(ବ୍ୟୁରୋ)

ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥର ଭୀମ୍‌ଖୋଜ ନିକଟରେ ଶୁକ୍ରବାର ସକାଳେ ଏକ ଔଷଧ ବୋଝେଇ ଟ୍ରକ୍ ଜଳି ଯାଇଛି । ସଟସର୍କିଟ ଯୋଗୁ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଉଛି । ନିଆଁ ଲାଗିବା ଜାଣି ଟ୍ରକ୍‌ରୁ ଡ୍ରାଇଭର କଟକ ଜିଲା ଖୁଣ୍ଟୁଣି ବିଶ୍ୱନାଥ ମୁଦୁଲି ଓ ହେଲପର ନୀଳମଣି ସାମଲ ଡେଇଁପଡି ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଖବର ପାଇ ଘଟଣା ସ୍ଥଳରେ ଯୁଯୁମୁରା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏଥିପାଇଁ ପ୍ରାୟ ୨ ଘଣ୍ଟା ସମୟ ଲାଗି ଯାଇଥିଲା । ଔଷଦ କମ୍ପାନୀ ଓ ଟ୍ରାନ୍ସପୋର୍ଟ କର୍ମଚାରୀ ଆସିଲା ପରେ କେତେ ପରିମାଣ ଔଷଧ ରହିଥିଲା ଜଣାପଡିବ ଓ କ୍ଷୟକ୍ଷତି ଆକଳନ ହୋଇ ପାରିବ ବୋଲି ସୂଚନା ମିଳିଛି। ସୂଚନା ଯୋଗ୍ୟ ମୁମ୍ବାଇରୁ ଟ୍ରକ୍ (ନଂ ଓଡି-୦୩ ଜେଡ-୨୦୦୫)ଟି ଔଷଧ ନେଇ କଟକ ଜଗତପୁର ଯାଉଥିଲା।

### ବୁର୍ଲା ଭିମ୍‌ସାର ୟୁରୋଲୋଜି ବିଭାଗ
# ଗ୍ରୀନ ଲାଇଟ ଲେଜରରେ ପ୍ରୋଷ୍ଟେଟ ଗ୍ରନ୍ଥିର ଚିକିତ୍ସା

ଚିପିଲିମା,୧୮।୧(ଡି.ଏନ.ଏ.)

ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଭିମସାର)ରେ ମୁତ୍ରାଶୟ ରୋଗ ବିଭାଗରେ ଗ୍ରୀନ ଲାଇଟ ଲେଜର ଚିକିତ୍ସା ଉପଲବ୍ଧ ହୋଇଛି। ଭାରତର କେତୋଟି ସ୍ଥାନରେ ଏହି ଚିକିତ୍ସା ସମ୍ଭବପର ହୋଇଛି। ଓଡ଼ିଶାର ବୁର୍ଲା ଭିମସାରରେ ଏପରି ନୂତନ ପଦ୍ଧତିରେ ଚିକିତ୍ସା ସମ୍ଭବ ଭିମସାର ପାଇଁ ଗର୍ବ ଆଣିଛି। ଏହାଦ୍ୱାରା ରୋଗୀ ପ୍ରାୟ ୪୮ ଘଣ୍ଟା ପରେ ଘରକୁ ଯାଇପାରିବ। ପରିସ୍ରାଜନିତ ଅସୁବିଧାରେ ପୀଡ଼ିତ ରୋଗୀ ଯେଉଁମାନଙ୍କ ପ୍ରୋଷ୍ଟେଟ ଗ୍ରନ୍ଥି ବଡ଼ ହୋଇଥାଏ ସେମାନଙ୍କ ପରିସ୍ରା ରାସ୍ତା ଦେଇ ବିଭିନ୍ନ ଅସ୍ତ୍ରୋପଚାର ମାନ କରାଯାଇ ଥାଏ । ଏହି ଅସ୍ତ୍ରୋପଚାରରେ ପ୍ରୋଷ୍ଟେଟ ଗ୍ରନ୍ଥିକୁ ଛୋଟ ଛୋଟ ଖଣ୍ଡରେ ରୂପାନ୍ତିରିତ କରି କଢ଼ା ଯାଇଥାଏ। ଅସ୍ତ୍ରୋପଚାର ପାଇଁ ଚିକିତ୍ସା କ୍ଷେତ୍ରରେ ସବୁଠୁ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ହେଲା ଗ୍ରୀନ ଲାଇଟ ଲେଜର । ଜିପିଏସ ଲେଜର-୧୮୦ ୱାଟ ଯାହା ଭାରତରେ ଅଳ୍ପ କେତୋଟି ସ୍ଥାନରେ ଉପଲବ୍ଧ। ଓଡ଼ିଶାରେ ଏପରି ଅସ୍ତ୍ରୋପଚାର ପ୍ରଥମ କହିଲେ ଅତ୍ୟୁକ୍ତି ହେବ ନାହିଁ। ବୁର୍ଲା ଭିମସାରର ୟୁରୋଲୋଜି ରୋଗ ବିଭାଗର ସହକାରୀ ପ୍ରଫେସର ଅଧ୍ୟାପକ ଡ଼ ସୟ କୁମାର ମହାପାତ୍ରଙ୍କ ସହିତ ଟିମ ସିନିୟର ରେସିଡେ଼ନ୍ସ ଡ଼ ବିଶ୍ୱଜିତ ସାହୁ ଓ ଡ଼ ଧରବିନ୍ଦ ଝାଙ୍କ ସହିତ ନିଶ୍ଚେତକ ବିଭାଗର ଡ଼ ମଳୟ ପଟେଲ ଏବଂ ଡ଼ ମହେନ୍ଦ୍ର ଏକ୍କାଙ୍କ ସହାୟତାରେ ରୋଗୀଙ୍କ ପ୍ରୋଷ୍ଟେଟ ଗ୍ରନ୍ଥିର ଗ୍ରୀନଲାଇଟ ଲେଜର ଅସ୍ତ୍ରୋପଚାରରେ ପ୍ରୋଷ୍ଟେଟ ଟିସୁର ବାଷ୍ପ ବା ଭେପୋରାଇଜେସନ କରାଯାଇଥିଲା । ଏଥିରେ ରକ୍ତ ଅପଚୟ ମଧ୍ୟ ହୋଇ ନ ଥାଏ । ଅସ୍ତ୍ରୋପଚାରର ଦୁଇଦିନ ପରେ ମେଡ଼ିକାଲରୁ ରୋଗୀକୁ ଡ଼ିସଚାର୍ଜ କରାଯାଇ ପାରିବ ବୋଲି ସହକାରୀ ପ୍ରଫେସର ମହାପାତ୍ର ପ୍ରକାଶ କରିଛନ୍ତି। ଏହି ନୂତନ ଗ୍ରୀନଲାଇଟ ଲେଜର ଚିକିତ୍ସାରେ ସୋନପୁରର ବୀର ବେହେରା(୬୦) ଏବଂ ବରଗଡ଼ର ମକରଧ୍ୱଜ ସାହୁ(୫୧)ଙ୍କ ସଫଳତାର ସହିତ ଅସ୍ତ୍ରୋପଚାର ହୋଇଛି । ଏହି ଅସ୍ତ୍ରୋପଚାର ସମୟରେ ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ବିଜୟ କୁମାର ଦତ୍ତ, ଭିମସାର ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ବ୍ରଜମୋହନ ମିଶ୍ର, ଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀବସ୍ତ କୁମାର ମହାପାତ୍ର, ଡ଼ ଅଶୋକ ନାୟକ, ଡ଼ ଡ଼ି ଏନ ଟୁଡୁ ଓ ମସ୍ତିଷ୍କ ଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଶ୍ରୀକାନ୍ତ ଦାଶ ଉପସ୍ଥିତ ଥିଲେ। ଏହା ବୁର୍ଲା ଭିମସାର ପାଇଁ ଏକ ଚିକିତ୍ସାକ୍ଷେତ୍ରରେ ଏକ ଗୌରବପୂର୍ଣ୍ଣ ମୁହୂର୍ତ୍ତ ଏବଂ ଏହାପାଇଁ ଭିମସାର ଗର୍ବିତ।





ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ନଦୀକୁ ଗାଧୋଇବାକୁ ଯାଇ ମୃତ୍ୟୁ

**କୁଚିଣ୍ଡା, ୧୮।୧ (ଡି.ଏନ.ଏ)**-ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଲଇଗୁରା (କଟେଇପଡା) ଗ୍ରାମର ଜଣେ ବ୍ୟକ୍ତିଙ୍କ ନଦୀରେ ପାଣିରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ମୁରଲୀ ପାତ୍ର (୫୫)। ସେ ନଦୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ପରିବାର ବର୍ଗ ଖୋଜାଖୋଜି କରି ନ ପାଇବାରୁ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ । ପୋଲିସ କୁଚିଣ୍ଡା ଦମକଳ କେନ୍ଦ୍ରକୁ ଖବର ଦେଇଥିଲା। ଦମକଳ କେନ୍ଦ୍ରର କର୍ମଚାରୀମାନେ ନଦୀରୁ ମୁରଲୀଙ୍କ ମୃତଦେହ ଉଦ୍ଧାର କରିଥିଲେ । ମହୁଲପାଲି ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଲମ୍ବନକୁ ଶିକ୍ଷକ ସଂଘର ବିରୋଧ

**ରେଙ୍ଗାଲି,୧୮।୧(ଡି.ଏନ.ଏ)**-ବଡପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିଶୋରୀ ସାହୁଙ୍କୁ ନିଲମ୍ବିତ କରାଯାଇଛି। ବଗିଚା କାମ ପାଇଁ ସେ ମାଟି ଉଠାଇବା କାମରେ ଛାତ୍ରୀଛାତ୍ରଙ୍କୁ ନିୟୋଜିତ କରିଥିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ଆଧାର କରି ବ୍ଲକ୍ ଶିକ୍ଷା ବିଭାଗ ତାଙ୍କୁ ନିଲମ୍ବନ କରିଛି। ହେଲେ ତଦନ୍ତ କରିନି କି କୈଫିୟତ ତଲବ କରିନି। ଏଣୁ ରେଙ୍ଗାଲି ଶିକ୍ଷକ ଭବନଠାରେ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଛି। ତୁରନ୍ତ ଏହି ନିଲମ୍ବନ ପ୍ରତ୍ୟାହାର ନ ହେଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଛି।

### ମହିଳା ବିଡି ଶ୍ରମିକ ସଚେତନତା ସଭା

**ସମ୍ବଲପୁର, ୧୮।୧ (ବ୍ୟୁରୋ)**- ଝୁଝୁମୁରା ବ୍ଲକ କେନ୍ଦୁଘାଟଠାରେ ସମ୍ବଲପୁର ଜିଲା ବିଡି ମଜଦୁର ୟୁନିୟନ ପକ୍ଷରୁ ମହିଳା ବିଡି ଶ୍ରମିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଘାଟ, ବୁଦେଲପାଲି, ପଣ୍ଡୁପାଲି ଅଞ୍ଚଳର ମହିଳା ବିଡି କାରିଗର ସାମିଲ ଥିଲେ । ଜିଲା ସଭାପତି ସୁବେଶ ମୁଣ୍ଡାଙ୍କ ପରିଚାଳନାରେ ସଭା ହୋଇଥିଲା। ସାଂଗଠାନିକ ସମ୍ପାଦକ ସୁଶୀଲ ଭୋଇ, ସଭ୍ୟ ବିନୋଦ ଭୋଇ, ଶଙ୍କର ପ୍ରସାଦ କାଲୋ, ମହିଳା ବିଡି ଶ୍ରମିକମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ ।

■ ଜଂଗ୍‌ଲି ହାତୀର ଉପ୍‌ଦରବ୍‌

# ହାଡ଼ଭଂଗା ଶୀତ୍‌ରେ ବେଘର ହେଲେ ୮ ପରିବାର

**ପଡିଆବାହାଲ, ୧୮।୧ (ଡି.ଏନ.ଏ)**

ଥମବାର ନାଁ ନାଇଁଧରବାର ଜଂଗଲି ହାତୀକର ଉତ୍‌ପାତ। ଗୋଠ୍‌ଛଡ଼ା ହେଇ ଅଂଚଲରେ ଘୁରି ବୁଲୁଥିବାର ପଟକିଆ ଦଁତା ହାତୀର ଉପ୍‌ଦରବ୍‌ରେ ଥାନୀୟ ଲୁକ୍‌କର ନିଦ୍ ହଜି ଯାଇଛେ। ଗଲା ୧୫ ତାରିଖ ରାତିରେ ସେମେଲଟିକିରା ଗାଁର ୬ ପରିବାରକୁ ବାସହରା କରାଇଥିଲା ଦଁତା। ଫେନ୍ ଗଲା ୧୭ ତାରିଖ୍ ରାତିରେ ବଡ଼ସାହି ଡିଭିଜନର ସଦାପାଲି ପାସର ରାଉତପଡ଼ାରେ ଦଁତା ହାତୀ ଲବ ଚନ୍ଦେଲ, କାହ୍ନୁ ଚରଣ ରାଉତ, ସୁଶିଲା ପଧାନ, ସନ୍ତୋଷ ରାଉତ, ଅନ୍ନପୂର୍ଣ୍ଣା ରାଉତ, ରାଧିକା ଠାକୁର, ପବିତ୍ର ନାୟକ ଆଦିଙ୍କର ୮ରୁ ୧୦ ଲୁକ୍‌କର ଘର ଭାଂଗି ସେମାନକୁ ଇ ହାଡ଼ଭଂଗା ଶୀତ୍ ରାତିରେ ବାସହରା କରିଦେଇଛେ। ଗାଁରେ ହାତୀର ଉତ୍‌ପାତ ଆରମ ହେବାର ଜାନି ଲୋକ୍‌ମାନେ ପିଲାଛୁଆକୁ ଧରି ଜୀବନ୍ ବିକଲରେ ସୁରକ୍ଷିତ ଜାଗାମାନକେ ପଲଉଥିଲେ।



ରାଉତପଡ଼ାରେ ଦଁତା ହାତୀ ଭାଂଗିଥିବାର ଲୁକ୍‌କର ଘର।

ହାଡ଼ଭଂଗା ଶୀତ୍ ରାଏତ୍‌ଥି ଇ ଛାତି ଥରା ଭଏଙ୍କର ଘଟନା ଯେ ଦେଖିଛେ, ସେ ବଖାନିପାରବା ବଲି ଗାଁବାସୀ କହିଛନ୍। ଲୋକ୍ ହାତୀର ଭଏରେ ଜାନ୍‌ଜୀବନ୍ ଛାଡ଼ି, ହିଁହିବଡ଼ି ପଡ଼ି ପଲଉଥିଲେ। ଗାଁର ଲୋକ୍ ଘଟନା ବାବ୍‌ଦେ ବନ ବିଭାଗକେ ଫୋନରେ ଖବର ଦେଇଥିଲେ। ବନ ବିଭାଗ କରମଚାରୀମାନେ ପଡ଼ିଆବାହାଲରୁ ରାଉତପଡ଼ା ପୁହୁଁଚିଲା ବେଲେ ହାତୀ ଜାଗା ଛାଡ଼ି ବୁଦେଇଛନ୍ତି ଅଂଚଲରେ ଉତ୍‌ପାତ ମଚଉଥିଲା। ସେଠାନୁ ପଡ଼ିଆବାହାଲ ରେଞ୍ଜ ଖଲିଆପାଲି ଗାଁ ଦେଇ ବାହାମ ଗାଁରେ ସୁରେନ୍ଦ୍ର ପ୍ରସାଦ ନାୟକଙ୍କର କବାଟ ଭାଂଗି ଧାନ ଖାଏବାକେ ଯାଇଥିଲା। ଖଲିଆପାଲିରେ ନିପାରୁ ବିହାରୀ ମହାପାତ୍ରଙ୍କର କବାଟ ଖୁଲି ବୁରୁଧ୍ ଖଟେ ପଡ଼ିଥିବାର ଦେଖି ହାତୀ ଠାନ୍ ଛାଡ଼ିଥିଲା। ସେନ୍‌ତା ସୁଧାଂଶୁ ମହାପାତ୍ରଙ୍କର ପାୱାରଟିଲର ଘୁଷ୍‌ରେଇ ଫିଙ୍କି ଦେବାର ସଂଗେ ତାକର ଧାନ ଖାଇଦେଇଛେ। ବନ ବିଭାଗ କରମଚାରୀ ରାଉତପଡ଼ା ବଡ଼ସାହିର ଫରେଷ୍ଟରଙ୍କର ସଂଗେ ଯୋଗାଯୋଗ କରି କ୍ଷୟକ୍ଷତିର ପୂରନ ଲାଗି ଦରକାରୀ କାଗଜପତର ଦାଖଲ କରବାକେ କହିଥିଲେ। ଅନେକ ଲୁକ୍‌କର ଘରର ପଟ୍ଟା ନାଇଥିବାର ଲାଗି ସେମାନକର ପରକୃତ କ୍ଷତି ହେଇଥିଲେ ବି କ୍ଷତି ପୂରନ ନାଇଁ ପାଇପାରବାର। ହାତୀ ଉତ୍‌ପାତ ଥମି ଥିବାର ଲାଗି ବିଭାଗୀୟ କରମଚାରୀମାନେ ବି ଥାକି ନିଶାସ ମାରୁଥିଲେ। ହେଲେ ୩ରୁ ୪ ଦିନ ହେଲା ହାତୀ ଅଂଚଲରେ ଉତ୍‌ପାତ ମଚାବାର ଲାଗି କରମଚାରୀମାନେ ବି ସଜାଗ ହେଇଯାଇଛନ୍। ଯେନ୍‌ତୁ ହାତୀ ବାବ୍‌ଦେ ଖବର ଆଏଲା କରମଚାରୀମାନେ ଘଟନା ଠାନ୍‌କେ ଅମରିପଡ଼ୁଥିବାର ରେଞ୍ଜର କହିଛନ୍।

## ବିଜୁ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ

**ବାମରା, ୧୮।୧ (ସ୍ୱ.ପ୍ର.)**

ବାମରାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ କିଶୋର ମହାନ୍ତି ଶୁକ୍ରବାର ସନ୍ଧ୍ୟାରେ ବହୁ ପ୍ରତୀକ୍ଷିତ ବିଜୁ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ଶ୍ୟାମ ମୁଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ସୁରେଶଚନ୍ଦ୍ର ବେହେରା, କନିଷ୍ଠ ଯନ୍ତ୍ରୀ ଚିତ୍ରସେନ ମହାନନ୍ଦିଆ ଓ ନରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହାପରେ ସ୍ଥାନୀୟ ପୂର୍ତ୍ତ ବିଭାଗ ବଙ୍ଗଳାଠାରେ ଅଞ୍ଚଳରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ହେଉଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ତେବେ ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର ଓ ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକଙ୍କୁ ଡକା ଯାଇ ନ ଥଲା। ଶେଷରେ ମହାନ୍ତି ବାମରା ମକରମେଳା ପଡିଆରେ ଏକ ସଭାରେ ଯୋଗ ଦେଇଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ କୁଜୁର, ଜିଲା ପରିଷଦ ଅଧ୍ୟକ୍ଷା ନାଏକ, ଭୁବନେଶ୍ୱର କିସାନ, ପ୍ରମୋଦ ନାଏକ, ସୁଶୀଲ ନାଏକ, ମହାବୀର ପ୍ରସାଦ ଖଣ୍ଡେଲୱାଲ, ମହମ୍ମଦ ଅସଗର, ରାମୁ ଚୌଧୁରୀ, ମାନା କର୍ସେଲ, ସୁଶୀଲ ପ୍ରସାଦ, କ୍ୟାପଟନ ଶଶିଭୂଷଣ ସେଠୀ, ସୁବେଦାର ମନୋଜ ମାକର, ଭୁପେନ ଜିତ, ଦିନେଶ କର୍ସେଲ, ସୁନୀଲ ଖଣ୍ଡେଲୱାଲ, ଶେକ ଅହମ୍ମଦ, କଲୁଆ ଖାନ୍ ଓ ମହମ୍ମଦ ଅସଫାଶ ପ୍ରମୁଖ ଯୋଗ ଦେଇଥିଲେ।



ବାମରାରେ ବିଜୁ କଲ୍ୟାଣ ମଣ୍ଡପ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ କିଶୋର ମହାନ୍ତି ଓ ଅନ୍ୟମାନେ।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବାର୍ଷିକ ସମୀକ୍ଷା ବୈଠକ

**ଧମା, ୧୮।୧ (ଡି.ଏନ.ଏ.)**

ମାନେଶ୍ୱର ବ୍ଲକ ବଟେମୁରା ଜିଏନ ହାଇସ୍କୁଲରେ ଶୁକ୍ରବାର ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଗୁଡିକର ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଠକକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଡିଏଫଓ ସଞ୍ଜିତ କୁମାର ପରିଚାଳନା କରିଥିଲେ । ସମ୍ବଲପୁର ସିଡିଭିଓ ପ୍ରଦୀପ୍ତ ସିଂ, ଏସିଏଫ ପଙ୍କଜ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଗତବର୍ଷର ଅନୁଭବକୁ ନେଇ ଆଗାମୀ ଦିନରେ ଚଳିତ ବର୍ଷ ପାଇଁ ନୂଆଁ ଓ ପୁରୁଣା ଯୋଜନା ମାଧ୍ୟମରେ ଜନସାଧାରଣଙ୍କୁ ସ୍ୱାବଲମ୍ବି କରିବା ତଥା ଜଙ୍ଗଲ ସୁରକ୍ଷା ପ୍ରତି ସଚେତନ କରାଯିବା ପାଇଁ ଆଲୋଚନା କରାଯାଇଥିଲା । ବନ ସହାୟକ ଚୟନ, ବନସୁରକ୍ଷା ସମିତିର ଗଠନ, ବନସୁରକ୍ଷା ସମିତିର ପରିସୀମାରେ ଖୁଣ୍ଟି ସ୍ଥାପନା, ଏସଏଚଜି ଗ୍ରୁପମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା ।




ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ୨ଟି କାର୍‌କୁ ଧକ୍କା ଦେଲା ଚାଉଳ ବୋଝେଇ ଟ୍ରକ୍

**ଚିପିଲିମା, ୧୮।୧ (ଡି.ଏନ.ଏ.)**

ସମ୍ବଲପୁର-ବରଗଡ ୫୩ ନଂ ଜାତୀୟ ରାଜପଥର ଓଭରବ୍ରିଜ ଗଡାଣିଆ ବୁର୍ଲା ଛକ ତଥା ଗୋଲମୁଣ୍ଡା ଛକ ନିକଟରେ ଏକ ଚାଉଳ ବୋଝେଇ ଟ୍ରକ୍ ଧକ୍କାରେ ଦୁଇଟି କାର ଭାଙ୍ଗିଯାଇଛି। କାରର ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଓଆର୍ ୧୬ ବି- ୨୯୯୯ ଚାଉଳ ବୋଝେଇ ଟ୍ରକ୍ ବରଗଡ ପଟରୁ ସମ୍ବଲପୁର ପଟକୁ ଆସୁଥିଲା। ଏତିକିବେଳେ ସାମ୍‌ନାରେ ଯାଉଥିବା ଓଆର୍ ୧୫ ଏସ- ୩୫୪୬ ନମ୍ବରର ଏକ କାର ଏବଂ ଓଆର୍ ୦୩ ଏଫ- ୩୬୦୧ ନମ୍ବରର ଅନ୍ୟ ଏକ କାରକୁ ଏହା ଧକ୍କା ଦେଇଥିଲା। ପୋଲିସ ପହଞ୍ଚି ଉଭୟ କାର ସହ ଧକ୍କା ଦେଇଥିବା ଟ୍ରକକୁ ଜବତ କରି ଘଟଣାର ତଦନ୍ତ କରୁଛି । ଏନଏଚଏଆଇର ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣକୁ ନେଇ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି ।

## ବରଗାଁ ହାଇସ୍କୁଲରେ ୩୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ଧମା, ୧୮।୧ (ଡି.ଏନ.ଏ,)**

ମାନେଶ୍ୱର ବ୍ଲକ ବରଗାଁସ୍ଥିତ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ ଶୁକ୍ରବାର ୩୪ତମ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପରମାଣପୁର କଲେଜର ଅବସରପ୍ରାପ୍ତ ଅଧ୍ୟାପକ ମୁରଲୀ ପ୍ରସାଦ ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନଶିକ୍ଷକ ଶ୍ୟାମ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସୁବାସ ପାଣିଗ୍ରାହୀ, ଆକାଶବାଣୀ କଳାକାର ପ୍ରଫୁଲ୍ଲ ବେହେରା, କାଶିରାମ ପଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଛାତ୍ର ଆକାଶ ଷଣ୍ଢ, ଯୋଗେନ୍ଦ୍ର ପଧାନ, ଛାତ୍ରୀ ବନିତା ରଣା, ସନ୍ଧ୍ୟାରାଣୀ ବାରିକ, ଅନସୂୟା ମହାକୁର, ସୋନିଆ ସାହୁ, ଉମା ସାହୁ, ସିମା ମିର୍ଦ୍ଧା ପ୍ରମୁଖ ବିଭିନ୍ନ ପ୍ରତିଯୋଗୀତା ପାଇଁ ପୁରସ୍କୃତ ହୋଇଥିଲେ । ଶିକ୍ଷକ ଭକ୍ତଚରଣ ପଣ୍ଡା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶେଷରେ ଖେଳ ଶିକ୍ଷକ ରାମନିବାସ ସାହୁ ଧନ୍ୟବାଦ ଦେଇଥିଲେ ।

## ପଧାନପାଲିରେ ସୃଜନ ଅନନ୍ୟା କାର୍ଯ୍ୟକ୍ରମ

**ପଡିଆବାହାଲ, ୧୮।୧ (ଡି.ଏନ.ଏ)**

ବାହାମ ପଞ୍ଚାୟତ ପଧାନପାଲିସ୍ଥିତ ନୋଡାଲ ହାଇସ୍କୁଲଠାରେ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ଦ୍ୱିତୀୟ ଦିବସରେ 'ସୃଜନ ଅନନ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖୁଣ୍ଟା ବପ୍ଲବୀ ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟର ଡ. ଗୌରିଦାସ ପ୍ରଧାନ ଏଥିରେ ସଞ୍ଚାଳନ କରିଥିଲେ। ଦେବେନ୍ଦ୍ର ମହାପାତ୍ର, କ୍ଷିତିଶ କୁମାର ପୁରୋହିତ, ଜୟଦୁର୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବାଦି ପଟେଲ, ବରିଷ୍ଠ ଅଧ୍ୟାପକ ଅକ୍ଷୟ ମହାପାତ୍ର, ବିଶିଷ୍ଟ ବ୍ୟବସାୟୀ ବିଜୟ କୁମାର ନାୟକ, ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ବିଶ୍ୱାଳ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଦିଲୀପ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟସ୍ତରରେ 'ମାତୃଭୂମି ମାତୃଭାଷାରେ ମମତା' ଏବଂ ବିଦ୍ୟାଳୟସ୍ତରରେ 'ସ୍ମୃତିରେ ମୋ ଗାଁ' ଉପରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟସ୍ତରରେ ସୀମାରାଣୀ ପ୍ରଧାନ ପ୍ରଥମ, ସାଗରିକା ଭୋଇ ଦ୍ୱିତୀୟ, ପୂଜାରାଣୀ ପଧାନ ତୃତୀୟ ଏବଂ ହାଇସ୍କୁଲ ସ୍ତରରେ ସ୍ନେହାଙ୍ଗିନୀ ସାହୁ ପ୍ରଥମ, ସ୍ମୃତିପ୍ରଜ୍ଞା ସାହୁ ଦ୍ୱିତୀୟ ଓ ଇପ୍‌ସିତା ନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ଡା. ରାଜାରାମ ଷଡଙ୍ଗୀ, ଲୁଲେନ୍ଦୁ ସାହୁ, ହରିହର ନାୟକ ଓ ପ୍ରମୋଦ କୁମାର ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।



ପଧାନପାଲି ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ଅବସରରେ।

## ଯୁବସମାଜ ସ୍ୱାମୀ ବିବେକାନନ୍ଦଙ୍କୁ ଆଦର୍ଶ ମାନନ୍ତୁ

**ରେଙ୍ଗାଲି, ୧୮।୧ (ଡି.ଏନ.ଏ.)**

ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଶୁକ୍ରବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ସୁଜିତ କୁମାର ସେନ ଏଥିରେ ସଭାପତିତ୍ୱ କରି ଯୁବସମାଜ ବିବେକାନନ୍ଦଙ୍କୁ ଆଦର୍ଶ ମାନିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମବୋଧକ ସଙ୍ଗୀତ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ମନୋଜ କୁମାର ପଣ୍ଡା, ଅଜୟ କୁମାର ସାହୁ, ଅଧ୍ୟାପିକା ଲୋପାମୁଦ୍ରା ପଟେଲ ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ଓମ୍‌ପ୍ରକାଶ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ରେଡକ୍ରସର ଆବାହିକା ଅଧ୍ୟାପିକା ରଞ୍ଜିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ସେବା ଯୋଜନାର ତତ୍ତ୍ୱାବଧାରକ ଅଧ୍ୟାପକ ଚିନ୍ତାମଣୀ ପଶାୟତ, ଯୁବ ରେଡକ୍ରସ ସଦସ୍ୟ ଅଧ୍ୟାପକ ନରେନ୍ଦ୍ର ବେହେରା ଓ ଅଧ୍ୟାପକ ଡ. ଅଭିମନ୍ୟୁ ବେହେରା, ଅଧ୍ୟାପିକା ନନ୍ଦିନୀ ପ୍ରଧାନ, ମୁରାରୀ ପ୍ରସାଦ ପଣ୍ଡା, ଦୀପ୍ତି ମଞ୍ଜୁରୀ ହୋତା ପ୍ରମୁଖ ସହଯୋଗ କରିଥିଲେ ।




ରେଙ୍ଗାଲି ସୁରଜମଲ କଲେଜ ଅଧ୍ୟକ୍ଷ, ଅଧ୍ୟାପକା, ଓ ଅଧ୍ୟାପକଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର ।

# ଡାକ୍ତରଙ୍କୁ ଘାସମରା ମେଡିସିନ ଚିନ୍ତା

**ଚିପିଲିମା,୧୮।୧(ଡି.ଏନ.ଏ.)**

ଲୋକେ ବାଡିବଗିଚା ଓ ବିଲରୁ ଅନାବନା ଘାସ, ଲଟା, ତୃଣ ଆଦିକୁ ମୂଳପୋଛ କରିବାକୁ ଘାସମରା ମେଡିସିନ ପ୍ରୟୋଗ କରୁଛନ୍ତି। ପାରାକ୍ୱେଟ କମ୍ପୋଜିଶନର ଏହି ଘାସମରା ମେଡିସିନ କୀଟନାଶକ ଦୋକାନରେ ଖୁଲମଖୁଲା ମିଳୁଛି। ଶସ୍ତା ମଧ୍ୟ। ଯିଏ ଯେତେବେଳେ ଚାହିଁଲା କିଣିଲା। ଲଗାମ ନାହିଁ। ଦୋକାନୀ ମଧ୍ୟ ଟଙ୍କା କେଇଟା ପାଇଁ ଯଲ ମାଗିଲା ତାକୁ ଦେଉଛନ୍ତି। ଏହାକୁ ପିଇ ଲୋକଙ୍କ ଜୀବନ ଯାଉଛି। ଏଣୁ ଏହି ଘାସମରା ଔଷଧ ପାଇଁ ଏବେ ବୁର୍ଲା ଭିମ୍‌ସାରର ସିନିୟର ରେସିଡେନ୍ସ ଡାକ୍ତରମାନେ ଚିନ୍ତାରେ ପଡିଛନ୍ତି। କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ରୋଗୀ ଏହି ଘାସମରା ଔଷଧକୁ ହିଁ ବ୍ୟବହାର କରୁଛନ୍ତି। ଫସଲ ନଷ୍ଟ ଜନିତ ଚିନ୍ତାରେ ହେଉ, ଘରୋଇ କଳି କି ଋଣବୋଝରେ ମାନସିକ ଅବସାଦରେ ଥିବା ଚାଷୀ ଘାସମରା ଔଷଧ ପିଇ ଦେଉଛନ୍ତି। ଘାସମରା ଔଷଧ ପିଉଥିବା ଶତପ୍ରତିଶତ ରୋଗୀ ଆର ପାରିକୁ ଚାଲି ଯାଉଛନ୍ତି। ଚିକିତ୍ସା କରି ବଞ୍ଚାଇବାକୁ ଯେତେ ଚେଷ୍ଟା କଲେ ବି ଡାକ୍ତରଙ୍କ ପରିଶ୍ରମ ବୃଥା ହେଉଛି। କଦବା କ୍ୱଚିତ କିଏ ବଞ୍ଚିଗଲେ ଗଲା ନ ହେଲା ନାହିଁ। ଏହା ଏତେ ବିଷାକ୍ତ ଯେ ପିଇଲା ମାନେ ଜୀବନ ଯିବା ନିଶ୍ଚିତ। ଏହା ଖୁବ୍ ଅଳ୍ପ ସମୟରେ ଫୁସଫୁସ ଓ କିଡ୍‌ନୀକୁ ଅକାମୀ କରିଦେଇଥାଏ । ଫଳରେ ରୋଗୀକୁ ବଞ୍ଚାଇବା କଷ୍ଟସାଧ୍ୟ ହୋଇଥାଏ। ଏଣୁ ବଜାରରେ ଘାସମରା ଔଷଧକୁ ସଂପୂର୍ଣ୍ଣ ନିଷେଦ୍ଧ କରିବାକୁ ଭିମ୍‌ସାରର ସିନିୟର ଡାକ୍ତର ଡା. ଶଙ୍କର ରାମଚନ୍ଦାନୀ, ଡ. ଏସ.ଆର. ମହାନ୍ତ, ଡ. ତୁଷାର ବେହେରା, ଡା. ସି. ମାରାଣ୍ଡି, ଡା. ପ୍ରଦ୍ୟୁମ୍ନ ସାହୁ ପ୍ରମୁଖ ମେଡିକାଲ ଅଧ୍ୟକ୍ଷଙ୍କ ଜରିଆରେ ସ୍ୱାସ୍ଥ୍ୟ ବିଭାଗକୁ ଏକ ଚିଠି ଲେଖିଥିଲେ। ଭିମ୍‌ସାର ପକ୍ଷରୁ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଏ ନେଇ ଚିଠି କରାଯାଇଛି। ଏବେ କଥା ରହିଲା ସରକାରଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଉଛି।



### ଘାସମରା ମେଡିସିନ ନିଷିଦ୍ଧ ସମ୍ପର୍କରେ କ'ଣ କୁହନ୍ତି ଏମାନେ...



"କୀଟନାଶକ ଖାଇ ଅନେକ ରୋଗୀ ବୁର୍ଲା ମେଡିକାଲକୁ ଗୁରୁତର ଅବସ୍ଥାରେ ଆସୁଛନ୍ତି । ହେଲେ ଅନେକ ଚେଷ୍ଟା ପରେ ମଧ ସେମାନଙ୍କୁ ବଞ୍ଚାଯାଇ ପାରୁନାହିଁ। ଏହା ଏତେ ବିଷାକ୍ତ ଯେ ହଠାତ୍ ଫୁସଫୁସ ଓ କିଡ୍‌ନୀକୁ ଆକ୍ରାନ୍ତ କରିଦେଉଛି। ଘାସମରା ମେଡିସିନ ପିଇ ଭିମ୍‌ସାର, ବ୍ରହ୍ମପୁର ଏମ୍‌କେସିଜି, କଟକ ଏସ୍‌ସିବି ଭଳି ମେଡିକାଲ କଲେଜକୁ ଆସୁଥିବା ୯୯ ପ୍ରତିଶତ ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ଏହା ଡାକ୍ତରମାନଙ୍କୁ ଚିନ୍ତାରେ ପକାଇଛି। ଏଡି ଘାସମରା ମେଡିଶିନ ଏବେ ମଣିଷ ମରା ପାଲଟିଛି। ଏଣୁ ଏହାକୁ ସମ୍ପୂର୍ଣ୍ଣ ନିଷେଦ୍ଧ କରିବାକୁ ଆମେମାନେ ସରକାରଙ୍କୁ ଅନୁରୋଧ କରୁଛୁ।

**-ଡାକ୍ତର ଶଙ୍କର ରାମଚନ୍ଦାନୀ, ଭିମ୍‌ସାର, ବୁର୍ଲା**



"ଦୋକାନୀ ତ ଜାଣୁନି ନା ଯେ ଯିଏ ଏହାକୁ ନେଲା ସେ କେଉଁଠି ପକାଇଲା। ପ୍ରକୃତରେ ଘାସଲଟା ମାରିଲା କି ଆଉ କ'ଣ କଲା। ଜାଷଜନିତ ହେଉ କି ପାରିପାରିକ ସମସ୍ୟା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିବା ଜଣେ ବ୍ୟକ୍ତି ଏହି ଲଟାମରା ମେଡିଶିନକୁ ସହଜେ ପାଇ ଯାଉଛି। ହେଲେ ପିଇ ଦେଲା ପରେ କଥା ସରୁଛି। ସେ ବଞ୍ଚିବା ସମ୍ଭବ ହେଉନି। ଏଣୁ ଭିମ୍‌ସାରର ଡାକ୍ତରମାନଙ୍କୁ ଧନ୍ୟବାଦ ସେମାନେ ଏହି ଗୁରୁତର ପ୍ରସଙ୍ଗକୁ ଅଙ୍ଗେ ନିଭେଇ ସରକାରଙ୍କୁ ଚେତେଇ ଦେଇଛନ୍ତି। ଯଦି ରାଜ୍ୟ ସରକାର ଏମାନଙ୍କ ଅନୁରୋକ୍ଷ ରଖି ଏ ଦିଗରେ ପଦକ୍ଷେପ ନେବେ ତେବେ ସବୁ ଶ୍ରେୟ ଭିମ୍‌ସାରର ଏହି ଡାକ୍ତରଙ୍କ ପାଖକୁ ଯିବା

**-ଅଶୋକ ନାଥ, ଧନକଉଡା ବ୍ଲକ ବନ୍ଧପାଲି**



"ପାରାକ୍ୱେଟ୍ ସାଧାରଣତଃ ଲଟାମରା ଔଷଧ। ବର୍ତ୍ତମାନ ଶ୍ରମିକ ଅଭାବରୁ ଚାଷୀ ଏହାକୁ ବିଲବାଡିର ଅନାବନା ଘାସକୁ ମାରିବାକୁ ବ୍ୟବହାର କରିଥାଏ । ଏହି ଔଷଧ ସରକାରୀ ସ୍ୱିକୃତୀପ୍ରାପ୍ତ କି ନାହିଁ ସନ୍ଦେହ ଜନକ । ବିଭାଗୀୟ ଅଧିକାରୀମାନେ ବଜାରରେ ଚଢ଼ାଉ କରି ଔଷଧର ମାନ ଯାଞ୍ଚ କରିବା ଉଚିତ୍। ଏ ନେଇ ଜନସଚେତନତା ସୃଷ୍ଟି କରିବା ସହ ଏହାକୁ ନିଷିଦ୍ଧ କରି ଅନ୍ୟ ବିକଳ୍ପ ବାହାର କରିବା ଉଚିତ । ଅଣସ୍ୱିକୃତୀପ୍ରାପ୍ତ ଦୋକାନ ବଜାର ଓ ଗାଁରେ ମଧ ଏହା ବହୁଳ ବିକ୍ରି ହେଉଛି । ଏଣୁ ଭିମ୍‌ସାରର ଚିଠି ପାଇଲା ପରେ ଏହା ଉପରେ ସରକାରଙ୍କ କଟକଣା ନିହାତି ଆବଶ୍ୟକ ।

**-ଉପେଶଚନ୍ଦ୍ର ମିଶ୍ର, ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନ**



"ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।"
- ଲର୍ଡ ବାଇରନ



## ସଂକ୍ଷେପରେ

### ଧାନ ମେଶିନ ଓଲଟି ଝିଅାରୀ ମୃତ, ଦାଦା ଗୁରୁତର

**ରାଜନଗର, ୧୮।୧ (ଡି.ଏନ୍.ଏ.):** ରାଜନଗର ବ୍ଲକ ଅଧୀନ ବ୍ରାହ୍ମଣସାହି ପଞ୍ଚାୟତ ସୁନ୍ଦରୀପାଳ ଗ୍ରାମରେ ଶୁକ୍ରବାର ଧାନ ମେଶିନ ଓଲଟି ଝିଅାରୀର ମୃତ୍ୟୁ ଘଟିଥିବା ବେଳେ ଦାଦା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସୁନ୍ଦରୀପାଳ ଗ୍ରାମର ସମଲ ମଣ୍ଡଳ ଖଳାରେ ମେଶିନ ଯୋଗେ ଧାନ ଅମଳ କରୁଥିଲେ। ସମଲଙ୍କ ଝିଅ ରିନାରାଣୀ(୧୦) ଓ ଭାଇ ଶ୍ରୀକାନ୍ତ ସେହି ସ୍ଥାନରେ ଥିବା ବେଳେ ହଠାତ୍ ମେଶିନଟି ସେମାନଙ୍କ ଉପରେ ଓଲଟି ପଡ଼ିଥିଲା। ଉଭୟେ ମେଶିନ ତଳେ ଚାପି ହୋଇ ରହିଯାଇଥିଲେ। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ରିନାରାଣୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଅବସ୍ଥାରେ ଶ୍ରୀକାନ୍ତଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ରିନାରାଣୀଙ୍କ ମୃତ୍ୟୁ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ସ୍ଥାନୀୟ ସୁନ୍ଦରୀପାଳ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢୁଥିବାରୁ ଶୁକ୍ରବାର ସ୍କୁଲରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ତାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଦିନ ପାଇଁ ସ୍କୁଲ ବନ୍ଦ ରଖାଯାଇଥିଲା।

## ଓପିଟିସିଏଲ୍‌ର ୯୨ ଯନ୍ତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ୨୦୨୨ ସୁଦ୍ଧା ଆହୁରି ୪୧ ଇଏଚ୍‌ଭି ଗ୍ରୀଡ୍ ସବ୍‌ଷ୍ଟେଶନ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

୨୦୧୦ ମସିହାରୁ ଓପିଟିସିଏଲ୍ ବିଭିନ୍ନ ବିଭାଗରେ ୧୭୫୨ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛି। ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଯୁବତୀ, ଯୁବକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି। ସରକାରଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ସଫଳ କରିବାରେ ଓପିଟିସିଏଲ୍ ନିଜର ପାରଦର୍ଶିତା ଦେଖାଇଛି। ଏହି ସଂସ୍ଥାର ବ୍ୟବସ୍ଥାଗତ ଉପଲବ୍ଧତା ୯୯.୯୯ ପ୍ରତିଶତ ହୋଇଥିବା ବେଳେ ଏହା ଦେଶରେ ସର୍ବାଧିକ। ଗତ ୪ବର୍ଷ ମଧ୍ୟରେ ୪୨ଟି ନୂତନ ଗ୍ରୀଡ୍‌ର ସଂଯୋଗୀକରଣ ଦ୍ୱାରା ସଂସ୍ଥାର ଗ୍ରୀଡ୍ ନେଟ୍‌ୱର୍କ ପୂର୍ବାପେକ୍ଷା ଆହୁରି ସୁଦୃଢ଼ ହୋଇପାରିଛି। କେବଳ ସେତିକି ନୁହେଁ, ୨୦୨୧-୨୨ ମସିହା ସୁଦ୍ଧା ଆହୁରି ୪୧ଟି ଇଏଚ୍‌ଭି ଗ୍ରୀଡ୍ ସବ୍‌ଷ୍ଟେଶନ ରାଜ୍ୟରେ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।



କାର୍ଯ୍ୟକ୍ରମରେ ନବନିଯୁକ୍ତ ଜଣେ ଯନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଶୁକ୍ରବାର ସୂଚନା ଭବନଠାରେ ଆୟୋଜିତ ଓପିଟିସିଏଲ୍‌ର ନବନିଯୁକ୍ତ ଯନ୍ତ୍ରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୯୨ଜଣ ନବନିଯୁକ୍ତ ଯନ୍ତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେ ନୂତନ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଥ୍ରୀ-ଟି ମନ୍ତ୍ରର ବାର୍ତ୍ତା ଦେଇଥିଲେ। ଓପିଟିସିଏଲ୍‌ର ସ୍ୱଚ୍ଛ ଓ ତ୍ୱରାନ୍ୱିତ ନିଯୁକ୍ତି ପ୍ରକ୍ରିୟାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଓଡ଼ିଶା ଏହାର ଶକ୍ତି ବିଭାଗରେ ଦକ୍ଷ ତଥା କୁଶଳୀ ମାନବ ସମ୍ବଳଙ୍କୁ ନିଯୁକ୍ତି କରୁଥିବା କହିଥିଲେ। ଟିମ୍‌ୱର୍କ ଏବଂ ହାର୍ଡୱର୍କ କରିବାକୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଥ୍ରୀ-ଟି ତଥା ଟିମ୍‌ୱର୍କ, ଟ୍ରାନ୍ସପରେନ୍ସି ଏବଂ ଟେକ୍ନୋଲୋଜିକୁ ନେଇ କାମ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ନିକଟ ଅତୀତରେ ବିଭାଗ ହାସଲ କରିଥିବା ବିଭିନ୍ନ ସଫଳତା ଓ ଉନ୍ନତିମୂଳକ ଯୋଜନା ସମ୍ପର୍କରେ କହିଥିଲେ। ଓଡ଼ିଶା ବିଦ୍ୟୁତ୍ ସୁଦୃଢ଼ୀକରଣ ଯୋଜନା, ଗ୍ରାମୀଣ ବିଦ୍ୟୁତୀକରଣ, 'ଆମ ଘରେ ଏଲ୍‌ଇଡି' ଏବଂ ବିଜୁ ଗ୍ରାମ ଜ୍ୟୋତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଯୋଜନା ଓପିଟିସିଏଲ୍ ଉପରେ ନ୍ୟସ୍ତ ରହିଛି। ଶକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିକଟରେ ସଂସ୍ଥା କେନ୍ଦ୍ର ଜଳସେଚନ ଏବଂ ବିଦ୍ୟୁତ୍ ବୋର୍ଡ ଦ୍ୱାରା ପୁରସ୍କୃତ ହୋଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଯଥା ଆଧୁନିକ ମିଟରିଂ ବ୍ୟବସ୍ଥା, ଗ୍ୟାସ୍ ଇନ୍‌ସୁଲେଟେଡ୍ ସବ୍‌ଷ୍ଟେଶନ ଏବଂ ସ୍ମାର୍ଟ ଗ୍ରୀଡ୍ ଭଳି ବହୁ ପ୍ରକଳ୍ପ ସଂସ୍ଥା ଦ୍ୱାରା ପ୍ରଣୟନ କରାଯାଇଥିବା ଶର୍ମା କହିଥିଲେ। ଓପିଟିସିଏଲ୍‌ରେ ସପ୍ତମ ବେତନ ସୁପାରିସ ଲାଗୁ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବାରୁ ମାନବ ସମ୍ବଳ ନିର୍ଦ୍ଦେଶକ ରାଜେନ୍ଦ୍ର ସେନାପତି ଏହି ଅବସରରେ କୃତଜ୍ଞତା ଜଣାଇଥିଲେ। ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବା ପାଇଁ ରାଜ୍ୟ ସରକାର ଠିକ୍ ସମୟରେ ଆବଶ୍ୟକୀୟ ପଦକ୍ଷେପ ନେଇଥିବା ସେ କହିଥିଲେ।

### ଏସ୍‌ସିବିରେ ନାବାଳିକା ମା', ଶିଶୁ

**କଟକ ଅଫିସ, ୧୮।୧**

ଏସ୍‌ସିବିରେ ଭର୍ତ୍ତି ହୋଇଛନ୍ତି ୧୫ ବର୍ଷ ବୟସର ନାବାଳିକା ମା' ଓ ଦୁଇଦିନର ଶିଶୁକନ୍ୟା। ପ୍ରସବ ପରେ ନାବାଳିକାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ତାଙ୍କୁ କଳିଙ୍ଗନଗର ଡାକ୍ତରଖାନାରୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। କଟକ ଚାଇଲ୍ଡ ଲାଇନ ପକ୍ଷରୁ ଉଭୟ ମା' ଓ ଶିଶୁଙ୍କର ଦେଖାଶୁଣା କରାଯାଉଛି। ସୂଚନାଥାଉକି, ସମ୍ପୃକ୍ତ ଆଦିବାସୀ ନାବାଳିକା ଜଣକ ଯାଜପୁର ଅଞ୍ଚଳରୁ ଆସିଛନ୍ତି। ମା' ଛେଉଣ୍ଡ ଏହି ନାବାଳିକା ଜଣକ ଦୁଇଦିନ ତଳେ କଳିଙ୍ଗନଗର ଡାକ୍ତରଖାନାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ସେ ନିଜ ଘରେ ରହୁଥିଲେ। ତେବେ ସେ କିଭଳି ଗର୍ଭବତୀ ହେଲେ ସେ ନେଇ ଥାନାରେ ଏତଲା ଦିଆଯାଇଥିବା ଯାଜପୁର ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର କହିଛନ୍ତି। କରଙ୍କ କହିବା ଅନୁଯାୟୀ ନାବାଳିକାଙ୍କ ଘର ନିକଟରେ ଏକ ରେଲୱେ ଠିକା ସଂସ୍ଥାର କର୍ମଚାରୀମାନେ ରହୁଥିଲେ। ସେମାନେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅନୁମାନ କରାଯାଉଛି। ବାଲେଶ୍ୱରର ଏହି ଠିକା ସଂସ୍ଥାକୁ ଧରିବା ପାଇଁ ପୋଲିସ ଉଦ୍ୟମ କରୁଥିବା କର କହିଛନ୍ତି। ଏପଟେ ନାବାଳିକାଙ୍କ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା କହିଛନ୍ତି।

# କଂଗ୍ରେସ ରାଜନୀତି: ପିସିସି ସଭାପତିଙ୍କୁ ସଗରିଆଙ୍କ ଟାର୍ଗେଟ

- ଆଭିମୁଖ୍ୟ ପରିବର୍ତ୍ତନ କଲେ ଟିକେଟ୍ : ନିରଞ୍ଜନ
- ସୁପାରିଶ କରିପାରିବେ, ଫାଇନାଲ ନୁହେଁ: କୃଷ୍ଣ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ସାଧାରଣ ନିର୍ବାଚନ ଘୋଷଣାକୁ ୫୦ ଦିନରୁ କମ୍ ସମୟ ରହିଥିବା କୁହାଯାଉଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ଏବଂ ରାଜ୍ୟରେ ସରକାରରେ ଥିବା ବିଜେଡି ପୂରା ଦମ୍‌ରେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ହେଲେ ୨୦୦୦ରୁ ମୁଖ୍ୟ ବିରୋଧୀ ଦଳ ରହିଥିବା କଂଗ୍ରେସ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି। କେତେବେଳେ ସଭାପତି ପରିବର୍ତ୍ତନ ପାଇଁ ତ କେତେବେଳେ ଇସ୍ତାହାରର ମୁଖବନ୍ଧକୁ ନେଇ ବିବାଦ ଲାଗିରହୁଛି। ଏପ୍ରିଲରୁ ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ଦାୟିତ୍ୱ ନେବା ପରେ କୌଣସି ଆଖିଦୃଶିଆ ଉନ୍ନତି ହୋଇନାହିଁ। ଓଲଟି ଦଳ ବହୁ ଭାଗରେ ବିଭକ୍ତ ହୋଇଛି। ୩ ଦିନ ମଧ୍ୟରେ ଦଳର ଦୁଇ ବିଧାୟକ(ନବ ଦାସ ଓ ଯୋଗେଶ ସିଂ) କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଏଥିସହିତ ଉଭୟ ନିକଟ ଭବିଷ୍ୟତରେ ବିଧାୟକ ପଦ ତ୍ୟାଗ କରିବା ନେଇ ମଧ୍ୟ ଘୋଷଣା କରିସାରିଛନ୍ତି। ଏପରି ପରିସ୍ଥିତିରେ ଦଳ ସହ ରହିଥିବା ନେତାଙ୍କୁ ନେଇ ମଧ୍ୟ ପିସିସି ସଭାପତିଙ୍କ ଆଭିମୁଖ୍ୟ ବଦଳି ନାହିଁ। ଯାହା କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ସଗରିଆଙ୍କ ପ୍ରତି ଶୁକ୍ରବାର ନିରଞ୍ଜନ ଦେଇଥିବା ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ନିରଞ୍ଜନ କହିଛନ୍ତି ଯେ, କୃଷ୍ଣ ଯଦି ନିଜ ଆଭିମୁଖ୍ୟ ନ ବଦଳାନ୍ତି, ତେବେ ତାଙ୍କୁ ଟିକେଟ ନ ମିଳିପାରେ। ତାଙ୍କ ସମ୍ପର୍କରେ ଶୃଙ୍ଖଳା କମିଟି ବିଚାର କରୁଛି। ଅପରପକ୍ଷରେ ପିସିସି ସଭାପତିଙ୍କ ଏହି ମନ୍ତବ୍ୟ ଉପରେ କୃଷ୍ଣ ମଧ୍ୟ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ଦଳରେ ଟିକେଟ ଆଇସିସି ଦେଇଥାଏ, ପିସିସି ସଭାପତି ନୁହେଁ। ଯଦି ଆସନ୍ତା ସାଧାରଣ ନିର୍ବାଚନ ବେଳକୁ ନିରଞ୍ଜନବାବୁ ସଭାପତି ଥାଆନ୍ତି, ତେବେ ସେ କେବଳ ଟିକେଟ ପାଇଁ ନାମ ସୁପାରିସ କରିପାରିବେ। ଟିକେଟକୁ ଚୂଡାନ୍ତ କରିପାରିବେ ନାହିଁ। ତେଣୁ କିଏ ନିର୍ବାଚନ ଲଢିବ କିମ୍ବା ନ ଲଢିବ , ତାହା ସିଏ ନ ବୁଝି ଦଳ ପାଇଁ କାମ କରନ୍ତୁ। ଏମିତି ମନ୍ତବ୍ୟ ଦେଇ କଂଗ୍ରେସ ଦଳକୁ ନଷ୍ଟ ନ କରନ୍ତୁ ବୋଲି କୃଷ୍ଣ କହିଛନ୍ତି। ପୂର୍ବରୁ ମଧ୍ୟ କୃଷ୍ଣ ନିରଞ୍ଜନ, ତାଙ୍କ ଭାଇ ତଥା ବିଜେଡି ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ମଧ୍ୟ ସମାଲୋଚନା କରିଥିଲେ। ଏମିତି କି ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ କିଛିଦିନ ତଳେ ଚିଠି ଲେଖି ଚର୍ଚ୍ଚାକୁ ଆସିଥିଲେ। ପିସିସି କାର୍ଯ୍ୟକାରୀ ସଭାପତି ନବ ଦାସ ଦଳ ଛାଡିବା ପରେ କୃଷ୍ଣ ନିରଞ୍ଜନଙ୍କୁ ଛିଗୁଲେଇ ମନ୍ତବ୍ୟ ଦେଇଥିଲେ। କୃଷ୍ଣ କହିଛନ୍ତି ଯେ, ବଡ ଭାଇ କଂଗ୍ରେସରେ ସଭାପତି ଅଛନ୍ତି। ସାନ ଭାଇ ବିଜେଡିରେ ରାଜ୍ୟ ସଭା ସଦସ୍ୟ। ତେଣୁ ଯଦି କେହି କଂଗ୍ରେସ ନେତା ଦଳ ଛାଡି ବିଜେଡି ଯାଉଛନ୍ତି, ତେବେ ଅସୁବିଧା କେଉଁଠି। ସେମାନେ ତ 'ପଟ୍ଟନାୟକ କଂଗ୍ରେସ'ରୁ 'ପଟ୍ଟନାୟକ ବିଜେଡି'କୁ ଯାଉଛନ୍ତି ବୋଲି ସେ କହିଥିଲେ। ଯାହା ରାଜ୍ୟ ରାଜନୀତିରେ ଆଲୋଡନ ସୃଷ୍ଟି କରିଥିଲା। ସେହିପରି ଯୋଗେଶଙ୍କୁ ନିଲମ୍ବନ ସମ୍ପର୍କରେ କୃଷ୍ଣ ପରୋକ୍ଷରେ କଂଗ୍ରେସର ତୁଙ୍ଗ ନେତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି , ଯୋଗେଶ ଯଦି ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରି ଦଣ୍ଡିତ ହୋଇଛନ୍ତି, ତାହା ଦଳୀୟ ନିଷ୍ପତ୍ତି। ଏଥିରେ କୌଣସି ମନ୍ତବ୍ୟ ଦେବା ଠିକ୍ ନୁହେଁ। ହେଲେ ଗୋଟିଏ କଥା ମନେପକାଇ ଦେବାକୁ ଚାହେଁ। ବିଧାନସଭା ଭିତରେ ଆଦିବାସୀ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଦ ତଳେ ପଡିବାକୁ କୁହାଯାଇଥିଲା। ମହାନଦୀ ପ୍ରସଙ୍ଗରେ ଭାଜପା ମୁଖ୍ୟ ଦୋଷୀ ହୋଇଥିବା ବେଳେ, ସେହି ଦଳ ସହ ମିଶି ବୈଠକ କରିବା, ରାଜ୍ୟପାଳଙ୍କୁ ଭେଟିବା କ'ଣ ଦଳବିରୋଧୀ ନୁହେଁ କି । ଏସବୁ କାର୍ଯ୍ୟକୁ ପ୍ରବର୍ତ୍ତାଇଥିବା ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ନିଆଯିବ ବୋଲି କୃଷ୍ଣ ପ୍ରଶ୍ନ କରିଛନ୍ତି।

### ଆରମ୍ଭ ହେଲା ରାଜଧାନୀ ଏକ୍ସପ୍ରେସ ବସସେବା

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟ ସରକାର ଶୁକ୍ରବାର ଠାରୁ ରାଜଧାନୀ ଏକ୍ସପ୍ରେସର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରାଜ୍ୟ ପରିବହନ ନିଗମ(ଓଏସଆରଟିସି) ପରିସରରେ ଏହି ବସସେବାକୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ରାଜଧାନୀ ଭୁବନେଶ୍ୱରରୁ ବିଭିନ୍ନ ଜିଲାକୁ ଆରାମଦାୟକ ଯାତ୍ରା ପାଇଁ ୨୩ଟି ଶୀତତାପ ନିୟନ୍ତ୍ରିତ (ଏସ/ସି) ଡିଲକ୍ସ ବସ ଚାଲିବ। ଏହି ବସଗୁଡିକ ଭୁବନେଶ୍ୱରରୁ ଫୁଲବାଣୀ, ରାଉରକେଲା, ଭବାନୀପାଟଣା, ଭଞ୍ଜନଗର, ରାଜଗାଙ୍ଗପୁର (ଭାୟା ସୁନ୍ଦରଗଡ), ରାଜଖରିଆର (ଭାୟା-ବଲାଙ୍ଗୀର), ଗୋରୁମହିଷାଣି ( ଭାୟା କରଞ୍ଜିଆ), ବୁର୍ଲା(ଭାୟା ସମ୍ବଲପୁର)କୁ ଯାତାୟତ କରିବ। ଏହାଛଡା ୪ଟି ଭଲବୋ ବସର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ବସଗୁଡିକୁ ଆନ୍ତରାଜ୍ୟ ଯାତ୍ରୀ ପରିବହନ ପାଇଁ ଭୁବନେଶ୍ୱରରୁ କଲିକତା ଏବଂ ପାରାଦୀପ ଠାରୁ ବିଜୟୱାଡା ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାର ୧୬ କୋଟି ଟଙ୍କା ବ୍ୟୟରେ ୧୭ଟି ବସ କ୍ରୟ କରିଛନ୍ତି। ଉକ୍ତ ବସଗୁଡିକରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ବ୍ୟବସ୍ଥା ସହ ମାଗଣା ୱାଇଫାଇ, ମୋବାଇଲ ଚାର୍ଜିଂ, ସିସିଟିଭି କ୍ୟାମେରା, ଭେହିକିଲ ଟ୍ରାକିଂ ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଉକ୍ତ ଗାଡିଗୁଡିକରେ ଯାତ୍ରୀମାନେ ଅନଲାଇନ ବୁକିଂ କରି ଯାତ୍ରା କରି ପାରିବେ। ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ସଡକ ପରିବହନ ନିଗମର ୪୨୯ଟି ବସ ୩୦ ଜିଲାରେ ଯାତ୍ରୀମାନଙ୍କ ସେବାରେ ନିୟୋଜିତ ହୋଇଛି। ଏହାଛଡା ୪୩ଟି ଆନ୍ତଃ ରାଜ୍ୟ ସଡକ ଦେଇ ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ, ଝାଡଖଣ୍ଡ ଓ ମଧ୍ୟ ପ୍ରଦେଶର ପ୍ରମୁଖ ସହରକୁ ଯାତାୟତ କରୁଛି।


**OFFICE OF THE ASSISTANT DIRECTOR OF TEXTILES, BOUDH**
At/PO/Dist-Boudh, Odisha, Pin-762014,Telephone No-06841-222085
E-mail:- adtboudh@gmail.com

**TENDER NOTICE**

**Bid Reference No. 13 ADTex / Dated.02.01.2019**

**No. 54-PP:-** Bids in sealed cover are invited under two-bid system from reputed and experienced manpower service provider for providing services of the PEON (01 no) for a period from 01.02.2019 to 28.02.2019 for the Office of the Assistant Director of Textiles, Boudh. The details of the bidding process are as follows.

| Sl No. | Bidding Schedule | Deadline |
|---|---|---|
| 1 | Date of Issue | 02.01.2019 |
| 2 | Bid Due Date and Time | 24.01.2019 |
| 3 | Opening of Technical Bid | 26.01.2019 |
| 4 | Opening of Financial Bid | 26.01.2019 |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of manpower services" must reach the undersigned on or before 24.01.2019 by Speed Post/Registered Post/ Courier only.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website www.boyanika.com./www.boudh.nic.in. The Asst. Director of Textiles, Boudh reserve the right to accept or reject any or all documents without assigning any reason thereof.

**Complete Address for submission of Bid:**
The Assistant Director of Textiles, Boudh, At/PO/Dist-Boudh, Odisha, Pin-762014.

*Sd./- Ashutosh Mahanty*
*Assistant Director of Textiles, Boudh*
31027/11/0002/1819



**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER RWS&S DIVISION, DHENKANAL**
E-mail- eerwss-dkl@nic.in

**INVITATIONS FOR BIDS THROUGH e-Procurement**

**Bid Identification No – 22/E.E/RWSS/2018-19/Dhenkanal/Dt. 09.01.2019**

No.: 1358-O: The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.

Nature of Work: - Execution of Rural Piped Water Supply Schemes in Different Blocks under Dhenkanal District.

1. No. of Tenders : 14 Nos.
2. Tender Paper Cost : 6,000/- to 10,000/- (Online Mode)
3. Value of work : 47.97 Lakh to 154.05 Lakh
4. Class of Contractor : B & A Class
5. Date & time of availability of bid document in portal : 21.01.2019 at 11.00 A.M. to 31.01.2019 up to 5.00 P.M.
6. Date & time of seeking tender clarification : 28.01.2019 up to 05.00 P.M.
7. Date & time of opening of tender : 01.02.2019 at 11.00 A.M. in the Office of the Executive Engineer, RWS&S Division, Dhenkanal.
8. Time of completion : Six Months
9. The bidders have to participate in online bidding only. Further details can be seen from the website **https://www.tendersorissa.gov.in**.
10. Corrigendum if any shall be published in the above website only.

**Sd./- Executive Engineer,**
**RWS&S Division, Dhenkanal**
25029/11/0012/1819



**GOVERNMENT OF ODISHA** No.1375-O
**OFFICE OF THE SUPERINTENDING ENGINEER, RURAL WORKS CIRCLE, BOLANGIR**

**e Procurement Notice**

1. Name of work : Periodical Maintenance of 5 years completed PMGSY work such as providing SDBC for the year 2018-19
2. Total no of work : 8 (eight) road works.
3. Time for completion : 6 (six) calendar months.
4. Approximate estimated cost varies from : Rs. 106.00 lakhs to Rs.233.00 lakhs
5. Mode of Submission of tender : Tender should be submitted online in **www.tendersodisha.gov.in**
6. Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W.Circle, Bolangir | BLGR-Online-14/2018-19 | 22.01.2019 at 11.00 A.M. | 08.02.2019 upto 5.00 P.M. | 07.02.2019 upto 1.00 P.M. | 11.02.2019 at 11.00 A.M. | The date will be intimated to the technically qualified bidders later on |

• Further details can be seen from the website **www.tendersodisha.gov.in**.
• Any Corrigendum/Addendum will be displayed in the above e tender website only.

25111/11/0022/1819 **Sd./- Superintending Engineer, R.W.Circle, Bolangir**



DADLS-248

**ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୨୦.୦୧.୨୦୧୯ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** ସମୟ – ପୂର୍ବାହ୍ନ ୧୧.୩୦ ମି.
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା :** ସମୟ – ଅପରାହ୍ନ ଘ.୧.୩୦ ମି.
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୨୦.୦୧.୨୦୧୯ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0547/1819



**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026**, Mob.No.07328840483, Fax:06673-252332, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102 E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**'e'-Procurement Notice**

**TENDER CALL NOTICE NO – 50/2018-19 DATED: 14.01.2019**

No.CAD-1284: The Sr. General Manager (El.), Upper Indravati Hydro Electric Project, Mukhiguda, Dist – Kalahandi invites percentage rate bid in two parts from 'D' & 'C' class contractors in double cover to be received in online mode only for the following work.

| Name of Work | Estimated cost in Rs. | EMD in Rs. | Cost of Tender paper in Rs. |
|---|---|---|---|
| Repair of Road No.4 i.e. from Medical Chhak to Sector-II Maya Chhak, road in front of Jagannath temple and Bada Danda i.e. from culvert at Sector-III to Power House road. | Rs.11,88,021/- (Excluding GST) | Rs.11,900/- | Rs. 7,080/- (Rs.6,000/- + GST 18%) |

1. Availability of bids online for bidders: from 22.01.2019 (10:30 Hrs) to 04.02.2019 (11:30 Hrs)
2. The date & time of opening of technical bid: 07.02.2019 (11:30 Hrs)
3. The bidders shall have to participate in online bidding only, the website for online bidding is https://tendersodisha.gov.in
4. The bidder must possess compatible Digital Signature Certificate (DSC) of Class – II or Class –III to participate in the online bidding.

For further details and downloading of tender documents, Terms and Conditions, Eligibility Criteria, BOQ and any addendum/corrigendum/cancellation of tender please visit website **https://tendersodisha.gov.in**.

32136/11/0078/1819 **Sd./- Sr. General Manager (El.), UIHEP, Mukhiguda**



**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**

**TENDER CALL NOTICE**

E-mail: rbcirclekhurda@gmail.com
Bid Identification No. SE-Khordha (R&B) Circle- 15/2018-19
Memo No- Dt. 09.01.2019

**No. 1140-B:-** The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

1. Nature of Work : Building Work
2. No. of Work : 01 No.
3. Tender Cost : Rs.10000.00 (On-Line)
4. Class of Contractor : (A Class & B Class)
5. Available of Bid document in the Website : From Dt 22.01.2019, 10.00 AM to Dt 07.02.2019, 5.00 PM
6. Date of opening of Bid : Dt 08.02.2019 at 11.30AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

*Superintending Engineer*
*Khordha (R&B) Circle, Khordha*
34127/11/0017/1819



**OFFICE OF THE EXECUTIVE ENGINEER, RWSS DIVISION, BERHAMPUR**
**Near JaradaBunglow, Pin – 760004, Ph. 0680-2296344**
**eerwss_bam@nic.in rwssbam@gmail.com**

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM- 20 /2018-19**

No.: 1382-O: The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1. | Name of the work | Execution of different works of different P.W.S. Scheme in Ganjam District. |
| 2. | No. of Work (Tender) | 08 Nos. |
| 3. | Estimated cost (Approximate) | Rs.70.00 lakhs to Rs.285.90 lakhs |
| 4. | Period of completion | 210 days to 280 days |
| 5. | Date & Time of availability of bid document in the Portal | From 21.01.2019 at11.00 hrs. to 04.02.2019 up to 17.00 hrs. |
| 6. | Last date & time for seeking clarification | 04.02.2019 up to 17.00 hrs. |
| 7. | Dt. of opening of Bid | 05.02.2019 at 11.00 hrs. |
| 8. | Late date / Time for receipt of bids in the Portal | 04.02.2019 up to 17.00 hrs. |
| 9. | Name & address of the Officer inviting tender | Executive Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal **https://tendersorissa.gov.in**.

**Executive Engineer**
**RWS&S Division, Berhampur**
25035/11/0020/1819

# ମଲ୍ଟିମିଡିଆରେ କ୍ୟାରିୟର ସମ୍ଭାବନା

ବିଖ୍ୟାତ ହଲିଉଡ୍ ଫିଲ୍ମ 'ଗଡଜିଲା' ଉଣାଅଧିକେ ସମସ୍ତଙ୍କର ମନେଥିବ। ନ୍ୟୁୟର୍କର ସଡ଼କରେ ମୁହଁରେ ନିଆଁ ବାହାର କରି ସବୁକିଛି ଧ୍ୱଂସ କରି ଦେଉଥିବା ଏକ ଅଦ୍ଭୁତ ପ୍ରାଣୀ ଯାଉଥିବାର ଦୃଶ୍ୟ ସମସ୍ତଙ୍କୁ ବେଶ୍ ଆନ୍ଦୋଳିତ କରିଥିଲା। ଅନେକେ ଏହା ଜାଣି ନ ଥିବେ ଯେ, ଏହା ହେଉଛି ସମ୍ପୂର୍ଣ୍ଣ ମଲ୍ଟିମିଡିଆର ଚମତ୍କାରିତା, ଯାହା କଳ୍ପନାକୁ ବାସ୍ତବ ରୂପ ଦେଇଥିଲା। ଅସଲରେ ମଲ୍ଟିମିଡିଆରେ ୱେବସାଇଟ୍ ଡିଜାଇନ, ଆନିମେଶନ, ସ୍ପେଶାଲ ଇଫେକ୍ଟସ ଏବଂ ଡିଜିଟାଲ ଭିଡିଓ ତିଆରି କରାଯିବା ଆଦି ସାମିଲ ହୋଇଛି। ଆଜି ଦେଶରେ ୟୁଟିଭି, ଯଶରାଜ ଫିଲ୍ମସ, ରିଲାଏନ୍ସ ବିଗ୍ ଏଣ୍ଟରଟେନମେଣ୍ଟ ଭଳି ବଡ଼ ବଡ଼ ପ୍ରଡକ୍ସନ ହାଉସ ଡ୍ରିମ୍ ୱର୍କ୍ସ, ୱାଲ୍ଟ ଡିଜ୍ନୀ ଏବଂ ପିକ୍ସର ଆନିମେଶନ ଭଳି ପ୍ରତିଷ୍ଠିତ ଅନ୍ତଃରାଷ୍ଟ୍ରୀୟ ସଂସ୍ଥା ସହିତ ମିଶି ପୂର୍ବରୁ ହିଁ ଏହି ସେକ୍ଟରକୁ ବଢ଼ାଇବାରେ ଲାଗିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏ କ୍ଷେତ୍ରରେ କ୍ୟାରିୟର ସମ୍ଭାବନା ଯଥେଷ୍ଟ ରହିଛି ଏବଂ ନିଯୁକ୍ତିର ବହୁବିଧ ସୁବିଧା ହାତପାହାନ୍ତାରେ ଉପଲବ୍ଧ।



## ମଲ୍ଟିମିଡିଆ କ'ଣ

ମଲ୍ଟିମିଡିଆ ବାସ୍ତବରେ ଟେକ୍ନିକ ଏବଂ କଳାର ସମ୍ମିଶ୍ରଣ। କମ୍ପ୍ୟୁଟର ଟେକ୍ନିକର ବିକାଶ ସହିତ ମଲ୍ଟିମିଡିଆ ଏବେ ଏକ ପେସାର ରୂପ ନେଇସାରିଛି। ମଲ୍ଟିମିଡିଆ ଅନ୍ତର୍ଗତରେ କମ୍ପ୍ୟୁଟର ଟେକ୍ନିକ ଜରିଆରେ ଟେକ୍ସଟ୍, ଗ୍ରାଫିକ୍ସ, ଆନିମେଶନ, ଅଡିଓ ଏବଂ ଭିଡିଓ ଭଳି ବ୍ୟବସ୍ଥାକୁ ଯଥାଯଥ ମିଶ୍ରଣ ଦ୍ୱାରା ଏଣ୍ଟରଟେନ୍ମେଣ୍ଟ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଶିକ୍ଷଣ ଟ୍ୟୁଟୋରିଆଲ ସମେତ ଅନେକ ପ୍ରକାର ଶକ୍ତିଶାଳୀ ଆପ୍ଲିକେଶନ ନିର୍ମାଣ କରାଯାଇଥାଏ। ଭିଡିଓ ଓ ସାଉଣ୍ଡ ଏଡିଟିଂଠାରୁ ଆରମ୍ଭ କରି ସ୍ପେଶାଲ ଇଫେକ୍ଟସ, ଆନିମେଶନ, ଗେମ୍ସ,ଇଣ୍ଟରଆକ୍ଟିଭ ମଲ୍ଟିମିଡିଆ ପ୍ରୋଗ୍ରାମିଂ ଏବଂ ୱେବ କଣ୍ଟେଣ୍ଟ ଡେଭଲପ୍ମେଣ୍ଟ ପର୍ଯ୍ୟନ୍ତ ଏହାକୁ ବ୍ୟବହାର କରାଯାଇପାରିବ।



## ମଲ୍ଟିମିଡିଆ ଇଣ୍ଡଷ୍ଟ୍ରି ଓ ରୋଜଗାର

ମଲ୍ଟିମିଡିଆ ଇଣ୍ଡଷ୍ଟ୍ରିକୁ ମୁଖ୍ୟତଃ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ। ସେଗୁଡିକ ହେଲା ଏଣ୍ଟରଟେନମେଣ୍ଟ, ପବ୍ଲିଶିଂ ଏବଂ ଆଇଟି। ଆମ ଦେଶରେ ଏଣ୍ଟରଟେନ୍ମେଣ୍ଟ ଇଣ୍ଡଷ୍ଟ୍ରି ବାର୍ଷିକ ୨୦ ପ୍ରତିଶତ ହାରରେ ବୃଦ୍ଧିପାଉଛି। ଆଇଟି ସେବା ସହ ସମ୍ପର୍କିତ ଇଣ୍ଟରଆକ୍ଟିଭ ଡିଜିଟାଲ ମଲ୍ଟିମିଡିଆ, ଆନିମେଶନ ଏବଂ ଗେମିଂ ଇତ୍ୟାଦି ଲାଗି ନିକଟ ଭବିଷ୍ୟତରେ ପ୍ରାୟ ୧୧ ଲକ୍ଷ ଦକ୍ଷ ପେସାଦାରଙ୍କ ଆବଶ୍ୟକତା ରହିଛି। କମ୍ପ୍ୟୁଟର, ଭିଡିଓ ଓ ୱାରଲେସ(ମୋବାଇଲ) ଗେମ୍ ଡେଭଲପ୍ମେଣ୍ଟ ସେକ୍ଟରରେ ମଧ୍ୟ ଗତ କିଛିବର୍ଷ ହେଲା ଉଲ୍ଲେଖନୀୟ ପ୍ରଗତି ହୋଇଥିବା ଦେଖାଯାଇଛି। ନାସକମ୍‌ର ଏକ ଅନୁମାନ ଅନୁଯାୟୀ, ଆନିମେଶନ ସେକ୍ଟରରେ ରୋଜଗାର ୨୦୧୨ ପର୍ଯ୍ୟନ୍ତ ୧୪,୭୦୦ରୁ ଦୁଇଗୁଣା ହୋଇ ୨୯,୫୦୦ରେ ପହଞ୍ଚିଯାଇଛି। ଠିକ୍ ସେହିଭଳି ଭାବେ ଗେମିଂ ଉଦ୍ୟୋଗରେ ମଧ୍ୟ ଆସନ୍ତା ୩ ବର୍ଷ ଭିତରେ ବହୁସଂଖ୍ୟାରେ ନିଯୁକ୍ତି ସୃଷ୍ଟି ହେବ। ଏହି ସେକ୍ଟରରେ ଏବେ ପ୍ରାୟ ୫ ହଜାରରୁ ଅଧିକ ଲୋକ କାମ କରୁଛନ୍ତି। ଭାରତରେ ଆନିମେଶନ ଓ ଗେମିଂ ଉଦ୍ୟୋଗ ଆଗକୁ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଆର୍ଥିକ ମାନ୍ଦାବସ୍ଥା କାରଣରୁ ପାଶ୍ଚାତ୍ୟ ଦେଶଗୁଡିକ କମ୍ ବଜେଟରେ ଉନ୍ନତ ମାନର ଆନିମେଶନ କଣ୍ଟେଣ୍ଟ ତିଆରି କରିବା ଲାଗି ଏବେ ଭାରତ ଭଳି ଦେଶ ଆଡେ ନଜର ପକାଇଛନ୍ତି। ଆନିମେଶନ ଲାଗି ବଲିଉଡ ଓ ଆଞ୍ଚଳିକ ଚଳଚ୍ଚିତ୍ର ଜଗତର ଆଗ୍ରହ ବୃଦ୍ଧି ଯୋଗୁ ଏ କ୍ଷେତ୍ର ଆଗେଇ ପାରିଛି। ଘରୋଇ କ୍ଷେତ୍ର ଢାଞ୍ଚାଗତ ନିର୍ମାଣ ଓ ମାନବ ସମ୍ବଳ ଯୋଗାଇ ଦେଉଥିବା ବେଳେ ଅନ୍ତର୍ଜାତୀୟ କମ୍ପାନୀମାନେ ମାର୍କେଟିଂ ଓ ବିପଣନରେ ସହାୟତା ଯୋଗାଇ ଦେଉଛନ୍ତି।

## କ୍ୟାରିୟର ସମ୍ଭାବନା

ଏହି କ୍ଷେତ୍ରରେ ପେସାଦାର ଦକ୍ଷତା ହାସଲ କରିବା ପରେ ଜଣେ ଛାତ୍ରୀ/ଛାତ୍ର ଏଡିଟର, କଣ୍ଟେଣ୍ଟ ପ୍ରୋଭାଇଡର, ଆନିମେଟର, ଡିଜାଇନର, ଗ୍ରାଫିକ ଆର୍ଟିଷ୍ଟ, ଇଲଷ୍ଟ୍ରେଟର, ଅପରେଟର, ମଲ୍ଟିମିଡିଆ ଡେଭଲପର, ମଲ୍ଟିମିଡିଆ ସିଷ୍ଟମ ଆନାଲିଷ୍ଟ, ପ୍ରଡ୍ୟୁସର, ପବ୍ଲିଶର, ପ୍ରୋଗ୍ରାମର, ପ୍ରୋଜେକ୍ଟ ମ୍ୟାନେଜର, ସାଉଣ୍ଡ ଟେକ୍ନିସିଆନ, ଭିଡିଓ ଟେକ୍ନିସିଆନ ସମେତ ଆହୁରି ଅନେକ ପ୍ରକାର କାମ କରିପାରିବେ। ମଲ୍ଟି ମିଡିଆ ପ୍ରଫେଶନାଲ ଚାହିଁଲେ ପ୍ରିଣ୍ଟ ମିଡିଆ, ୱେବ୍ ପବ୍ଲିକେଶନ ଏବଂ ବ୍ରଡକାଷ୍ଟ ମିଡିଆରେ ନିଜର ରୋଜଗାର ରାସ୍ତା ଖୋଜିପାରିବେ। ଏହାବ୍ୟତୀତ ଆଡଭର୍ଟାଜିଂ, ରିଟେଲ ଡିଜାଇନ,ମଲ୍ଟିମିଡିଆ ଏବଂ ୱେବ୍ ଡିଜାଇନ, ଆନିମେଶନ, ଇଲେକ୍ଟ୍ରୋନିକ ଓ ନ୍ୟୁଜ୍ ମିଡିଆ ତଥା ଫିଲ୍ମରେ ମଧ୍ୟ ଏହି କ୍ଷେତ୍ର ସହ ଜଡିତ ପେସାଦାରଙ୍କ ବିକଳ୍ପ ଭାବେ



କାର୍ଯ୍ୟ କରିପାରିବେ। ଜଣେ ଫ୍ରିଲାନ୍ସର ଭାବେ ମଧ୍ୟ ନିଜର ସେବା ଯୋଗାଇ ପ୍ରଚୁର ଅର୍ଥ ଉପାର୍ଜନ କରିହେବ।

## ଶିକ୍ଷା ଏବଂ ପ୍ରଶିକ୍ଷଣ

ଦେଶରେ ଏବେ ଏହି କ୍ଷେତ୍ର ସହିତ ଜଡ଼ିତ ଅନେକ ଶିକ୍ଷା ପ୍ରୋଗ୍ରାମ ଆରମ୍ଭ କରାଯାଇଛି। ମଲ୍ଟିମିଡିଆରେ ସାର୍ଟିଫିକେଟ କୋର୍ସଠାରୁ ଆରମ୍ଭ କରି ୩ରୁ ୪ ବର୍ଷର ବ୍ୟାଚେଲର ଡିଗ୍ରୀ କୋର୍ସ ମଧ୍ୟ ଉପଲବ୍ଧ ହେଉଛି। ଇଣ୍ଡଷ୍ଟ୍ରିଆଲ ଡିଜାଇନ ସେଣ୍ଟର (ଆଇଆଇଟି, ମୁମ୍ବାଇ), ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ (ଏନ୍ଆଇଡି), ଅହମ୍ମଦାବାଦ ଏବଂ ସିଡ୍ୟାକ୍ ସହ ଜଡିତ ଏନଏମଆର୍‌ସି ଭଳି କିଛି ସଂସ୍ଥା ରହିଛି, ଯେଉଁଠି ମଲ୍ଟିମିଡିଆ ଆପ୍ଲିକେଶନ ଡେଭଲପମେଣ୍ଟ ସମ୍ପର୍କରେ ଏକାଡେମିକ ଥିଙ୍କିଙ୍ଗ୍‌କୁ ପ୍ରୋତ୍ସାହିତ କରାଯାଉଛି। କୋଲ୍‌କାତାର ଯାଦବପୁର ୟୁନିଭର୍ସିଟି ଦେଶରେ ସମ୍ଭବତଃ ଏକମାତ୍ର ଏଭଳି ବିଶ୍ୱବିଦ୍ୟାଳୟ ଯେଉଁଠି ମଲ୍ଟିମିଡିଆରେ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀ କୋର୍ସ ଉପଲବ୍ଧ ହେଉଛି। ଏନଆଇଟିରେ ବର୍ତ୍ତମାନ ଆନିମେଶନ ଫିଲ୍ମ ଡିଜାଇନ,ଫିଲ୍ମ ଆଣ୍ଡ ଭିଡିଓ କମ୍ୟୁନିକେଶନ, ଗ୍ରାଫିକ ଡିଜାଇନ ଏବଂ ନ୍ୟୁ ମିଡିଆ ଡିଜାଇନରେ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା କୋର୍ସର ବ୍ୟବସ୍ଥା ରହିଛି।

ଏହି କ୍ଷେତ୍ରରେ ଉପଲବ୍ଧ ହେଉଥିବା କୋର୍ସଗୁଡିକ ହେଲା ବ୍ୟାଚେଲର୍ସ ଇନ୍ ମଲ୍ଟିମିଡିଆ, ବ୍ୟାଚେଲର ଇନ ଆନିମେଶନ, ବ୍ୟାଚେଲର ଇନ ଡିଜିଟାଲ ମିଡିଆ, ବ୍ୟାଚେଲର ଇନ ଗେମ୍ସ ଆଣ୍ଡ ଇଣ୍ଟରାକ୍ଟିଭ ମିଡିଆ ଡିଜାଇନ, ବ୍ୟାଚଲର ଇନ୍ ଭିଜୁଆଲ ଡିଜାଇନ, ଡିପ୍ଲୋମା ଇନ ମଲ୍ଟିମିଡିଆ ଆଣ୍ଡ ଆନିମେଶନ।

## ଦରମା ପ୍ୟାକେଜ

ଆନିମେଶନ ପ୍ରଫେଶନାଲ ଭାବେ ଅନେକ ପ୍ରକାର କାମ କରାଯାଇପାରେ। କୌଣସି ଆନିମେଶନ ଷ୍ଟୁଡିଓ ଅଥବା କମ୍ପାନୀରେ ଏକ୍ସପର୍ଟ କର୍ମଚାରୀ ଭାବେ ସ୍ଥାୟୀ ରୂପରେ କାମ କରିପାରିବେ। ଅଥବା କୌଣସି ପ୍ରଡକ୍ସନ ହାଉସରେ ଫ୍ରିଲାନ୍ସର ଆନିମେଶନ ଏକ୍ସପର୍ଟ ଭାବେ ମଧ୍ୟ କାମ କରିପାରିବେ। ଆରମ୍ଭରେ ଆପଣ ୧୦ରୁ ୧୨ ହଜାର ଟଙ୍କା ମାସକୁ ଦରମା ପାଇବା ସମ୍ଭାବନା ରହିଛି। ପରେ ଏହା ବଢ଼ି ୨୫ରୁ ୩୦ ହଜାର ଟଙ୍କା ହୋଇଯିବ। ବର୍ଷେ କିମ୍ବା ଦୁଇ ବର୍ଷ ପରେ ଆପଣ ୪୦ରୁ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରିବେ। ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଫିଲିପାଇନ୍ସରେ ଆନିମେଶନ ପ୍ରୋଜେକ୍ଟ କାମ ଅତ୍ୟନ୍ତ ମହଙ୍ଗା ହେଉଥିବା କାରଣରୁ ସେଠାକାର କମ୍ପାନୀମାନେ ଭାରତରେ ବଡ଼ସଂଖ୍ୟାରେ ଆଉଟ୍‌ସୋର୍ସ କରୁଛନ୍ତି। ଏହାବାଦ୍ କାର୍ଟୁନ ଫିଲ୍ମ, ଫିଲ୍ମ, ବିଜ୍ଞାପନ ଆଦି ଲାଗି କାମ କରିବା ବଦଳରେ ଆପଣ ଲକ୍ଷାଧିକ ଟଙ୍କା ଆୟ କରିପାରିବେ।

## ଇନଷ୍ଟିଚ୍ୟୁଟ୍

ଏହି କ୍ଷେତ୍ରରେ ପ୍ରମୁଖ ଇନ୍‌ଷ୍ଟିଚ୍ୟୁଟ୍ ଗୁଡିକ ହେଲା– ଆଇଆଇଟି ଗୁଆହାଟୀ, ଆଇଆଇଟି ମୁମ୍ବାଇ, ଏରିନା ଆନିମେଶନ ଏକାଡେମୀ, ଇଣ୍ଟିଗ୍ରେଟେଡ ମ୍ୟାନେଜମେଣ୍ଟ କଲେଜ, ନୂଆଦିଲ୍ଲୀ, ମାୟା ଏକାଡେମୀ ଅଫ୍ ଆଡଭାନ୍ସ ସିନେମାଟିକ୍ସ, ହାଇଦ୍ରାବାଦ, ମୁମ୍ବାଇ, ନୂଆଦିଲ୍ଲୀ, ପ୍ରାନ୍ସ ମିଡିଆ, ନୂଆଦିଲ୍ଲୀ, ଗିକୋ ଆନିମେଶନ ଷ୍ଟୁଡିଓ,ନୂଆଦିଲ୍ଲୀ, ଏଏଫଏ ଆନିମେଶନ ଆଣ୍ଡ ଫାଇନ ଆର୍ଟ୍ସ ଏକାଡେମୀ, କୋଏମ୍ବାଟୁର, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ, ପାଲ୍‌ଦୀ, ଅହମ୍ମଦାବାଦ ଓ ଇଣ୍ଡଷ୍ଟ୍ରିଆଲ ଡିଜାଇନ ସେଣ୍ଟର, ଆଇଆଇଟି, ମୁମ୍ବାଇ ପ୍ରମୁଖ।

# ଘରେ ବସି କ୍ୟାଟ୍ ପ୍ରସ୍ତୁତି

ଆଇଆଇଏମ୍ ଭଳି ବଡ଼ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ପାଠ୍ୟକ୍ରମରେ ଭର୍ତ୍ତି ହେବା ଲାଗି ଆଜିକାଲି କମନ ଆଡ୍‌ମିଶନ ଟେଷ୍ଟ (କ୍ୟାଟ୍) ପରୀକ୍ଷା ଦେବାକୁ ପଡିଥାଏ। ପ୍ରତିବର୍ଷ ଆଇଆଇଏମ୍ ଦ୍ୱାରା ରୋଟେଶନ ଆଧାରରେ ହେବାକୁ ଥିବା ଏହି ପରୀକ୍ଷାର ପ୍ରସ୍ତୁତି ଲାଗି ଛାତ୍ରୀଛାତ୍ର ଅନେକ ପରିଶ୍ରମ କରିଥାନ୍ତି। ଏଥିପାଇଁ ଦେଶରେ ଅନେକ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତି ପାଇଁ ମୋଟା ଅଙ୍କ ନେଇଥାନ୍ତି। ତେବେ ଶୃଙ୍ଖଳିତ ଢଙ୍ଗରେ ଘରେ ବସି ନିଜେ କ୍ୟାଟ୍ ଲାଗି ପ୍ରସ୍ତୁତି ଚଳାଇହେବ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ। ନିମ୍ନରେ ଏ ସମ୍ପର୍କରେ ସୂଚନା ଦିଆଯାଉଛି।




## ସିଲାବସ୍‌କୁ ପ୍ରଥମେ ଜାଣନ୍ତୁ

କ୍ୟାଟ୍ ପରୀକ୍ଷାର ସିଲାବସ୍ ଜାଣିବା ଓ ବୁଝିବା ପ୍ରଥମ କାର୍ଯ୍ୟ। ସଫଳତା ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସର୍ବପ୍ରଥମେ ଆପଣ ପୂର୍ବବର୍ଷଗୁଡିକର ପ୍ରଶ୍ନପତ୍ର ସଂଗ୍ରହ କରନ୍ତୁ ଏବଂ ପ୍ରଶ୍ନର ଧାରା ଓ ପ୍ରଶ୍ନଗୁଡିକ ବୁଝିବାକୁ ଚେଷ୍ଟା କରନ୍ତୁ। ଏହାପରେ ସିଲାବସକୁ ଭଲ ଭାବେ ପଢ଼ିବା ପରେ ଉପଯୁକ୍ତ ବହି କିଣନ୍ତୁ। ବହି ବାଛିବା ସମୟରେ କ୍ୟାଟ୍ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ସହାୟତା ନିଆଯାଇପାରେ।

## ସମୟ ନିର୍ଦ୍ଧାରଣ କରନ୍ତୁ

କ୍ୟାଟ୍ ପ୍ରସ୍ତୁତି ବେଳେ ଦୈନିକ ସମୟସାରଣୀ ପ୍ରସ୍ତୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଷୟ ଅନୁଯାୟୀ ସମୟକୁ ବାଣ୍ଟିଦିଅନ୍ତୁ। ଏହାରି ଭିତରେ ବିଶ୍ରାମ ନେବା ପାଇଁ ସମୟ ବାହାର କରିବା ଆବଶ୍ୟକ। କାରଣ କ୍ରମାଗତ ବସି ପାଠପଢ଼ିବା ଦ୍ୱାରା ଶରୀର ଅସୁସ୍ଥ ହେବା ସାଙ୍ଗକୁ ପାଠ ମନେ ରହେନାହିଁ। ବିଶ୍ରାମ ନେବା ପରେ ଅଧିକ ଉତ୍ସାହରେ ପାଠପଢ଼ି ହେବ।

## ମକ୍ ଟେଷ୍ଟରେ ଭାଗ ନିଅନ୍ତୁ

ଆଜିର ଇଣ୍ଟରନେଟ୍ ଯୁଗରେ କ୍ୟାଟ୍ ସମ୍ପର୍କିତ ମକ୍ ଟେଷ୍ଟ ଆୟୋଜନ କରୁଥିବା ଅନେକ ୱେବସାଇଟ ରହିଛି। ଏମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏକୁ ବାଛି ବିଭିନ୍ନ ସମୟରେ ନିଜର ପାଠ ପଢ଼ାକୁ ପରଖିପାରିବେ। ମକ୍ ଟେଷ୍ଟ ଜରିଆରେ ଆପଣ ପ୍ରଶ୍ନର ଧାରା ସହିତ ପରିଚିତ ହୋଇପାରିବେ ଏବଂ ଉତ୍ତରକୁ ନେଇ ଥିବା ଅନେକ ଆଶଙ୍କା ଦୂର ହୋଇଯିବ। ଏଥିସହିତ ପାଠପଢ଼ାରେ କେଉଁଠି ତ୍ରୁଟି ରହିଯାଇଛି, ତାହା ମଧ୍ୟ ସହଜରେ ଜାଣିହେବ। ଏହାଦ୍ୱାରା ଆଗକୁ ପାଠପଢ଼ାକୁ ଅଧିକ କ୍ରିୟାଶୀଳ କରି ତ୍ରୁଟିକୁ ସଜାଡିପାରିବେ।



## ମୋଟିଭେଶନ

ନିଜକୁ କ୍ୟାଟ୍ ପରୀକ୍ଷା ପାଇଁ ଉତ୍ସାହିତ କରିବା ସବୁଠୁ ବଡ଼ ଆବଶ୍ୟକତା। ଆଦୌ ନିରାଶ ହୁଅନ୍ତୁ ନାହିଁ। ନିଜେ ସଫଳ ହୋଇପାରିବେ ଏହା ସର୍ବଦା ଭାବିବାକୁ ହେବ। ପାଠପଢ଼ିବା ବେଳେ ମସ୍ତିଷ୍କରେ ନକାରାତ୍ମକ ଚିନ୍ତାଧାରା ଆସୁଥିଲେ, କିଛି ସମୟ ପାଇଁ ବିରାମ ଦିଅନ୍ତୁ। ଏକାଗ୍ରତା ବଜାୟ ଲାଗି ଯୋଗର ସହାୟତା ନେଇହେବ।

ଲଣ୍ଡ୍ରି କମ୍ପାନୀରେ କାମ କରିବା ନିମନ୍ତେ ଡ୍ରାଇଭର, ପୁରୁଷ ଓ ମହିଳା ଆବଶ୍ୟକ। ରହିବା ଓ ଖାଇବା ସୁବିଧା ଉପଲବ୍ଧ।
Contact: 8018172594

Wanted Male/Female for Travel Agency. Marketing (Experience), Sai Tour Travels.
Contact 9040056776, 9348861961

WANTED A reputed Real Estate Company lewis road required Deputy Manager- 5 Nos., Marketing Executive-15 Nos. (M/F) Fixed Salary/ Incentives.
Contact: 7381222322/ 9861747353

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

WANTED
Front Office Manager
Massage Therapist
Peon Boy
For SPA CENTER in Bhubaneswar.
Mob : 9861550765

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା–8th to 10th & above.
Contact: 8339922964

ଓଁ ସାଇ ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଏବଂ ପୁଅ ପିଲା ଆବଶ୍ୟକ। ଦରମା Rs. 7,000/-, ରହିବା ଓ ଖାଇବା ସୁବିଧା ଅଛି।
ଯୋଗାଯୋଗ: 9090253740, 7569806086

ହୋଟେଲ ପାଇଁ ଓଡ଼ିଆ ଖାଦ୍ୟ ରୋଷେୟା, ହେଲ୍‌ପର୍ ଓ ମ୍ୟାନେଜର ଆବଶ୍ୟକ।
ଫୋନ୍ ନଂ: 7873651675 (10 AM- 12 Noon)

ଆବଶ୍ୟକ
ଡ୍ରାଇଭର, ରୋଷେୟା, ପିଅନ ଓ ମାଳି
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର, ରୋଷେଇ କରିବା ପାଇଁ ରୋଷେୟା, ପିଅନ ଏବଂ ମାଳି ଆବଶ୍ୟକ। ଆକର୍ଷଣୀୟ ଦରମା ସହିତ ରହିବାର ସୁବିଧା ସୁଯୋଗ ଦିଆଯିବ। ଯୋଗାଯୋଗ କରନ୍ତୁ:
Address : DLF Cibercity, Patia, 9th Floor, #929, Bhubaneswar Phone No. : 0674-7107777

ପତି କାର୍ଡ୍ସ
INVT. CARD & TROPHIES
NEEDS DTP OPTR. DESIGNER
M- 9776138837, 9937417848, BBSR.

WANTED
MACZEN ENGINEERING PVT. LTD.
Requires Marketing Manager-01, Exp. (Male), Telecaller-02, Exp., Good looking.
Contact: 9853089865
Plot No: M/64, Baramunda H.B Colony, Bhubaneswar

Req. for Limited Co.
1. ପୂର୍ବତନ ସୈନିକ
2. ଡ୍ରାଇଭର (HMV-LMV)
ବେତନ-19500-27500 ଡ୍ୟୁଟି - ଓଡ଼ିଶା, ମଧ୍ୟପ୍ରଦେଶ
ସବୁ ସୁବିଧା / ଡ୍ୟୁଟି ୮ ଘଣ୍ଟା ମୋଟ ଖାଲି ପଦବୀ-215
ପ୍ରାର୍ଥୀମାନେ ନିଜ Bio-data ଇମେଲ୍ କରନ୍ତୁ
nutekindialimited2019@gmail.com
Phone. No. 08057878485

URGENT REQUIRED FOR SPA
•LADY RECEPTIONIST : Exp./Freshers, Salary : 15,000/-
•LADY THERAPIST : Exp./Freshers, Salary : 8,000/-
Fooding + Accommodation Free
Mob : 9114402305
DAMANA SQUARE, BHUBANESWAR

WANTED
Required One Lab Technician having qualification Degree or Diploma in Lab Technology by an Institution certified by AICTE for working in NHM supported project "Revised National Tuberculosis Control (RNTCP) programme in Puri District". Apply with detail Bio-data and copy of all testimonials to following address to be reached here on or before 22.01.2019.
To, The Secretary, ISERD, At: Pandapokhari, PO: Panasapada, Dist: Puri, Odisha: 752010. Cell No: 8117069343

ଭୁବନେଶ୍ୱରରେ ଘରକାମ ପାଇଁ କୌଣସି ବୟସର ପୁରୁଷ କିମ୍ବା ମହିଳା ଆବଶ୍ୟକ। ରହିବା ସହିତ ଖାଇବା ମାଗଣା।
ଯୋଗାଯୋଗ କରନ୍ତୁ: 9438674500, 8895543856

REQUIRED
Female TELECALLER for Bhubaneswar Office.
Contact: 0674- 2561158
Mob: 9938010041

ଭୁବନେଶ୍ୱର ନଖରାରେ ଘରେ ରହି ରୋଷେଇ ଓ ଘରକାମ କରିବାକୁ ମଧ୍ୟ ବୟସ୍କା ମହିଳା ଆବଶ୍ୟକ।
Contact 9438673999 6370002108

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs. 27000/-.
Contact: 9938676412

Contact: 9938414918
ଭୁବନେଶ୍ୱର ଅଫିସ୍ ପାଇଁ Accountant, Computer Operator, Field Officer, Office Assistant, Receptionist, Telecaller & Supervisor ଆବଶ୍ୟକ।
ଯୋଗ୍ୟତା: 10th/ above.
ବୟସ: (17-30)yrs. Monthly Salary upto Rs. 24000/-.

Require One Lab. Technician course approved by "AICTE" on contract basis for RNTCP programme. Please contact within three days.
Contact Address:
Society for women Action Development (SWAD), At: Nuagaon, sidi, Sakhigopal: 752014, Puri, Odisha, Email ID: swadsatyabadi@gmail.com
Mob: 9437280605

DIRECT JOINING
CUSTOMER CARE / BPO
Data Entry / Back Office
Qual. 10th, +2, ITI, Degree, Etc.
Salary : Rs.7000 To Rs.15000 (with Accommodation)
BBSR. 9090658710

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHAର ପ୍ରତ୍ୟେକ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

URGENT REQUIRED
1) Accountant Head: Min. 5 yrs. of experience & Tally knowledge. Edu Qualification: Graduate and above.
2) Office Executive: Having knowledge of MS Office. Edu Qualification: +2 and above.
Please Contact:
TRELLIS INFRASTRUCTURE PVT. LTD.
Mob: 9338253532, 9040068641

GURU NANAK ENGLISH MEDIUM PUBLIC SCHOOL, BHUBANESWAR
REQUIRES
Trained Teachers in English, Hindi, Maths, Science, S.St, Odia, Computer, Dance, Music, P.E.T, Nursery, Primary Classes, Clerical Staff, Librarian, Peon & Aiya.
Send the Resume with photo to
The Principal, Guru Nanak E.M. Public School, Unit-III, Kharvel Nagar, Bhubaneswar,
Email: gnpsbbsr@gmail.com,
Contact No: (0674) 2395854

SHREE GANESH Buildcon Pvt. Ltd. We Understand Your Dreams
SGBPL, A Leading Real Estate Company of Odisha Requires the following personnel for its corporate office at N-1/A-21, IRC Village, Bhubaneswar.
1. ACCOUNTANT (Male)
Qualification: Commerce Graduate having 10 years Experience (Real Estate line preferred) with Good knowledge in Tally & Govt. returns filing.
2. JR. ACCOUNTANT (Male)
Qualification: Commerce Graduate having 3 years experiene with knowledge in Tally.
3. OFFICE PEON (Male)
Qualification: Minimum Matriculation.
Apply to appointment.sgbpl2000@gmail.com within 7 days
Mob: 9337707575

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303523302

Florence Home Health & Elder Care
Need Following Posts For Operate In BBSR
1.Pharmacists M/F - 10 NOS
2.Physiotherapist Asst M/F- 5 NOS
3.Nurshing Assistant F - 10 NOS
4.Home Care Assistant M/F - 40 NOS
Interested Freshers/Experienced Candidates Can Send Your Bio-Data To
florencehomehealth19@gmail.com
M-9692924108/9437648600/8249728895

See CAREER APPOINTMENT on every **Wednesday** & **Saturday**

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 71.19 (16) | Sensex 12.53 36,386.61 | Nifty 1.75 10,906.95 | Gold `80 33,220.00 | Silver `180 40,380.00



ଗୁଜରାଟରେ ଏକ ଲିଥିୟମ ଆୟନ ବ୍ୟାଟେରି ୟୁନିଟ ସ୍ଥାପନ ଲାଗି ଯୋଜନା ଧାର୍ଯ୍ୟ ହୋଇଛି।

– ଏନ୍‌. ଚନ୍ଦ୍ରଶେଖରନ, ଅଧ୍ୟକ୍ଷ, ଟାଟା ସନ୍ସ



ଆଗାମୀ ୫ ବର୍ଷରେ ଗୁଜରାଟର ବିଭିନ୍ନ ପ୍ରକଳ୍ପରେ ୫୫,୦୦୦ କୋଟି ଟଙ୍କା ନିବେଶ ଯୋଜନା ରହିଛି।

– ଗୌତମ ଆଦାନୀ, ଅଧ୍ୟକ୍ଷ, ଆଦାନୀ ଗ୍ରୁପ

## ସଂକ୍ଷେପରେ

### ପୁଞ୍ଜିପ୍ରତ୍ୟାହାର ଲକ୍ଷ୍ୟ ପୂରଣ ହେବନି
#### କମିବ ୨୦ ହଜାର କୋଟି

**ନୂଆଦିଲ୍ଲୀ,୧୮-୧:** କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଲାଗି ୮୦ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ତେବେ ଏହା ପୂରଣ ହେବା ଆଉ ସମ୍ଭବ ହେବ ନାହିଁ। କେୟାର ରେଟିଂ ଏଜେନ୍ସି ପକ୍ଷରୁ ପ୍ରସ୍ତୁତ ରିପୋର୍ଟ ଅନୁଯାୟୀ ସରକାର ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ୨୦ ହଜାର କୋଟି ଟଙ୍କା ଦୂରରେ ରହିବେ। ରେଟିଂ ଏଜେନ୍ସି ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟକୁ ଶୁକ୍ରବାର ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ପୁଞ୍ଜି ପ୍ରତ୍ୟାହାରରୁ ହେବାକୁ ଥିବା ଆୟ ହ୍ରାସ ପାଇବା ଏବଂ ଜିଏସ୍‌ଟି ସଂଗ୍ରହ କମିବା ଯୋଗୁ କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ୩.୩%ରୁ ବଢ଼ି ୩.୫% ରହିବ। ରିପୋର୍ଟରେ କୁହାଯାଇଛି ଯେ, ଆର୍ଥିକ ବଜାରରେ ସ୍ଥିତି ଖରାପ ଥିବା କାରଣରୁ ସରକାର ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ମନେ ହେଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସରକାର ପୁଞ୍ଜିପ୍ରତ୍ୟାହାରରୁ ପ୍ରାୟ ୬୦ ହଜାର କୋଟି ଟଙ୍କା ପାଇବେ ବୋଲି ଅନୁମାନ କରାଯାଉଛି ବୋଲି କେୟାର ରେଟିଂ କହିଛି।

### ସିଇଓଙ୍କ ସୁରକ୍ଷା
### କମ ଖର୍ଚ୍ଚ କରନ୍ତି ଭାରତୀୟ କମ୍ପାନୀ

**ନୂଆଦିଲ୍ଲୀ,୧୮-୧:** ଚିଫ୍‌ ଏକ୍‌ଜିକ୍ୟୁଟିଭ ଅଫିସର(ସିଇଓ)ଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଭାରତୀୟ କମ୍ପାନୀମାନେ ବିଦେଶୀ କମ୍ପାନୀଙ୍କଠାରୁ କମ୍‌ ଅର୍ଥ ଖର୍ଚ୍ଚ କରନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଏସିଆର ସର୍ବବୃହତ ଧନୀ ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ସିଏମ୍‌ଡି ମୁକେଶ ଅମ୍ବାନୀ ବାର୍ଷିକ ଯେତିକି ଦରମା ପାଆନ୍ତି, ତା'ର ତିନିଗୁଣ ଅଧିକ ଟଙ୍କା ଫେସବୁକ୍‌ ତା'ର ସହ ପ୍ରତିଷ୍ଠାତା ତଥା ସିଇଓ ମାର୍କ ଜୁକରବର୍ଗଙ୍କ ପିଛା ଖର୍ଚ୍ଚ କରିଥାଏ। ମୁକେଶ ବାର୍ଷିକ ୧୫ କୋଟି ଟଙ୍କା ବେତନ ପାଉଛନ୍ତି, ଅଥଚ ଜୁକରବର୍ଗଙ୍କ ସୁରକ୍ଷା ବାବଦରେ ଫେସ୍‌ବୁକ୍‌ ବାର୍ଷିକ ୫୨ କୋଟି ଟଙ୍କା ବ୍ୟୟ କରୁଛି। ତାଙ୍କ ପାଇଁ ହେଉଥିବା ଖର୍ଚ୍ଚ ବିଶ୍ୱର ୫ ସର୍ବାଧିକ ଟେକ୍ନୋଲୋଜି କମ୍ପାନୀର ସିଇଓଙ୍କ ସୁରକ୍ଷା ବାବଦରେ ହେଉଥିବା ଖର୍ଚ୍ଚ ଠାରୁ ଅଧିକ। ଏହି ୫ କମ୍ପାନୀର ସିଇଓଙ୍କ ମଧ୍ୟରେ ଆମାଜନ ମୁଖ୍ୟ ଜେଫ୍‌ ବେଜୋସ୍‌ ଓ ଓରାକଲର ଲ୍ୟାରୀ ଏଲିସନ ମଧ୍ୟ ସାମିଲ ହୋଇଛନ୍ତି। ଯାହାର ସୁରକ୍ଷା ବାବଦରେ ୧୦ଲକ୍ଷ ଡଲାର ଖର୍ଚ୍ଚ ହେଉଛି। ଭାରତୀୟ କମ୍ପାନୀମାନେ ଏହାର ସିଇଓଙ୍କ ପିଛା କମ୍‌ ଖର୍ଚ୍ଚ କରୁଥିବାରୁ ସେମାନଙ୍କ ନିରାପତ୍ତାକୁ ନେଇ ସର୍ବଦା ଏକ ଭୟ ରହୁଛି। ଆଦାନି ଏଣ୍ଟରପ୍ରାଇଜେସ ମୁଖ୍ୟ ଗୌତମ ଆଦାନିଙ୍କୁ ଥରେ ଅପହରଣ କରାଯାଇଥିଲା। ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଏହାପରେ ସେ ୨୦୦୮ରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ବେଳେ ତାଜ୍‌ ହୋଟେଲରୁ ବହୁ କଷ୍ଟରେ ସେ ମୁକୁଳିପାରିଥିଲେ। ଭାରତରେ ସିଇଓଙ୍କ ବ୍ୟତୀତ ସେମାନଙ୍କ ପରିବାର ଉପରେ ବିପଦ ରହିଛି। ୨୦୦୬ରେ ଅଡୋବ ଇଣ୍ଡିଆ ସିଇଓ ନରେଶ ଗୁପ୍ତାଙ୍କ ୩ ବର୍ଷର ପୁଅକୁ ଅପହରଣ କରାଯାଇଥିଲା। ମୁକେଶଙ୍କୁ ସିଆରପିଏଫ ସୁରକ୍ଷା ଯୋଗାଇ ଦିଆଯାଉଛି। ଇନଫୋସିସ ସିଇଓଙ୍କୁ ସିଆଇଏସ୍‌ଏଫ ସୁରକ୍ଷା ଯୋଗାଇ ଦେଉଛି। ଘରୋଇ କମ୍ପାନୀଙ୍କୁ ସୁରକ୍ଷା ଯୋଗାଇ ସିଆଇଏସ୍‌ଏଫ୍‌ ବାର୍ଷିକ ପ୍ରାୟ ୧୭୫ କୋଟି ଟଙ୍କା ଆୟ କରୁଛି।

# ନୂଆ ସରକାର ମୁଣ୍ଡାଇବେ ଲକ୍ଷେ କୋଟି

**ନୂଆଦିଲ୍ଲୀ,୧୮-୧**

ଆଉ କେଇ ମାସ ମଧ୍ୟରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି। ଚାଷୀ ଋଣଛାଡ଼ ସହ ଅଧିକ ନିଯୁକ୍ତି ସୃଷ୍ଟି ତଥା ମଧ୍ୟବିତ୍ତଙ୍କ ଲାଗି ବିଭିନ୍ନ ଯୋଜନାମାନ ଘୋଷଣା କରି ବର୍ତ୍ତମାନର କେନ୍ଦ୍ର ସରକାର ଭୋଟ୍‌ ହାତେଇବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିଯୋଗୁ ରାଜକୋଷ ଉପରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବାକୁ ଯାଉଛି। ନିର୍ବାଚନରେ ଜିତିବା ପରେ ନୂଆ ସରକାରଙ୍କୁ ଏହି ବୋଝ ମୁଣ୍ଡାଇବାକୁ ପଡିବ।

ବର୍ତ୍ତମାନ କେନ୍ଦ୍ର ସରକାର ଯେଉଁ ଯୋଜନାମାନ ଘୋଷଣା କରିବେ, ନୂଆ ସରକାର ତାହା ପାଳନ କରିବା ଲାଗି ବାଧ୍ୟ ରହିବେ। ଏଥିଯୋଗୁ ସରକାରଙ୍କ ବଜେଟ ନିଅଣ୍ଟ ହ୍ରାସ ଲକ୍ଷ୍ୟ ସମ୍ଭବ ହେବ ନାହିଁ। ୩ଟି ଭାଜପା ଶାସିତ ରାଜ୍ୟରେ ପରାଜୟ ପରେ ବର୍ତ୍ତମାନର ଏନ୍‌ଡିଏ ସରକାର ଆଉ କୌଣସି ବିପଦ ମୁଣ୍ଡାଇବାକୁ ଚାହୁଁନାହାନ୍ତି। ଫେବୃୟାରୀ ପହିଲାରେ ଉପସ୍ଥାପିତ ହେବାକୁ ଥିବା ଅନ୍ତରୀଣ ବଜେଟ୍‌ରେ ଚାଷୀଙ୍କ ଲାଗି ନୂଆ ଯୋଜନା ଘୋଷଣା କରାଯାଇପାରେ ବୋଲି ମନେ କରାଯାଉଛି। ସମ୍ଭବତଃ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟଙ୍କା ପଠାଯିବ। ତେବେ ଏନେଇ ଅଦ୍ୟାବଧି କୌଣସି ନିଷ୍ପତ୍ତି ହୋଇ ନାହିଁ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏହାଛଡ଼ା ଟିକସ ଛାଡ଼, ନିଯୁକ୍ତିରେ ସଂରକ୍ଷଣ ଓ ସ୍ଥାନୀୟ ବେପାରୀଙ୍କୁ ଆଶ୍ୱସ୍ତ କରାଯିବ ବୋଲି ସରକାର ପୂର୍ବରୁ ସଙ୍କେତ ଦେଇସାରିଛନ୍ତି। ତେବେ ନିର୍ବାଚନ ତାରିଖ ଚୂଡ଼ାନ୍ତ ହେବା ପୂର୍ବରୁ ସରକାରଙ୍କୁ ସମସ୍ତ ଯୋଜନା ଘୋଷଣା କରିବାକୁ ପଡିବ। କାରଣ ନିର୍ବାଚନ ତାରିଖ ଘୋଷଣା ପରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯିବ। ଭାଜପାର ଅର୍ଥନୈତିକ ବ୍ୟାପାର ମୁଖପାତ୍ର ଗୋପାଳ କୃଷ୍ଣ ଅଗ୍ରୱାଲ କହିଛନ୍ତି ଯେ, ମୁଦ୍ରାସ୍ଫୀତି ନିମ୍ନରେ ଥିବାରୁ ଅର୍ଥନୀତି ଅଭିବୃଦ୍ଧି ଲାଗି ଦର ବ୍ୟୟବୃଦ୍ଧି ଉପରେ ଜୋର୍‌ ଦେଉଛି। ଅନ୍ୟପକ୍ଷରେ କଂଗ୍ରେସ ମୁଖପାତ୍ର ଗୌରବ ବଲ୍ଲଭ କହିଛନ୍ତି ଯେ, ଏନ୍‌ଡିଏ ସରକାରଙ୍କୁ ଛାନିଆ ରୋଗ ଧରିଛି। ହାରିଯିବା ଭୟରେ ଏହା ଚାଷୀଙ୍କୁ ସୁଧମୁକ୍ତ ଋଣ ଓ ଆୟ ସହାୟକ ଯୋଜନା ଘୋଷଣା କରିବାକୁ ଯାଉଛନ୍ତି। ତରବରିଆ ଭାବେ ଯୋଜନା ଘୋଷଣା କରାଯିବାକୁ ଥିବାରୁ ଏହା ଅଧାପନ୍ତରିଆ ହେବ ବୋଲି ସେ ସତର୍କ କରିଛନ୍ତି।




### ଅନ୍ତରୀଣ ବଜେଟ୍‌ରେ ଅଧିକ ଘୋଷଣା କରାଯିବ: ଜେଟ୍‌ଲୀ



ଆସନ୍ତା ଫେବୃୟାରୀ ପହିଲାରେ ଲେଖାନୁଦାନ ବଦଳରେ ଅନ୍ତରୀଣ ବଜେଟ୍‌ ଉପସ୍ଥାପନ ହେବାକୁ ଯାଉଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଅର୍ଥନୀତି ସମ୍ମୁଖୀନ ହେଉଥିବା ଆହ୍ୱାନର ସାମ୍ନା କରିବା ଲାଗି ନିର୍ବାଚନୀ ବର୍ଷରେ ଆବଶ୍ୟକସ୍ଥଳେ ଏଭଳି ପଦକ୍ଷେପ ନେବାକୁ ସରକାର ବାଧ୍ୟ ହେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ତରୀଣ ବଜେଟ୍‌ କେବଳ ଲେଖାନୁଦାନ ହେବ ନାହିଁ, ବରଂ ଏଥିରେ ଅଧିକ ଘୋଷଣା କରାଯିବ ବୋଲି ଜେଟ୍‌ଲୀ ଉଲ୍ଲେଖ କରିଛନ୍ତି। ଚିକିତ୍ସା ଲାଗି ଆମେରିକାର ନ୍ୟୁୟର୍କ ଯାଇଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ଭିଡିଓ ଲିଙ୍କ ଜରିଆରେ ଏକ ଘରୋଇ ଟିଭି ଚାନେଲର ଉତ୍ସବରେ ଯୋଗ ଦେଇ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ତେବେ ସ୍ୱାସ୍ଥ୍ୟଗତ କାରଣରୁ ସେ ଚଳିତ ବର୍ଷର ବଜେଟ୍‌ ଉପସ୍ଥାପନ କରିବା ନେଇ କିଛି ସ୍ପଷ୍ଟ କରିନାହାନ୍ତି। ସେ କହିଛନ୍ତି ଯେ, କୃଷି କ୍ଷେତ୍ର ଏବେ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ହୋଇଛି। ଉତ୍ପାଦନ ବଢ଼ିଥିବା ବେଳେ ଦାମ ସେହି ତୁଳନାରେ ବଢୁନି। ରାଷ୍ଟ୍ରହିତରେ ସରକାରଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ହେବ।



## କେନ୍ଦୁଝରରେ 'କାଫ୍‌'ର ନୂଆ ଶୋ'ରୁମ

**କେନ୍ଦୁଝର,୧୮-୧ (ସ୍ୱ.ପ୍ର.)**

ରୋଷେଇ ସାମଗ୍ରୀ ବ୍ରାଣ୍ଡ 'କାଫ୍‌' ଆପ୍ଲାଏନ୍ସ ପକ୍ଷରୁ ଶୁକ୍ରବାର କେନ୍ଦୁଝରଠାରେ ଏହାର ନୂଆ ମଡ୍ୟୁଲାର ଶୋ'ରୁମ ଶୁଭାରମ୍ଭ ହୋଇଛି। କେନ୍ଦୁଝରର ବି.କେ. ଇଣ୍ଟରନ୍ୟାଶନାଲ ମାର୍କେଟ କମ୍ପ୍ଲେକ୍ସଠାରେ ଥିବା ଏହି ଶୋ'ରୁମକୁ ରାଇରଙ୍ଗପୁର ଡିଏଫ୍‌ଓ ଗୋରେଖ କଲୁଙ୍ଗେ ଏବଂ କମ୍ପାନୀର ଓଡ଼ିଶା ଶାଖା ମୁଖ୍ୟ ଭାଗୀରଥି ସାହୁ ଉଦ୍‌ଘାଟନ କରିଥିଲେ। ମଡ୍ୟୁଲାର କିଚେନ ସାମଗ୍ରୀ ସହ ରୋଷେଇ ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ଏଠାରେ ଉପଲବ୍ଧ ହେବ ବୋଲି ଓଡ଼ିଶା ଶାଖା ମୁଖ୍ୟ ସାହୁ କହିଛନ୍ତି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଶୋ'ରୁମରୁ ସାମଗ୍ରୀ କ୍ରୟ ଉପରେ ଗ୍ରାହକମାନେ ରିହାତି ଲାଭ କରିପାରିବେ ବୋଲି କମ୍ପାନୀର ଓଡ଼ିଶା ବ୍ୟବସାୟିକ ମୁଖ୍ୟ ଭବାନୀ ପ୍ରସାଦ ମହାନ୍ତି କହିଛନ୍ତି। ଏହା ରାଜ୍ୟରେ କମ୍ପାନୀର ୪ର୍ଥ ଆଉଟଲେଟ। କାର୍ଯ୍ୟକ୍ରମରେ ଶୋ'ରୁମ ସ୍ୱତ୍ୱାଧିକାରୀ ସ୍ମୃତି ରଞ୍ଜନ ସାହୁ, ତାଙ୍କ ବାପା ବୀର କିଶୋର ସାହୁ ଏବଂ ମା' ଜ୍ୟୋତ୍ସ୍ନା ମହାପାତ୍ର ଉପସ୍ଥିତ ଥିଲେ।

## ଭାରତକୁ ଟପ୍‌ ୫୦ରେ ପହଞ୍ଚାଇବା ଲକ୍ଷ୍ୟ: ମୋଦି

**ନୂଆଦିଲ୍ଲୀ,୧୮-୧**

**ଇଜ୍‌ ଅଫ୍‌ ଡୁଇଂ ବିଜନେସ୍‌**

ଆସନ୍ତା ବର୍ଷ ଇଜ୍‌ ଅଫ୍‌ ଡୁଇଂ ବିଜନେସ୍‌ରେ ଭାରତକୁ ଟପ୍‌ ୫୦ରେ ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶୁକ୍ରବାର ୯ମ ଭାଇବ୍ରାଣ୍ଟ ଗୁଜରାଟ ସମ୍ମିଳନୀରେ ଯୋଗ ଦେଇ ସେ କହିଛନ୍ତି ଯେ, ବିଶ୍ୱ ବ୍ୟାଙ୍କ ଦ୍ୱାରା ଜାରି ହେଉଥିବା ଇଜ୍‌ ଅଫ୍‌ ଡୁଇଂ ବିଜନେସ୍‌ ତାଲିକାରେ ଭାରତ ୭୫ସ୍ଥାନ ଉପରକୁ ଉଠିଆସି ବର୍ତ୍ତମାନ ୭୭ତମ ସ୍ଥାନରେ ରହିଛି। ଅଧିକ କଠିନ ପରିଶ୍ରମ କରିବାକୁ ସେ ତାଙ୍କ ଟିମ୍‌କୁ ପରାମର୍ଶ ଦେଇଥିବା ମୋଦି କହିଛନ୍ତି। କେନ୍ଦ୍ର ସରକାର ବ୍ୟବସାୟ କରିବାରେ ହେଉଥିବା ଅସୁବିଧାକୁ ଦୂର କରିବା ଲାଗି ପ୍ରୟାସ କରୁଛନ୍ତି ଏବଂ ଏଦିଗରେ ଥିବା ସମସ୍ତ ବାଧାକୁ ଦୂର କରୁଛନ୍ତି। ଏହାଛଡ଼ା ଏନ୍‌ଡିଏ ସରକାର ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇ ନେବ ବୋଲି ସେ କହିଛନ୍ତି। ଗତ ୪ ବର୍ଷରେ ଦେଶର ଅଭିବୃଦ୍ଧି ହାର ହାରାହାରି ୭.୩% ରହିଥିବା ବେଳେ ଜିଡିପି ବୃଦ୍ଧି ହାର ୧୯୯୧ ପରେ ସର୍ବାଧିକ ବୋଲି ମୋଦି ମନ୍ତବ୍ୟ ଦେଇଛନ୍ତି।

## ୩ ବ୍ୟାଙ୍କ ମିଶ୍ରଣକୁ ଏଆଇବିଓସିର ବିରୋଧ

**ଭୁବନେଶ୍ୱର,୧୮-୧**

ବ୍ୟାଙ୍କ ଅଫ୍‌ ବରୋଦା ସହ ବିଜୟା ଏବଂ ଦେନା ବ୍ୟାଙ୍କର ମିଶ୍ରଣ ନେଇ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ ଏହାକୁ ସର୍ବଭାରତୀୟ ବ୍ୟାଙ୍କ ଅଫିସର ମହାସଂଘ (ଏଆଇବିଓସି) ବିରୋଧ କରିଛି। ବ୍ୟାଙ୍କର କର୍ମଚାରୀମାନେ ଏହି ପ୍ରସ୍ତାବକୁ ବିରୋଧ କରି ଗତ ମାସ ୨୧ ଏବଂ ୨୬ରେ ଦେଶବ୍ୟାପୀ ଧର୍ମଘଟରେ ସାମିଲ ହୋଇଥିଲେ। ଏଭଳି ପଦକ୍ଷେପ ଭାରତୀୟ ବ୍ୟାଙ୍କିଙ୍ଗ ଶିଳ୍ପ ପାଇଁ କ୍ଷତିକାରକ ବୋଲି ସଂଘ କହିଛି। ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ ବରୋଦାର ଅନାଦାୟ ଋଣ ଆଦାୟ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ କଥା ଉଠି ନ ଥିବାରୁ ବ୍ୟାଙ୍କ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ମିଶ୍ରଣ ଦ୍ୱାରା ଅନେକ ଶାଖା ବନ୍ଦ ହେବା ସହ ଲୋକମାନେ ବିଭିନ୍ନ ବ୍ୟାଙ୍କ ସେବାରୁ ବଞ୍ଚିତ ହେବେ। ନିୟମ ବିରୋଧରେ ଯାଇ ଏଭଳି ପଦକ୍ଷେପ ନିଆଯାଇଥିବାରୁ ସଂଘ ଏକ ରିଟ୍‌ ପିଟିଶନ ଦାଏର କରିଥିବା କହିଛି।

## ଇ-କମର୍ସ କମ୍ପାନୀଙ୍କୁ ଟକ୍କର ଦେବ ରିଲାଏନ୍ସ

**ଗୁଜରାଟ,୧୮-୧**

ଜିଓ ଏବଂ ରିଲାଏନ୍ସ ରିଟେଲ ମିଳିତ ହୋଇ ଏକ ସ୍ୱତନ୍ତ୍ର ନିୟୁ କମର୍ସ ପ୍ଲାଟଫର୍ମ ଆଣିବେ। ଏହା ଦ୍ୱାରା ଦେଶର ୩ କୋଟି ପରିବାରଙ୍କୁ ସଶକ୍ତ କରିବା ନେଇ ଯୋଜନା ରହିଛି। ଉକ୍ତ ପଦକ୍ଷେପ ଅନ୍ତର୍ଗତ ଗୁଜରାଟର ୧୨ ଲକ୍ଷ ଖୁଚୁରା ବ୍ୟବସାୟୀ ଏବଂ ଦୋକାନୀ ଲାଭବାନ ହୋଇପାରିବେ ବୋଲି ଗୁଜରାଟରେ ଚାଲିଥିବା ୯ମ 'ଭାଇବ୍ରାଣ୍ଟ ଗୁଜରାଟ' ସମିଟ କାର୍ଯ୍ୟକ୍ରମରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

ଏହି ଯୋଜନା କାର୍ଯ୍ୟକାରୀ ହେଲେ ଦେଶର ପ୍ରମୁଖ ଇ-କମର୍ସ କମ୍ପାନୀଙ୍କୁ ରିଲାଏନ୍ସ ଟକ୍କର ହେବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ରିଲାଏନ୍ସ ନିକଟରେ ବର୍ତ୍ତମାନ ଜିଓ ଟେଲିକମ ସେବା, ମୋବାଇଲ ଡିଭାଇସ ସେବା ଏବଂ ରିଟେଲର ଏକ ଦୃଢ ନେଟୱର୍କ ରହିଛି। ଇ-କମର୍ସ କ୍ଷେତ୍ର ଲାଗି ଦେଶରେ ଏକ ବୃହତ୍‌ ବଜାର ରହିଥିବା ବେଳେ ରିଲାଏନ୍ସ ଏହି କ୍ଷେତ୍ରକୁ ପ୍ରବେଶ କଲେ କମ୍ପାନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜିଓର ନେଟୱର୍କ ଆଗାମୀ ଦିନର ୫ ଜି ପାଇଁ ପ୍ରସ୍ତୁତ ରହିଛି। ସୁଲଭ ମୂଲ୍ୟରେ ଡିଜିଟାଲ ସଂଯୋଗୀକରଣ ସହ ଫାଇନାନ୍ସ, କୃଷି ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ଷ୍ଟାର୍ଟଅପକୁ ଟେକ୍ନୋଲୋଜି ଦ୍ୱାରା ପ୍ରୋତ୍ସାହିତ କରାଯାଉଛି। ସେହିଭଳି ନବୀକରଣ ଯୋଗ୍ୟଶକ୍ତି ଏବଂ ନୂଆ ମୋବିଲିଟି ଦ୍ୱାରା ଏକ ସନ୍ତୁଳିତ ବିକାଶ ଦିଗରେ କାର୍ଯ୍ୟ କରୁଥିବା ରିଲାଏନ୍ସ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି। ଗ୍ରାମଗୁଡ଼ିକୁ ଡିଜିଟାଲ ଭାବେ ସଶକ୍ତ କରିବା ପାଇଁ ସ୍ମାର୍ଟ ଭିଲେଜ ଗଠନ ଦିଗରେ ପଦକ୍ଷେପ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି।



- ଆଣୁଛି ନିୟୁ କମର୍ସ ପ୍ଲାଟଫର୍ମ
- ସଶକ୍ତ ହେବେ ପ୍ରାୟ ୩ କୋଟି କ୍ଷୁଦ୍ର ବ୍ୟବସାୟୀ
- ଇ-କମର୍ସରେ ବଢ଼ିବ ପ୍ରତିଦ୍ୱନ୍ଦ୍ୱିତା
- ୫ ଜି, ସ୍ମାର୍ଟ ଭିଲେଜକୁ ପ୍ରାଥମିକତା

### ଭାରତୀୟମାନେ ନିଜ ଡାଟାର ମାଲିକ ହୁଅନ୍ତୁ: ମୁକେଶ

ଭାରତୀୟମାନେ ନିଜ ଡାଟାର ମାଲିକ ନିଜେ ହେବା ସହ ଏହାର ନିୟନ୍ତ୍ରଣ କରନ୍ତୁ ବୋଲି ମୁକେଶ ଅମ୍ବାନୀ କହିଛନ୍ତି। ଦେଶର ଡାଟା ଦେଶ ମଧ୍ୟରେ ରଖିବା ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଦେଶରେ ବଡ ବଡ କର୍ପୋରେଶନଗୁଡ଼ିକ ପକ୍ଷରୁ ବଢୁଥିବା 'ଡାଟା କଲୋନାଇଜେଶନ'କୁ ରୋକିବା ଦିଗରେ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁକେଶ ନିବେଦନ କରିଛନ୍ତି। ଦେଶରେ ଡାଟାର ସ୍ଥାନୀୟକରଣ ନେଇ ଏକ ବିପ୍ଳବ ଆସିବା ଉଚିତ ବୋଲି ସେ କହିଛନ୍ତି। ଡାଟା ନୂଆ ସମ୍ପଦ ହୋଇଥିବାରୁ ଏ ଦିଗରେ ସରକାର ସୁଚିନ୍ତିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

**CONTRACTUAL APPOINTMENT**
**ZILLA SWASTHYA SAMITI, CUTTACK**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, CUTTACK**
**WALK - IN - INTERVIEW**

No.: 804/DPMU/NHM/2019 Dates: 17.01.2019

Applications are invited from eligible candidates for different categories of Post viz. Staff Nurse NHM, Staff Nurse for PICU, HDU & HHDU under SAMPURNA, Pharmacist for MHT under RBSK, Pharmacist for UCHC, Pharmacist cum Logistic Asst. & Laboratory Technician for Cuttack under National Health Mission (NHM) on contractual basis for a term 11 months. The above mentioned positions are purely temporary. Canvassing in any form will render the candidate disqualified for the position. Details on qualification, eligibility criteria, experience, selection modalities, date of Walk-in-Interview along with application form can be downloaded from the district website **www.cuttack.nic.in**.

**Sd./- Chief District Medical & Public Health Officer, Cuttack**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar (Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 466 /2018-19 Dated : 17th Jan 2019

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Construction of Approached Road with leveled PCC Platform for LMO at Hospital Complex, AIIMS, Bhubaneswar"** *(NIT No. : AIIMS/BBSR/Engg./ 041 /2018-19)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.edu.in, www.tenderwizard.com / AIIMS BBSR & CPP Portal www.eprocure.gov.in.**

**Sd/- Executive Engineer (Civil) AIIMS, Bhubaneswar**

**OFFICE OF THE PANCHAYAT SAMITI, JALESWAR**

Letter No.174 **SHORT TENDER CALL NOTICE No.02/JALESWAR/2018-19** Date: 17.01.19

The Block Development officer, Jaleswar, Dist. Balasore invites sealed tenders (out of Scheme Rurban) on behalf of the Governor of Odisha in confirmity with the detailed tender call notice to be eventually drawn in **percentage rate bids** from registered contractors of Odisha PWD / WR / RWD/ NH / MI / CPWD / Contractors registered under this block for the following nature of work with stipulations as follows. The bidders may submit bids for any or all of the works separately.

| Sl. No. | Name of the GP | Name of the Work | Estimated cost in (lakh) | Amount put to tender in (Lakh) | Cost of tender papers (non-refundable in Rs.) | Bid security EMD 1% (In Rs.) | Period of completion | Class of contractor |
|---|---|---|---|---|---|---|---|---|
| 1 | Khuard | Const. of CC Road from Khuard Hospital Chaka to Mahuduma ice factory | 20.00 | 20.00 | 6000 | 20000 | 4 (Four calendar months) | D & C Class |
| 2 | Kaliko | Const. of CC Road from Bhadua Chaka to Tentula Chaka | 13.00 | 13.00 | 6000 | 13000 | 4 (Four calendar months) | D & C Class |

01. The details of tender documents can be purchased from the Office of the Block Development Officer, Jaleswar, District- Balasore, against non-refundable fee towards cost of the documents as indicated above in the form of cash or DD in favour of Block Development Officer, Jaleswar during the office working hours of all working days from **dtd.21.01.2019 to dt.28.01.2019**.
02. Tender schedule along with bill of quantities dully filled in with all relevant documents in a sealed cover must be delivered in the tender box in the office of the undersigned during working hours from **dtd.21.01.2019** to **dt.29.01.2019** upto **01.00 PM**.
03. The tender will be opened at **03.00 PM** on **Dt.29.01.2019** by the undersigned in presence of the tenderers or their authorized representatives who may be present at the time of opening.
04. The other details can be seen in the bidding documents.
05. The authority reserves all rights to reject or cancle any or all the tender without assigning any reason thereof.

**Sd./- Block Development Officer, Jaleswar**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O&M) DIVISION, JODA**
P.O.- Boneikala, Dist- Keonjhar, PIN- 758038 (ODISHA)
Phone: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553

Letter No. 1660 Dated 18.01.2019

**TENDER CALL NOTICE NO.-08/2018-2019**

Sealed tenders are invited by the undersigned from registered order suppliers / manufacturers / their authorized dealers for procurement of 50 nos. 150 W LED based flood light in complete fitting for 220 / 132 / 33 KV Grid s/s JODA under EHT (O&M) Division, JODA. Cost of tender paper is **Rs. 2240/-**, EMD = **Rs. 4800/-**. Sale of tender documents is from **Dt.22.01.2019 to Dt.05.02.2019** (during office hours). Last date of submission of tender is **Dt.06.02.2019 upto 01.00 PM**. Date of opening of Tender is **Dt.06.02.2019 at 3.30 PM**. For details visit our website **www.optcl.co.in**.

Corrigendum if any will be published in the website only.

**Sd./- Dy. General Manager (Elect.) EHT (O&M) Division, Joda**

**N.A.C. OFFICE, CHAMPUA**

Ph. No. 06767 - 240050, E.mail: champuanac@gmail.com

**"e" PROCUREMENT NOTICE**

No. 3270 Date: 17.01.19

**BID IDENTIFICATION NO. EOCHAMPUANACNO.16/2018-19 AND TENDER ID NO.2019_ORULB_52459**

Bid documents consisting of specification the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.

1. Nature of the work — Civil
2. No. of works — 15 Nos.
3. Estimated cost — As per DTCN
4. Period of completion — As per DTCN
5. Date & time of availability of the bid documents in the portal — **From 11.00 hours of 18.01.2019 to 17.00 hours of 28.01.2019**
6. Last date / time for receipt of bids in the portal — **28.01.2019 upto 17.00 hour**
7. Bids received online shall be opened on — **30.01.2019 at 11.00 hour**
8. Name & address of the officer inviting bid — Executive Officer, N.A.C., Champua

Further the details can be seen from the procurement portal : **www.tendersorissa.gov.in.**

**Sd./- Executive Officer, N.A.C., Champua**

**ବିହନ ବିଶୋଧନ ଅଭିଯାନ-ରବି ୨୦୧୮-୧୯**
**ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼ ଆନୁକୂଲ୍ୟରେ**

ରାଜ୍ୟ ଯୋଜନା ଗାଁ ଗାଁରେ ନୀରୋଗ ଫସଲ ପାଇଁ ବିହନ ବିଶୋଧନ କାର୍ଯ୍ୟକ୍ରମ ଆସନ୍ତା ତା୨୧।୦୧।୨୦୧୯ଠାରୁ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ ଜୁନାଗଡ଼ର ଜୁନାଗଡ଼, କଲମପୁର ଓ ଜୟପାଟଣା ବ୍ଲକର ବିଭିନ୍ନ ଗ୍ରାମରେ ତା୨୧।୦୧।୧୯ରିଖ ଠାରୁ ୩୦।୦୧।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ କରାଯିବ ଓ ବିହନ ବିଶୋଧନ ଉପରେ ଚାଷୀ ଭାଇଭଉଣୀମାନଙ୍କୁ ଅବଗତ କରାଯିବ। ଏହାର ସଫଳ ରୂପାୟନ ଦ୍ୱାରା ଜୁନାଗଡ଼ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଚାଷୀ ଭାଇଭଉଣୀମାନଙ୍କୁ ବିଶେଷ ଅନୁରୋଧ।

ସ୍ୱା./– ରାମକୃଷ୍ଣ ନାୟକ
ଜିଲ୍ଲା କୃଷି ଅଧିକାରୀ, ଜୁନାଗଡ଼

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER**
**DISTRICT: GANJAM, BERHAMPUR**
**Health & FW Department, Odisha**

Advt. No.: 13321 Date: 17.01.19

**Proposal invited from credible NGOs/ Trusts for impregnation of Community Owned Bed nets under Public Private Partnership mode under NVBDCP**

Application invited from credible NGOs/Trusts for impregnation of community owned bed nets in high malaria burden areas of selected Blocks in partnership mode. The eligible criteria per ToR are available in the district website **https://ganjam.nic.in**.

Interested NGOs/Trusts fulfilling eligible criteria mentioned may apply in the prescribed format with all relevant documents through Speed Post/Registered Post only directly to the CDM & PHO of the district on or before 31.1.19 by 4.00 P.M. The envelope of the application should be superscribed as "Proposal for impregnation of Community owned Bed Nets" under NVBDCP. The applications received after due date as mentioned above will not be entertained. The authority reserves the right for cancellation/modification of the guideline for selection without assigning any reason thereof. No personal enquiry shall be entertained.

**Sd./- CDM & PHO Ganjam, Berhampur**

## ସଂକ୍ଷେପରେ

### ସେମିରେ ସାଇନା

କୁଆଲାଲମ୍ପୁର, ୧୮।୧(ପି.ଟି.)- ଭାରତୀୟ ଷ୍ଟାର୍ ଶଟ୍‌ଲର ସାଇନା ନେହ୍ୱାଲ ପୂର୍ବତନ ବିଶ୍ୱ ଚାମ୍ପିୟନ ନାଜୋମି ଓକୁହାରାଙ୍କୁ ହରାଇ ଏଠାରେ ଚାଲିଥିବା ସାଢ଼େ ୩ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି କିଡାମ୍ବି ଶ୍ରୀକାନ୍ତ କ୍ୱାର୍ଟର ପର୍ଯ୍ୟାୟରୁ ପରାଜୟ ସହ ବିଦାୟ ନେଇଛନ୍ତି। ୭ମ ସିଡ୍ ସାଇନା ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍ ଆରମ୍ଭରୁ ୯-୧୫ ଓ ୧୪-୧୮ ପଏଣ୍ଟରେ ପଛୁଆ ଥିଲେ ମଧ ପ୍ରଥମ ଗେମ୍‌କୁ ୨୧-୧୮ ବ୍ୟବଧାନରେ ଜିତି ନେଇଥିଲେ। ଏହାପରେ ଦ୍ୱିତୀୟ ଗେମ୍‌କୁ ୨୩-୨୧ ପଏଣ୍ଟରେ ହାତେଇ ଟୁର୍ନାମେଣ୍ଟର ଅନ୍ତିମ ୪' ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛନ୍ତି। ଏହି ବିଜୟ ଲାଗି ୨୮ ବର୍ଷୀୟା ଭାରତୀୟ ଖେଳାଳିଙ୍କୁ ୪୮ ମିନିଟ୍ ଧରି କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ୨୦୧୭ ସଂସ୍କରଣ ଚାମ୍ପିୟନ ସାଇନାଙ୍କୁ ଫାଇନାଲରେ ସ୍ଥାନ ପାଇବା ପାଇଁ ତିନି ଥର ବିଶ୍ୱ ଚାମ୍ପିୟନ କାରୋଲିନା ମାରିନଙ୍କ ସହ ମୁକାବିଲା କରିବାକୁ ପଡ଼ିବ। ଉଭୟ ଖେଳାଳି ଏପର୍ଯ୍ୟନ୍ତ ୧୦ ଥର ପରସ୍ପରକୁ ଭେଟିଥିବାବେଳେ ଦୁହେଁ ୫ ଥର ଲେଖାଏ ବାଜି ମାରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ଶ୍ରୀକାନ୍ତ ୨୩-୨୧, ୧୬-୨୧, ୧୭-୨୧ ଗେମ୍‌ରେ ୪ର୍ଥ ସିଡ୍ କୋରିଆନ ଖେଳାଳି ସୋନ ୱାନ ହୋଙ୍କଠାରୁ ପରାସ୍ତ ହୋଇଛନ୍ତି।

### ଆଜିଠୁ ଯାଜପୁର ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର,୧୮।୧(ସ୍ପୋର୍ଟ୍ସ ବ୍ୟୁରୋ)- ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଯାଜପୁର ୟୁନାଇଟେଡ୍ ଚେସ୍ ଆସୋସିଏଶନ ପକ୍ଷରୁ ଶନିବାରଠାରୁ ଯାଜପୁରରୋଡ଼ସ୍ଥ ଗ୍ଲୋରିଅସ ଇଂଲିଶ ମିଡ଼ିୟମ ସ୍କୁଲ ପରିସରରେ ଯାଜପୁର ଚେସ ଚାମ୍ପିୟନଶିପ ଆରମ୍ଭ ହେବ। ଉଭୟ ପୁରୁଷ ଓ ମହିଳା ବିଭାଗର ସିନିୟର ଓ ଜୁନିୟର ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜୁନିୟର ବିଭାଗରେ ୬ବର୍ଷ, ୭ ବର୍ଷ, ୮ବର୍ଷ, ୯ ବର୍ଷ, ୧୦ବର୍ଷ ଓ ୧୧ବର୍ଷରୁ କମ୍ ବୟସର ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ୭ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟ ବିଭିନ୍ନ ବର୍ଗର ବିଜେତାଙ୍କୁ ୩୫ ଟ୍ରଫି ସହ ମୋଟ ୧୬ ହଜାର ଟଙ୍କା ପ୍ରଦାନ କରାଯିବ। ଉଭୟ ବିଭାଗର ଟପ୍ ୧୦ ମଧ୍ୟରେ ଥିବା ଖେଳାଳିଙ୍କୁ ମଧ ପୁରସ୍କୃତ କରାଯିବ। ସିନିୟର ଓ ଜୁନିୟର ବିଭାଗର ଚାମ୍ପିୟନଙ୍କୁ ଯଥାକ୍ରମେ ୪ ଓ ୨ ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯିବ।

### ଶ୍ରେଷ୍ଠ ୧୦ ମଧ୍ୟରେ ଛେତ୍ରୀଙ୍କ ଗୋଲ

ନୂଆଦିଲ୍ଲୀ, ୧୮।୧(ପି.ଟି.)- ୟୁଏଇଠାରେ ଚାଲିଥିବା ଏସିଆନ୍ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଥାଇଲାଣ୍ଡ ବିପକ୍ଷ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚରେ ସୁନୀଲ ଛେତ୍ରୀଙ୍କ ଡବଲ ଗୋଲ ବଳରେ ଭାରତ ୪-୧ ବ୍ୟବଧାନରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ଛେତ୍ରୀଙ୍କ ଦ୍ୱିତୀୟ ଗୋଲ ଟୁର୍ନାମେଣ୍ଟର ଗ୍ରୁପ ପର୍ଯ୍ୟାୟର ଶ୍ରେଷ୍ଠ ୧୦ ଗୋଲ ମଧ୍ୟରେ ସ୍ଥାନ ପାଇଛି। ଭାରତୀୟ ଦଳର ଅନ୍ୟତମ ଷ୍ଟ୍ରାଇକର ଉଦାନ୍ତ ସିଂଙ୍କଠାରୁ ପାସ ପାଇବା ପରେ ମ୍ୟାଚ୍‌ର ୪୬ତମ ମିନିଟ୍‌ରେ ଛେତ୍ରୀ ଗୋଲ ଦେଇଥିଲେ। ଟୁର୍ନାମେଣ୍ଟର ୱେବସାଇଟ୍‌ରେ ଏପର୍ଯ୍ୟନ୍ତ ଟପ୍ ୧୦ ଗୋଲକୁ ଭୋଟ ଦେବାକୁ ପ୍ରଶଂସକଙ୍କୁ କୁହାଯାଇଥିଲା। ଏହା ୩୪ ବର୍ଷୀୟ ଛେତ୍ରୀଙ୍କ ୬୭ତମ ଅନ୍ତର୍ଜାତୀୟ ଗୋଲ ଥିଲା।



> ଜଣେ ପ୍ରତିଯୋଗୀ ହିସାବରେ ମୁଁ ମ୍ୟାଚ ଜିତିବାକୁ ଭଲପାଏ, ସେ ତୁଳନାରେ ପରାଜୟକୁ ଅଧିକ ଘୃଣାକରେ ଏବଂ ଏହାକୁ ଭୁଲିଯିବାକୁ ଚେଷ୍ଟା କରେ।
> – କାରୋଲିନ୍ ଓଜନିଆକି, ମହିଳା ଟେନିସ ଖେଳାଳି



> ଶନିବାର ଲାସ ଭେଗାସଠାରେ ଆଡ୍ରିନ୍ ବ୍ରୋନରଙ୍କ ବିପକ୍ଷ ମୁକାବିଲା ପରେ ମୁଁ ମୋ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନେବି।
> – ମ୍ୟାନି ପାକ୍ୱିଓ, ଫିଲିପାଇନ୍ସର ଭେଟେରାନ ବକ୍ସର

# ଭାରତୀୟ ଦଳରେ ଦୀପଗ୍ରେସ୍, ଲିଲିମା



ଦୀପ୍ ଗ୍ରେସ୍ ଏକ୍କା

**ଭାରତୀୟ ଦଳ**

- ଗୋଲକିପର- ସବିତା ଓ ରଜନୀ ଏଟିମାର୍ପୁ।
- ଡିଫେଣ୍ଡର୍ସ- ରୀନା ଖୋଖାର, ଦୀପ୍ ଗ୍ରେସ୍ ଏକ୍କା, ସାଲିମା ଟେଟେ, ନିକ୍କି ପ୍ରଧାନ, ଗୁରଜିତ କୌର ଓ ସୁଶୀଲା ଚାନୁ ପୁଖରାମବାମ୍।
- ମିଡଫିଲ୍ଡର୍ସ- ଲିଲିମା ମିଞ୍ଜ୍, କରିସ୍ମା ଯାଦବ, ସୋନିକା ଓ ନେହା ଗୋୟଲ।
- ଫରୱାର୍ଡ୍ସ- ରାନୀ, ବନ୍ଦନା କାଟାରିୟା, ନବନୀତ କୌର, ଲାଲରେମସିଆମି, ଉଦୀତା ଓ ନବଜୋତ କୌର।



ଲିଲିମା ମିଞ୍ଜ

ନୂଆଦିଲ୍ଲୀ,୧୮।୧(ପି.ଟି.)

ଜାନୁୟାରୀ ୨୬ ଆରମ୍ଭ ହେବାକୁ ଥିବା ଭାରତୀୟ ମହିଳା ହକି ଦଳର ସ୍ପେନ୍ ଗସ୍ତ ପାଇଁ ଏକ ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଶୁକ୍ରବାର ହକି ଇଣ୍ଡିଆ ଏହି ଦଳ ଘୋଷଣ କରିଛି। ଅଭିଜ୍ଞ ଷ୍ଟ୍ରାଇକର ରାନୀ ରାମପାଲଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିପରି ଅଭିଜ୍ଞ ଗୋଲକିପର ସବିତା ତାଙ୍କର ଡେପୁଟି ନିଯୁକ୍ତ ହୋଇଛନ୍ତି। ଦୁଇ ତାରକା ଓଡ଼ିଆ ଖେଳାଳି ସୁନୀତା ଲାକ୍ରା ଓ ନମିତା ଟପ୍ପୋଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଦୀପଗ୍ରେସ୍ ଏକ୍କା ଓ ଲିଲିମା ମିଞ୍ଜ୍‌ଙ୍କୁ ଦଳରେ ସାମିଲ କରାଯାଇଛି। ଏହି ଗସ୍ତରେ ଭାରତ ସ୍ପେନ ବିପକ୍ଷରେ ୪ଟି ମ୍ୟାଚ୍ ଖେଳିବ। ସେହିପରି ମହିଳା ବିଶ୍ୱକପ୍ ରନର୍ସଅପ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ। ଆସନ୍ତା ୨୪ ତାରିଖରେ ଭାରତୀୟ ଦଳ ବେଙ୍ଗାଲୁରୁରୁ ସ୍ପେନ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ବେଙ୍ଗାଲୁରୁରେ ଦୁଇ ସପ୍ତାହ ଧରି ଭାରତୀୟ ଦଳର ଜାତୀୟ ଅଭ୍ୟାସ ଶିବିର ଚାଲିଥିଲା।

ସବିତାଙ୍କୁ ବାଦ୍ ଦେଲେ ରଜନୀ ଏଟିମାର୍ପୁ ମଧ ଗୋଲକିପର ହିସାବରେ ଭାରତୀୟ ଦଳରେ ସାମିଲ ରହିଛନ୍ତି। ଇଞ୍ଜୁରୀ କାରଣରୁ ବିଶ୍ୱକପ୍ ଓ ଜାକାର୍ତ୍ତା– ପାଲେମ୍ବାଙ୍ଗ୍‌ଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରୁ ବାଦ୍ ପଡିଥିବା ତାରକା ଡିଫେଣ୍ଡର ସୁଶୀଲା ଚାନୁ ପୁଖରାମବାମ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୟୁଥ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ହାସଲ କରିଥିବା ୧୮ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟିକା ତଥା ଡିଫେଣ୍ଡର ସାଲିମା ଟେଟେ ମଧ ଏହି ଗସ୍ତରେ ସାମିଲ ହୋଇଛନ୍ତି। ଅଭିଜ୍ଞ ଖେଳାଳି ଦୀପଗ୍ରେସ୍ ଏକ୍କା, ରିନା ଖୋଖାର, ନିକି ପ୍ରଧାନ ଓ ଡ୍ରାଗ୍ ଫ୍ଲିକର ଗୁରଜିତ କୌର ମଧ ଦଳରେ ସାମିଲ ହୋଇଛନ୍ତି ଓ ଏମାନେ ଭାରତୀୟ ଡିଫେନ୍ସକୁ ଆହୁରି ଦୃଢ଼ କରିବେ। ସେହିପରି ମିଡଫିଲ୍ଡରେ ଲଲିମା ମିଞ୍ଜ୍, କରିସ୍ମା ଯାଦବ, ସୋନିକା, ନେହା ଗୋୟଲ ଓ ଫରୱାର୍ଡ ଲାଇନ୍‌ରେ ରାନୀଙ୍କ ସମେତ ବନ୍ଦନା କାଟାରିୟା, ନବନୀତ କୌର, ଲାଲରେମସିଆମି, ଉଦିତା ଓ ନଭଜୋତ କୌର ଦାୟିତ୍ୱ ବହନ କରିବେ। ତେବେ ସୁନୀତା ଲାକ୍ରା, ନମିତା ଟପ୍ପୋଙ୍କ ସମେତ କେତେକ ଅଭିଜ୍ଞ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଛି। ଅଲିମ୍ପିକ୍ସ କ୍ୱାଲିଫାୟର୍ସ ପୂର୍ବରୁ ଖେଳାଳିମାନେ କିପରି ବିଶ୍ୱସ୍ତରୀୟ ଅଭିଜ୍ଞତା ହାସଲ କରିବେ ସେ ନେଇ ପ୍ରଯତ୍ନ କରାଯାଇଛି ଓ ଦଳର ବେଞ୍ଚ୍ ଷ୍ଟ୍ରେନ୍ଥକୁ ଦୃଢ଼ କରିବାକୁ ପ୍ରୟାସ କରାଯାଇଛି ବୋଲି ହେଡ୍ କୋଚ୍ ଜୋଏର୍ଡ ମାରିଜନେ କହିଛନ୍ତି।

# ନାସେର ଜିତିଲେ ଡାକାର ରାଲି

ପିସ୍କୋ (ପେରୁ), ୧୮।୧



ନାସେର ଅଲ-ଆଟିୟା

ନାସେର ଅଲ-ଆଟିୟା ୨୦୧୯ ଡାକାର ରାଲି କାର ରେସ୍ ଜିତିଛନ୍ତି। ସେ ତାଙ୍କ ଟୟୋଟା ଟିମ୍ ପାଇଁ ପ୍ରଥମ ଟାଇଟଲ ଆଣି ଦେଇଛନ୍ତି। କାତାରର ଏହି ଡ୍ରାଇଭରଙ୍କର କିନ୍ତୁ ଏହା ହେଉଛି ତୃତୀୟ ଡାକାର ବିଜୟ। ଏହା ପୂର୍ବରୁ ସେ ୨୦୧୧ରେ ଭୋକ୍ସୱାଗନ ଏବଂ ୨୦୧୫ରେ ମିନି ସହିତ ଟାଇଟଲ ଜିତିଥିଲେ। ଟୟୋଟା ଗାଜୁ ରେସିଂ ଟିମ୍ ସହିତ ଏହା ଥିଲା ତାଙ୍କର ଦ୍ୱିତୀୟ ସିଜନ। ଜେନେରାଲ କ୍ଲାସିଫିକେଶନରେ ସେ ପୂରା ଚାମ୍ପିୟନଶିପ୍‌ରେ (ଦ୍ୱିତୀୟ ଷ୍ଟେଜ୍‌କୁ ଛାଡ଼ି) ଅଗ୍ରଣୀ ରହିଥିଲେ। ୪୧ଶ ସଂସ୍କରଣ ଡାକାରା ରାଲିକୁ ସେ ଓଭରଅଲ୍ ୩୪: ୩୮:୧୪ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ୪୮ବର୍ଷୀୟ ଏହି ଡ୍ରାଇଭର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କଠାରୁ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ। ଦ୍ୱିତୀୟ ସ୍ଥାନରେ ଥିବା ଏକ୍ସ-ରେଡ୍ସର ନାନି ରୋମାଙ୍କଠାରୁ ସେ ୪୬ ମିନିଟ ଓ ୪୨ ସେକେଣ୍ଡ ଆଗରେ ରହିଥିଲେ। ରୋମା ଯଦିଓ କୌଣସି ଷ୍ଟେଜ୍ ଜିତି ନ ଥିଲେ ସ୍ଥିର ପ୍ରଦର୍ଶନ ଯୋଗୁ ଓଭରଅଲ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପିୟୁଜିଅଟ୍ ୩୦୦ ଡିକେଆରର ତଥା ୯ଥର ଡବ୍ଲ୍ୟୁଆରସି ଚାମ୍ପିୟନ ସେବାଷ୍ଟିନ ଲୋଏବ୍ ତୃତୀୟ ହୋଇଥିଲେ। ରାସ୍ତାରେ ଲୋଏବଙ୍କ କାର୍‌ରେ ସାମାନ୍ୟ ସମସ୍ୟା ଦେଇଥିଲା। ମାତ୍ର ଦ୍ରୁତ ଗତିରେ ଗାଡ଼ି ଚାଳନା ଏବଂ ୪ ଷ୍ଟେଜ ବିଜୟ ଯୋଗୁ ସେ ଗତ ବର୍ଷ ପରେ ଦ୍ୱିତୀୟ ଥର ପୋଡିୟମ ଫିନିଶ କରିବାରେ ସମର୍ଥ ହୋଇ ପାରିଛନ୍ତି। ଗତଥରର ଚାମ୍ପିୟନ ତଥା ଏକ୍ସ-ରେଡ୍ସର କାର୍ଲୋସ ସେଜ୍ ଡାକାର ୨୦୧୯ର ଅନ୍ତିମ ଷ୍ଟେଜ୍ ଜିତିଥିଲେ। ଷ୍ଟେଜ୍ ୩ରେ ତାଙ୍କର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତାଙ୍କୁ ଓଭରଅଲ୍ ଷ୍ଟାଣ୍ଡିଂରେ ୫ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ୧୦ମ ଷ୍ଟେଜ୍‌ରେ ୫ମ ସ୍ଥାନ ଅଧିକାର କରିଥିବା ଜାକବ ପ୍ରିଗୋନସ୍କି ଡାକାରରେ ଶ୍ରେଷ୍ଠ ପ୍ରଦର୍ଶନ ସହ ଏକ୍ସ-ରେଡ୍ ମିନି ପାଇଁ ୪ର୍ଥ ସ୍ଥାନ ଅଧିକାର କରିଥିଲେ।

**୯ମ ସ୍ଥାନ ବଜାୟ ରଖିଲେ ମେନା**

ମୋଟର ସାଇକେଲ ବିଭାଗରେ ହିରୋ ମୋଟୋ ସ୍ପୋର୍ଟ୍ସର ସ୍ପାନିଶ ରାଇଡର ଓରିଓଲ ମେନା ଫାଇନାଲ ଷ୍ଟେଜ୍‌ରେ ୧୭ତମ ସ୍ଥାନ ଅଧିକାର କରିଥିଲେ ହେଁ ଓଭରଅଲ ର୍‍ୟାଙ୍କିଙ୍ଗରେ ୯ମ ସ୍ଥାନ ବଜାୟ ରଖିଥିଲେ। ଶୁକ୍ରବାର ଶେଷ ହୋଇଥିବା ଡାକାର ରାଲିରେ ଏକ ମାତ୍ର ଭାରତୀୟ ଭାବେ ଅରବିନ୍ଦ କେପି ରେସ୍ ଶେଷ କରିବାରେ ସମର୍ଥ ହୋଇଥିଲେ।

# ଚତୁର୍ଥ ରାଉଣ୍ଡରେ ଫେଡରର, ଶାରାପୋଭା

ମେଲବୋର୍ନ,୧୮।୧(ପି.ଟି.)

ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ପଞ୍ଚମ ଦିବସରେ ପହଞ୍ଚିଛି। ଶୁକ୍ରବାର ଅଭିଜ୍ଞ ସୁଇଜରଲାଣ୍ଡ ଟେନିସ୍ ତାରକା ରୋଜର ଫେଡରର ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତଥରର ଚାମ୍ପିୟନ ତଥା ତୃତୀୟ ସିଡ ଖେଳାଳି ୩୭ ବର୍ଷୀୟ ଫେଡରର ଶୁକ୍ରବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୭-୫, ୬-୨ ସେଟ୍‌ରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ଚେକଗଣରାଜ୍ୟ ତାରକା ଖେଳାଳି ଅଣସିଡ୍ ଟମାସ ବର୍ଡିଚ୍ ୫-୭, ୬-୩, ୭-୫, ୬-୪ ସେଟରେ ୧୬ତମ ସିଡ ଆର୍ଜେଣ୍ଟିନାର ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ ଗ୍ରୀସ ଖେଳାଳି ଷ୍ଟିଫାନୋସ୍ ସିଟ୍‌ସିପାସ ୬-୩, ୩-୬, ୭-୬, ୬-୪ ସେଟରେ ନିକୋଲୋଜ ବାସିଲାସଭିଲିଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ସେହିପରି ୨୦ତମ ସିଡ ଖେଳାଳି ଗ୍ରିଗର ଡିମିଟ୍ରୋଭ ୭-୬, ୬-୪, ୬-୪ ସେଟରେ ଥୋମାସ ଫାବିଆନୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।



ମାରିଆ ଶାରାପୋଭା

ଅପରପକ୍ଷରେ ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ୩୦ତମ ସିଡ ମାନ୍ୟତା ପାଇଥିବା ରୁଷିଆର ଅଭିଜ୍ଞ ମହିଳା ତାରକା ମାରିଆ ଶାରାପୋଭା ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ତୃତୀୟ ସିଡ ତଥା ଗତଥରର ଚାମ୍ପିୟନ ଡେନମାର୍କର କାରୋଲିନ୍ ଓଜ୍ନିଆକିଙ୍କୁ ୬-୪, ୪-୬, ୬-୩ ସେଟରେ ହରାଇ ଏହି ସଫଳତା ହାସଲ କରିଛନ୍ତି। ଚତୁର୍ଥ ରାଉଣ୍ଡରେ ସାରାପୋଭା ଆଶ ବାର୍ଟିଙ୍କୁ ଭେଟିବେ। ୧୫ତମ ସିଡ ଅଷ୍ଟ୍ରେଲିଆର ବାର୍ଟି ଅନ୍ୟଏକ ମ୍ୟାଚ୍‌ରେ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ୭-୫, ୬-୧ ସେଟରେ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ପଞ୍ଚମ ସିଡ୍ ଆମେରିକାର ସ୍ଲୋଆନ ଷ୍ଟିଫେନ୍ସ ୭-୬, ୭-୬ ସେଟରେ ପେଟ୍ରା ମାର୍ଟିକଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଷ୍ଟିଫେନ୍ସ ଚତୁର୍ଥ ରାଉଣ୍ଡରେ ରୁଷିଆର ଆନାଷ୍ଟାସିଆ ପାଭଲ୍ୟୁଚେଙ୍କୋଭାଙ୍କୁ ଭେଟିବେ। ପାଭଲ୍ୟୁଚେଙ୍କୋଭା ଅନ୍ୟଏକ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ବେଲାରୁଷର ଆଲିଆକାସାଣ୍ଡ୍ରା ସାସନୋଭିକଙ୍କୁ ୬-୦,୬-୩ ସେଟରେ ପରାସ୍ତ କରି ଅଗ୍ରଗତି କରିଛନ୍ତି।

# ଫାଇନାଲରେ ଖୋର୍ଦ୍ଧା ରେଲୱେ

ପଦ୍ମପୁର, ୧୮।୧ (ଡି.ଏନ.ଏ)

**ବୋରାସମ୍ବର କପ୍ କ୍ରିକେଟ**

ବରଗଡ଼ ଜିଲା ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ୨୫ତମ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ ଖୋର୍ଦ୍ଧା ରେଲୱେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ୩୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ଖୋର୍ଦ୍ଧା ଦଳର ବୋଲରଙ୍କ ମୁକାବିଲା କରି ପାରି ନ ଥିଲେ। ୨୦.୧ ଓଭରରେ ମାତ୍ର ୫୯ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲେ। ଖୋର୍ଦ୍ଧା ଦଳ ପକ୍ଷରୁ ଆଲୋକ ମଙ୍ଗରାଜ ୧୧ ରନରେ ୩ଟି ଏବଂ ଜୟନ୍ତ ବେହେରା ୧୮ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ମାତ୍ର ୬୦ ରନର ଲକ୍ଷ୍ୟନେଇ ଖୋର୍ଦ୍ଧା ଦଳ ୧୦.୧ ଓଭରରେ ୪ ଉଇକେଟ ବିନିମୟରେ ୬୫ ରନ ସଂଗ୍ରହ କରି ମ୍ୟାଚକୁ ୬ ଉଇକେଟରେ ଜିଣିଥିଲେ। ଜୟନ୍ତ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଅମ୍ପାୟାର ବଳରାମ ପଟ୍ଟନାୟକ, ଅମୀୟ କୁମାର ସାହୁ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ଆକାଶ କୁମାର ଦାଶ, ଧାରା ବିବରଣୀ ପ୍ରଦାନ କରିଥିଲେ ସନ୍ତୋଷ ନାୟାର ଏବଂ ଦେବାଶିଷ ଚକ୍ରବର୍ତ୍ତୀ। ରବିବାର ଫାଇନାଲ ମ୍ୟାଚ୍ ୟୁଥ କ୍ରିକେଟ କ୍ଲବ ରାଉରକେଲା ଏବଂ ଖୋର୍ଦ୍ଧା ରେଳବାଇ ମଧ୍ୟରେ ଖେଳାଯିବ। ଶନିବାର ଏକ ପ୍ରଦର୍ଶନୀ ମହିଳା କ୍ରିକେଟ ମ୍ୟାଚ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ଜୟନ୍ତ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ସାଇରେ ସିବିଆଇ ଚଢ଼ାଉ: ୬ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୧୮।୧

ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମ ନିକଟସ୍ଥ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) କାର୍ଯ୍ୟାଳୟରେ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ସିବିଆଇ) ତରଫରୁ ଚଢ଼ାଉ କରାଯାଇଛି। ଲାଞ୍ଚ ନେବା ଅଭିଯୋଗରେ ସାଇର ୬ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ କେତେଜଣ ଅଧିକାରୀ ଲାଞ୍ଚ ନେଉଥିବାର ଅଭିଯୋଗ ଆସିବା ପରେ ସିବିଆଇ ତରଫରୁ ଏହି ରେଡ୍ କରାଯାଇଥିଲା। ନିର୍ଦ୍ଦେଶକ ସ୍ତରର କେତେଜଣ ଅଧିକାରୀ ଏଥିରେ ସାମିଲ ଥିଲେ। ଗିରଫ ହୋଇଥିବା ଅଧିକାରୀଙ୍କ ମଧ୍ୟରେ ସାମିଲ ହୋଇଛନ୍ତି ଡାଇରେକ୍ଟର ଇନ୍ ଜେନେରାଲ ଆଡମିନ୍ଷ୍ଟ୍ରେଶନ ୱିଙ୍ଗ୍ ଏସ୍.କେ. ଶର୍ମା, ଆକାଉଣ୍ଟ ଅଫିସର ଲଳିତ ଜୋଲି। ସେହିପରି ଜୁନିୟର ଆକାଉଣ୍ଟାଣ୍ଟ ହରେନ୍ଦ୍ର ପ୍ରସାଦ, ଅପର ଡିଭିଜନାଲ କ୍ଲର୍କ ଭି.କେ. ଶର୍ମା ଓ ଦୁଇ ବେସରକାରୀ ବ୍ୟକ୍ତି ମନଦୀପ ଆହୁଜା ଓ ତାଙ୍କ ସହଯୋଗୀ ୟୁନୁସଙ୍କୁ ମଧ ଗିରଫ୍ କରାଯାଇଛି।

ଦେଶକୁ ଦୁର୍ନୀତି ମୁକ୍ତ କରିବା ପାଇଁ ଆମର ପ୍ରୟାସ ଜାରି ରହିଛି ଓ ସେଥିପାଇଁ ସିବିଆଇ ତରଫରୁ ଏହି ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଟୁଇଟ୍ କରି ଜଣାଇଛନ୍ତି। ପୁଣି କ୍ରୀଡ଼ାକୁ ଦୁର୍ନୀତି ମୁକ୍ତ କରିବାର ଯଥେଷ୍ଟ ଆବଶ୍ୟକାତ ରହିଛି ବୋଲି ସେ କହିଛନ୍ତି। ସାଇ ନିର୍ଦ୍ଦେଶକ ନିଲମ କପୁର ମଧ ଏ ନେଇ ନିଜର ମତ ରଖିଛନ୍ତି। ସାଇରେ ଦୁର୍ନୀତି ଚାଲୁଥିଲା ବୋଲି ଆମେ ଅଭିଯୋଗ ପାଇଥିଲୁ। ଫଳରେ ସିବିଆଇକୁ ତଦନ୍ତ କରିବାକୁ ସୁପାରିସ କରିଥିଲୁ। ଏକ ୧୫ ଜଣିଆ ସିବିଆଇ ଅଧିକାରୀ ଏହି ରେଡ୍‌ରେ ସାମିଲ ହୋଇଥିଲେ। ଜଣେ ଗିରଫ ଅଧିକାରୀଙ୍କ ସ୍ତ୍ରୀ ମଧ ଏହି ଦୁର୍ନୀତିରେ ସାମିଲ ଅଛନ୍ତି ବୋଲି କୁହାଯାଇଛି।

# ଫାଇନାଲରେ କ୍ରାଉନ କ୍ଲବ

ଭଣ୍ଡାରିପୋଖରୀ, ୧୮।୧ (ଡି.ଏନ.ଏ.)

**ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡ଼ିଆ ଠାରେ ଚାଲିଥିବା ଦ୍ୱାଦଶତମ ଆନ୍ତଃ ଜିଲା ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ଶୁକ୍ରବାର ଥିଲା ପ୍ରଥମ ସେମିଫାଇନାଲ ମ୍ୟାଚ୍। ଏଥିରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂକୁ ହରାଇ କ୍ରାଉନ କ୍ରିକେଟ କ୍ଲବ, ଭୁବନେଶ୍ୱର ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। କ୍ରାଉନ କ୍ଲବ ଟସ୍ ଜିତି ୨୭ ଓଭରରେ ୯ ଉଇକେଟ ହରାଇ ୧୫୧ ରନ୍ କରିଥିଲା। ଦଳ ପକ୍ଷରୁ କିଶାନ ରଥ ୬ଟି ଚଉକା ସହ ୪୨ ରନ୍, ନାୟକ ଜନ୍ମେଜୟ ଗୋଟିଏ ଛକା, ୩ ଚଉକାରେ ୪୧ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଦିବ୍ୟରଞ୍ଜନ ସାହୁ ୫ ଓଭର ବୋଲିଂ କରି ୩ ଉଇକେଟ, ତୋଫାନ ଗୌଡ ୬ ଓଭର ବୋଲିଂ କରି ୨ ଉଇକେଟ ନେଇଥିଲେ। ଜବାବରେ ଜିତିବା ପାଇଁ ୧୫୨ ରନ୍‌ର ପିଛା କରି ରାମେଶ୍ୱର ସ୍ପୋର୍ଟିଂ ୨୭ ଓଭରରେ ୯ ଉଇକେଟ ହରାଇ ୧୪୨ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ନରେନ୍ଦ୍ର ଦାସ ୨ ଛକା, ୩ ଚଉକା ସହ ୨୭ ରନ୍, ପ୍ରଶାନ୍ତ ଭୋଇ ୩ ଚଉକା ସହ ୨୧ ରନ୍, ବିଶ୍ୱଜିତ ଭୁୟାଁ ୩ ଚଉକାରେ ୧୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୂର୍ଯ୍ୟକାନ୍ତ ସାମଲ ୫ ଓଭର ବୋଲିଂ କରି ୨୧ ରନ୍ ଦେଇ ୩ ଉଇକେଟ, ବ୍ରତିସୁନ୍ଦର ବେହେରା ୬ ଓଭର ବୋଲିଂ କରି ୨୪ ରନ୍ ଦେଇ ୩ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସୂର୍ଯ୍ୟକାନ୍ତ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ପାରସର ବିଶ୍ୱାଳ, ଆଶୁତୋଷ ପାଣି ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଜୟନ୍ତ ନାୟକ, ରଘୁନାଥ ମାଝି ଓ ଚିନ୍ମୟ ରାଉତରାୟ ସ୍କୋରର, ପ୍ରଦୀପ୍ତ ନାୟକ, ବିଷ୍ଣୁଚରଣ ବୋଇତାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ଯାଜପୁର ଟାଉନ ଇଲେଭେନ ଷ୍ଟାର ଓ ବିଏମସିସି ଗୋଲକୁଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାନ ଅଫ୍ ଦି ମ୍ୟାଚ୍ ସୂର୍ଯ୍ୟକାନ୍ତ ସାମଲ ପୁରସ୍କାର ଗ୍ରହଣ କରୁଛନ୍ତି।

ଜୋସ ଓ ଧୂମ ମଚେଇବା ପାଇଁ ଆସିଗଲା
ଛୋଟ ଇନ୍ଦ୍ରୀୟ ଚିନ୍ତା କାହିଁକି ?


ବ୍ୟବହାର କରିବା ମାତ୍ରେ ହିଁ ପ୍ରଭାବ ଆରମ୍ଭ
କ୍ୟାପସୁଲ ସହିତ ଇନ୍ଦ୍ରୀୟ ବର୍ଦ୍ଧକ ଯନ୍ତ୍ର ମାଗଣା।
ଏହି କ୍ୟାପ୍‌ସୁଲ ନିୟମିତ ସେବନଦ୍ୱାରା ଉର୍ଯ୍ୟା ବଢ଼ିବା ସହିତ ସହବାସରେ ଉତ୍ସାହ ମଧ ବଢ଼ିଥାଏ। ସପ୍ନଦୋଷ, ଶିଘ୍ର ପତନ, ଉତ୍ତେଜନାର ଅଭାବ, ନପୁଂସକତା, ଇନ୍ଦ୍ରୀୟର ପତଳାପଣ, ତଥା ଦୁର୍ବଳତା ଦୂର କରିବା ସହ ସମୟକୁ ବଢାଇଥାଏ।
(ସୌଖିନ ଲୋକ ବି ଥରେ ନିଶ୍ଚୟ ବ୍ୟବହାର କରନ୍ତୁ)
HERBAL CARE
Mob : 7462930397
8227874192

## ସଂକ୍ଷେପରେ

### ପ୍ରଶ୍ନ ଉଠାଇଲେ ଗାଭାସ୍କର

ମେଲବୋର୍ନ, ୧୮।୧(ପି.ଟି.)- ଅଷ୍ଟ୍ରେଲିଆରେ ପ୍ରଥମ ଥର ଦ୍ୱିପାକ୍ଷିକ ଦିନିକିଆ ସିରିଜ୍ ଜିତିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ କାହିଁକି ଆୟୋଜକ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ପୁରସ୍କୃତ କରାଗଲା ନାହିଁ ବୋଲି ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ପ୍ରଶ୍ନ ଉଠାଇଛନ୍ତି। ଭାରତୀୟ ଦଳ ଆଡିଲେଡ୍ ଦିନିକିଆକୁ ୭ ଉଇକେଟରେ ଜିତିବା ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୧ ବ୍ୟବଧାନରେ ହାତେଇ ନେଇଛି। ଏହି ଐତିହାସିକ ସିରିଜ୍‌ରୁ ଆୟ ହୋଇଥିବା ରାଜସ୍ୱରେ ଭାରତୀୟ ଖେଳାଳିଙ୍କ ମଧ ଅଂଶ ରହିବା କଥା। ମ୍ୟାନ୍ ଅଫ୍ ଦି ମ୍ୟାଚ ଯୁଜବେନ୍ଦ୍ର ଚହଲ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ବାବଦକୁ ମହେନ୍ଦ୍ର ସିଂ ଧୋନୀଙ୍କୁ ୫୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ହେଲେ ଦୁଇ ଖେଳାଳିଙ୍କୁ ମିଳିଥିବା ଅର୍ଥରାଶିକୁ ଏକ ଚ୍ୟାରିଟିକୁ ପ୍ରଦାନ କରିବାକୁ ପଡ଼ିଛି। କିମ୍ବଦନ୍ତୀ ଆଡାମ ଗିଲକ୍ରିଷ୍ଟ ବିଜେତା ଦଳକୁ କେବଳ ଟ୍ରଫି ପ୍ରଦାନ କରିଥିଲେ। ଏହାକୁ ପରିହାସ କରି ଗାଭାସ୍କର କହିଛନ୍ତି, ବିଜେତା ଦଳକୁ କେବଳ ଟ୍ରଫି ମିଳିଲା। ଖେଳାଳିଙ୍କ ଯୋଗୁ ଆୟୋଜକମାନେ ସିରିଜ୍ ପ୍ରସାରଣରୁ ଅନେକ ଅର୍ଥ ଉପାର୍ଜନ କଲେ।

" ଭାରତୀୟ ବ୍ୟାଟିଂ ଅର୍ଡରରେ ଦଳର ଆବଶ୍ୟକତା ଅନୁସାରେ ମୁଁ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ।

– ମହେନ୍ଦ୍ର ସିଂ ଧୋନୀ, ଭାରତୀୟ ଉଇକେଟକିପର



" ସଚିନ ତେନ୍ଦୁଲକରଙ୍କୁ ମୁଁ ରାଗିଯିବାର ଦେଖିଛି କିନ୍ତୁ ମହେନ୍ଦ୍ର ସିଂ ଧୋନୀଙ୍କୁ ନୁହେଁ। ସେ ଜଣେ ଅତ୍ୟନ୍ତ ଥଣ୍ଡା ମିଜାଜର ବ୍ୟକ୍ତି।

– ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର କୋଚ୍





ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ ବିଜୟୀ ଭାରତୀୟ ଦଳ।

### ଦିନିକିଆରେ ଅଷ୍ଟ୍ରେଲିଆରେ ଶ୍ରେଷ୍ଠ ବୋଲିଂ


ଯୁଜବେନ୍ଦ୍ର ଚହଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍।

- ୬/୪୨: ଅଜିତ ଅଗରକର ବନାମ ଅଷ୍ଟ୍ରେଲିଆ, ମେଲବୋର୍ନ, ୨୦୦୪
- ୬/୪୨: ଯୁଜବେନ୍ଦ୍ର ଚହଲ ବନାମ ଅଷ୍ଟ୍ରେଲିଆ, ମେଲବୋର୍ନ, ୨୦୧୯
- ୬/୪୩: ମିଚେଲ ଷ୍ଟାର୍କ ବନାମ ଭାରତ, ମେଲବୋର୍ନ, ୨୦୧୫
- ୬/୪୫: କ୍ରିସ୍ ୱ୍ୱକ୍ସ ବନାମ ଅଷ୍ଟ୍ରେଲିଆ, ବ୍ରିସବେନ, ୨୦୧୧

### ଭାରତର ଶ୍ରେଷ୍ଠ ବୋଲିଂ

- ୬/୪: ଷ୍ଟୁଆର୍ଟ ବିନ୍ନି ବନାମ ବାଂଲାଦେଶ, ୨୦୧୪
- ୬/୧୨: ଅନିଲ କୁମ୍ବଲେ ବନାମ ୱେଷ୍ଟଇଣ୍ଡିଜ, ୧୯୯୩
- ୬/୨୩: ଆଶିଷ ନେହେରା ବନାମ ଇଂଲଣ୍ଡ, ୨୦୦୩
- ୬/୨୫: କୁଲଦୀପ ଯାଦବ ବନାମ ଇଂଲଣ୍ଡ, ୨୦୧୮
- ୬/୨୭: ମୁରଲୀ କାର୍ତ୍ତିକ ବନାମ ଅଷ୍ଟ୍ରେଲିଆ, ୨୦୦୭
- ୬/୪୨: ଅଜିତ ଅଗରକର ବନାମ ଅଷ୍ଟ୍ରେଲିଆ, ୨୦୦୪
- ୬/୪୨: ଯୁଜବେନ୍ଦ୍ର ଚହଲ ବନାମ ଅଷ୍ଟ୍ରେଲିଆ, ୨୦୧୯

# କୋହଲି ବାହିନୀକୁ ବିରାଟ ସଫଳତା

ମେଲବୋର୍ନ, ୧୮।୧

ଯୁଜବେନ୍ଦ୍ର ଚହଲଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ ଏବଂ ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବଙ୍କ ଅପରାଜିତ ଶତକୀୟ ଭାଗୀଦାରି ବଳରେ ଭାରତ ଶୁକ୍ରବାର ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୭ ଉଇକେଟରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୩୧ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଟିମ୍ ଇଣ୍ଡିଆ ୪୯.୨ ଓଭରରେ ୩ ଉଇକେଟ ହରାଇ ୨୩୪ ରନ ସଂଗ୍ରହ କରି ନେଇଥିଲା। ୫୦ତମ ଓଭରର ଦ୍ୱିତୀୟ ବଲ୍‌ରେ କେଦାର ମାରିଥିଲେ ବିଜୟ ସୂଚକ ଚୌକା। କ୍ରିଜରେ ଅପରାଜିତ ଥିବା ଦୁଇ ବ୍ୟାଟ୍ସମ୍ୟାନ କେଦାର ଓ ଧୋନୀ ପରସ୍ପରକୁ ଆଲିଙ୍ଗନ କରି ଅଭିନନ୍ଦନ ଜଣାଇଥିବାବେଳେ ଭାରତୀୟ ଡ୍ରେସିଂ ରୁମ୍‌ରେ ଆରମ୍ଭ ହୋଇ ଯାଇଥିଲା ବିଜୟ ଉତ୍ସବ। ଧୋନୀ ୮୭ ଓ କେଦାର ୬୧ ରନରେ ରହିଥିଲେ ଅପରାଜିତ। ଟେଷ୍ଟ ପରି ଅଷ୍ଟ୍ରେଲିଆରେ ଭାରତର ଏହାଥିଲା ଐତିହାସିକ ଦିନିକିଆ ସିରିଜ ବିଜୟ। କାରଣ ଏହା ପୂର୍ବରୁ କୌଣସି ଦ୍ୱିପାକ୍ଷିକ କ୍ରିକେଟ ସିରିଜରେ ଅଷ୍ଟ୍ରେଲିଆ ମାଟିରେ ଭାରତ କେବେହେଲେ ଏକଦିବସୀୟ ସିରିଜରେ ବିଜୟୀ ହୋଇ ନ ଥିଲା। କେବଳ ସେତିକି ନୁହେଁ ଏଥର ଅଷ୍ଟ୍ରେଲିଆ ଗସ୍ତରେ କୌଣସି ସିରିଜ ହାତଛଡ଼ା କରିନାହିଁ ଟିମ୍ ଇଣ୍ଡିଆ। ବର୍ଷା ବାଧାପ୍ରାପ୍ତ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ୧-୧ରେ ଡ୍ର ରହିଥିବାବେଳେ ଟେଷ୍ଟ ସିରିଜକୁ ୨-୧ରେ ଜିତି ଐତିହାସିକ ସଫଳତା ଲାଭ କରିଥିଲା ଟିମ୍ ଇଣ୍ଡିଆ। ଶେଷରେ ଦିନିକିଆ ସିରିଜରେ ଏକଦା ୦-୧ରେ ପଛୁଆ ରହିବା ସତ୍ତ୍ୱେ ସଫଳ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ମାଟିରେ ବିରାଟ କୋହଲି ବାହିନୀ ଉଡ଼ାଇଛି ବିଜୟ ଧ୍ୱଜା। ଦିନିକିଆ ସିରିଜରେ ମଧ ଭାରତ ୨-୧ରେ ବିଜୟୀ ହୋଇଛି। ନିଜ କ୍ରିକେଟ ଜୀବନର ଶ୍ରେଷ୍ଠ ବୋଲିଂ କରି ୪୨ ରନରେ ୬ ଉଇକେଟ ସଫଳତା ପାଇଥିବା ଯୁଜବେନ୍ଦ୍ର ଚହଲ ହୋଇଛନ୍ତି ମ୍ୟାନ ଅଫ ଦି ମ୍ୟାଚ। ସେହିପରି ସମାଲୋଚନାକୁ ଖାତିର ନ କରି ୩ ମ୍ୟାଚରେ ୩ ଅର୍ଦ୍ଧଶତକ ହାସଲ କରିଥିବା ଧୋନୀ ପାଇଛନ୍ତି ମ୍ୟାନ ଅଫ ଦି ସିରିଜ ପୁରସ୍କାର।

### ଯୁଜବେନ୍ଦ୍ର ଶ୍ରେଷ୍ଠ

ଯୁଜବେନ୍ଦ୍ର ଚହଲଙ୍କ ଯାଦୁକରୀ ସ୍ପିନ ବଳରେ ଅଷ୍ଟ୍ରେଲିଆ ଇନିଂସ ୪୮.୪ ଓଭରରେ ୨୩୦ରେ ସୀମିତ ରହିଥିଲା। ୧୦ ଓଭର ବୋଲିଂ କରିଥିବା ଯୁଜବେନ୍ଦ୍ର ୪୨ ରନ ଦେଇ ୬ ଉଇକେଟ ହାସଲ କରିଥିଲେ। ଭୁବନେଶ୍ୱର କୁମାର ଓ ମହମ୍ମଦ ସାମିଙ୍କୁ ଅବଶିଷ୍ଟ ୪ଟି ଉଇକେଟ ମିଳିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ପିଟର ହ୍ୟାଣ୍ଡ୍ସକମ୍ବ ସର୍ବାଧିକ ୫୮, ଶନ୍ ମାର୍ଶ ୩୯, ଉସମାନ ଖ୍ୱାଜା ୩୪, ଗ୍ଲେନ୍ ମ୍ୟାକ୍ସୱେଲ ୨୬ ରନ କରି ଆଉଟ ହୋଇଥିଲେ।

### ଧୋନୀଙ୍କ ସ୍ଥିର ପ୍ରଦର୍ଶନ

ରନ ଚେଜ୍ କରିଥିବା ଭାରତ ଶୀଘ୍ର ରୋହିତ ଶର୍ମାଙ୍କ ଉଇକେଟ ହରାଇଥିଲା। ଦଳୀୟ ସ୍କୋର ୧୫ ହୋଇଥିବାବେଳେ ରୋହିତ ୯ ରନ କରି ପିଟର ସିଡ୍‌ଲେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଭଲ ଆରମ୍ଭ ପାଇଥିଲେ ହେଁ ଶିଖର ଧାୱନ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ବ୍ୟକ୍ତିଗତ ୨୩ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ବିରାଟ କୋହଲି ଓ ମହେନ୍ଦ୍ର ସିଂ ଧୋନୀ ସତର୍କତାର ସହ ବ୍ୟାଟିଂ କରି ଇନିଂସକୁ ଆଗକୁ ବଢ଼ାଇଥିଲେ। ତେବେ ତୃତୀୟ ଉଇକେଟରେ ୫୪ ରନ ଯୋଗ ହେବାପରେ କୋହଲି ଆଉଟ ହେବାରୁ ଭାରତକୁ ଶକ୍ତ ଝଟ୍‌କା ଲାଗିଥିଲା। ୬୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ୩ ଚୌକା ସହାୟତାରେ ୪୬ ରନ ସଂଗ୍ରହ କରିଥିଲେ। କୋହଲିଙ୍କ ସ୍ଥାନରେ କ୍ରିଜ୍‌କୁ ଆସିଥିଲେ କେଦାର ଯାଦବ। ଘଡ଼ିସନ୍ଧି ମୁହୂର୍ତ୍ତରେ ୫ ନମ୍ବର ସ୍ଥାନରେ ତାଙ୍କର ଚୟନକୁ ଉଚିତ ସାବ୍ୟସ୍ତ କରିଥିଲେ କେଦାର। ସେ ଧୋନୀଙ୍କୁ ଉପଯୁକ୍ତ ସହାୟତା ଦେଇ ବଡ଼ ପାର୍ଟନରଶିପ୍ ଗଢ଼ିବାରେ ସହାୟକ ହୋଇଥିଲେ। ଫଳରେ ଭାରତ ବିଜୟ ଦିଗରେ ଅଗ୍ରସର ହୋଇଥିଲା। ମ୍ୟାଚରେ ଅଷ୍ଟ୍ରେଲିଆର ଫିଲ୍ଡିଂ ଖରାପ ହୋଇଥିଲା। ଫିଲ୍ଡରମାନେ କେତେକ କ୍ୟାଚ ହାତଛଡ଼ା କରିଥିଲେ। ଏହାର ଭରପୂର ସୁଯୋଗ ନେଇ କେଦାର ଓ ଧୋନୀ ଅସମାପ୍ତ ୪ର୍ଥ ଉଇକେଟରେ ୧୨୧ ରନର ଭାଗୀଦାରି ଗଢ଼ି ଦଳକୁ ଜିତାଇଥିଲେ। ଧୋନୀ ୧୧୪ଟି ବଲ ଖେଳି ୬ ଚୌକା ସହାୟତାରେ ୮୭ ଓ କେଦାର ୫୭ ବଲରୁ ୭ ଚୌକା ସହ ୬୧ ରନ କରି ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ରିଚାର୍ଡସନ, ସିଡଲ ଓ ଷ୍ଟୋଇନିସ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ପୂରା ସିରିଜରେ ଧୋନୀ ସ୍ଥିର ପ୍ରଦର୍ଶନ କରିଥିଲେ। ସେ ୩ ମ୍ୟାଚରେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିରୁ ୨ଟି ମ୍ୟାଚରେ ସେ ଅପରାଜିତ ମଧ ରହିଥିଲେ। ଅଷ୍ଟ୍ରେଲିଆ ମାଟିରେ ଭାରତର ଏହା ସର୍ବପ୍ରଥମ ଦ୍ୱିପାକ୍ଷିକ ଦିନିକିଆ କ୍ରିକେଟ ସିରିଜ ବିଜୟ। ୧୯୮୫ରେ ଅଷ୍ଟ୍ରେଲିଆରେ ୱାର୍ଲ୍ଡ ଚାମ୍ପିୟନ୍ସ ଅଫ୍ କ୍ରିକେଟ ଓ ୨୦୦୮ରେ ସିବି ସିରିଜ୍‌ରେ ଭାରତ ବିଜୟୀ ହୋଇଥିଲା। ଏଥର ପ୍ରଥମଥରପାଇଁ ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଜିତି ଇତିହାସ ରଚିଛି ଟିମ୍ ଇଣ୍ଡିଆ।

**ସଂକ୍ଷିପ୍ତ ସ୍କୋର:**
ଅଷ୍ଟ୍ରେଲିଆ ୪୮.୪ ୨୩୦ ଅଲଆଉଟ (ହ୍ୟାଣ୍ଡ୍ସକମ୍ବ- ୫୮, ମାର୍ଶ- ୩୯, ଖ୍ୱାଜା- ୩୪, ଚହଲ- ୬/୪୨, ଭୁବନେଶ୍ୱର- ୨/୨୮, ସାମି- ୨/୪୭)।
ଭାରତ ୪୯.୨ ଓଭରରେ ୨୩୪/୩ (ଧୋନୀ- ୮୭*, ଯାଦବ- ୬୧*, କୋହଲି- ୪୬, ଧାୱନ- ୨୩, ରିଚାର୍ଡସନ- ୧/୨୭, ସିଡଲ- ୧/ ୫୬, ଷ୍ଟୋଇନିସ- ୧/୬୦)।


ତୃତୀୟ ଦିନିକିଆରେ ଭାରତ ବିଜୟ ହାସଲ କରିବା ପରେ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବ।

# ମୁହଁ ଖୋଲିଲେ ଶାସ୍ତ୍ରୀ

ମେଲବୋର୍ନ,୧୮।୧(ପି.ଟି.)



ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ସଫଳତା ପରେ କୋଚ ରବି ଶାସ୍ତ୍ରୀ ତାଙ୍କ ସମାଲୋଚକଙ୍କ ଉଦ୍ଦେଶ୍ୟରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯଦି ଗଠନମୂଳକ ପ୍ରସ୍ତାବ ଆସେ ତେବେ ସେ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ମାତ୍ର ସମାଲୋଚନା ଯଦି ଏଜେଣ୍ଡା ଭିତ୍ତିକ ହୁଏ ତେବେ ସେ ତାହାର ଉଚିତ୍ ଜବାବ ଦେବାକୁ ପଛାଇବେ ନାହିଁ। ସମାଲୋଚକ ଜଣକ ଜଣେ ସାଧାରଣ ବ୍ୟକ୍ତି ଅବା ଭେଟେରାନ ହୁଅନ୍ତୁ ସେଥିରେ କୌଣସି ଫରକ ପଡୁନାହିଁ। ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ ଏକ ଖବରକାଗଜ ପାଇଁ ଶାସ୍ତ୍ରୀଙ୍କ ସାକ୍ଷାତ୍କାର ନେଉଥିବାବେଳେ ସେ ଏକଥା କହିଛନ୍ତି। ନିକଟରେ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଭାରତୀୟ ଦଳକୁ ସମାଲୋଚନା କରିଥିଲେ। ପର୍ଥ ଟେଷ୍ଟରେ ପରାଜୟ ପାଇଁ ସେ ଦଳର କମ୍ବିନେଶନ ଓ ଟ୍ରେନିଂ ପଦ୍ଧତି ଉପରେ ପ୍ରଶ୍ନ ଉଠାଇଥିଲେ। ଶାସ୍ତ୍ରୀ ଏହାକୁ ନିୟୁତ ମାଇଲ୍ ଦୂରରେ ଥାଇ ଫାଙ୍କା ଗୁଳିଚାଳନା କରିବା ସହ ସମାନ ବୋଲି କହିଥିଲେ। ଜବାବରେ ଭାରତର ମହାନ ଓପନର କହିଥିଲେ ଏହି ଫାଙ୍କା ଗୁଳିଚାଳନା ଦ୍ୱାରା ଭାରତ ମେଲବୋର୍ନଠାରେ ଭଲ ପ୍ରଦର୍ଶନ କରିଥିଲା। ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ମଧ୍ୟରେ କୌଣସି ସମାନତା ରହିଛିକି ବୋଲି ଅନେକ ପଚାରିଥାନ୍ତି। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ଅନେକ ଫରକ ରହିଛି। ବିରାଟ ଭିଭିଆନ ରିଚାର୍ଡ୍ସଙ୍କ ଭଳି ବ୍ୟାଟିଂ କରିଥାନ୍ତି। ଯେକୌଣସି ଦଳର ଫାଷ୍ଟ ବୋଲରଙ୍କୁ ସେ ଦୃଢତାର ସହିତ ସାମ୍ନା କରିଥାନ୍ତି। ଖେଳରେ ଉନ୍ନତି ଆଣିବା ଲାଗି ସେ କଠିନ ପରିଶ୍ରମ କରିବା ଲାଗି ସବୁବେଳେ ପ୍ରସ୍ତୁତ ଥାନ୍ତି। କୋହଲିଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ସୂଚନା ଦେବାକୁ ଯାଇ ଭାରତୀୟ କୋଚ୍ କହିଛନ୍ତି, କୋହଲି ଓ ତାଙ୍କ ଚିନ୍ତାଧାର ମଧ୍ୟରେ ଅନେକ ମେଳ ରହିଛି। ସେ ତାଙ୍କ ଟିମ୍‌ମେଟ୍ ପାଇଁ ଖୁବ୍ ଯତ୍ନଶୀଳ ଏବଂ ନିଜକୁ ରୋଲ ମଡେଲ ଭାବେ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିଥାନ୍ତି। ଯୁବ ଖେଳାଳିମାନେ ଶର୍ଟ ଫର୍ମାଟ ତୁଳନାରେ ଜଣେ ଦକ୍ଷ ଟେଷ୍ଟ ଖେଳାଳି ହେବା ଦିଗରେ ବିଶେଷ ଧ୍ୟାନ ଦେବା ଉଚିତ୍ ବୋଲି କୋହଲି ଯୁବ ଖେଳାଳିଙ୍କୁ ଆହ୍ୱାନ କରି କହିଥିଲେ।

# ବୋର୍ଡ ଏକାଦଶ ବିଜୟୀ

କଟକ ଅଫିସ,୧୮।୧

ତ୍ରିଭେନ୍ଦ୍ରମର ସେଣ୍ଟ ଜାଭିୟର୍ସର କେସିଏ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଇଂଲଣ୍ଡ ଲାୟନ୍ସ ଓ ବୋର୍ଡ ସଭାପତି ଏକାଦଶ ଦଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଦୁଇ ମ୍ୟାଚ୍ ବିଶିଷ୍ଟ ଏହି ୱାର୍ମଅପ ସିରିଜରେ ବୋର୍ଡ ସଭାପତି ଏକାଦଶ ଦଳ ପ୍ରଥମ ମ୍ୟାଚକୁ ୪ ଉଇକେଟରେ ଜିତିଛି। ଇଂଲଣ୍ଡ ଲାୟନ୍ସ ପକ୍ଷରୁ ଧାର୍ଯ୍ୟ ୨୫୬ରନର ବିଜୟ ଲକ୍ଷ୍ୟକୁ ଋତୁରାଜ ଗାଏକ୍ୱାଡ୍‌ଙ୍କ ୧୧୦ରନ ଓ ରିକି ଭୁଇଙ୍କ ଅପରାଜିତ ୯୩ରନ ଇନିଂସ ବଳରେ ବୋର୍ଡ ସଭାପତି ଏକାଦଶ ହାସଲ କରି ନେଇଛି। ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ପପୁ ରାୟଙ୍କୁ ଗୋଟିଏ ଉଇକେଟ ମିଳିଛି। ସାମ ବିଲିଙ୍ଗ୍ସଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଲାୟନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଉଇକେଟ କିପର ଆଲେକ୍ସ ଡେଭିସ ଓ ବେନ ଡୁକେଟ ଓପନିଂ ଯୋଡ଼ିରେ ୫୫ରନ ସଂଗ୍ରହ କରିଥିଲେ। ଡୁକେଟ ୨୨ରନରେ ତୁଷାର ଦେଶପାଣ୍ଡେଙ୍କ ଶିକାର ପାଲଟିଥିଲେ। ପରେ ସାମ ହେନ (୩୧ରନ) ଓ ଅଧିନାୟକ ବିଲିଙ୍ଗସ(୩୧ରନ) ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ ମଧ ଉଇକେଟ କିପର ଡେଭିସଙ୍କ ବ୍ୟାଟରୁ ବଡ ଶଟ ଦେଖିବାକୁ ମିଳିଥିଲା। ୧୨୩ ବଲରୁ ଶତକ ପୂରଣ କରିଥିଲେ ଡେଭିସ। ମାତ୍ର ଏହା ପରବର୍ତ୍ତୀ ଓଭରରେ ବୋଲିଂ କରିଥିବା ବାମହାତୀ ଅର୍ଥୋଡକ୍ସ ପପୁଙ୍କ ପ୍ରଥମ ବଲରେ ହିଁ ଡେଭିସ ତୁଷାରଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଓଲି ପୋପ ୨୧, ଟମ ମୋରିସ ୯ରନରେ ଆଉଟ ହୋଇଛନ୍ତି। ଲୁଇସ ଗ୍ରେଗୋରୀ ୨୫ରନ ଓ ଡୋମିନିକ ବେସ ୫ରନରେ ଅପରାଜିତ ଥିଲେ। ଇଂଲଣ୍ଡ ଲାୟନ୍ସ ୬ ଉଇକେଟ ହରାଇ ୨୫୫ରନ କରିଥିଲା। ବୋର୍ଡ ସଭାପତି ଏକାଦଶ ପକ୍ଷରୁ ମୟଙ୍କ ମାର୍କଣ୍ଡେ ସର୍ବାଧିକ ୩ଟି ଉଇକେଟ ଦଖଲ କରିଥିଲେ। ପପୁ ୬ ଓଭର ବୋଲିଂ କରି ୩୬ରନ ବିନିମୟରେ ଗୋଟିଏ ଉଇକେଟ ପାଇଥିଲେ। ଜବାବରେ ବୋର୍ଡ ସଭାପତି ଏକାଦଶ ପ୍ରାରମ୍ଭରୁ ଦମଦାର ବ୍ୟାଟିଂ କରିଥିଲା। ଓପନିଂ ଯୋଡ଼ିରେ ଋତୁରାଜ ଗାଏକ୍ୱାଡ ଓ ଅଧିନାୟକ ଇଶାନ କିଶାନ ୯୪ରନ ସଂଗ୍ରହ କରିଥିଲେ। ଇଶାନ ୩୪ରନରେ ଆଉଟ ହେବା ପରେ ରିକି ଭୁଇ ଓ ଋତୁରାଜ ଦ୍ୱିତୀୟ ଉଇକେଟରେ ୧୨୪ରନର ଭାଗୀଦାରି ସୃଷ୍ଟି କରିଥିଲେ। ଋତୁରାଜ ୧୧୦ରନରେ ଆଉଟ ହେବା ପରେ ଦୀପକ ହୁଡ଼ା ୧ରନ, ରଜତ ପଟିଦାର ୦ରନ, ଜେଜେ ଯାଦବ ୨ରନ, ପିପି ଜୈସ୍ୱାଲ ୦ରନରେ ଆଉଟ ହୋଇଥିଲେ। ୧୬ରନରେ ବୋର୍ଡ ସଭାପତି ଏକାଦଶ ୪ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ମାତ୍ର ରିକି ଓ ମୟଙ୍କ ଦଳକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ। ଇଂଲଣ୍ଡ ଲାୟନ୍ସ ପକ୍ଷରୁ ଜ୍ୟାକ ଚାପେଲ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ।

### ପପୁ ରାୟଙ୍କୁ ସଫଳତା



# ସେମିରେ ଓଡ଼ିଶା ପରାସ୍ତ

କଟକ ଅଫିସ,୧୮।୧

ମହାରାଷ୍ଟ୍ରର ପୁଣେଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସ ହକି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ୧୭ ବର୍ଷରୁ କମ୍ ଓ ୨୧ ବର୍ଷରୁ କମ୍ ଦଳ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ୧୭ବର୍ଷରୁ କମ୍ ଦଳ ୪-୩ ଗୋଲରେ ଝାଡ଼ଖଣ୍ଡଠାରୁ ହାରିଥିଲା। ପ୍ରଥମ ଦୁଇଟି କ୍ୱାର୍ଟରରେ ଓଡ଼ିଶା ୩-୦ରେ ଅଗ୍ରଣୀ ଥିବା ବେଳେ ଅନ୍ତିମ ଦୁଇଟି କ୍ୱାର୍ଟରରେ ଝାଡ଼ଖଣ୍ଡ ପକ୍ଷରୁ ୨ଟି ଲେଖାଏ ଗୋଲ ହେବା ଫଳରେ ମ୍ୟାଚ୍ ଓଡ଼ିଶା ହାତରୁ ଖସି ଯାଇଥିଲା। ଓଡ଼ିଶା ପକ୍ଷରୁ ମୁକ୍ତା ଜୋଜୋ, ଜ୍ୟୋତି ଛତ୍ରୀ, ନେହା ଲାକ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୧ବର୍ଷରୁ କମ୍ ଦଳ ସେମିଫାଇନାଲରେ ହରିୟାଣା ଠାରୁ ୨-୦ ଗୋଲରେ ହାରିଛି। ପ୍ରଥମ କ୍ୱାର୍ଟରରେ ହରିୟାଣା ୨ଟି ଗୋଲ ସ୍କୋର କରିଥିଲା। ପରେ ଓଡ଼ିଶା ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିବାରେ ବିଫଳ ହୋଇଥିଲା। ଉଭୟ ଦଳ ୩ୟ କିମ୍ବା ୪ର୍ଥ ସ୍ଥାନ ନିମନ୍ତେ ପଞ୍ଜାବକୁ ଭେଟିବେ। ୧୭ବର୍ଷରୁ କମ୍ ଦଳ ଶନିବାର ଓ ୨୧ବର୍ଷରୁ କମ୍ ଦଳ ରବିବାରଏହି ବ୍ରୋଞ୍ଜ ପଦକ ମ୍ୟାଚ୍ ଖେଳିବେ।

# ସମ୍ବଲପୁର, ପୁରୀ, ଅନୁଗୋଳ, କେନ୍ଦ୍ରାପଡ଼ା ସେମିରେ

### ଓଡ଼ିଶା ଟେନିସ ପ୍ରିମିୟର ଲିଗ୍

ଭୁବନେଶ୍ୱର, ୧୮।୧(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଟେନିସ ପ୍ରିମିୟର ଲିଗ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଧାର୍ଯ୍ୟ ହୋଇଛି। ଗ୍ରୁପ୍ 'ଏ'ରୁ ସମ୍ବଲପୁର ଶୁଟର୍ସ ୮୦ ଓ ପୁରୀ ୱେଭର୍ସ ୭୧ ଏବଂ ଗ୍ରୁପ 'ବି'ରୁ ଅନୁଗୋଳ ଏସର୍ସ ୭୫ ଓ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ୭୨ ପଏଣ୍ଟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁଟର୍ସ-କଣ୍ଟେଣ୍ଡର୍ସ ଏବଂ ଏସର୍ସ-ୱେଭର୍ସ ମଧ୍ୟରେ ସେମିଫାଇନାଲ ମୁକାବିଲା ହେବ। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକରେ ଅନୁଗୋଳ ଏସର୍ସ ୪-୧ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, ସମ୍ବଲପୁର ଶୁଟର୍ସ ୪-୧ରେ ପୁରୀ ୱେଭର୍ସ, କଟକ କନ୍‌କ୍ୱର୍ସ ୪-୧ରେ ଖୋର୍ଦ୍ଧା ୱାରିୟର୍ସ ଏବଂ ସୁନ୍ଦରଗଡ଼ ଭୀରାନ୍ସ ୩-୨ରେ ଭଦ୍ରକ ଭିକ୍ଟର୍ସକୁ ପରାସ୍ତ କରିଛି।

**ଫାଇନାଲ ଷ୍ଟାଣ୍ଡିଂ:** ଗ୍ରୁପ'ଏ'-ସମ୍ବଲପୁର ଶୁଟର୍ସ- ୮୦, ପୁରୀ ୱେଭର୍ସ-୭୧, କଟକ କନ୍‌କ୍ୱର୍ସ-୬୬, ଖୋର୍ଦ୍ଧା ୱାରିୟର୍ସ-୫୦ ପଏଣ୍ଟ। ଗ୍ରୁପ'ବି'- ଅନୁଗୋଳ ଏସର୍ସ-୭୫, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ- ୭୨, ସୁନ୍ଦରଗଡ଼ ଭୀରାନ୍ସ-୬୬, ଭଦ୍ରକ ଭିକ୍ଟର୍ସ- ୬୦ ପଏଣ୍ଟ।


ସମ୍ବଲପୁର ଶୁଟର୍ସର ଜଣେ ପ୍ରତିଯୋଗୀ ରିଟର୍ନ ଶଟ୍ ଖେଳୁଛନ୍ତି।

DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଜାନୁୟାରୀ ୧୯/୨୦୧୯ Sambalpur, Saturday, January 19/ 2019

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ବିବାହିତ ଯୁବକ ଅଟକ

**ଧର୍ମଗଡ଼,୧୮।୧(ଡି.ଏନ.ଏ.)**-କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ତାଙ୍କ ପରିବାର ପକ୍ଷରୁ ଧର୍ମଗଡ଼ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚାରାଉଚୁରା କରୁଛି । ଏ ନେଇ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୬ ଏବଂ ପକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା (ନଂ. ୭/୨୦୧୯) ରୁଜୁ ହୋଇଛି । ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଯାଇଛି। ପୋଲିସର ସୂଚନା ଅନୁଯାୟୀ, ରଙ୍ଗାବାହାଲ ଗ୍ରାମର ଜଣେ ବିବାହିତ ଯୁବକ(୨୬) ଗତ ୪ରୁ ୫ ମାସ ତଳେ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ନାବାଳିକା ଜଣକ ଭୟରେ ଘରେ କାହାକୁ କିଛି କହି ନ ଥିଲେ। ଗର୍ଭବତୀ ଥିବା ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ପଚାରିବାରୁ ସେ ସମ୍ପୂର୍ଣ୍ଣ କଥା କହିଥିଲେ । ନାବାଳିକାଙ୍କ ବୟସ ୧୩ ବର୍ଷ। ସେ ଏବେ ସ୍ଥାନୀୟ ଏକ ସ୍କୁଲରେ ୭ମ ଶ୍ରେଣୀରେ ପଢୁଛନ୍ତି ।

### ବିରଳ ଶାଳିଆପତନି ଉଦ୍ଧାର

**ଉଦଳା, ୧୮।୧ (ଡି.ଏନ.ଏ.)**- ଉଦଳା ବନଖଣ୍ଡ ଅଧୀନ ଦୁଗୁଧା ଗ୍ରାମର ଗୌରୀ ଜେନାଙ୍କ ଘରୁ ଏକ ବିରଳ ପ୍ରଜାତିର ଶାଳିଆପତନି ଉଦ୍ଧାର ହୋଇଛି। ଖବର ପାଇ ଉଦଳା ରେଞ୍ଜ ଅଧିକାରୀ ଅଜୟ କୁମାର ଦାସ ଏବଂ ବନବିଭାଗ କର୍ମଚାରୀମାନେ ପହଞ୍ଚି ଉକ୍ତ ଶାଳିଆପତନିକୁ ଉଦ୍ଧାର କରିଥିଲେ। ତାହାର ଲମ୍ବ ପ୍ରାୟ ୩ ଫୁଟ୍ ହେବ । ଉଦ୍ଧାର ଶାଳିଆ ପତନି ବିରଳ ପ୍ରଜାତିର ହୋଇଥିବା ବେଳେ ଏହାକୁ ଶିମିଳିପାଳ ଅଭୟାରଣ୍ୟରେ ଛଡାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।

■ ବରଗଡ଼ ଧନୁଯାତ୍ରା ମହୋତ୍ସବ

# ଧନୁଯାତ୍ରା ପାଇଁ ଅକ୍ରୂର ଦେଲେ ଚିଟାଉ

**ମଥୁରାନଗରୀ/ଗୋପପୁର,୧୮।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ଅଷ୍ଟମ ଦିବସ । ଅନ୍ୟ ଦିନ ଭଳି ଗୋପାଳ ବାଳକଙ୍କ ଗହଣରେ ବେନିଭାଇ ଶ୍ରୀକୃଷ୍ଣ, ବଳରାମ ଗୋପ ପରିକ୍ରମା କରିବା ସହିତ ଯମୁନା ନଈକୂଳ ବୃନ୍ଦାବନ ପଡ଼ିଆରେ ପହଞ୍ଚି ଖେଳକୁଦରେ ମାତିଥିଲେ । ସେଠାରେ କୃଷ୍ଣଙ୍କୁ ମାରିବା ପାଇଁ କଂସ ପ୍ରେରିତ ଶଙ୍ଖଚୂଳ ସେଠାକୁ ପହଞ୍ଚିଥିଲା । ମାତ୍ର ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ତାର ନିଧନ ହୋଇଥିଲା । ଅନ୍ୟପଟେ ଅନ୍ଧବ୍ରାହ୍ମଣ ଶ୍ରୀକୃଷ୍ଣଙ୍କୁ ଭେଟିବା ପରେ ଦୃଷ୍ଟିଶକ୍ତି ଫେରି ପାଇବା ଦୃଶ୍ୟ ଅଭିନୀତ ହୋଇଥିଲା । ସେହିପରି ଶବରୀଙ୍କଠାରୁ ବେନିଭାଇ କୋଳି ଖାଇବା ପରେ ଭକ୍ତମାନେ ଶ୍ରୀକୃଷ୍ଣ, ବଳରାମଙ୍କୁ ବ୍ରାହ୍ମଣୀ ଭୋଗ ଖୁଆଇଥିଲେ ।

ଅନ୍ୟପଟେ ମଥୁରାଧିପତି ମହାରାଜା କଂସଙ୍କ ନିର୍ଦ୍ଦେଶକ୍ରମେ ଅକ୍ରୂର ଏକ ସୁସଜ୍ଜିତ ରଥରେ ଗୋପପୁର ଅଭିମୁଖେ ଯାଇଥିଲେ। ଧନୁଯାତ୍ରା ଦେଖି ଆସିବା ପାଇଁ କୃଷ୍ଣ, ବଳରାମଙ୍କୁ ଆଣିବାକୁ ଯିବା ବାଟରେ ଯମୁନା ନଈ ଶଯ୍ୟାରେ ଶ୍ରୀକୃଷ୍ଣଙ୍କ ପାଦଚିହ୍ନ ଦେଖି ଅକ୍ରୂର ଭାବବିହ୍ୱଳ ହୋଇ ପଡ଼ିଥିଲେ । ଏହି ଦୃଶ୍ୟ ଦେଖିବାକୁ ଯମୁନା ଚାରିପଟେ ଦର୍ଶକଙ୍କ ସମାଗମ ହୋଇଥିଲା। ଯମୁନା ପାରି ହୋଇ ଅକ୍ରୂର ଗୋପପୁର ବୃନ୍ଦାବନ ପଡ଼ିଆରେ ପହଞ୍ଚିଥିଲେ। ଅକ୍ରୂର ସେଠାରେ ଶ୍ରୀକୃଷ୍ଣ, ବଳରାମଙ୍କୁ ଦର୍ଶନ କରିଥିଲେ । ପରେ ଶ୍ରୀକୃଷ୍ଣ, ବଳରାମ ଅକ୍ରୂରଙ୍କୁ ନନ୍ଦ ଦରବାରକୁ ନେଇଥିଲେ । ନନ୍ଦ ଦରବାରରେ ଅକ୍ରୂର ନନ୍ଦରାଜାଙ୍କୁ ବେନିଭାଇଙ୍କୁ ଧନୁଯାତ୍ରା ଦେଖିବା ପାଇଁ ମହାରାଜ କଂସ ଦେଇଥିବା ଚିଟାଉ ପ୍ରଦାନ କରିଥିଲେ। ସବୁଦିନ ଭଳି ଅପରାହ୍ନରେ ମହାରାଜା କଂସ ରାଜମହଲରୁ ନିଜର ସୈନ୍ୟ, ସାମନ୍ତ ଏବଂ ପାତ୍ରମନ୍ତ୍ରୀଙ୍କ ଗହଣରେ ମଥୁରା ଭ୍ରମଣରେ ବାହାରିଥିଲେ। ପରିଭ୍ରମଣବେଳେ ସେ ସ୍ଥାନୀୟ ଟାଉନ ଥାନାକୁ ଯାଇ ଯେଭଳି ମଥୁରା ରାଜ୍ୟରେ ଚୋରି, ଲୁଣ୍ଠନ ନ ଘଟେ, ସେଥିପାଇଁ ପୋଲିସ ଅଧିକାରୀଙ୍କୁ ତାଗିଦ କରିଥିଲେ। ମଥୁରା ପରିଭ୍ରମଣ ସାରି ମହାରାଜ କଂସ ରଙ୍ଗମହଲରେ ପହଞ୍ଚି ନୃତ୍ୟଗୀତର ଆସରରେ ବିଭୋର ହୋଇଥିଲେ । ଏହାପରେ କଂସ ରାଜ ଦରବାର ମଞ୍ଚରେ ବେନିଭାଇଙ୍କୁ ହତ୍ୟା କରିବା ସହିତ ସମଗ୍ର ଗୋପପୁରକୁ ଧ୍ୱଂସ କରିବା ପାଇଁ ପ୍ରସ୍ତୁତି କରିଥିଲେ । ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ରାଜ ଅତିଥି ଭାବେ ଯୋଗ ଦେଇଥିଲେ । ଉଲ୍ଲେଖନୀୟ, ଶୁକ୍ରବାରଠାରୁ ସ୍ଥାନୀୟ ଜର୍ଜ ହାଇସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆ ମଞ୍ଚ କଂସଙ୍କ ରାଜ ଦରବାର ପାଲଟିଛି । ଧନୁଯାତ୍ରା ଶେଷ ପର୍ଯ୍ୟନ୍ତ ଏହି ମଞ୍ଚରେ କଂସଙ୍କ ପ୍ରମୁଖ ଦୃଶ୍ୟାଭିନୟ ଅଭିନୀତ ହେବ । ଅନ୍ୟପଟେ ଗତ ୧୧ତାରିଖରୁ କଂସ ଦରବାର ପାଲଟିଥିବା ହାଟପଦା ମଞ୍ଚରେ ରଙ୍ଗମହଲ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।



ଅକ୍ରୂରଙ୍କୁ ଗୋପପୁରକୁ ପାଛୋଟି ନିଆଯାଉଛି ।

■ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

# ବାପ ଝିଅଙ୍କୁ ହାଣିଲେ



ଗୁରୁତର ରାଜକୁମାର ନାଗ ।



ଆଘାତପ୍ରାପ୍ତ ଝିଅ ନୀନା।

**■ଆକ୍ରମଣକାରୀ ବାପପୁଅ ଫେରାର**

**■ଥାନାରେ ମାମଲା, ପୋଲିସର ତନାଘନା**

**ବିନିକା,୧୮।୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ଅନ୍ତର୍ଗତ ୱାର୍ଡ ନଂ. ୯ ପାଳିପଡାରେ ଗୁରୁବାର ବିଳମ୍ବିତ ରାତିରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି । ଏହି ଘଟଣାରେ ପଡୋଶୀଙ୍କ ଆକ୍ରମଣରେ ବାପ ଝିଅ ଗୁରୁତର ହୋଇଛନ୍ତି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଛି। ଆହତ ବାପା ଝିଅ ହେଲେ ରାଜକୁମାର ନାଗ(୬୦) ଓ ନୀନା ନାଗ(୨୫)। ରାଜକୁମାରଙ୍କ ଗଳାକୁ ଧାରୁଆ ଅସ୍ତ୍ରରେ ତାଙ୍କ ପଡୋଶୀ ରମେଶ ଭୋଇ ଓ ତାଙ୍କ ପୁଅ ଆକାଶ ଆକ୍ରମଣ କରିଥିଲେ। ବାପାଙ୍କୁ ରକ୍ଷା କରିବାକୁ ଆସିଥିବା ଝିଅ ନୀନା ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣା ପରେ ରମେଶ ଓ ଆକାଶ ଫେରାର ହୋଇ ଯାଇଛନ୍ତି। ଏ ନେଇ ଶୁକ୍ରବାର ବିନିକା ଥାନାରେ ରାଜକୁମାର ନାଗ୍ଙ୍କ ସମ୍ପର୍କୀୟ ବିଳାସ ନାଗ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ବିନିକା ଥାନାରେ ଦଫା ୩୪୧, ୨୯୪, ୩୨୪, ୩୦୭, ୫୦୬, ୩୪ରେ ଏକ ମାମଲା( ନଂ.୧୭/୧୯) ରୁଜୁ କରାଯାଇଛି। ଫେରାର ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସ ତନାଘନା ଚଳାଇଛି।

## ହତ୍ୟା ଅଭିଯୋଗ: ସ୍ୱାମୀ,ଶ୍ୱଶୁର ଗିରଫ

**ବହଳଦା,୧୮।୧(ଡି.ଏନ.ଏ.)**–ବହଳଦା ବ୍ଲକ ତିଖିଆ ଗାଁର ଜନୈକ ବିବାହିତା ମହିଳା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ପୋଲିସ ନିକଟରୁ ପ୍ରକାଶ, ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଗୁମୁରିବିହାରର ରଶ୍ମି ମହାନ୍ତ (୨୫) ୨୦୧୨ ମସିହାରେ ତିଖିଆର ବୁଲୁ ମହାନ୍ତଙ୍କୁ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ ଅଛନ୍ତି। ବଡ ପୁଅକୁ ସ୍କୁଲ ଛାଡିବା ନେଇ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡା ହୋଇଥିଲା । ପରେ ବୁଲୁ ଘରୁ ଚାଲି ଯାଇଥିଲେ। ବୁଲୁଙ୍କର ବାପା ପ୍ରତାପ ମହାନ୍ତ ବୋହୂର ଦେହ ଖରାପ ଥିବା କହି ସମୁଦିଙ୍କୁ ଡାକିଥିଲେ । ରଶ୍ମିଙ୍କ ବାପା ପହଞ୍ଚି ଝିଅର ମୃତଦେହ ଦେଖି ହତ୍ୟା କରାଯାଇଥିବା ନେଇ ବାପା ବହଳଦା ଥାନାରେ ଅଭିଯୋଗ କରିଥିଲେ । ଖବର ପାଇ ପୋଲିସ ପହଞ୍ଚି ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫ କରି ଏକ ମାମଲା (ନଂ ୬/୧୯) ରୁଜୁ କରିଛି।

# ଅମଲିପାଲି ପଡ଼ିଆରେ କିଶୋର, ନବ

**ଝାରସୁଗୁଡ଼ା ଅଫିସ,୧୮।୧**

ଝାରସୁଗୁଡ଼ା ରାଜନୀତିକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା । ବିଧାୟକ ନବ କିଶୋର ଦାସ କଂଗ୍ରେସ ଛାଡିବା, ବିଜେଡିରେ ମିଶିବା ପାଇଁ ଘୋଷଣା କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ,ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି କିଶୋର ମହାନ୍ତି ନବଙ୍କ ସହ ଏକାଠି କାମ କରିବା ପାଇଁ ସମ୍ମତି ପ୍ରଦାନ କରିବାକୁ ରାଜନୀତିରେ ରୁଚି ରଖୁଥିବା ଲୋକେ ଅତ୍ୟନ୍ତ ଉତ୍ସୁକତାର ସହ ଅନାଇ ରହିଛନ୍ତି। ଶୁକ୍ରବାର ଅମଲିପାଲି ପଡ଼ିଆରେ ଏମିତି ଦୃଶ୍ୟ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ଜିଲା ସଭାପତି କିଶୋର ମହାନ୍ତି, ବିଧାୟକ ନବ ଦାସ, ପୂର୍ବତନ ବିଧାୟକ ଅନୁପ କୁମାର ସାଏ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ନାଥ ପ୍ରମୁଖ ଅମଲିପାଲି ପଡ଼ିଆର ସ୍ଥିତି ପରଖିଥିଲେ। ଆସନ୍ତା ୨୪ ତାରିଖରେ ଏହି ପଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କ ସଭା ରହିଛି । ସେଥିପାଇଁ ଏହି ନେତୃମଣ୍ଡଳୀ ଶୁକ୍ରବାର ସମୀକ୍ଷା କରିଛନ୍ତି । ଝାରସୁଗୁଡ଼ା ଜିଲାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ନବ–କିଶୋରଙ୍କୁ ଶଙ୍ଖ ରାଜନୀତି ଏକାଠି କରିଥିବା ଆଲୋଚନା ହେଉଛି।

ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ଅବସରରେ କଂଗ୍ରେସ ଛାଡିଥିବା ବିଧାୟକ ଦାସ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେବେ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ବ୍ଲକ ପାଇଁ ପ୍ରାୟ ୬ ଶହ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଗୁରୁବାର ପର୍ଯ୍ୟବେକ୍ଷକ ହୋଇ ଆସିଥିବା ଦୁଇ ବିଧାୟକ ସଞ୍ଜୟ ଦାସବର୍ମା ଏବଂ ପ୍ରଣବ ପ୍ରକାଶ ଦାସ ବିଜେଡି ଜିଲା କାର୍ଯ୍ୟକାରିଣୀ ବୈଠକରେ କହିଥିଲେ। ମିଳିତ ଭାବେ କାର୍ଯ୍ୟକ୍ରମର ଆୟୋଜନ ଭାର ସମ୍ଭାଳିବାକୁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ନବ ଦାସ ଓ କିଶୋର ମହାନ୍ତିଙ୍କୁ କୁହାଯାଇଥିଲା। ଏନେଇ ଶୁକ୍ରବାର ସମସ୍ତ ବିଜେଡି ନେତାଙ୍କ ସମେତ ନବ ଦାସ ଅମଲିପାଲି ପଡିଆକୁ ଯାଇ ସ୍ଥିତି ସମୀକ୍ଷା କରିଥିଲେ। ଯାହାକୁ ନେଇ ଜିଲାରେ ଚୁପୁରୁ ଚାପୁରୁ ଆରମ୍ଭ ହୋଇଯାଇଛି। ଆଗକୁ ମଧ୍ୟ ଏଭଳି ଦୃଶ୍ୟ ଦେଖିବାକୁ ମିଳିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି ।



ନେତାମାନେ ସମୀକ୍ଷା ପାଇଁ ଅମଲିପାଲି ପଡ଼ିଆ ଯାଉଛନ୍ତି ।

**■ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏକାଠି**

**■ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ ସମୀକ୍ଷା କଲେ**




■ ପାଣ୍ଠି ଦୁରୁପଯୋଗ ଅଭିଯୋଗ

# ଡିଏମ୍ଏଫ୍ ବୋର୍ଡ ସଦସ୍ୟ ପଦରୁ ରାଧାରାଣୀଙ୍କ ଇସ୍ତଫା



ରାଧାରାଣୀ ପଣ୍ଡା।

**ଝାରସୁଗୁଡ଼ା ଅଫିସ,୧୮।୧**

ଜିଲା ଖଣିଜ ଫାଉଣ୍ଡେଶନ୍ (ଡିଏମ୍ଏଫ୍) ପାଣ୍ଠିର ଦୁରୁପଯୋଗ ଏବଂ ପାଣ୍ଠି ବିନିଯୋଗରେ ଏକଚାଟିଆ କାରବାର, ଖଣିଜ ପାଣ୍ଠି ପରିଚାଳନାରେ ପ୍ରିୟାପ୍ରୀତି ତୋଷଣ, ଖଣି ପ୍ରଭାବିତ ଅଞ୍ଚଳ ପ୍ରତି ଉପେକ୍ଷା ପ୍ରତିବାଦରେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଶୁକ୍ରବାର ଡିଏମ୍ଏଫ୍ ବୋର୍ଡ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ନିଜ ଇସ୍ତଫା ଘୋଷଣା କରିବା ସହ ଇସ୍ତଫାପତ୍ର ବୋର୍ଡ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଛନ୍ତି। ଏହାବାଦ୍ ଝାରସୁଗୁଡ଼ା ଜିଲାପାଳ ତଥା ଡିଏମ୍ଏଫ ବୋର୍ଡର ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି।

ବିଧାୟିକାଙ୍କ ଅଭିଯୋଗ ମୁତାବକ, ଝାରସୁଗୁଡ଼ା ଜିଲା ଡିଏମ୍ଏଫ୍ ବୋର୍ଡ ଗଠନ କରାଯିବା ପରେ ୨୦୧୬ ଏପ୍ରିଲରେ ବୋର୍ଡର ପ୍ରଥମ ବୈଠକ ହୋଇଥିଲା। ଏହି ବୈଠକ ସମେତ ଏହାର ପରବର୍ତ୍ତୀ ବୈଠକରେ ଖଣି ପ୍ରଭାବିତ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଜଳସେଚନ ଏବଂ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଡିଏମ୍ଏଫ୍ ପାଣ୍ଠିରୁ କେତେକ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ବୋର୍ଡ ବୈଠକରେ କେତେକ ପ୍ରସ୍ତାବ ଆଲୋଚନା ପୂର୍ବକ ପାରିତ ମଧ ହୋଇଥିଲା। ହେଲେ କେତେଜଣ ବୋର୍ଡ ସଦସ୍ୟଙ୍କ ଏକଚାଟିଆ ମନୋଭାବ ଏବଂ ଅଧ୍ୟକ୍ଷଙ୍କ ପାତରଅନ୍ତର ଯୋଗୁ ଅଧିକାଂଶ ପ୍ରକଳ୍ପର ଅର୍ଥ ଖଣି ପ୍ରଭାବିତ ଅଞ୍ଚଳ ପରିବର୍ତ୍ତେ ଅନ୍ୟସ୍ଥାନରେ ବିନିଯୋଗ କରାଯାଉଛି। ଏହାସହ ଅଗୋଚରରେ ଡିଏମ୍ଏଫ୍ ବୋର୍ଡ ବୈଠକ କରାଇବା, ବୈଠକଜନିତ ବିବରଣୀ ପ୍ରଦାନ କରା ନ ଯିବା, ବିନା ଟେଣ୍ଡରରେ ଉପକରଣ କ୍ରୟ କରିବା ନେଇ ଅସନ୍ତୁଷ୍ଟ ପ୍ରକାଶ କରି ବିଧାୟିକା ଡିଏମ୍ଏଫ୍ ବୋର୍ଡ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ରୋଗ, ଶତ୍ରୁ ଓ ଋଣ, ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବ। ପାପ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବ।
- ଶ୍ରୀଚୈତନ୍ୟ

## ସଂକ୍ଷେପରେ

### ଜହ୍ନାପଙ୍କରେ ଆଇନ ସଚେତନତା ଶିବିର

**ଜହ୍ନାପଙ୍କ, ୧୮।୧ (ଡି.ଏନ.ଏ):** ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଇନ ସଚେତନତା ଶିବିର ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିଜେଏମ ପ୍ରଦୀପ୍ତ କୁମାର ସାହୁ, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଡା. ରମାକାନ୍ତ ନନ୍ଦ ଯୋଗଦେଇ ପୂର୍ବ ଗର୍ଭ ନିର୍ଦ୍ଧାରଣ, ଭ୍ରୂଣହତ୍ୟା, ପୁଅ ଓ ଝିଅର ସମାନ ଅଧିକାର, ନାଗରିକର ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରଭୁରାମ ଦାସ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଚାନ୍ଦ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ପିଏଲଭି ସୁଧାଂଶୁ ଶେଖର ମିଶ୍ର ଓ ସୁଶୀଲ କୁମାର ଦୀପ ସହଯୋଗ କରିଥିଲେ ।

### ମାଙ୍କଡ଼ ଉପଦ୍ରବ

**ଘଣ୍ଟାପଡା, ୧୮।୧ (ଡି.ଏନ.ଏ):** କନ୍ଧମାଳ ବ୍ଲକ ଘଣ୍ଟାପଡା ଗ୍ରାମରେ ୧୦/୧୨ ଦିନ ହେଲା ଏକ ପାତି ମାଙ୍କଡର ଉପଦ୍ରବ ବଢ଼ିବାରେ ଲାଗିଛି । ମାଙ୍କଡଟି ବାଡି, ବଗିଚା, ଚାଳଘର ନଷ୍ଟ କରିବା ସହ କେତେକ ଶିଶୁ, ବୃଦ୍ଧାବୃଦ୍ଧଙ୍କୁ ମଧ ଖଣ୍ଡିଆ ଖାବରା କରି ସାରିଲାଣି । ଘଣ୍ଟାପଡା ଅଞ୍ଚଳର ପୋଡାପଦର, କୋଡିବାହାଲର ଲୋକେ ମଧ ଭୟଭୀତ ହୋଇପଡିଲେଣି। ବନ ବିଭାଗ ଉକ୍ତ ମାଙ୍କଡ ଧରିବାକୁ ଦାବି ହେଉଛି ।

### ଜଗତୀକରଣ ଯୁଗରେ ନାରୀର ସ୍ଥିତି ଶୀର୍ଷକ ଆଲୋଚନା ଚକ୍ର

**ତରଭା, ୧୮।୧(ଡି.ଏନ.ଏ.):** ତରଭା ଏ.ଇ.ଏସ କଲେଜ ପରିସରରେ ଅଧକ୍ଷ ପ୍ରଫେସର ଶମ୍ଭୁଭୂଷଣ ପଣ୍ଡାଙ୍କ ଅଧକ୍ଷତାରେ 'ଜଗତିକରଣ ଯୁଗରେ ନାରୀର ସ୍ଥିତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଙ୍ଗୁରିପାଲି କଲେଜର ଡ.କିଶୋର ମେହେର ମୁଖ୍ୟ ସାଧନକର୍ମୀ ଭାବେ ଯୋଗ ଦେଇଥିଲେ। ସମ୍ମାନିତ ସାଧନକର୍ମୀ ଭାବେ ଅବସରପ୍ରାପ୍ତ ପ୍ରଧାପିକା ପୁଷ୍ପାଞ୍ଜଳି ମିଶ୍ର ଓ ବିନିକା ମହିଳା ମହାବିଦ୍ୟାଳୟ ପ୍ରଧାପିକା ବୈଜୟନ୍ତୀ ସାହୁ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ପ୍ରଧାପକ ଦିବାକର ପୋଢ, ସାଗର ବଗର୍ତ୍ତି, ଶିବଶଙ୍କର ମହାନନ୍ଦ, ପ୍ରିୟବ୍ରତ ମହାକୁର, ପ୍ରଧାପିକା ଅର୍ଚ୍ଚନାଜାମିନୀ ଦାଶ, ସ୍ୱପ୍ନା ମହାପାତ୍ର ତଥା ତରଭା କଲେଜର ପ୍ରଧାପିକା ମିନତୀ ମିଶ୍ର, ସୁଜାତା ପରିଡା, ବିନତୀ ମିଶ୍ର, ପ୍ରଧାପକ ବୁଲୁ ଭୋଇ ତଥା ଛାତ୍ରୀ ଝରଣା ପାତ୍ର ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ । ଆବାହକ ଡ.ସରୋଜିନୀ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲାଇବ୍ରେରିଆନ ଦେବେନ୍ଦ୍ର ନାଏକ ସଭା ପରିଚାଳନା କରିଥିଲେ । ପ୍ରଧାପକ ଅନୋଜ ଭୁକ୍ତା ପ୍ରବନ୍ଧ ସମୂହର ସମୀକ୍ଷା କରିଥିଲେ । ଆଲୋଚନାଚକ୍ରର ଉଦ୍‌ଘାଟନୀ ଉତ୍ସବରେ ୨୫ରୁ ଉର୍ଦ୍ଧ୍ୱ କଲେଜର ଅଧକ୍ଷ, ପ୍ରଧାପିକା, ପ୍ରଧାପକ ଅଂଶଗ୍ରହଣ କରିଥିଲେ ।

# ବିକାଶରେ ଅସମତା ପାଇଁ ଦାଦନ ସମସ୍ୟା

**ସୋନପୁର,୧୮।୧(ନି.ପ୍ର.)**

ମାନବ ସମ୍ବଳର ସଦୁପଯୋଗ କ୍ଷେତ୍ରରେ ବିକାଶଶୀଳ ଦେଶ ଭାରତ ବହୁ ପଛରେ ପଡିଛି। ଓଡିଶା ଓ ଝାଡଖଣ୍ଡ ଭଳି ରାଜ୍ୟର ସ୍ଥିତି ସଙ୍ଗୀନ। ପଶ୍ଚିମ ଓଡିଶାରେ ଦାଦନ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଶ୍ରମିକମାନଙ୍କୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାକୁ ପଡୁଛି। ପିଲା ଛୁଆ, ବୁଢା ମା'ବାପାଙ୍କୁ ସାଙ୍ଗରେ ନେଇ ଶ୍ରମିକଟି ସ୍ଥଳ ବିଶେଷରେ ଶୋଷଣର ଶିକାର ହେଉଛି। ଅସମ ବିକାଶ ପାଇଁ ଏହି ସମସ୍ୟା ସୃଷ୍ଟି ହୋଇଛି। ଅନୁନ୍ନତ ଜିଲାମାନଙ୍କରେ ମାନବ ସମ୍ବଳକୁ କର୍ମନିଯୁକ୍ତିର ସୁଯୋଗ ନାହିଁ। ଶ୍ରମଭିତ୍ତିକ କାର୍ଯ୍ୟ ନିଜ ଅଞ୍ଚଳରେ ଉପଲବ୍ଧ ହୋଇପାରିଲେ ଦାଦନ ସମସ୍ୟାକୁ ଅନେକାଂଶରେ ରୋକାଯାଇ ପାରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି।

ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କଫେଷ୍ଟର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଆବଶ୍ୟକତା ପାଇଁ ମାନବ ସମ୍ବଳ ବନାମ ଦାଦନ ସମସ୍ୟା ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ



ଇଙ୍କଫେଷ୍ଟ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ବୃନ୍ଦ ।

ହୋଇଥିଲା । ଅର୍ଥନୀତି ବିଜ୍ଞାନ ବିଭାଗର ପ୍ରାକ୍ତନ ପ୍ରାଧାପକ ଡ. ଗୋଲକ ବିହାରୀ ନାଥ ଆଲୋଚକଭାବେ ଯୋଗଦାନ କରି କହିଥିଲେ ଯେ, ବିକାଶରେ ଅସମତା ରହୁଛି। ପୁଞ୍ଜି ଉନ୍ନତ ରାଜ୍ୟଗୁଡିକୁ ଯାଉଛି। ଅନୁନ୍ନତ ରାଜ୍ୟଗୁଡିକରେ କୃଷି କାର୍ଯ୍ୟ ସରିଲେ ଶ୍ରମିକଙ୍କ ପାଇଁ କାର୍ଯ୍ୟ ନାହିଁ। ଅନ୍ୟପକ୍ଷେ କୃଷି କାର୍ଯ୍ୟରେ ଯନ୍ତ୍ରପାତି ବ୍ୟବହାର ପାଇଁ ଶ୍ରମିକଙ୍କ ଆବଶ୍ୟକ ଯଥେଷ୍ଟ ପରିମାଣରେ ହ୍ରାସ ପାଇଲାଣି। ଶିଳ୍ପ ସଂସ୍ଥାରେ ନିଯୁକ୍ତି ସୁଯୋଗ କମ୍। ତେଣୁ ଦାଦନ ସମସ୍ୟା ରୋକିବାକୁ ବିକଳ୍ପ କୃଷି ନୀତି ଓ ଶିଳ୍ପ ନୀତି ଆବଶ୍ୟକ ବୋଲି ଡ. ନାଥ କହିଥିଲେ। ଏଡ୍-ଏଟ-ଏକ୍ସନ୍ ଦକ୍ଷିଣ ଏସିଆ ମୁଖ୍ୟ ଉମି ଡାନିଏଲ ଅନ୍ୟତମ ଆଲୋଚକଭାବେ ଯୋଗଦେଇ କହିଥିଲେ ଯେ, କାମ ଅନ୍ୱେଷଣରେ ଦାଦନ ଯିବା ସାମ୍ବିଧାନିକ ଅଧିକାର। ତେବେ ବାଧ୍ୟବାଧକତାରେ ହିଁ ଲୋକେ ଦାଦନ ଶ୍ରମିକ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଶ୍ରମଭିତ୍ତିକ କାର୍ଯ୍ୟ ମିଳୁନି। ଏମଜିଏନଆରଇଜିଏସ୍‌ରେ ସ୍ୱଳ୍ପ ମଜୁରୀରେ ଶ୍ରମିକ କାମ କରିବାକୁ ଆଗ୍ରହୀ ନୁହନ୍ତି। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଶ୍ରମ ଓ ଶ୍ରମିକଙ୍କ ସମସ୍ୟା ନେଇ ଅନେକ ଆଲୋଚନା ହୋଇଛି। ସରକାର ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ବେଆଇନ ଭାବେ ଶ୍ରମିକ ଚାଲାଣ ଜାରି ରହିଛି। ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇ ପାରୁନି। ତେଣୁ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ଡାନିଏଲ କହିଥିଲେ। ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଅତିଥିଭାବେ ଯୋଗଦେଇ ଦାଦନ

**ଅନୁନ୍ନତ ଅଞ୍ଚଳରେ ମାନବ ସମ୍ବଳକୁ ଶ୍ରମଭିତ୍ତିକ କାର୍ଯ୍ୟ ଆବଶ୍ୟକ**

ଶ୍ରମିକଙ୍କ ସ୍ଥିତି ଓ ବିଭାଗ ପକ୍ଷରୁ ଗ୍ରହଣ କରା ଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଖାଖା କହିଥିଲେ ଯେ, ଶ୍ରମିକମାନେ ବାହାର ରାଜ୍ୟକୁ କାମ କରିବାକୁ ଯିବା ସମୟରେ ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ସାଙ୍ଗରେ ଯିବାକୁ ପରାମର୍ଶ ଦିଆଯାଉଛି। ଏପରିକି ଯିବା ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ସବିଶେଷ ତଥ୍ୟ ଦେବାକୁ କୁହାଯାଇଛି। କାରଣ କୌଣସି ସମସ୍ୟା ଉପୁଜିଲେ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇପାରିବ ବୋଲି କହିଥିଲେ। ଆଇନଜୀବୀ ତଥା ସାମାଜିକକର୍ମୀ ଗୌରିଶ୍ୟାମ ପଣ୍ଡା ସଭାରେ ଅଧକ୍ଷତା କରିଥିଲେ। ଯୁବ ସାମାଜିକକର୍ମୀ ଘାସିରାମ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅଧାପକ ଦେବାଶିଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ପାଠିକା ପାଠକ ଓ ସାହିତ୍ୟିକଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।

## ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ

**ସୋନପୁର,୧୮।୧(ନି.ପ୍ର.)**

ସୋନପୁର ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ବୈଜୟନ୍ତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଂଯୋଜକ ଅଧାପକ ଉମାକାନ୍ତ ନାଗ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ ବୋଲି ଅଧାପକ ନାଗ କହିଥିଲେ। ଯୁକ୍ତ ୨ମହିଳା ମହାବିଦ୍ୟାଳୟ ଅଧକ୍ଷା କିରଣବାଳା ଦାସ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଆତ୍ମରକ୍ଷା ତାଲିମ ଶିବିରର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଏହି ଶିବିର ୧୨ ଦିନ ଧରି ଚାଲିବ। ମାଷ୍ଟର ଟ୍ରେନର ଶ୍ୱେତା ମହାପାତ୍ର ଓ ନିବେଦିତା ମିଶ୍ର ପ୍ରତ୍ୟହ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଅଧାପକ ମଦନ ସୁନ୍ଦର ଖେତି ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ଅଧାପକ ଦୁଃଖିଶ୍ୟାମ ମେହେର ସଂଯୋଜନା କରିଥିବା ବେଳେ ଅଧାପିକା ପୂର୍ଣ୍ଣିମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନର ଶୁଭାରମ୍ଭ

**ବୀରମହାରାଜପୁର, ୧୮।୧ (ଡି.ଏନ.ଏ)**

ପୂର୍ବରୁ ଅନୁସୂଚୀତ ଜାତି ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ଦେଉଥିବା ୯୦ପ୍ରତିଶତ ଛାତ୍ରବୃତ୍ତି ଏବେ ୨୦ ପ୍ରତିଶତରେ ସୀମିତ ରଖିଥିବାରୁ ଏହା ଛାତ୍ର ସମାଜ ପ୍ରତି ପ୍ରବଞ୍ଚନା ବୋଲି ଅଭିହିତ କରିଛି ବିଜୁ ଯୁବ ଛାତ୍ର ଜନତା ଦଳ। ଏନେଇ ଛାତ୍ରସମାଜ ମଧରେ ଜାଗରଣ କରିବା ସହ ଏଭଳି ଛାତ୍ର ବିରୋଧି ନିଷ୍ପତ୍ତିର ପ୍ରତିହାର ଦାବିରେ ସ୍ୱାକ୍ଷର ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବୀରମହାରାଜପୁରରେ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ ନାମିତ କାର୍ଯ୍ୟକ୍ରମର ଶୁଭାରମ୍ଭ ଉପଲକ୍ଷେ ଏକ ଦଳୀୟ ସମାବେଶ ଅନୁଷ୍ଠିତ ହୋଇଥିଲା । ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ନାରାୟଣ ଲୁହାଙ୍କ ଆବାହକତ୍ୱରେ ସ୍ଥାନୀୟ ଦୋଳମଣ୍ଡପଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଶ୍ରୀନିବାସ ଚାନ୍ଦ, ଧିରେନ୍ଦ୍ର ନାରାୟଣ ପଣ୍ଡା, ସତ୍ୟଞ୍ଜିବ ମିଶ୍ର ଓ ଦୟାନିଧି ମେହେର ପ୍ରମୁଖ ବକ୍ତବ୍ୟ ରଖି ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ନିଷ୍ଠା ଓ ଆନ୍ତରିକତା ଉପରେ ପ୍ରଶ୍ନ କରିଥିଲେ। ଏହି ଅବସରରେ ଉପସ୍ଥିତ ଯୁବ ଛାତ୍ର ତଥା ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କଠାରୁ ସ୍ୱାକ୍ଷର ସଂଗ୍ରହ କରାଯାଇଥିଲା। ଛାତ୍ର ବିଜେଡି ତରଫରୁ ସ୍ଥାନୀୟ କଲେଜରେ ମଧ ସ୍ୱାକ୍ଷର ସଂଗ୍ରହ ଅଭିଯାନ ଚାଲିଛି ।



ବୀରମହାରାଜପୁର ଦୋଳମଣ୍ଡପଠାରେ ଅନୁଷ୍ଠିତ ସଚେତନତା ସଭା ।

# ଓଡ଼ିଶାର ୪ ଶିଶୁ ପାଇବେ ଜାତୀୟ ସାହସିକତା ପୁରସ୍କାର

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଓଡ଼ିଶାର ୪ ଶିଶୁଙ୍କୁ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ କରାଯିବ। ସାରା ଦେଶରୁ ୨୧ଜଣ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଥିବାବେଳେ ଓଡ଼ିଶାରୁ ୪ଜଣ ମନୋନୀତ ହୋଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ। ଓଡ଼ିଶାର ପୁରସ୍କାର ପାଇବାକୁ ଥିବା ଏହି ସାହସୀ ପିଲାମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜନଗରର ସିତୁ ମଲ୍ଲିକ, ସୋନପୁର ତରଭା ଅଞ୍ଚଳର ଝିଲି ବାଗ, କଳାହାଣ୍ଡି ଜିଲା ନକରୁଣ୍ଡି ଅଞ୍ଚଳର ରଞ୍ଜିତା ମାଝି ଓ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକର ବିଶ୍ୱଜିତ ପୁହାଣ।

୧୪ ବର୍ଷୀୟ ସିତୁ ସମ୍ମାନଜନକ 'ବାପୁ ଗଇଧନୀ' ପୁରସ୍କାର ପାଇବେ। ୨୦୧୮ ଫେବୃୟାରୀ ୨୦ରେ ସିତୁଙ୍କ ଦାଦା ବିନୋଦ ହାତ ଧୋଇବା ପାଇଁ ନଦୀକୁ ଯାଇଥିବା ସମୟରେ ଗୋଟିଏ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ସିତୁ ଏକ ବାଉଁଶରେ କୁମ୍ଭୀର ମୁଣ୍ଡକୁ ବାଡ଼େଇ ତାଙ୍କ ଦାଦାଙ୍କ ଜୀବନ ବଞ୍ଚାଇଥିଲେ। ନିଜ ଦାଦାଙ୍କୁ କୁମ୍ଭୀର କବଳରୁ ରକ୍ଷା କରିଥିବାରୁ



ଜାତୀୟ ସାହସିକତା ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ୪ ଶିଶୁ।

ସିତୁଙ୍କୁ ଏହି ସାହସିକତା ପୁରସ୍କାର ମିଳିବ।

ସେହିପରି ୨୦୧୮ ଜୁନ ୧୬ରେ ୮ବର୍ଷୀୟା ଝିଲି ବାଗ ତାଙ୍କ ସାନ ଭଉଣୀ ମିଲି ସହିତ ଏକ ଅବ୍ୟବହୃତ କୂଅ ପାଖରେ ଖେଳୁଥିଲେ। ଅସାବଧାନତା ଯୋଗୁ ମିଲି କୂଅରେ ପଡ଼ି ଯାଇଥିଲେ। ଝିଲି ଉପସ୍ଥିତ ବୁଦ୍ଧି ଖଟାଇ ସାଙ୍ଗମାନଙ୍କୁ ପରିବାର ଓ ଗାଁ ଲୋକଙ୍କୁ ଡାକିବାକୁ ପଠାଇଦେବା ସହ ଭଉଣୀକୁ ଉଦ୍ଧାର କରିବାକୁ ୨୫ ଫୁଟ ଗଭୀର କୂଅ ଭିତରକୁ ଡେଇଁ ପଡ଼ିଥିଲେ। ଝିଲି କୂଅ ଭିତରେ ମିଲିଙ୍କୁ ୨୦ମିନିଟ୍ ପର୍ଯ୍ୟନ୍ତ ଦୁଇ ହାତରେ ଧରି ଛିଡା ହୋଇ ରହିଥିଲେ। ପରିବାର ଓ ଗାଁ ଲୋକେ ଆସିବା ପରେ ସେମାନଙ୍କୁ କୂଅରୁ ଉଦ୍ଧାର କରାଯାଇଥିଲା।

୨୦୧୭ ଅକ୍ଟୋବର ୧୪ରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଇଚ୍ଛାପୁର ଗାଁର ୫ ବର୍ଷୀୟା ବାଳିକା ମାମୁନି ବିଶ୍ୱାଳ ତାଙ୍କ ଖୁଡ଼ୀ ସହିତ କେନାଲକୁ ଯାଇଥିଲେ। କେନାଲ ପାଖରେ ସେ ଖେଳୁଥିବା ବେଳେ ପାଣିକୁ ଖସି ପଡ଼ିଥିଲେ। ତାଙ୍କ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା ବିଶ୍ୱଜିତ ପୁହାଣ(୧୦) ଜୀବନକୁ ବାଜି ଲଗାଇ କେନାଲକୁ ଡେଇଁ ୬ରୁ ୭ ଫୁଟ୍ ଗଭୀର ପାଣିରୁ ମାମୁନିଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ତାଙ୍କ ଘରେ ଛାଡ଼ିଥିଲେ।

**କେନ୍ଦ୍ରାପଡ଼ାର ସିତୁ, ସୋନପୁରର ଝିଲି, କଳାହାଣ୍ଡିର ରଞ୍ଜିତା, ଜଗତ୍‌ସିଂହପୁରର ବିଶ୍ୱଜିତ ମନୋନୀତ**

କଳାହାଣ୍ଡି ଜିଲାର ରଞ୍ଜିତା ମାଝି ସପ୍ତମ ଶ୍ରେଣୀରେ ପଢୁଥିଲେ। ଏହି ବୟସରେ ତାଙ୍କ ବାପା ଜଣେ ମଦ୍ୟପଙ୍କ ସହିତ ତାଙ୍କର ବାହାଘର ଠିକ କରିଦେଇଥିଲେ। କିନ୍ତୁ ରଞ୍ଜିତା ପଢ଼ିବାକୁ ଚାହୁଁଥିଲେ। ତେଣୁ ସେ ତାଙ୍କ ବାପାଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ସେଥିପାଇଁ ସେ ପୂଜାଛୁଟିରେ ଘରକୁ ନ ଯାଇ ହଷ୍ଟେଲ୍‌ରେ ରହିବା ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କ ଜରିଆରେ ପ୍ରଧାନ ଶିକ୍ଷକଙ୍କୁ ଅନୁରୋଧ କରିଥିଲେ। ଏହାପରେ ଜିଲାପାଳଙ୍କ ନିକଟରେ କଥା ପହଞ୍ଚିଥିଲା। ଜିଲାପାଳ ଘଟଣାକୁ ଗୁରୁତର ସହ ନେଇଥିଲେ ଏବଂ ତାଙ୍କ ନିର୍ଦ୍ଦେଶରେ ଶିଶୁ କଲ୍ୟାଣ ସମିତି କର୍ମକର୍ତ୍ତା ସ୍କୁଲରୁ ରଞ୍ଜିତା ଓ ତାଙ୍କ ଘରୁ ଅନ୍ୟ ଦୁଇ ଭଉଣୀଙ୍କୁ ଉଦ୍ଧାର କରିଥିଲେ। ସେମାନେ ବର୍ତ୍ତମାନ ବାଳ ସୁଧାର ଗୃହରେ ରହି ପଢୁଛନ୍ତି। ରଞ୍ଜିତାଙ୍କ ଏପରି ଉଦ୍ୟମ ପାଇଁ ତାଙ୍କୁ ସାହସିକତା ପୁରସ୍କାର ପ୍ରଦାନ କରାଯିବ।

# ସୁବଳୟା କଲେଜରେ ଫକୀରମୋହନ ଜୟନ୍ତୀ

**ବୀରମହାରାଜପୁର, ୧୮।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ମହାବିଦ୍ୟାଳୟରେ ଗୁରୁବାର ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ ସମାରୋହରେ କଲେଜ ଅଧକ୍ଷ ଭୋଲାନାଥ କର୍ମୀ ପୌରୋହିତ୍ୟ କରିଥିଲେ। ଏଥିରେ ବୀରମହାରାଜପୁର କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧାପକ ପ୍ରକାଶ କୁମାର ସେଠ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବ୍ୟାସକବି ଫକୀରମୋହନଙ୍କ ରଚନା ଯୁଗେଯୁଗେ କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ପ୍ରାଧାପକ ଡ. ମୀନକେତନ ଛୁରିଆ ମୁଖ୍ୟଅତିଥିଭାବେ ଯୋଗଦେଇ ଫକୀର ମୋହନଙ୍କ କ୍ଷୁଦ୍ରଗଳ୍ପ ରେବତୀ ସମାଜ ସଂସ୍କାର କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ନାରୀ ଶିକ୍ଷା ପାଇଁ ପ୍ରେରଣା ଯୋଗାଇଥିଲା ବୋଲି ମତ ପ୍ରକାଶ କରିଥିଲେ । ସାହିତ୍ୟ ସଭାର ପ୍ରାରମ୍ଭରେ ସାଂସ୍କୃତିକ ସଂସଦର ଉପସଭାପତି ଅଧାପକ ରମାକାନ୍ତ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଧାପକ ଗିରିଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଅଧାପିକା ଅନ୍ନଦା ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୋପାଳ ଭୋଇ, ଦିଲୀପ ମେହେର ଓ ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ଖୋର୍ଦ୍ଧା-ବଲାଙ୍ଗୀର ବ୍ରଡଗେଜ ରେଳ ପ୍ରକଳ୍ପ

# କ୍ଷତିପୂରଣ ଦାବିରେ ୬ରୁ ଜନ ଆନ୍ଦୋଳନ

**ପୁରୁଣାକଟକ, ୧୮।୧ (ଡି.ଏନ.ଏ)**

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବୌଦ୍ଧରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି । ତେବେ ଜମି ଅଧିଗ୍ରହଣ ବେଳେ ଜମିହରା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ଦେଲେ ଫେବୃୟାରୀ ୬ ତାରିଖରୁ ଆନ୍ଦୋଳନ କରାଯିବ ବୋଲି କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି ।

ସୂଚନା ଅନୁସାରେ, ବର୍ତ୍ତମାନ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଚାଲିଛି । ୨୦୦୬ ମସିହାରେ ବୌଦ୍ଧ ଜିଲାର ବିଭିନ୍ନ ରାଜସ୍ୱ ମୌଜାରେ ଜମିର ମୂଲ୍ୟ ଯାହା ଥିଲା ସେହି ଦର ଆଧାରରେ ଉଦ୍ଦିଷ୍ଟ ଦରର ୧୬୦.୩ ଶତାଂଶ ହିସାବ କରି ଜମିର ମୂଲ୍ୟାଙ୍କନ କରାଯାଉଛି। ଯେହେତୁ ୨୦୦୬ରେ ତତ୍କାଳୀନ ମାର୍କେଟ ଇନଡେକ୍ସ ଆଧାରରେ ଥିଲା, ତେଣୁ ଗତ ୧୪ ବର୍ଷ ଧରି ସମଗ୍ର ଜିଲାରେ ଯାହା ଜମି କିଣାବିକା ହୋଇଛି ସେସବୁର ମୂଲ୍ୟ ବର୍ତ୍ତମାନ ଜମିର ବଜାର ମୂଲ୍ୟଠାରୁ ଅନେକ ନିମ୍ନସ୍ତରରେ ରହିଥିଲା । ବର୍ତ୍ତମାନ ଜମି ଅଧିଗ୍ରହଣ ପ୍ରକ୍ରିୟା ଏବଂ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଥଇଥାନ ଆଇନ-୨୦୧୩ ଏବଂ ସଂଶୋଧିତ ଆଇନ-୨୦୧୬ ଆଧାରରେ କରାଯାଉଛି। ଏହି ଆଇନରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି ଯେ, ଜାତୀୟ ରାଜପଥ ତଥା ଭାରତୀୟ ରେଳ ପ୍ରକଳ୍ପ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ପୂର୍ବରୁ ଅଧିଗ୍ରହଣ ହେବାକୁ ଥିବା ଜମିର ମୂଲ୍ୟାଙ୍କନ ସାମ୍ପ୍ରତିକ ବଜାରଦର ସମତୁଲ ଆଧାରରେ ସମ୍ପୃକ୍ତ ଜିଲାର ଜିଲାପାଳ ପ୍ରଥମେ ଜମିର ମୂଲ୍ୟ ଧାର୍ଯ୍ୟ କରି ସର୍ବସାଧାରଣଙ୍କୁ ଅବଗତ କରାଇବେ । ମାତ୍ର ପରିତାପର ବିଷୟ ଯେ ଖୋର୍ଦ୍ଧା-ବଲାଙ୍ଗୀର ବ୍ରଡଗେଜ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହୋଇଥିବା ୯୯ଟି ଗ୍ରାମର ଜନସାଧାରଣଙ୍କୁ ବର୍ତ୍ତମାନ ସୁଦ୍ଧା ଅନ୍ଧାରରେ ରଖାଯାଇଛି । ଫଳରେ ବୌଦ୍ଧ ଜିଲାରେ କରାଯାଉଥିବା ଜମି ଅଧିଗ୍ରହଣକୁ କ୍ଷତିଗ୍ରସ୍ତ ପ୍ରଜା ବିରୋଧ କରିଛନ୍ତି । ଶହ ଶହ ବର୍ଷର ନିଜର ଭିଟାମାଟି ଓ ଚାଷ ଜମିକୁ ଶାଗମାଛ ଦରରେ ନେବାର ପ୍ରଶାସନିକ ପ୍ରୟାସକୁ ବିରୋଧ କରାଯାଇଛି । ବର୍ତ୍ତମାନ ବଜାର ଦର ଅନୁସାରେ କ୍ଷତି ଆକଳନ ସହ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦାବିକୁ ବିଚାର କରି ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ଆସନ୍ତା ଫେବୃୟାରୀ ୫ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ କ୍ଷତିଗ୍ରସ୍ତ ଓ ବିସ୍ଥାପିତ ପ୍ରଜାମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତି ସଭାପତି ସଲୀଳ କୁମାର ଭୋକ୍ତାଙ୍କ ନେତୃତ୍ୱରେ ସଦସ୍ୟ ପ୍ରଦୋଷ ମିଶ୍ର, ଜନ୍ମେଜୟ ପ୍ରଧାନ, ରାକେଶ ଅଗ୍ରୱାଲ, ରବି ଚନ୍ଦ୍ର ପ୍ରଧାନ ପ୍ରମୁଖ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି ।

# ଭୂତଳ ଜଳସ୍ତର ବୃଦ୍ଧି, ଜଳ ସଂରକ୍ଷଣ ଓ ଉନ୍ନତ କୃଷି କର୍ମଶାଳା

**ବୌଦ୍ଧ,୧୮।୧ (ସ୍ୱ.ପ୍ର)**

ଦିନକୁ ଦିନ ଓଡ଼ିଶାରେ ଭୂତଳ ଜଳସ୍ତର ଖସି ଚାଲିଥିବାବେଳେ ଭବିଷ୍ୟତରେ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଗ୍ରୀନ କ୍ଲାଇମେଟ ଫଣ୍ଡ, ନାବାର୍ଡ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ନୂତନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ରାଜ୍ୟର ୧୫ ଜିଲା ବୌଦ୍ଧ, ନୂଆପଡା, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ରାୟଗଡା, ଗଜପତି, ମାଲକାନଗିରି, ସମ୍ବଲପୁର, ବରଗଡ, ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ମୟୁରଭଞ୍ଜ ଓ କେନ୍ଦୁଝରରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ସମୁଦାୟ ୧୬୬.୨୯୭ ମିଲିୟନ ଡଲାର ଖର୍ଚ୍ଚ ହେବାକୁ ଅଟକଳ ହୋଇଥିବା ଜଣାପଡିଛି। ଏଥିପାଇଁ ଗ୍ରୀନ କ୍ଲାଇମେଟ ଫଣ୍ଡ ପକ୍ଷରୁ ୩୪.୩୫୭ ଡଲାର ପାଣ୍ଠି ବିନିଯୋଗ କରାଯିବ । ନାବାର୍ଡ ପକ୍ଷରୁ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପରିସରସ୍ଥ ପଞ୍ଚାୟତ ଭବନଠାରେ ଆୟୋଜିତ କର୍ମଶାଳାରେ ଦିଆଯାଇଥିବା ସୂଚନା ମୁତାବକ ଏହି ଯୋଜନାରେ ୧୫ଟି ଜିଲାରେ ୧୦ ହଜାର ପୋଖରୀରେ ଜଳ ସଂରକ୍ଷଣ ବ୍ୟବସ୍ଥା କରାଯିବ। ସେଥିରୁ ୧ ହଜାର ପୋଖରୀରେ

**୧୫ ଜିଲାରେ କାର୍ଯ୍ୟକାରୀ ହେବ**



କର୍ମଶାଳାରେ ମଞ୍ଚାସୀନ ଅତିଥି।

ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଏହାବ୍ୟତୀତ ସଂରକ୍ଷିତ ଜଳକୁ କୃଷିକ୍ଷେତ୍ରରେ ବିନିଯୋଗକୁ ଯୋଜନାରେ ପ୍ରାଧାନ୍ୟ ଦିଆଯିବ । ରାଜ୍ୟ ଜଳସମ୍ପଦ ବିଭାଗ ଅଧୀନରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ । ଏଥିସହିତ କୃଷି ଓ ଜଳସେଚନ ସମ୍ପର୍କିତ ସମସ୍ତ ବିଭାଗକୁ ନେଇ ମିଳିତ ଭାବେ ଏହି ଯୋଜନା ଆଗାମୀ ୫ ବର୍ଷ ଭିତରେ କାର୍ଯ୍ୟକାରୀ କରାଯିବ ବୋଲି କର୍ମଶାଳାରେ ସୂଚନା ପ୍ରଦାନ କରାଯାଇଛି । ଏହି ଯୋଜନା କାର୍ଯ୍ୟକାରୀ କରାଯିବାକୁ ୧୫ଟି ଜିଲାରେ ପ୍ରାୟ ୩୦ ହଜାର ପୋଖରୀକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ୧୦ ହଜାର ପୋଖରୀ ଏବଂ ପ୍ରତି ଜିଲାରେ ପ୍ରାୟ ୬୫୦ଟି ପୋଖରୀରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ପ୍ରତି ପୋଖରୀର ରକ୍ଷଣା ବେକ୍ଷଣ ପାଇଁ ୨ ଜଣ ଲେଖାଏଁ ଜଳସାଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ସମ୍ପ୍ରତି ଏହି ଯୋଜନାର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଛି । ଆଗାମୀ ଦିନରେ ଏହାର ସମ୍ପୂର୍ଣ୍ଣ ରୂପରେଖ ନେଇ ଆଲୋଚନା କରାଯିବ । ଏହି କର୍ମଶାଳାରେ ଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ ଯୋଗଦେଇ ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହିତ ଜଳ ସଙ୍କଟ ଦୂର ହେବ ଏବଂ କୃଷକମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଜିଏମ ନାବାର୍ଡ ତାପସ ଶଙ୍କର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅନ୍ୟତମ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଗୁରୁ ପ୍ରସାଦ ପୃଷ୍ଟି, ଉପ କୃଷି ନିର୍ଦ୍ଦେଶକ ମନୋରଞ୍ଜନ ମଲିକ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୂର୍ଯ୍ୟମଣି ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ମଥୁରାନଗରୀ,୧୮।୧:** ବରଗଡ଼-ସୋହେଲା ରାସ୍ତାର ପଥର୍ଲା ମିଲ ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ୯ଟାରେ ଏକ ଟ୍ରଲର ଧକ୍କା ଦେବା ଯୋଗୁ ତୁରୁଙ୍ଗା ଗ୍ରାମର ଦୁର୍ଗା ମହାପାତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ପୋଲିସ ଶବ ଜବତ କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଛି। ମୃତ ଯୁବକଙ୍କ ଶବକୁ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ଶନିବାର ବ୍ୟବେଚ୍ଛଦ କରାଯିବ ବୋଲି ପୋଲିସ କହିଛି । ଦୁର୍ଗା ଏକ ବାଇକ୍ (ନଂ.ଓଆର୧୭ଏଚ୍ ୨୨୪୦) ଯୋଗେ ବରଗଡ଼ ଆସି ଧନୁଯାତ୍ରା ଦେଖି ଘରକୁ ଫେରୁଥିଲେ । ମାତ୍ର ପଥର୍ଲା ମିଲ୍ ନିକଟରେ ଏକ ଟ୍ରଲର ତାଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା ।



### ଡୁମେରବାହାଲ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ପାଇକମାଲ, ୧୮।୧ (ଡି.ଏନ.ଏ):** ପାଇକମାଲ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଡୁମେରବାହାଲ ପ୍ରକଳ୍ପ ଉପ୍ରାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ଡନସନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ରାଧେଶ୍ୟାମ ପଟେଲ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବନବସ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ହୃଷିକେଶ ବାଗ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ସୁଦାମ କନ୍ଧେର, ସତ୍ୟ ପ୍ରକାଶ ପଧାନ, ଦୀପକ ପଧାନ, ପ୍ରିୟଙ୍କା ଭୋଇ, ଶକୁନ୍ତଳା କନ୍ଧେର ସହଯୋଗ କରିଥିଲେ ।

### ଚିଚିଣ୍ଡା କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭେଡ଼େନ, ୧୮।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ସ୍ଥିତ ପଲ୍ଲିଶ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି । କ୍ରୀଡ଼ା ସଂସଦ ଉପସଭାପତି ଅଧାପକ ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉଦଘାଟନୀ ଉତ୍ସବରେ କଲେଜର ଭାରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନ ବିଭାଗର ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ । କ୍ରୀଡ଼ା ଶିକ୍ଷକ ସରୋଜ କୁମାର କର୍ମୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଅଧାପକ ବୈଷ୍ଣବ ବାଗ, ଅରୁଣ କୁମାର ପ୍ରଧାନ, ରମେଶ ବାରିକ, ପଲ୍ଲବୀ ପାତ୍ର, ଶଶିକଳା ମିର୍ଦ୍ଧା, ସିଲଭେଷ୍ଟର ଟେଟେ, ଛାତ୍ର ହିମାଂଶୁ ମହାକୁର, ସତ୍ୟଜିତ ପଣ୍ଡା ଏବଂ ଅନ୍ୟମାନେ ସହଯୋଗ କରିଥିଲେ ।



ବରଗଡ଼ ଧନୁଯାତ୍ରାର ଅଷ୍ଟମ ଦିବସରେ ଶ୍ରୀକୃଷ୍ଣଙ୍କ ଦ୍ୱାରା ଶଙ୍ଖଚୂଡ ବଧ ଦୃଶ୍ୟ ଅଭିନୀତ ।



ରାଜ ଦରବାରରେ ମହାରାଜା କଂସ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରୀଆଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



ଶ୍ରୀକୃଷ୍ଣଙ୍କୁ ଦେଖି ଅକ୍ରୁର ଭାବବିହ୍ୱଳ ହୋଇ ପଡିଛନ୍ତି ।





ବରଗଡ଼ ଟାଉନ ଥାନାରେ କଂସ ମହାରାଜା ଜଣେ ପୋଲିସ ଅଧିକାରୀଙ୍କୁ ତାଗିଦ କରୁଛନ୍ତି ।

# ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ



ପାଣି ପଞ୍ଚାୟତ ପକ୍ଷ ପାଳନ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରପାଲି, ୧୮।୧ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି କେନାଲ ଡିଭିଜନ ପରିସରରେ ଶୁକ୍ରବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟଅତିଥି, ସ୍ଥାନୀୟ ତହସିଲଦାର ଯୁଧିଷ୍ଠିର ମେହେର ଓ ବରଗଡ ଡିଡିଏ ଦୀନବନ୍ଧୁ ଗାନ୍ଧୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ସୂଚନା ଅଧିକାରୀ କଲ୍ୟାଣୀ ଦାଶଙ୍କ ସଂଯୋଜନାରେ ନିର୍ବାହୀ ଯନ୍ତ୍ରୀ ପ୍ରଭାସ ରଥ ସ୍ୱାଗତ ଭାଷଣ ଦେଇଥିଲେ । ପ୍ରଥମେ ଶିଶୁମନ୍ଦିର ଛାତ୍ରୀ ଗୀତାଞ୍ଜଳି, ଆଦ୍ୟାଶା, ଗୌରୀ, ଅମିତା ଓ ଦୀପ୍ତିଙ୍କ ଦ୍ୱାରା ସଂଗୀତ ଗାନ କରାଯାଇଥିଲା । ଉତ୍ସବରେ କେନାଲ ଏସଡିଓ ସୁରେନ୍ଦ୍ର ସେଠ, ପ୍ରଶାନ୍ତ ପଟେଲ ଓ ବ୍ରଜକୃଷ୍ଣ ତ୍ରିପାଠୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପାଣି ପଞ୍ଚାୟତ ଉତ୍ସବ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟମାନଙ୍କୁ ନିମନ୍ତ୍ରଣ କାର୍ଡ ଦିଆଯାଇଥିଲା। ଏଥିରେ କୌଣସି ଅତିଥିଙ୍କ ନାମ ଉଲ୍ଲେଖ ହୋଇ ନ ଥିଲା। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ରଥଙ୍କୁ କାର୍ଡରେ ଅତିଥିଙ୍କ ନାମ କାହିଁକି ଉଲ୍ଲେଖ ନ ଥିବା ପଚାରିବାରୁ ଅତିଥିଙ୍କ ସହ ପୂର୍ବରୁ ଯୋଗାଯୋଗ ହୋଇ ପାରି ନ ଥିଲା । ସେଥିପାଇଁ ସେମାନଙ୍କ ନାମ ଉଲ୍ଲେଖ ହୋଇ ନ ଥିଲା ବୋଲି ସେ କହିଥିଲେ । ଫଳରେ ପ୍ରାୟ ୩ ଘଣ୍ଟା ବିଳମ୍ବରେ ଉତ୍ସବ ଆରମ୍ଭ ହୋଇଥିଲା ।

# ଶିଶୁଙ୍କ ଅଭିନୟ ମନମତାଣିଆ

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଗୋପପୁର (ଅମ୍ବାପାଲି)ରେ ଦେଖିବାକୁ ମିଳେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାର ଛବି । ଆଉ ସେହି ବାଲ୍ୟଲୀଳାର ଶ୍ରୀକୃଷ୍ଣ, ଶ୍ରୀରାଧା, ବଳରାମ, ଗୋପୀ, ଗୋପାଳ ବାଳକ ପ୍ରାୟତଃ ପ୍ରତିଟି ଚରିତ୍ରରେ ରହିଛନ୍ତି ଶିଶୁ କଳାକାର । ଏହି ଶିଶୁ କଳାକାରଙ୍କ ଅଭିନୟ ମଧ ମନମତାଣିଆ । ଯାହାଙ୍କ ଦୃଶ୍ୟାଭିନୟ ଦେଖିବା ପାଇଁ ଦର୍ଶକ ଗହଳିରେ ଉଛୁଳି ପଡ଼େ ଗୋପପୁର । ଏଭଳି ଚରିତ୍ରରେ ଅଭିନୟ କରୁଥିବା ଶିଶୁ କଳାକାରଙ୍କୁ ନେଇ ଏକ ଉପସ୍ଥାପନା...



ଆୟୁଷ ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଛନ୍ତି । ଗୋପପୁର (ଅମ୍ବାପାଲି)ର ହୋଇଥିଲେ ମଧ୍ୟ ସେ କେବେ ବି ଗୋପପୁର ଯାତ୍ରାରେ ଅଭିନୟ କରି ନ ଥିଲେ । ଏଥର ଏହି ଯାତ୍ରାର ପ୍ରମୁଖ ଚରିତ୍ର ଶ୍ରୀକୃଷ୍ଣ ଭୂମିକାରେ ସେ ଅଭିନୟ କରୁଛନ୍ତି । ବହୁଦିନରୁ ଅଭିନୟର ଆଶା ଥିଲା ଏବଂ ସେ ଏଥର ସେହି ସୁଯୋଗ ପାଇଥିବା ଯୋଗୁ ବହୁତ ଖୁସି ବୋଲି କୁହନ୍ତି ଆୟୁଷ ।**–ଆୟୁଷ ବିର୍ଡିଆ**



ଆଶୁତୋଷ ଶ୍ରୀକୃଷ୍ଣ ଭୂମିକାରେ ଅଭିନୟ କରୁଥିବା ଆୟୁଷଙ୍କ ଜଣେ ସହପାଠୀ । ତାଙ୍କ ଅଭିନୟ ମଧ୍ୟ ଏଥର ପ୍ରଥମ । ବହୁପୂର୍ବରୁ ତାଙ୍କ ଅଜା ସ୍ୱର୍ଗତ ଦ୍ୱାରୁ ଅକ୍ରୁର ଭୂମିକାରେ ଅଭିନୟ କରୁଥିଲେ। ଅଜାଙ୍କ ପରେ ଏବେ ତାଙ୍କୁ ପୁଣି ଗୋପପୁର ଯାତ୍ରାରେ ଅଭିନୟ ସୁଯୋଗ ମିଳିଥିବା ଯୋଗୁ ସେ ବହୁତ ଖୁସି ।**–ଆଶୁତୋଷ ବିର୍ଡିଆ**



ଶ୍ରେୟାଂଶୀ ମହାପାତ୍ର ବରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ରୀ। ସେ ପୂର୍ବରୁ ଗୋପପୁର ଯାତ୍ରାବେଳେ କେବଳ ନାଚିଥିଲେ ଏବଂ ଏଥର ପ୍ରଥମଥର ପାଇଁ ଅନ୍ୟତମ ପ୍ରମୁଖ ଚରିତ୍ର ଶ୍ରୀରାଧା ଭୂମିକାରେ ଅଭିନୟ କରୁଛନ୍ତି । ଆଗରୁ ଭାଇ ଶ୍ରେୟାଂଶ ଶ୍ରୀକୃଷ୍ଣ ଏବଂ ଶିବାଂଶ ବଳରାମ ଚରିତ୍ରରେ ଅଭିନୟ କରୁଥିଲେ ।**–ଶ୍ରେୟାଂଶୀ ମହାପାତ୍ର**



ଜଗନ୍ନାଥ ସାହୁ ବରଗଡ଼ ଜର୍ଜ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି । ଗୋପପୁର ଯାତ୍ରାରେ ଗୋପାଳ ବାଳକ ଭାବେ ସେ ୪ବର୍ଷ ହେଲା ଅଭିନୟ କରି ଆସୁଛନ୍ତି । ସାଙ୍ଗସାଥୀଙ୍କ ଗହଣରେ ଅଭିନୟ ସମୟରେ ଯେଉଁ ଖୁସି ମିଳେ, ତାହା ଅନ୍ୟ କେଉଁଠି ମିଳି ନ ଥାଏ ।**–ଜଗନ୍ନାଥ ସାହୁ**



ସମ୍ରାଟ ମହାପାତ୍ର ସରସ୍ୱତୀ ଶିଶୁ ମନ୍ଦିର(ହିନ୍ଦୀ ବିଭାଗ)ରେ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି । ଗତଥର ସେ ଗୋପାଳ ବାଳକ ଓ ଏଥର ଶ୍ରୀକୃଷ୍ଣଙ୍କ ମୁଖ୍ୟ ସଖା ଭାବେ ଅଭିନୟ କରୁଛନ୍ତି । ଗୋପପୁର ଯାତ୍ରାରେ ଆଗରୁ ତାଙ୍କ ବାପା, ବଡ଼ବାପା, ବଡ଼ଭାଇ ଶ୍ରୀକୃଷ୍ଣ ଚରିତ୍ରରେ ଅଭିନୟ କରି ସାରିଛନ୍ତି । ସେ ମଧ୍ୟ ଏହି ଯାତ୍ରାର ଏକ ଚରିତ୍ରରେ ଅଭିନୟ କରୁଥିବା ଯୋଗୁ ଖୁସି ।**–ସମ୍ରାଟ ମହାପାତ୍ର**

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ**

# ଚିନିକଳ କର୍ମଚାରୀ ରିଲେ ଅନଶନରେ ବସିଲେ

**ମଥୁରାନଗରୀ,୧୮।୧**

ବରଗଡ଼ ଜିଲାପାଳ ଅଫିସ ମୁଖ୍ୟ ଫାଟକ ସମ୍ମୁଖରେ ଶୁକ୍ରବାରରୁ ସମବାୟ ଚିନିକଳ କର୍ମଚାରୀ ସଂଘ ଏବଂ କୃଷକ ସଙ୍ଗଠନ ମିଳିତ ଭାବେ ରିଲେ ଅନଶନ ଆରମ୍ଭ କରିଛନ୍ତି । ୨୨ମାସର ବକେୟା ଦରମା ଦାବିରେ ଚିନିକଳ କର୍ମଚାରୀମାନେ ଦୀର୍ଘ ୩୮ଦିନ ଧରି ଚିନିକଳ ସମ୍ମୁଖରେ ଆନ୍ଦୋଳନ ଚଳାଇଥିଲେ । ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେମାନେ ଜିଲାପାଳ ଅଫିସକୁ ଆସି ରିଲେ ଅନଶନ ଆରମ୍ଭ କରିଛନ୍ତି । ଚିନିକଳ କର୍ମଚାରୀ ସଂଘ ସଭାପତି ପ୍ରଦୀପ ଦେବତା ସେଠାରେ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ । ପୂର୍ବତନ ବିଧାୟକ ସାଧୁ ନେପାକ, ଭାଜପା ନେତା ତଥା ସଂଘ ଉପଦେଷ୍ଟା ସୁରେଶ୍ୱର ଶତପଥୀ, ବରଗଡ଼ ଜିଲା ଶ୍ରମିକ, କର୍ମଚାରୀ ସମନ୍ୱୟ ସମିତିର ଯୁଗ୍ମ ସଂଯୋଜକ ଜେଠୁ ଭୋଇ, ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଚାଷୀନେତା ଜୟକୃଷ୍ଣ ସାହୁ, ଅରୁଣ ସାହୁ ପ୍ରମୁଖ ସେଠାକୁ ପହଞ୍ଚି ରିଲେ ଅନଶନକୁ ସମର୍ଥନ କରିଥିଲେ ।

## ମଣ୍ଡିରେ ପଡ଼ିଛି ୩୨ ହଜାରରୁ ଊର୍ଦ୍ଧ୍ୱ ଧାନ ବସ୍ତା

# ଧାନ ଉଠୁନି, ଚାଷୀ ଚିନ୍ତିତ

**ପାଇକମାଲ, ୧୮।୧ (ଡି.ଏନ.ଏ)**

ପାଇକମାଲ ସେବା ସମବାୟ ସମିତି ଅଧୀନରେ ଥିବା ପାଇକମାଲ ଓ ଝିଟିକି ମଣ୍ଡିରେ ୩୨, ୨୦୦ ବସ୍ତା ଧାନ ଶୁକ୍ରବାର ସୁଦ୍ଧା ପଡିରହିଛି । ଏହି ଧାନ ଉଠାଯାଉ ନ ଥବବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ଗତ ନଭେମ୍ବର ୧୦ ତାରିଖରୁ ମଣ୍ଡିରୁ ଧାନ ଉଠୁଛି । ଶୁକ୍ରବାର ସୁଦ୍ଧା ପାଇକମାଲ ମଣ୍ଡିରୁ ୪୯,୬୭୦ କୁଇଣ୍ଟାଲ ଧାନ ଉଠିଥିବା ବେଳେ ୧୭,୨୦୦ ପ୍ୟାକେଟ ପଡି ରହିଛି । ୩୦୦୦ ହଜାର କୁଇଣ୍ଟାଲ ଧାନ ଉଠାଇବା ପାଇଁ ଆରଏମସି ଟ୍ୟାଗ୍ ଦେଇଛି । ସେହିପରି ଝିଟିକି ମଣ୍ଡିରୁ ୨୭୦୦୦ କୁଇଣ୍ଟାଲ ଧାନ ଉଠିଥିବାବେଳେ ୧୫,୦୫୧ ପ୍ୟାକେଟ ଧାନ ପଡିରହିଛି ।



ବିକ୍ରି ହୋଇ ନ ପାରି ମଣ୍ଡିରେ ଧାନ ପଡିରହିଛି ।

ଝିଟିକି ମଣ୍ଡିରୁ ୫,୫୦୦ କୁଇଣ୍ଟାଲ ଉଠିବା ପାଇଁ ଟ୍ୟାଗ ଆସିଥିବା ଜଣାପଡିଛି । ପାଇକମାଲ ମଣ୍ଡିବଜାର ପ୍ରାଙ୍ଗଣରେ ଥିବାରୁ ୧୭ହଜାର ପ୍ୟାକେଟ ଧାନ ପଡିବା ସହ ୧୫ ଦିନ ହେଲା ଚାଷୀମାନଙ୍କ ଧାନ ଉଠୁନାହିଁ । ଏହାର ପ୍ରତିବାଦରେ ମଣ୍ଡି ପରିସରରେ ପାଇକମାଲ ସେବା ସମିତି ସଭାପତି ବଳରାମ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା । ଧାନ କିଣାରେ କୁଇଣ୍ଟାଲ ପ୍ରତି ୩କି.ଗ୍ରା ଧାନ କାଟୁଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା। ମଣ୍ଡିରେ ପଡିଥିବା ୧୭ହଜାର ଧାନ ନ ଉଠିବା ଯାଏ ଆଉ ମଣ୍ଡିକୁ ଧାନ ଅଣା ନ ଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ଏଥିସହ ୩କି.ଗ୍ରା କଟନୀ ବଦଳରେ ୧ କି.ଗ୍ରା କଟନୀ କରାଯିବା ପାଇଁ ଚାଷୀମାନେ ରାଜି ହୋଇଥିଲେ । ବୈଠକରେ ଚାଷୀନେତା ଯୁଧିଷ୍ଠିର ସାହୁ, ରାହାସ ସାହୁ, ହେମନ୍ତ ଭୋଇ, ସାଧୁ ସୁନା, ଶ୍ରୀମୋହନ ତ୍ରିବେଦୀ, କୌତୁକ ସାହୁ, ଡାକ୍ତର ବରିହା, ଭୁବନେ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ୧ କି.ଗ୍ରାରୁ ଅଧିକ କଟାଗଲେ ଜିଲାପାଳଙ୍କୁ ଅଭିଯୋଗ କରାଯିବ ବୋଲି ସାହୁ ଚେତାବନୀ ଦେଇଛନ୍ତି ।

## ଲରମ୍ଭା କଲେଜ ପୁରୁଷ ଛାତ୍ରାବାସର ବାର୍ଷିକୋତ୍ସବ

# ରାଷ୍ଟ୍ର ଉନ୍ନତି ପାଇଁ ବିଦେଶୀ ଜ୍ଞାନ ଦରକାର

**ଅତାବିରା, ୧୮।୧ (ଡି.ଏନ.ଏ)**

ରାଷ୍ଟ୍ରର ପାଇଁ ବିଦେଶୀ ଜ୍ଞାନର ଆବଶ୍ୟକତା ରହିଛି । ଲରମ୍ଭା କଲେଜ ଛାତ୍ରାବାସର ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତାବିରା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ତପସ୍ୱିନୀ ଗୁରୁ ଏତା କହିଛନ୍ତି । ତାଙ୍କ ବକ୍ତବ୍ୟରେ ଛାତ୍ରମାନଙ୍କୁ ଉଦବୋଧନ ଦେଇଥିଲେ । ଲରମ୍ଭା କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ନରେନ୍ଦ୍ର କୁମାର ବେହେରା, ଡ. ମନୋରଞ୍ଜନ ତ୍ରିପାଠୀ, ପ୍ରମୋଦ କୁମାର ସେଠ, ଛାତ୍ର ସମ୍ପାଦକ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ସହ ତତ୍ତ୍ୱାବଧାରକ ପ୍ରଫେସର ରବୀନ୍ଦ୍ର କୁମାର ନାୟକ, କୋଷାଧ୍ୟକ୍ଷ ପ୍ରମୋଦ ସେଠ, ଅନ୍ତେବାସୀ ଜିତେନ୍ଦ୍ର ପ୍ରଧାନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଡ. ତପସ୍ୱିନୀ ଗୁରୁଙ୍କୁ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା । ରବୀନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।





ଅତାବିରା ବ୍ଲକ ଲରମ୍ଭା କଲେଜ ଛାତ୍ରାବାସ ବାର୍ଷିକୋତ୍ସବର ମଞ୍ଚାସୀନ ଅତିଥି ବୃନ୍ଦ ।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

### ନିର୍ବାଚନ ସଚେତନତା ସଭା

**ଘଣ୍ଟାପଡା, ୧୮।୧ (ଡି.ଏନ.ଏ):** କଣ୍ଟାମାଳ ବ୍ଲକ ଘଣ୍ଟାପଡା ସ୍ଥିତ ଟିକେଏସ ଏମଆରଜି ଉଚ୍ଚ ମାଧମିକ ବିଦ୍ୟାଳୟରେ ଭାରପ୍ରାପ୍ତ ଅଧକ୍ଷ ଝସକେତନ ଡାଙ୍ଗଙ୍କ ସଭାପତିତ୍ୱରେ ନିର୍ବାଚନ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୮୩ ନଂ ବୁଥସ୍ତରୀୟ ଅଧିକାରୀ ହେମନ୍ତ ଭୋଇ ଯୋଗଦେଇ ୨୦୧୯ ସାଧାରଣ ନିର୍ବାଚନରେ ଶତ ପ୍ରତିଶତ ଭୋଟ ଦେବା ପାଇଁ ସଚେତନ କରିଥିଲେ। ୧ ଜାନୁୟାରୀ, ୨୦୧୯ ସୁଦ୍ଧା କୌଣସି ଛାତ୍ରୀଛାତ୍ରଙ୍କ ବୟସ ୧୮ କିମ୍ବା ତଦୂର୍ଦ୍ଧ ହେଲେ ନାମ ଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଅଧାପକ ପରେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଷମ ବଣ୍ଟନ ହେଲେ ଜଳାଭାବ ଦୂରହେବ

**ବୌଦ୍ଧ,୧୮।୧ (ସ୍ୱ.ପ୍ର)**

ବୌଦ୍ଧ ଉଠାଜଳସେଚନ ବିଭାଜନ ପକ୍ଷରୁ ଶୁକ୍ରବାର ପାଣିପଞ୍ଚାୟତ ପକ୍ଷ ପାଳନ ହୋଇଛି । ଉଠାଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଋତୁଚକ୍ରରେ ଅନିୟମିତତା ଯୋଗୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବା ସହିତ ଏହାର ପ୍ରଭାବରେ ଭୂତଳ ଜଳସ୍ତର କମି ଚାଲିଛି । ତେଣୁ ଜଳର ସଠିକ୍ ବିନିଯୋଗ ନେଇ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଗଲେ ଅଧିକ ଜମିକୁ ଜଳସେଚନ ହେବା ସହିତ ଚାଷୀର ଉନ୍ନତି ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ । ଭୂତଳ ଜଳସ୍ତର କମି ଚାଲିଥିବାବେଳେ ଚାଷ ପାଇଁ ଆବଶ୍ୟକ ହେଉଥିବା ଜଳର ସୁଷମ ବଣ୍ଟନ ଦ୍ୱାରା ଏହାର ଅଭାବ ପୂରଣ କରାଯାଇପାରିବ ବୋଲି ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଜିଲା କୃଷି ଅଧିକାରୀ ନାରାୟଣ ମହାନନ୍ଦ, ଜିଲା ପ୍ରାଣୀ ଚିକିତ୍ସା ବିଭାଗର ନୋଡାଲ ଅଫିସର ସଂଘମିତ୍ରା ପରମାଣିକ ଓ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସୂର୍ଯ୍ୟମଣି ମହାରଣା ଯୋଗଦେଇ ଏହି ପକ୍ଷ ପାଳନର ଆବଶ୍ୟକତା ଓ କୃଷକମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ପାଣି ପଞ୍ଚାୟତ ପକ୍ଷ ପାଳନ ଉପରେ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଇଂ. ସନ୍ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପଦକ ଶୁଣୁଥିବି,**
**ସୁନ୍ଦର ବଦନ ଚାହୁଁଥିବି,**
**ଲୁଣ ଘିନି ଭାତ ଖାଉଥିବି ।**

ପତିପତ୍ନୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଠିକ୍ ଥିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ । ଯେତେ ଅଭାବ ଅନଟନ ଲାଗିରହିଲେ ମଧ ତା'ର କଷ୍ଟ ଜମା ଜଣାପଡ଼ି ନ ଥାଏ କି ଅଭାବ ମନକୁ ସେତେ ବ୍ୟଥିତ କରି ନ ଥାଏ । ପତିର ମଧୁର ଭାଷା, ଚାହାଣି ଓ ବ୍ୟବହାର ପାଖେ ପତ୍ନୀ ମନ ବନ୍ଧା ପଡ଼ିଯାଇଥାଏ । ଏପରିସ୍ଥଳେ କିଛି ନ ଥିଲେ ସୁଦ୍ଧା ସେ ମନ ଊଣା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଏକ ଦେଶର ଗାଳି,**
**ଅନ୍ୟ ଦେଶର ବୋଲି ।**

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ । ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେଠାକାର ନୀତିନିୟମରେ ଚଳିବାକୁ ପଡ଼ିଥାଏ । ଅନ୍ୟ ଦେଶର ଥିବା ଭିନ୍ନତାକୁ ଅନିଚ୍ଛା ସତ୍ତ୍ୱେ ଆପଣେଇ ନେବାକୁ ପଡ଼ିଥାଏ । ସେହିପରି ଏକ ଦେଶ ବା ଅଞ୍ଚଳରେ ବ୍ୟବହାର କରାଯାଉଥିବା ଭାଷା ଶ୍ରୁତିକଟୁ ଲାଗୁଥିଲେ ବି ଅନ୍ୟ ଅଞ୍ଚଳ ପାଇଁ ତାହା ବେଶ୍ ଲୋକାଦୃତ ଭାଷା ହୋଇଥିବାରେ ସେଭଳି କୌଣସି ବିଚିତ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଉଦ୍‌ଘାଟିତ

**ବାଉଁଶୁଣୀ,୧୮।୧(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ସ୍ଥିତ ମାଁ ମାହେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ଏହାକୁ ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ତର୍କଶାସ୍ତ୍ର ବିଭାଗ ଅଧାପକ ମକର ମହାରଣା ମୁଖ୍ୟଅତିଥି ଓ ଗ୍ରନ୍ଥାଗାରିକ ଯଜ୍ଞେଶ୍ୱର କର୍ମୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ଏଥିରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ୬୦ଜଣ ଛାତ୍ରୀଙ୍କୁ ଦୁଇଟି ଗୋଷ୍ଠୀରେ ଦୁଇଜଣ ପ୍ରଶିକ୍ଷିକା ମଧୁସ୍ମିତା ଜଗଦଲା ଓ ମିତା ମେହେର ତାଲିମ ପ୍ରଦାନ କରୁଛନ୍ତି । ଅଧାପକ ଉମାକାନ୍ତ ବିଶ୍ୱାଳ, ଅଧାପକ ପ୍ରକାଶ ଚନ୍ଦ୍ର ମହାକୁଡ, ଅଧାପକ ଦେବାର୍ଚ୍ଚନ ବେହେରା, ଶିବ କୁମାର ମହାକୁଡ, ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ତାଲିମ ଶିବିର ୧୨ଦିନ ଧରି ଚାଲିବ ବୋଲି କଲେଜ ପକ୍ଷରୁ କୁହାଯାଇଛି ।

# ପିପିଲି ବଳାତ୍କାର ଘଟଣାର ଅଭିନବ ପ୍ରତିବାଦ

**ମନମୁଣ୍ଡା, ୧୮।୧ (ଡି.ଏନ.ଏ)**

ବହୁଚର୍ଚ୍ଚିତ ପିପିଲି ବଳାତ୍କାର ମାମଲାରେ ନ୍ୟାୟ ଦେବାରେ ଶାସକ ବିଜେଡି ସରକାରର ବିଫଳତାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ମହିଳା ଭାଜପା ମୋର୍ଚ୍ଚା ତରଫରୁ ଶୁକ୍ରବାର ଚୁଡି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ଜିଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ସୁଚିତ୍ରା କର୍ଣ୍ଣ ମନମୁଣ୍ଡା ମଣ୍ଡଳ ତଥା ୩ ନଂ. ଜୋନ୍‌ରେ ଏହାର ଶୁଭାରମ୍ଭ କରିଛନ୍ତି । ସେ ଘର ଘର ବୁଲି ମହିଳାମାନଙ୍କୁ ବଳାତ୍କୃତାଙ୍କ ଦୁଃଖଦ କାହାଣୀ କହିଥିଲେ । ଏହାସହ ଏହି ମାମଲାରେ ଶାସକ ଦଳ ଅଭିଯୁକ୍ତଙ୍କୁ ଦଣ୍ଡ ଦେବାରେ ବିଫଳ ହୋଇଛି । ଏଣୁ ମହିଳାମାନଙ୍କ ଠାରୁ ଚୁଡିମାନ ସଂଗ୍ରହ କରାଯାଉଛି । ଚୁଡି ସବୁକୁ ୨୦ ତାରିଖ ସୁଦ୍ଧା ରାଜ୍ୟ ମହିଳା ମୋର୍ଚ୍ଚା ନିକଟରେ ଦାଖଲ କରାଯିବ । ଏହି ମାମଲାରେ ସିବିଆଇ ତଦନ୍ତ ପାଇଁ ଦାବି କରିବା ସହ ନାରୀ ସୁରକ୍ଷା ପାଇଁ ଡିଣ୍ଡିମ ପିଟୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଫଳତା ନେଇ ୨୧ ତାରିଖରେ ତାଙ୍କୁ ଚୁଡି ପ୍ରଦାନ କରାଯିବ ବୋଲି ସମ୍ପାଦିକା କର୍ଣ୍ଣ ଜଣାଇଛନ୍ତି ।



ମହିଳାମାନେ ଚୁଡି ସଂଗ୍ରହ କରୁଛନ୍ତି ।

# ଖଣ୍ଡପଡ଼ାରେ ସୁନ୍ଦରାକାଣ୍ଡ ପାରାୟଣ

**ଜହ୍ନାପଙ୍କ, ୧୮।୧ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ମୁଣ୍ଡାପଡା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡପଡା ଶୈବପୀଠରେ ମକର ସଂକ୍ରାନ୍ତି ଅବସରରେ ମହନ୍ତ ଶ୍ରୀ ଜଗଦାନନ୍ଦ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି । ବ୍ରଜକିଶୋର ଦାସ ବ୍ୟାସ ଓ ଈଶ୍ୱର ଯୋଷୀ ପୂଜକ କାର୍ଯ୍ୟ ତୁଲାଇଥିଲେ । ନରେନ୍ଦ୍ର ପ୍ରଧାନ, ଆଲୋକ ଗଡତିଆ, ଶ୍ରୀକୃଷ୍ଣ ଦେହୁରୀ, ଶ୍ରୀଧର ପ୍ରଧାନ, ରାଜକିଶୋର ମଲ୍ଲିକ, ଶେଷଦେବ ଦେହୁରୀ, ପ୍ରଦୀପ ବାଘ, ଦୁଃଖିଶ୍ୟାମ ମହାଲିକ, ଭାଗିରଥି ସାହୁ ସହଯୋଗ କରିଥିଲେ । ସାଧ୍ୱୀ ରାମପ୍ରିୟା ଦାସ ଉପସ୍ଥିତ ଥିଲେ । ମହିଳାମାନେ କମିରା ସାହୁଙ୍କ ସିଂଘାସିନୀ ଘାଟରୁ କଳସୀରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

# ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

**ବୌଦ୍ଧ,୧୮।୧ (ସ୍ୱ.ପ୍ର)**

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ବାର୍ଷିକ ସମୀକ୍ଷା ବୈଠକ ଶୁକ୍ରବାର ବୀରନରସିଂହପୁର ବନ ବିଶ୍ରାମାଗାର ଠାରେ ବୌଦ୍ଧ ବନଖଣ୍ଡ ପକ୍ଷରୁ ଅନୁଷ୍ଠିତ ହୋଇଛି । ବୌଦ୍ଧ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବ୍ରହ୍ମପୁରର ସୁରେଶ ପନ୍ଥ ମୁଖ୍ୟଅତିଥି, ଜାଇକା ପ୍ରକଳ୍ପର ଡେପୁଟି ଡାଇରେକ୍ଟର ସୁଦର୍ଶନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ପନ୍ଥ ଜାତୀୟ ଜଙ୍ଗଲ ନୀତି ଅନୁସାରେ ଜଙ୍ଗଲର ବିକାଶ ଓ ସଂରକ୍ଷଣ ନିତାନ୍ତ ଆବଶ୍ୟକତା ରହିଛି । ଏଣୁ ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନୀତ ଅତିଥି ବେହେରା ଜାଇକା ଯୋଜନାରେ ଜିଲାର ବୌଦ୍ଧ, କଣ୍ଟାମାଳ ଓ ମନମୁଣ୍ଡା ରେଞ୍ଜ୍‌ରେ ୬୦ଟି ବନସୁରକ୍ଷା ସମିତି ଗଠନ କରାଯାଇ ଏହି କାର୍ଯ୍ୟ ଚାଲୁ ରହିଛି ବୋଲି କହିଥିଲେ । ବର୍ତ୍ତମାନ ୫୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପାଇଁ ଅନ୍ତର୍ଭୁକ୍ତ କରାଯାଇଛି । ଏସିଏଫ ଦିଲୀପ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ




ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।


## ଜିଲ୍ଲା କୃଷି କାର୍ଯ୍ୟାଳୟ, ଆଠଗଡ଼
### ବିହନ ବିଶୋଧନ ଅଭିଯାନ, ରବି ୨୦୧୮-୧୯

ଚଳିତ ରବି ଋତୁ ୨୦୧୮-୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ମୁଗ ଓ ବିରି ବିହନ ବିଶୋଧନ ଅଭିଯାନ ଆଠଗଡ଼ କୃଷି ଜିଲ୍ଲାର ୪ଟି ବ୍ଲକ ଯଥା- ଆଠଗଡ଼, ତିଗିରିଆ, ବଡ଼ମ୍ବା ଓ ନରସିଂହପୁର ଅନ୍ତର୍ଭୁକ୍ତ ୮୧ଟି ଗ୍ରାମରେ ତା୨୦।୦୧।୨୦୧୯ ଠାରୁ ୩୧।୦୧।୨୦୧୯ରିଖ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି । ତେଣୁ ପ୍ରତି ବ୍ଲକରେ ଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ସଞ୍ଚିତ ମୁଗ ଓ ବିରି ବିହନ ଗୁଡ଼ିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ । ଏହା ଦ୍ୱାରା ପରବର୍ତ୍ତୀ ସମୟରେ ମୁଗ ଓ ବିରି ଗଛ ବିହନଜନିତ ଓ ମୃତ୍ତିକା ଜନିତ ରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇପାରିବ ।

ସ୍ୱା./- ଶ୍ରୀ ପ୍ରଫୁଲ୍ଲ କୁମାର ମାଟି,
ଜିଲ୍ଲା କୃଷି ଅଧିକାରୀ, ଆଠଗଡ଼

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

### ବିହନ ବିଶୋଧନ ଅଭିଯାନ, ରବି- ୨୦୧୮-୧୯
#### ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ଆନୁକୂଲ୍ୟରେ

ରାଜ୍ୟ ଯୋଜନା ମାଧ୍ୟମରେ ଚଳିତ ରବି ଋତୁରେ ଚାଷୀଭାଇମାନେ ବ୍ୟବହାର କରୁଥିବା ଡାଲି ଜାତୀୟ ଫସଲ (ମୁଗ/ବିରି) ବିହନକୁ ବୁଣିବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବାକୁ ଅନୁରୋଧ । ଏହି କାର୍ଯ୍ୟକ୍ରମ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ତତ୍ତ୍ୱାବଧାନରେ ବଡ଼ଚଣା, ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ତା୧୬।୦୧।୨୦୧୯ଠାରୁ ତା୩୧।୦୧।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ କରାଯିବା ସଙ୍ଗେ ସଙ୍ଗେ ବିହନ ବିଶୋଧନ ଉପରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯିବ । ଏହାର ସଫଳ ରୂପାୟନ ଦ୍ୱାରା ଧର୍ମଶାଳା କୃଷି ଜିଲ୍ଲାକୁ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳା, ଜିଲ୍ଲା- ଯାଜପୁର

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

୧୯୪୫ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ
କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡ଼ୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355,
9162431749

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କାଳଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଳେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍

## ସଂକ୍ଷେପରେ

### ମା'ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ: ସିକେରପଡ଼ା ବିଜୟୀ

**ବଙ୍ଗୋମୁଣ୍ଡା, ୧୮।୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଜୁରାବନ୍ଧ ଗ୍ରାମ ପଞ୍ଚାୟତ ଇଲେଭେନଷ୍ଟାର ସ୍ପୋର୍ଟସ ଆସୋସିଏଶନ ତରଫରୁ ଅଲ ଓଡିଶା ମା' ବସ୍ତ୍ରେନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ସିକେରପଡା ଓ ପଲସାପଡା ଦଳ ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ସିକେରପଡା ୪-୧ ଗୋଲରେ ପଲସାପଡାକୁ ପରାସ୍ତ କରିଥିଲା । ମ୍ୟାଚକୁ ମନୋଜ ରଥ ପରିଚାଳନା କରିଥିଲେ। ଲାଇନରେ ସହଯୋଗ କରିଥିଲେ ଛବି ନାୟକ, ଚମ୍ପେଲାଲ ମାଝି। ଫୋର ଅମ୍ପେୟାର ଦାୟିତ୍ୱ ତୁଲାଇଥିଲେ କିଶୋର ବାଗ। ସୁଶୀଲ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଜୁରାବନ୍ଧ ସରପଞ୍ଚ ପ୍ରତିଭା ପୁଟେଲ, ସମ୍ମାନୀୟ ଅତିଥି ଶ୍ରଦ୍ଧାକର ପୁଟେଲ, ଇଓ ପ୍ରଭାତ ବେହେରା, କୁମାର ବାଗ, ଭୀଷ୍ମ ସଗ୍ରିଅ, ଭାମା ବଛା ଅତିଥି ଭାବେ ଯୋଗଦାନ କରିଥିଲେ। ଫୁଟବଲ ଆସୋସିଏଶନ ସଭାପତି ଶିଶୁପାଳ ହଂସ, ଉପସଭାପତି କିଶୋର ବାଗ, ଅଜୟ ସଗ୍ରିଆ, କୋଷାଧକ୍ଷ ଚୂଡ଼ାମଣି ସଗ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ୭ଦିନ ଧରି ଚାଲିବବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି।

### ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ

**ସୋନପୁର,୧୮।୧(ନି.ପ୍ର.):** ସୋନପୁର ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ବୈଜୟନ୍ତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଂଯୋଜକ ଅଧାପକ ଉମାକାନ୍ତ ନାଗ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଅପରିହାର୍ଯ୍ୟ ବୋଲି ଅଧାପକ ନାଗ କହିଥିଲେ। ଯୁକ୍ତ ୨ମହିଳା ମହାବିଦ୍ୟାଳୟ ଅଧକ୍ଷା କିରଣବାଳା ଦାସ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଆତ୍ମରକ୍ଷା ତାଲିମ ଶିବିରର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଏହି ଶିବିର ୧୨ ଦିନ ଧରି ଚାଲିବ। ମାଷ୍ଟର ଟ୍ରେନର ଶ୍ୱେତା ମହାପାତ୍ର ଓ ନିବେଦିତା ମିଶ୍ର ପ୍ରତ୍ୟହ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ। ଅଧାପକ ମଦନ ସୁନ୍ଦର ଖେତି ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭାର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟକୁ ଅଧାପକ ଦୁଃଖିଶ୍ୟାମ ମେହେର ସଂଯୋଜନା କରିଥିଲେ।

### ସୁବଳୟା କଲେଜରେ ଫକୀରମୋହନ ଜୟନ୍ତୀ

**ବୀରମହାରାଜପୁର, ୧୮।୧(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ମହାବିଦ୍ୟାଳୟରେ ଗୁରୁବାର ବ୍ୟାସକବି ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାରସ୍ୱତ ସମାରୋହରେ କଲେଜ ଅଧକ୍ଷ ଭୋଲାନାଥ କର୍ମୀ ପୌରୋହିତ୍ୟ କରିଥିଲେ। ଏଥିରେ ବୀରମହାରାଜପୁର କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧାପକ ପ୍ରକାଶ କୁମାର ସେଠ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବ୍ୟାସକବି ଫକୀରମୋହନଙ୍କ ରଚନା ଯୁଗେଯୁଗେ କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗୀୟ ପ୍ରାଧାପକ ଡ. ମୀନକେତନ ଛୁରିଆ ମୁଖ୍ୟଅତିଥିଭାବେ ଯୋଗଦେଇ ଫକୀର ମାହନଙ୍କ କ୍ଷୁଦ୍ରଗଳ୍ପ ରେବତୀ ସମାଜ ସଂସ୍କାର କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ନାରୀ ଶିକ୍ଷା ପାଇଁ ପ୍ରେରଣା ଯୋଗାଇଥିଲା ବୋଲି ମତ ପ୍ରକାଶ କରିଥିଲେ । ସାହିତ୍ୟ ସଭାର ପ୍ରାରମ୍ଭରେ ସାଂସ୍କୃତିକ ସଂସଦର ଉପସଭାପତି ଅଧାପକ ରମାକାନ୍ତ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅଧାପକ ଗିରିଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଅଧାପିକା ଅନ୍ନଦା ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୋପାଳ ଭୋଇ, ଦିଲୀପ ମେହେର ପ୍ରମୁଖ ସହଯୋଗ କରିଥିଲେ ।

### ମାଙ୍କଡ଼ ଉପଦ୍ରବ

**ଘଣ୍ଟାପଡା, ୧୮।୧ (ଡି.ଏନ.ଏ):** କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମରେ ୧୦/୧୨ ଦିନ ହେଲା ଏକ ପାତି ମାଙ୍କଡର ଉପଦ୍ରବ ବଢ଼ିବାରେ ଲାଗିଛି । ମାଙ୍କଡଟି ବାଡି, ବଗିଚା, ଚାଳଘର ନଷ୍ଟ କରିବା ସହ କେତେକ ଶିଶୁ, ବୃଦ୍ଧାବୃଦ୍ଧଙ୍କୁ ମଧ ଖଣ୍ଡିଆ ଖାବରା କରି ସାରିଲାଣି । ଘଣ୍ଟାପଡା ଅଞ୍ଚଳର ପୋଡାପଦର, କୋଡିବାହାଲର ଲୋକେ ମଧ ଭୟଭୀତ ହୋଇପଡିଲେଣି।

■ ଅର୍ଜୁନପୁର ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ

# ଶିକ୍ଷାର ଉନ୍ନତିରେ ଦେଶର ବିକାଶ

**ଦେଓଗାଁ, ୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଉଚ୍ଚବିଦ୍ୟାଳୟର ରଜତ ଜୟନ୍ତୀ ସମାରୋହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଅପରାହ୍ନ ୧୨ଟାରେ ଶୁଲିଆବୁଢ଼ା ପୀଠରୁ ମଶାଲ ପହଞ୍ଚିବା ପରେ ଅତିଥିବୃନ୍ଦଙ୍କ ଦ୍ୱାରା ମଶାଲ ସ୍ଥାପନ କରାଯାଇଥିଲା । ପରେ ପାଲେଶ୍ୱର ବାଗଙ୍କ ସଂଯୋଜନା ତଥା ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷା ରୀନା ମେହେର, ଉପଧକ୍ଷ ରାଜୁ ବାଗ, ସ୍ଥାନୀୟ ସରପଞ୍ଚ ଭଗବତୀ ନାଗ, ସମିତି ସଭ୍ୟା ପୁଷ୍ପାଞ୍ଜଳି ପୋଢ଼, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାର, ଆକୁଳ ଗଡତ୍ୟା ପ୍ରମୁଖ ଯୋଗଦେଇ ଶିକ୍ଷାର ଉନ୍ନତି ହେଲେ ଦେଶର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଶିକ୍ଷକ ଦିଲୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଧାନଶିକ୍ଷକ ଅଶୋକ କୁମାର ରଥ ମଞ୍ଚାସୀନ ଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।



ଅର୍ଜୁନପୁର ହାଇସ୍କୁଲର ରଜତ ଜୟନ୍ତୀ ସମାରୋହର ସନ୍ଧ୍ୟା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

ଏମପି ପ୍ରତିନିଧି ଉମା ଶଙ୍କର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶକ୍ତି, ଶ୍ରମ ଓ ପୂର୍ତ୍ତମନ୍ତ୍ରୀ ସୁଶାନ୍ତ ସିଂ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନେଉଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ତୁଷୁରା କଲେଜର ପ୍ରାଧ୍ୟାପକ ପ୍ରସନ୍ନ କୁମାର କର୍ଣ୍ଣ, ସମ୍ମାନୀତ ଅତିଥି ପୂର୍ବତନ ରାଜ୍ୟ ସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଲୋଟସ ଷଡଙ୍ଗୀ, କଣ୍ଟାମାଳ ବିଧାୟକ ମହୀଧର ରଣା, ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓ, ଜିଲା ପରିଷଦ ସଭ୍ୟ ଶୁଶିଲ କୁମାର ଚାନ୍ଦ, ଗୁରୁଦେବ ରଣା ପ୍ରମୁଖ ଯୋଗଦେଇଥିଲେ । ପରେ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଅଜଣା ଗାଡି ଧକ୍କାରେ ଯୁବକ ମୃତ

## ଉତ୍ତେଜନା, ରାସ୍ତାରୋକୋ

**ବଙ୍ଗୋମୁଣ୍ଡା, ୧୮।୧(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଭାଲୁମୁଣ୍ଡା-ଖରିଆର ୫୯ନଂ ଜାତୀୟ ରାଜପଥର ଜୁଏରପଡା ଛକରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବଙ୍ଗୋମୁଣ୍ଡା ବ୍ଲକ ତୁରେକେଲାର ତୁଳସୀରାମ ପୁଟେଲ(୨୫) । ସୂଚନା ଅନୁଯାଇ ସକାଳେ ତୁଳସୀରାମ ମୁହୁରା ପଟୁ ଚାଲି କରି ଆସୁଥିବା ସମୟରେ ଜୁଏରପଡା ଛକ ତଥା ପି.ପି.କଲେଜ ଅନତି ଦୂରରେ କୌଣସି ଚାରି ଚକିଆ ଯାନ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ପ୍ରଦାନ ଦାବି କରି ଭାଜପା ନେତା ରାଷ୍ଟ୍ରପତି ବେହେରା, ସାମାଜିକ କର୍ମୀ କିଶୋର ବଘେଲ, ତୁରେକେଲା ସରପଞ୍ଚ ଅର୍ଜୁନ ସୁନା, ବୈକୁଣ୍ଠ ବରିହା ଏବଂ ତୁରେକେଲା ଗ୍ରାମର ବହୁ ଲୋକେ ଦୁର୍ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ । ବଙ୍ଗୋମୁଣ୍ଡା ପୋଲିସ ଅଧିକାରୀ ଭାନୁଶଙ୍କର ଯାଦବ, ଏଏସଆଇ ସୁରେନ୍ଦ୍ର ବେହେରା, ବଙ୍ଗୋମୁଣ୍ଡା ତହସିଲ ଅଫିସର ବରିଷ୍ଠ କିରାଣି ରବିନାରାଣ ତ୍ରିପାଠୀ ଓ ଖରିଆର ଥାନା ଅଧିକାରୀ ଆଦିତ୍ୟ ମହାକୁଡ, ଏସଆଇ ବିନୟ କେରକେଟା ପ୍ରମୁଖ ଘଟଣାସ୍ଥଳକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ରେଡକ୍ରସ ତରଫରୁ ଦଶ ହଜାର ଟଙ୍କା ପ୍ରଦାନ ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ । ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ୩୩ ବୁଣାକାର ପରିବାରକୁ ଋଣ ପ୍ରଦାନ

**ଲାଠୋର, ୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋରରେ ଶୁକ୍ରବାର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ସାଗର ରଣାଙ୍କ ଅଧକ୍ଷତାରେ ଏକ ଋଣ ମେଳା ଆୟୋଜିତ ହୋଇଥିଲା। ଉକ୍ତ ମେଳାରେ ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ସଭାପତି ଲକ୍ଷ୍ମଣ ମେହେର ଅତିଥିଭାବେ ଯୋଗ ଦେଇ ଲୁହାସିଂଘା ଗ୍ରାମର ୩୩ବୁଣାକାର ପରିବାରଙ୍କୁ ସ୍ୱରୋଜଗାରକ୍ଷମ ଉଦ୍ଦେଶ୍ୟରେ ଋଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବୁଣାକାର ପରିବାରଙ୍କୁ ସଭାପତି ବଲାଙ୍ଗୀର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର ଋଣ ପ୍ରଦାନ କରୁଛନ୍ତି।

■ ବଲାଙ୍ଗୀରରେ କଂଗ୍ରେସର ମହିଳା ସମାବେଶ

## ନାରୀଶକ୍ତି ଜାଗ୍ରତ ହେଲେ ନକରାତ୍ମକ ଶକ୍ତିର ବିନାଶ ହେବ

**ବଲାଙ୍ଗୀର ଅଫିସ, ୧୮।୧**

ବଲାଙ୍ଗୀର ମ୍ୟୁନିସିପାଲିଟିର ୧୮ନମ୍ବର ୱାର୍ଡରେ କଂଗ୍ରେସ ପକ୍ଷରୁ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ବିଧାୟକ ତଥା ରାଜ୍ୟ ବିଧାନସଭା ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇ ମହିଳା ନେତ୍ରୀ ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ରାଜ୍ୟରେ କ୍ରମାଗତ ବୃଦ୍ଧି ପାଇ ଚାଲିଥିବା ନାରୀ ନିର୍ଯାତନା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି ବୋଲି କହିଥିଲେ। ଅପରପକ୍ଷରେ ରାଜ୍ୟରେ ନାରୀ ନିର୍ଯାତନା ତୁଳନାରେ ନିର୍ଯାତିତାଙ୍କୁ ନ୍ୟାୟ ମିଳିବାର ଅନୁପାତ ଅତି ନଗନ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଗୃହ ବିଭାଗ ରହିଥିଲେ ମଧ ଏହି କ୍ଷେତ୍ରଟି ଅପାରଗ ସାବ୍ୟସ୍ତ ହେଉଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ମା'କୁ ସମ୍ମାନ ସ୍ଲୋଗାନ ଫମ୍ପାରେ ପରିଣତ ହୋଇଯାଇଛି ବୋଲି ସେ କହିଥିଲେ । ସମାଜରେ ନାରୀ ସଦାବେଳେ ଅଭୟଦାତ୍ରୀ ତଥା ରକ୍ଷକ ହିସାବରେ ଗଣନା କରାଯାଏ । ପୌରାଣିକ ତଥ୍ୟ ମଧ କହେ ପୃଥିବୀରେ ଯେତେବେଳେ ଖଳ ପ୍ରକୃତି ବା ଆସୁରିକ ପ୍ରବୃତ୍ତି ବଢିଚାଲେ ସେତେବେଳେ ନାରୀଶକ୍ତି ଦେବୀ ରୂପେ ଉଭା ହୋଇ ତାର ବିନାଶ କରିଥାଏ । ତେଣୁ ଆପଣମାନେ ଏକତ୍ରିତ ହେଲେ ସମାଜର ସମସ୍ତଙ୍କର ନାକରାତ୍ମକ ଶକ୍ତି ଦୂର ହୋଇପାରିବ ବୋଲି ସେ କହିଥିଲେ। ଯୁବନେତା ଅଜୟ ବାଲିଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ମହିଳା ସମାବେଶରେ କଂଗ୍ରେସ ନେତ୍ରୀ ମିଳନୀ ସାହୁ ସଭାପତିତ୍ୱ କରିଥିଲେ । ସଭାରେ ଏଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର, ଜିଲା କଂଗ୍ରେସ ପ୍ରଚାର କମିଟି ଅଧକ୍ଷ ଅସୀମ ପଟ୍ଟନାୟକ, ନଗର ସଭାପତି ବୁଲୁ ଦାନି, ରେଣୁକା ମିଶ୍ର, ନମିତା ମିଶ୍ର, ମୀରା ବେହେରା, ଶୈଳଜା ବେହେରା, ପ୍ରତିଭା ପୁରୋହିତ, ପ୍ରଭାତି ପଣ୍ଡା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମଟିକୁ ରଞ୍ଜିତା ମିଶ୍ର, ମିନତୀ ନାଗ, ଯଶୋଦା ଉଦୁରକୁଲିଆ, ସୀତାରାଣୀ ସାହୁ, ନନ ପୁଟେଲ, ଟିଟୁ ରଣା, ସୁକାନ୍ତ ତରେଇ, ସଞ୍ଜୟ ମିଶ୍ର, ନିଶିକାନ୍ତ କୁମ୍ଭାର, ଅନ୍ତ ବେହେରା, ସନ୍ତୋଷ ବଛା ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।



ସମାବେଶରେ ଉପସ୍ଥିତ ମହିଳାଙ୍କୁ ବିଧାୟକ ନରସିଂହ ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

## ହରେକୃଷ୍ଣ ମହତାବ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଲୋଇସିଂହା,୧୮।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ହରେକୃଷ୍ଣ ମହତାବ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଗୁରୁବାର ଲୋଇସିଂହା ବାଳିକା ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ କରବୀ ଚାଟାର୍ଜି ଏବଂ ମନହୀରା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ନମିତା ମହାକୁର ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ସ୍କୁଲ ଖେଳପଡିଆରେ ଦୁଇଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ୧ଶହ ମିଟର, ୨ ଶହ ମିଟର, ୪ ଶହ ମିଟର ଓ ୮ ଶହ ମିଟର ଦୌଡ, ସଟଫୁଟ, ଡିସ୍‌କସ୍ ଥ୍ରୋ, ଜେଭଲାଇନ ଥ୍ରୋ, ମ୍ୟୁଜିକ ଚେୟାର ଓ ସ୍ଲୋ ସାଇକେଲ ରେସ ଏପରି ୯ଟି ବିଭାଗରେ ୧ ଶହ ଛାତ୍ର ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷୟିତ୍ରୀ ମେହେର ବାନୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ସ୍କୁଲ ପରିଚାଳନା ସମିତି ସଭାପତି ନୟୁ ଖାନ ଅତିଥିଭାବେ ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗିତାର ଚାମ୍ପିୟନ ଛାତ୍ର ଧୀରୋଜ କୁମାର ବିଶି ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବେଷ୍ଟ ଛାତ୍ର ସଲୋମନ ରଣା, ବେଷ୍ଟ ଭଲେଣ୍ଟିଅର ଭାବେ ହେମନ୍ତ ପୁଟା ଓ ଦୟାସାଗର ବାଗଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ଶର୍ମିଷ୍ଠା ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଓ ସଭାକୁ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥି, ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ସାମାଜିକ ସମୀକ୍ଷା

**ଟିକ୍ରାପଡା, ୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳା ବ୍ଲକ କୁମ୍ଭାରୀ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ସମ୍ପର୍କିତ ଏକ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମନୋଜ କଠାର ସଭାରେ ଅଧକ୍ଷତା କରିଥିଲେ। ସ୍ପେଡ ସଙ୍ଗଠନ ଦ୍ୱାରା କରାଯାଇଥିବା ସାମାଜିକ ସମୀକ୍ଷାର ଫଳାଫଳ ଉପରେ ଅଲୋଚନା କରାଯାଇଥିଲା । ସମନ୍ୱିତ ଶିଶୁ ବିକାଶ ସେବା, ମମତା ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା ତଥା ଅନ୍ୟାନ୍ୟ ସରକାରୀ ଯୋଜନା ସମ୍ବନ୍ଧରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ପେଡର ଜିଲା ସଂଯୋଜକ ଫକିର ଚରଣ ରାଉତ, ନାରାୟଣ ଚନ୍ଦ୍ର ଜେନା, ନାଏବ ସରପଞ୍ଚ କୁନି ହୋତା, ସମିତି ସଭ୍ୟା ସନ୍ତୋଷିନୀ ବେହେରା, ସିଆରସିସି ଦୋଳଗୋବିନ୍ଦ ନାୟକ, ଆଇସିଡିଏସ ସୁପରଭାଇଜର ସୁମତି ବିଶି, ମହିଳା ସ୍ୱାସ୍ଥ୍ୟକର୍ମୀ ମୁକ୍ତା ରାଉତ ବକ୍ତବ୍ୟ ପ୍ରଦାନ କରିଥିଲେ। ଲୋକ ସହାୟତା ସୂଚନା କେନ୍ଦ୍ର ମାଧ୍ୟମରେ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇ ଏହାର ସମାଧାନ ସକାଶେ ନିଷ୍ପତ୍ତି ନିଆଯାଇଥିଲା। ଉପରୋକ୍ତ ଯୋଜନାଗୁଡ଼ିକର ହିତାଧିକାରୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥିତ ଅଧିକାରୀଙ୍କୁ ଜଣାଇ ଶୀଘ୍ର ସମାଧାନ କରାଯିବ ବୋଲି ସରପଞ୍ଚ ପ୍ରକାଶ କରିଥିଲେ।

ନୂଆଁପାଲି ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

## କଂସଙ୍କ ନଗର ପରିଭ୍ରମଣ, ନନ୍ଦ ଉତ୍ସବ



ଧନୁଯାତ୍ରାର ତୃତୀୟ ଦିବସରେ କଂସ ମହାରାଜା ପାତ୍ରମନ୍ତ୍ରୀଙ୍କ ସହ ଦେଓଗାଁ ନଗର ପରିକ୍ରମା କରୁଛନ୍ତି ।

**ଦେଓଗାଁ,୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ଦିବସ। ଏହି ଦିବସରେ ମହାରାଜ କଂସ ନିଜ ପାତ୍ରମନ୍ତ୍ରୀଙ୍କ ସହ ସୁସଜ୍ଜିତ ରଥରେ ପଗର ପରିକ୍ରମା କର ସମସ୍ତ ପ୍ରଜାଙ୍କୁ ମଥୁରା ନଗରୀକୁ ଆମନ୍ତ୍ରଣ କରିଥିଲେ । ପରେ କମିଟି ସଭାପତି କୌସ୍ତୁଭମଣି ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ତୃତୀୟ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥିଭାବେ ପିସିସି ମୁଖପାତ୍ର ସମରେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ସନ୍ଧ୍ୟାରେ ଗୋପପୁରରେ ନନ୍ଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମହାରାଜ କଂସ ଗୋପପୁରରେ କୃଷ୍ଣ ବଢୁଥିବା ଖବରପାଇ ବିଚଳିତ ହୋଇ ଅଷ୍ଟମଲ୍ଲଙ୍କୁ ଆମନ୍ତ୍ରଣ ଓ ଗୋପପୁର ପ୍ରେରଣ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ

## ସାମିଲ ହେଲା ସୁର୍ଡା କୁଶଳେଶ୍ୱର ସଂକୀର୍ତ୍ତନ ମଣ୍ଡଳୀ

**ବଲାଙ୍ଗୀର ଅଫିସ, ୧୮।୧**

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନ ୪୬ ଦିନରେ ପହଞ୍ଚିଛି । ଏହି ଆନ୍ଦୋଳନ ଯୋଗୁଁ ଜିଲାପାଳ କାର୍ଯ୍ୟାଳୟ ବନ୍ଦ ରହିଛି । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଚାଲିଥିବା ଏହି ଆନ୍ଦୋଳନରେ ବଲାଙ୍ଗୀର ସହର ତଥା ଜିଲାର ଶତାଧିକ ସଂଗଠନ ସାମିଲ ହୋଇ ହାଇକୋର୍ଟ ବେଞ୍ଚ ଆନ୍ଦୋଳନକୁ ସମର୍ଥନ ଘୋଷଣା କରିବା ସହ ସରକାର ପଶ୍ଚିମ ଓଡିଶାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରନ୍ତୁ ବୋଲି ଦାବି କରିଆସୁଛନ୍ତି। ଶୁକ୍ରବାର ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସୁର୍ଡା ଗାଁର କୁଶଳେଶ୍ୱର ସଂକୀର୍ତ୍ତନ ମଣ୍ଡଳୀର ବହୁ ସଦସ୍ୟ ବଲାଙ୍ଗୀର ଆସି ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ହାଇକୋର୍ଟ ସ୍ଥାୟୀବେଞ୍ଚ ଆନ୍ଦୋଳନରେ ଯୋଗଦେଇଥିଲେ । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକ, ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ସଂକୀର୍ତ୍ତନ୍ୟ ମଣ୍ଡଳୀ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ । ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥି, ଅରିବିନ୍ଦାକ୍ଷ ପୂଜାରୀ, ରତନ ମହାରଣା, ଅଶୋକ କୁମାର ରାଉତ୍, ସ୍ୱର୍ଣ୍ଣଭୂଷଣ ସାହୁ, ଅସିତ୍ ଷଡଙ୍ଗୀ, ସତ୍ୟ ନାଏକ, ସୁରେଶ ପାଠୀ, ଦେବେନ୍ଦ୍ର ପାଣିଗ୍ରାହୀ, ଆହ୍ୱାନ କମିଟିର ସନ୍ତୋଷ ସାହୁ, ଗୋବିନ୍ଦ ଶତପଥି, ସୁର୍ଡା ସଂକୀର୍ତ୍ତନ୍ୟ ମଣ୍ଡଳୀ ଗୁରୁ କିଶୋର କୁମାର ମିଶ୍ର, ପ୍ରେମରାଜ କୁଅଁର, କରୁଣାକର ସରାଫ, ରଞ୍ଜିତ କୁମାର ପଟେଲ, କରୁଣାକର ରଣା, ଆଶୁତୋଷ ଥନାପତି, ଉମାଶଙ୍କର ସାହୁ, ମନସିଂ ପାତ୍ର, ମୁକ୍ତା କୁଦେଇ, ଗୁଲାପି ମହାଲିଙ୍ଗ, ଭଗବତୀ ନାଏକ, ଉର୍ମିଳା ନାଏକ ଧାରଣାରେ ବସି ଉଦ୍‌ବୋଧନ ଦେଇଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳନରେ ସାମିଲ ବ୍ୟକ୍ତିବିଶେଷ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୯ ଜାନୁୟାରୀ, ୨୦୧୯



ଧନ, ଜନ ଓ ଯୌବନର ଗର୍ବ କରନାହିଁ, କାରଣ କ୍ଷଣମାତ୍ରକେ କାଳ ଏହାକୁ ହରଣ କରି ନେଇଥାଏ।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ବିଜୁ ମହିଳା ଜନତା ଦଳର ନୂତନ କର୍ମକର୍ତ୍ତା ଚୟନ

ଭବାନୀପାଟଣା,୧୮।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ବିଜୁ ମହିଳା ଜନତା ଦଳର ସଙ୍ଗଠନକୁ ମଜଭୁଥ କରିବା ପାଇଁ ରାଜ୍ୟ ସଭାନେତ୍ରୀ ମିନତୀ ବେହେରା ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଜିଲା, ବ୍ଲକ ଓ ଏନଏସି ପାଇଁ ନୂତନ କର୍ମକର୍ତ୍ତା ଚୟନ କରିଛନ୍ତି। କଳାହାଣ୍ଡି ଜିଲା ବିଜୁ ମହିଳା ଜନତା ଦଳର ନୂତନ ଉପସଭାନେତ୍ରୀ ଭାବେ ଗୀତାଞ୍ଜଳି ଭୋଇ ଓ ଗୀତାଞ୍ଜଳି ଦାଶ, ଜିଲା ସମ୍ପାଦିକା ଭୁମିସୁତା ଜାନି, ଗୋଲାମୁଣ୍ଡା ବ୍ଲକ ସଭାନେତ୍ରୀ ଚେତନା ମାଝି, କର୍ଲାମୁଣ୍ଡା ବ୍ଲକ ସଭାନେତ୍ରୀ ଦିପା ବାଗ, ଭବାନୀପାଟଣା ନଗର ସଭାନେତ୍ରୀ ମିନାକ୍ଷୀ ଭରାସାଗର ଓ ଧର୍ମଗଡ ନଗର ସଭାନେତ୍ରୀ ଭାବେ ସୋନାଲି ଭୋଇ ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତା ଚୟନ ପରେ ଜିଲାରେ ବିଜୁ ମହିଳା ଜନତା ଦଳ ସକ୍ରିୟ ହୋଇ ସଙ୍ଗଠନକୁ ମଜଭୁଥ କରିବ ବୋଲି କଳାହାଣ୍ଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକ ପ୍ରକାଶ କରିଛନ୍ତି।



### ରାଜ୍ୟ କୃଷି ମହୋତ୍ସବରେ କଳାହାଣ୍ଡିର ଚାଷୀ ସମ୍ମାନିତ

ବେହେରା,୧୮।୧(ଡି.ଏନ.ଏ.)

ଭୁବନେଶ୍ୱରଠାରେ ଗତ ୧୫ ତାରିଖ ରାଜ୍ୟସ୍ତରୀୟ କୃଷି ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ସଫଳ ହୋଇଥିବା କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତ ଦଳସର୍ଗି ଗ୍ରାମର ଚାଷୀ ସତ୍ୟାନନ୍ଦ କାଣ୍ଡଙ୍କୁ ସମ୍ମାନିତ କରାଯାଇଛି। ଚାଷ କ୍ଷେତ୍ରରେ ଜଣେ ସଫଳ ଚାଷୀ ଭାବେ ତାଙ୍କୁ ମନୋନୀତ କରାଯାଇ ଟ୍ରଫି ସହ ସମ୍ମାନିତ କରାଯାଇଛି। ତାଙ୍କର ଏହି ସଫଳତା ପରେ ଦଣ୍ଡପାଟ ଅଞ୍ଚଳର ଚାଷୀଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି। ଚାଷୀମାନଙ୍କ ପାଇଁ ଏବେ ସେ ପ୍ରେରଣା ପାଲଟିଛନ୍ତି।

### ପାୱାର ଗ୍ରୀଡ୍ ପକ୍ଷରୁ ସୁଇପିଂ ମେଶିନ ପ୍ରଦାନ

ଭବାନୀପାଟଣା,୧୮।୧(ଡି.ଏନ.ଏ.)

ଭବାନୀପାଟଣା ସହରକୁ ସ୍ୱଚ୍ଛ ଓ ରାସ୍ତାଘାଟକୁ ସଫା କରିବା ପାଇଁ ପାୱାରଗ୍ରୀଡ୍ କରର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ ଭବାନୀପାଟଣା ପକ୍ଷରୁ ଭବାନୀପାଟଣା ପୌରସଂସ୍ଥାକୁ ଏକ ସୁଇପିଂ ମେଶିନ ସିଏସ୍‌ଆର ଯୋଜନାରେ ପ୍ରଦାନ କରାଯାଇଛି। ଏହି ମେଶିନକୁ ଭବାନୀପାଟଣା ବିଧାୟକ ଅନାମ ନାଏକ, ପୌରସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର ଓ ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ପାୱାରଗ୍ରିଡ ତରଫରୁ ଗ୍ରିଡର ଜେନେରାଲ ମ୍ୟାନେଜର ମାନସ ପାଲ, ଡେପୁଟି ଜେନେରାଲ ମ୍ୟାନେଜର ପର୍ଶୁରାମ ଭୋଇ, ଚିପ୍ ମ୍ୟାନେଜର କାର୍ତ୍ତିକ ଚନ୍ଦ୍ର ସୋଏ ଓ ଅନ୍ୟାନ୍ୟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଜୋଙ୍କ ପ୍ରକଳ୍ପରୁ ପାଣି ଛାଡ଼ିବା ଘଟଣା

# ତଳ ମୁଣ୍ଡ ଚାଷୀଙ୍କ ୧୨ ଘଣ୍ଟିଆ ବନ୍ଦ

ନୂଆପଡା ଅଫିସ,୧୮।୧

ସ୍ଥାନୀୟ ଜୋଙ୍କ ଜଳ ସେଚନ ପ୍ରକଳ୍ପରୁ ରବି ଚାଷ ସକାଶେ ପାଣି ଛାଡିବା ଘଟଣାକୁ ନେଇ ଦୀର୍ଘ ତିନି ସପ୍ତାହ ହେବ ଛକାପଞ୍ଝା ଚାଲିଥିବାବେଳେ ଦୁଇ ମୁଣ୍ଡ ଚାଷୀଙ୍କ ଆନ୍ଦୋଳନ ପରେ ମଧ୍ୟ ପ୍ରଶାସନ କୌଣସି ନିଷ୍ପତ୍ତି ନେଇପାରୁନାହିଁ। ଫଳରେ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ତଳ ମୁଣ୍ଡ ଚାଷୀମାନେ ସକାଳ ୬ଟାରୁ ସ୍ଥାନୀୟ ଗୋଡତର ଏବଂ ଡୁମେରପାଣି ରାସ୍ତାକୁ ଅବରୋଧ କରି ୧୨ ଘଣ୍ଟିଆ ବନ୍ଦ ପାଳନ କରିଥିଲେ । ଚାଷୀମାନଙ୍କ ଗୋଟିଏ ଦାବି ଥିଲା ଉପର ମୁଣ୍ଡ ଚାଷୀ ପାଣି ନ ଛାଡିଲେ ଆମେ ସେମାନଙ୍କୁ ରାସ୍ତା ଛାଡିବୁନାହିଁ ବୋଲି ଅଡି ବସିଛନ୍ତି । ଏହି ଅବରୋଧ ଚାଲୁ ରହିବାକୁ ଥିବାବେଳେ ଶନିବାର ଜାତୀୟ ରାଜପଥ ୩୫୩କୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଶୁକ୍ରବାର ସକାଳ ୬ଟାରୁ ନୂଆପଡା ସାରାବଙ୍ଗ ରାସ୍ତାକୁ ଗୋଡତର ଏବଂ ଡୁମେରପାଣି ଗାଁ ନିକଟରେ ଚାଷୀମାନେ ଅବରୋଧ କରିଥିଲେ।



ଗୋଡତର ଗାଁ ନିକଟରେ ଆନ୍ଦୋଳନକାରୀମାନେ ଅବରୋଧ କରିଛନ୍ତି ।

**ଆଜି ଜାତୀୟ ରାଜପଥ ଅବରୋଧ ଚେତାବନୀ**

ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶତାଧିକ ସଂଖ୍ୟାରେ ଚାଷୀମାନେ ଅବରୋଧ କରି ବସିଥିଲେ । ଏହି ରାସ୍ତା ଦେଇ ଉପର ମୁଣ୍ଡର ଚାଷୀମାନଙ୍କୁ ନୂଆପଡା ରାସ୍ତାକୁ ଛାଡିବେ ନାହିଁ ବୋଲି ଜିଦ କରିଥିଲେ । ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ହେଁ ଆନ୍ଦୋଳନକାରୀମାନେ ଛାଡି ନ ଥିଲେ। ଗୋଡତରଠାରେ ଚଗଲୁ ମିଶ୍ର ନେତୃତ୍ୱ ନେଇଥିବାବେଳେ ଡୁମେରପାଣି ଗାଁରେ ଲାଲାରାମ ସାହୁ ନେତୃତ୍ୱ ନେଇଥିବା ଦେଖାଯାଇଥିଲା । ତେବେ ଶନିବାର ଜାତୀୟ ରାଜପଥ ୩୫୩କୁ ଗୌତମା ଛକ ନିକଟରେ ଅବରୋଧ କରାଯିବ । ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ରାସ୍ତା ବନ୍ଦ ରହିବ ବୋଲି ଏପେକ୍ସ କମିଟି ସଭାପତି ରାଜେଶ କୁମାର ନିଗମ କହିଛନ୍ତି । ସୂଚନାଯୋଗ୍ୟ ଯେ, ଉପର ମୁଣ୍ଡର ଚାଷୀମାନେ ଗତ ମାସ ୨୫ ତାରିଖଠାରୁ ଜିରୋହ୍ୟାଡ ଚାଷୀଙ୍କୁ ପାଣି ଦେବାକୁ ଦାବିରେ ଧାରଣା ଦେଇଥିବାବେଳେ ଏପଟେ ତଳ ମୁଣ୍ଡ ବାରମ୍ବାର ପାଣି ଦେବାକୁ ଆନ୍ଦୋଳନ କରିଆସୁଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନ କୌଣସି ପ୍ରକାର ନିଷ୍ପତ୍ତି ନେଇପାରୁ ନ ଥିବାରୁ ସ୍ଥିତି ସଙ୍ଗୀନ ହେବାରେ ଲାଗିଛି ।

## କଳାହାଣ୍ଡି ଉତ୍ସବ ଘୁମୁରାରେ ଜୁନାଗଡ଼କୁ ପ୍ରଥମ ସ୍ଥାନ

ଭବାନୀପାଟଣା,୧୮।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଗତ ୧୪ତାରିଖଠୁ ଚାଲିଥିବା ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଗୁରୁବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ଦିବସରେ କଳାହାଣ୍ଡି ଜିଲାର ସମସ୍ତ ବ୍ଲକ ମଧ୍ୟରୁ ଜୁନାଗଡଠାରେ ହୋଇଥିବା ବ୍ଲକସ୍ତରୀୟ 'କଳାହାଣ୍ଡି ଉତ୍ସବ ଘୁମୁରା'କୁ ପ୍ରଥମ ସ୍ଥାନ ଭାବେ ମନୋନୀତ କରାଯାଇଥିଲା। ଏଥିରେ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ଡଃ ପରାଗ ହର୍ଷଦ ଗାଭାଲି, ଜିଲା ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ଷଡଙ୍ଗୀ, କଳାହାଣ୍ଡି ଉତ୍ସବ ବ୍ଲକ ସବ୍‌କମିଟି ଅଧକ୍ଷ ପ୍ରଦୀପ ସାହୁ, ସଦସ୍ୟ ଅଶେଶ୍ୱର ବିହାର, ଅବିନାଶ ଠାକୁର, ସଚିତାନନ୍ଦ ମହାକୁଡ ପ୍ରମୁଖ ଜୁନାଗଡ ବ୍ଲକକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ଏହି ପୁରସ୍କାରକୁ ଜୁନାଗଡ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଉପେନ୍ଦ୍ର ଲୁହା, ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଅଶୋକ ପଟ୍ଟନାୟକ ପ୍ରମୁଖ ଗ୍ରହଣ କରିଥିଲେ। ପ୍ରକାଶ ଯେ, ଗତ ବର୍ଷ ମଧ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରାରେ ଜୁନାଗଡ ପ୍ରଥମ ସ୍ଥାନ ହୋଇଥିଲା।



ଜୁନାଗଡ ବ୍ଲକକୁ ପ୍ରଥମ ସ୍ଥାନ ଭାବେ ପୁରସ୍କୃତ କରାଯାଉଛି ।

ରାତି ପାହିଲେ ଟୋକିମରା ପର୍ବ

## ବ୍ୟାଙ୍କ ସେବା ଅଚଳ, ଲୋକେ ହଇରାଣ

ଭବାନୀପାଟଣା,୧୮।୧(ଡି.ଏନ.ଏ.)

**ଥୁଆମୂଳ ରାମପୁର**

ରାତି ପାହିଲେ ପାଳିତ ହେବ ଆଦିବାସୀ ପରମ୍ପରା ଟୋକିମରା ପର୍ବ । ଏଥିପାଇଁ ଏବେ ସମଗ୍ର ଆଦିବାସୀ ଅଞ୍ଚଳ ଉତ୍ସବ ମୁଖର। ପ୍ରତ୍ୟେକ ଆଦିବାସୀଙ୍କ ଘର ସାଜସଜ୍ଜା ଆରମ୍ଭ ହୋଇଯାଇଛି। ବାହାରେ ଥିବା ଲୋକ ଏବେ ଘରକୁ ଫେରୁଛନ୍ତି। ପରିବାରର ସମସ୍ତଙ୍କ ପାଇଁ ନୂଆ ପୋଷାକ, ଶାଢି, ଚୁଡି କିଣା ଚାଲିଛି। କିନ୍ତୁ ଆଦିବାସୀଙ୍କ ଏଭଳି ଉତ୍ସବ ସମୟରେ ବ୍ୟାଙ୍କକୁ ଟଙ୍କା ନେବା ପାଇଁ ଆସି ଆଦିବାସୀମାନେ ନିରାଶ ହୋଇ ଫେରୁଛନ୍ତି । ଫଳରେ ଆଦିବାସୀମାନଙ୍କ ଏହି ମହାନ ପର୍ବ ଥୁ. ରାମପୁର ଭଳି ଆଦିବାସୀ ଅଧ୍ୟୁଷିତ ଇଲାକାରେ ଫିକା ପଡିବାକୁ ଯାଉଛି । ଗତ ସପ୍ତାହରେ ଧର୍ମଘଟ କାରଣରୁ ଲଗାତାର ଭାବେ ୩ ଦିନ ଧରି ବ୍ୟାଙ୍କ ସେବା ଅଚଳ ହେଇଥିଲା। ପରବର୍ତ୍ତି ସମୟରେ ବ୍ୟାଙ୍କ ଖୋଲାଯାଇଥିଲେ ମଧ ବ୍ୟାଙ୍କରେ ଟଙ୍କା ଅଭାବ ଦେଖାଦେଇଥିଲା। ଏଭଳି ସ୍ଥିତିରେ ଗତ ବୁଧବାର ବ୍ୟାଙ୍କକୁ ସଂଯୋଗ ହେଇଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଏକ ମାଙ୍କଡ ପଡିଯିବାରୁ ବିଦ୍ୟୁତ୍ ବିଭ୍ରାଟ ଘଟି ଦୀର୍ଘ ସମୟ ଧରି ବ୍ୟାଙ୍କ ସେବା ଅଚଳ ହେଇପଡିଥିଲା। ଫଳରେ ବ୍ୟାଙ୍କକୁ ଟଙ୍କା ଉଠାଣ ପାଇଁ ଆସୁଥିବା ହିତାଧିକାରୀ ଦୀର୍ଘ ସମୟ ଧରି ଅପେକ୍ଷା କରି କରି ନିରାଶ ହେଇ ଫେରିଥିଲେ। ସୂଚନା ଯୋଗ୍ୟ ଯେ, ଥୁ. ରାମପୁର ଠାରେ ଏକମାତ୍ର ଜାତୀୟ ବ୍ୟାଙ୍କ ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ରହିଛି। ଯେଉଁଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଅର୍ଥ ଜମା ରହୁଛି। ଗ୍ରାହକ ମଧ ଏହି ବ୍ୟାଙ୍କର ଶାଖାରେ ନିଜ ଆକାଉଣ୍ଟ ଖୋଲିଛନ୍ତି। ଯେଉଁଥିରେ ସରକାରଙ୍କ ବିଭିନ୍ନ ଯୋଜନାର ଅର୍ଥ ଉଠାଣ କରୁଛନ୍ତି ଗ୍ରାହକ। ଏହାସହ ରାଜ୍ୟ ବାହାରକୁ ଦାଦନ ଖଟିଯାଇଥିବା ଶ୍ରମିକ ମଧ ନିଜ ପରିବାର ପାଇଁ ଏହି ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା କରି ଆସୁଛନ୍ତି। ଏ ନେଇ ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦ୍ରଶେଖର ସାହୁଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ବ୍ୟାଙ୍କରେ ୫୦ ଲକ୍ଷ ସୀମା ଭିତରେ କାରବାର କରାଯିବା ଧାର୍ଯ୍ୟ ରହିଛି। କିନ୍ତୁ ଗ୍ରାହକ ଅଧିକ ଟଙ୍କା ଉଠାଣ କରୁଛନ୍ତି। ଏଣୁ ଅଧିକ ଟଙ୍କା ଯୋଗାଇବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକାର୍ଷଣ କରାଯାଇଛି। ଏ ନେଇ ଆଞ୍ଚଳିକ ପ୍ରବନ୍ଧ ରବିନ୍ଦ୍ର କୁମାର ସେନାପତିଙ୍କ ସହିତ ଯୋଗାଯୋଗ କରାଯାଇଥିଲା। କେବଳ ଥୁଆମୂଳ ରାମପୁର ନୁହେଁ ସମଗ୍ର କଳାହାଣ୍ଡି ଜିଲାର ବ୍ୟାଙ୍କ ସମୂହରେ ଏଭଳି ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ଧାନ ଅମଳ ସମୟ ଓ କୃଷକ ସେମାନଙ୍କ ଧାନ ବିକ୍ରି ପ୍ରାପ୍ୟ ଉଠାଣ କରୁଛନ୍ତି। ଏହାସହ ଧର୍ମଗଡ ଅଞ୍ଚଳର ବିଭିନ୍ନ ଏଟିଏମରୁ ଛତିଶଗଡ ଲୋକ ଟଙ୍କା ଉଠାଣ କରୁଛନ୍ତି। ଯେଉଁଥି ପାଇଁ ଅଧିକ ପରିମାଣରେ ଟଙ୍କା ଯୋଗାଇବା ସମ୍ଭବ ହେଉନାହିଁ ବୋଲି କହିଛନ୍ତି।

## କେଗାଁରେ ସିଆର୍‌ପିଏଫ୍‌ର ଜନସମ୍ପର୍କ ଶିବିର

ଭବାନୀପାଟଣା,୧୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କେଗାଁରେ ସିଆରପିଏଫ୍ ୬୪ ବାଟାଲିୟନ ପକ୍ଷରୁ ଜନସମ୍ପର୍କ ଶିବିରି ଅନୁଷ୍ଠିତ ହୋଇଛି। ଶିବିରରେ ବାଟାଲିୟନର କମାଣ୍ଡଣ୍ଟ ଏନ୍‌ଏନ୍ ପାଣ୍ଡେ ଅଞ୍ଚଳର ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ଶାଢି, କପଡା ବଣ୍ଟନ କରିଥିଲେ। ସ୍କୁଲର ଛାତ୍ରୀଛାତ୍ରଙ୍କୁ ଖେଳ ସାମଗ୍ରୀ ବିତରଣ କରିଥିଲେ। କାର୍ଯ୍ୟକ୍ରମକୁ ଦ୍ୱିତୀୟ କମାଣ୍ଡ ଅଧିକାରୀ ସୁରେଶ କୁମାର ପରିଚାଳନା କରିଥିବା ବେଳେ ଚପ୍ରିଆ ମେଡିକାଲ ଅଫିସର ବିଶ୍ୱ ପ୍ରକାଶ ଷଡଙ୍ଗୀ, କେଗାଁ ଥାନା ଆଇଆଇସି ଗୋବିନ୍ଦ ମାଝି, ସରପଞ୍ଚ ଦେବକୀ ଭୋଇ, ନୂଆଗାଁ ସରପଞ୍ଚ ଶ୍ୟାମସୁନ୍ଦର ଛାତ୍ରିଆ, ସିନାପାଲି ସରପଞ୍ଚ ଦେବନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଇନ୍ସପେକ୍ଟର କେସି ନାଏକଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳା ପୁରୁଷ, ବୃଦ୍ଧାବୃଦ୍ଧ, ଯୁବକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ଯୋଗଦେଇଥିବା କାମାଣ୍ଡେଣ୍ଟ ପଣ୍ଡା ଲୋକଙ୍କୁ ସୁରକ୍ଷା ସହିତ ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ମଧ ସିଆରପିଏଫ୍ ଅଧିକାରୀମାନେ ଯତ୍ନବାନ ବୋଲି କହିଥିଲେ।

## କଳାହାଣ୍ଡି ଜିଲା ଭେଟେରାନ ଫୁଟବଲ ଖେଳାଳିଙ୍କ ବନ୍ଧୁମିଳନ




ଜିଲା ଭେଟେରାନ୍ ଫୁଟବଲ ଖେଳାଳିଙ୍କ ବନ୍ଧୁମିଳନରେ ଉପସ୍ଥିତ ଅତିଥି ।

ଭବାନୀପାଟଣା,୧୮।୧(ଡି.ଏନ.ଏ.)

ସ୍ଥାନୀୟ ଚକ୍ରଧରନଗରସ୍ଥ ଶାସ୍ତ୍ରୀଜୀ ଶିକ୍ଷା ନିକେତନ ପରିସରରେ ବି.ବି.ସି କ୍ଲବ ଦ୍ୱାରା ଆୟୋଜିତ କଳାହାଣ୍ଡି ଜିଲାର ଭେଟେରାନ୍ ଫୁଟବଲ ଖେଳାଳିଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ମନ୍ତ୍ରୀ ତଥା ଫୁଟବଲ ପ୍ରେମୀ ରାସ ବିହାରୀ ବେହେରା ଅଧକ୍ଷତା କରିଥିବାବେଳେ ଶିକ୍ଷାବିତ ଚନ୍ଦ୍ରଶେଖର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ଭୂପିନ୍ଦର ସିଂ ମୁଖ୍ୟଅତିଥି, ରାଜ୍ୟ କ୍ରୀଡା ସଂଘ ସଭାପତି ଜଗମୋହନ ପଟ୍ଟନାୟକ, କ୍ରୀଡାବିତ ବଦ୍ରିନାରାୟଣ ମହାପାତ୍ର ଓ ବୈଦ୍ୟନାଥ ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶତାଧିକ ଫୁଟବଲ ଖେଳାଳିଙ୍କ ମଧ୍ୟରେ ଭାବରେ ଆଦାନପ୍ରଦାନ କରିବା ସହ ଅତିତର ଫୁଟବଲ ଖେଳ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ଛାତ୍ରୀଛାତ୍ରମାନେ ଏକ ଚିତ୍ତାକର୍ଷକ ଶାରୀରିକ ବ୍ୟାୟାମ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ସିଂ ତାଙ୍କ ଛାତ୍ର ଜୀବନର ଫୁଟବଲ ଖେଳର ସ୍ମୃତିଚାରଣ କରିବା ସହ ଗୁରୁଜନମାନଙ୍କ ଆର୍ଶିବାଦ ତାଙ୍କୁ ଏତେ ଦୂର ନେଇଥିବା କହିଥିଲେ। ଲକ୍ଷ୍ମଣ ଆଚାରୀ, ମୋହନଲାଲ ଶର୍ମା ଓ ବଦ୍ରିନାରାୟଣ ମହାପାତ୍ର କ୍ରୀଡାବିତମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଳାହାଣ୍ଡି ଜିଲାର ଦୂରଦୂରାନ୍ତରୁ ବୟସ୍କ ଫୁଟବଲ ଖେଳାଳିମାନେ ଯୋଗଦେଇଥିଲେ। ସଙ୍ଗଠକ କିଶୋର ରାଉତ ପରିଚାଳନା କରିଥିବା ବେଳେ ଜଳେଶ୍ୱର ଗଉଡ ଧନ୍ୟବାଦ ଅର୍ପଣ କରିଥିଲେ।

## ଶାଗବାହାଲ ଗ୍ରାମରେ ୫ ଦୋକାନରୁ ଚୋରି

ବାଲିଶଙ୍କରା, ୧୮।୧ (ଡି.ଏନ.ଏ)

ତଳସରା ଥାନା ଅନ୍ତର୍ଗତ ଶାଗବାହାଲ ଗ୍ରାମରେ ଗତ ବିଳମ୍ବିତ ରାତିରେ ଶୋଭାଚନ୍ଦ୍ର ସାହୁଙ୍କ ଘରେ ପଶି ଟଙ୍କା ଚୋରି ହୋଇଛି। ପ୍ରମୋଦ ପ୍ରଧାନ, ହୀରାଲାଲ କୁଜୁର, ପବିତ୍ର ତନ୍ତି, ମନୋଜ ପ୍ରଧାନଙ୍କ ଦୋକାନ ଗୃହ ତାଲା ଭାଙ୍ଗି ଦୋକାନରୁ ମୋବାଇଲ, ମଟର ସାଇକେଲ ସାମଗ୍ରୀ, ଏହିପରି ବିଭିନ୍ନ ଜିନିଷ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିବା ବେଳେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି । ସେହିପରି ଦେଢ଼ ମାସ ପୂର୍ବେ ଶଙ୍କରାବାହାଲ ଗ୍ରାମରୁ ଘରେ ପଶି ବନ୍ଧୁକ ଦେଖାଇ ଘରେ ସଞ୍ଚୟ କରି ରଖିଥିବା ଟଙ୍କା ପଇସା ନେଇଯାଇଥିଲେ। ଥାନାରେ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ କୌଣସି ସୁରାକ ପାଇ ନ ଥିବା ନେଇ ପୋଲିସ କାର୍ଯ୍ୟକଳାପକୁ ନେଇ ଅଞ୍ଚଳରେ ପୋଲିସ ଉପରେ ଜନସାଧାରଣଙ୍କ ଆସ୍ଥା ତୁଟୁଛି। ଏହି ଉପାନ୍ତ ସୀମାନ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଓ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

୧୬ତମ କେସିଏସ୍‌ଏ କପ୍ କ୍ରିକେଟ ଟୁର୍ନାମେଣ୍ଟ

## ଟାଉନ ଇଲେଭେନ୍ ଭୁବନେଶ୍ୱର ଫାଇନାଲରେ

ଖଡିଆଳ,୧୮।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ୧୬ତମ କେସିଏସଏ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ୱାଇଏମସି ନୂଆପଡାକୁ ୯୫ ରନରେ ହରାଇ ଟାଉନ ଇଲେଭେନ ଭୁବନେଶ୍ୱର ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି । ଶନିବାର ପ୍ରଥମ ସେମିଫାଇନାଲ ଦଳର ବିଜେତା ପାଟଣାଗଡ ସହ ମୁକାବିଲା ହେବ । ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ଭୁବନେଶ୍ୱର ଦଳ ଟସ ଜିଣି ନିର୍ଦ୍ଧାରିତ ୨୦ ଓଭରରେ ଦଳର କ୍ୟାପଟେନ ଦୀପକ ମାଝିଙ୍କ ୬୯ ରନ ଏବଂ ବିକାଶଙ୍କ ୪୬ ରନ ସହାୟତାରେ ୯ ଉଇକେଟ ହରାଇ ୨୧୩ ରନର ଏକ ବିଶାଳ ସ୍କୋର କରିଥିଲା । ଏହାର ଜବାବରେ ନୂଆପଡା ଦଳ ପଡିଆକୁ ଭୁବନେଶ୍ୱର ଦଳର ଘାତକ ବୋଲିଂ ଏବଂ ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ବସିଥିବା ବେଳେ ଅନ୍ୟ ପଟେ ଦଳର ବ୍ୟାଟ୍ସ ମ୍ୟାନ ରିଙ୍କୁ ଶବରଙ୍କ ଲଢୁଆ ଅପରାଜିତ ୬୦ ରନ ସହାୟତାରେ ୨୦ ଓଭରରେ ୯ ଉଇକେଟ ହରାଇ ୧୪୮ ରନ କରିବାରେ ସକ୍ଷମ ହୋଇଥିଲା । ସେମିଫାଇନାଲରେ ମ୍ୟାଚରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଏକ୍ସପର୍ଟ ମେମ୍ବର ଲମ୍ବୋଧର ନିଆଲ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠିତ ସମାରୋହରେ ଆସୋସିଏଶନ୍ ସମ୍ପାଦକ ସନ୍ତୁ ପଟ୍ଟନାୟକ, କପିଳ ସାଗର, ମନୋଜ ଦୀପ ପ୍ରମୁଖ ଉପସ୍ଥିତ ରହି ଭୁବନେଶ୍ୱର ଦଳର ଦୀପକ ମାଝିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚରେ ବିବେଚିତ କରି ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ଓସିଏର ପ୍ୟାନେଲ ଅମ୍ପାୟାର ପ୍ରତାପ ପାତ୍ର ଓ ଚୁଡାମଣି ପାଢ଼ୀ ଖେଳ ପରିଚାଳନା କରିଥିଲେ ।



ଭୁବନେଶ୍ୱର ଦଳର ଦୀପକ ମାଝିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଉଛି ।

କଲମପୁରରେ ପାଣି ପଞ୍ଚାୟତ ପକ୍ଷ ପାଳିତ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିପତ୍ର

କଲମପୁର,୧୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ଉପର ଇନ୍ଦ୍ରାବତୀ ଦକ୍ଷିଣ କେନାଲ ଉପଖଣ୍ଡ ୨ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦକ୍ଷିଣ କେନାଲ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି । ପ୍ରଥମେ ପାଣି ପଞ୍ଚାୟତ ରଥକୁ ମୁଖ୍ୟ ଫାଟକ ନିକଟରେ ସ୍ୱାଗତ କରାଯାଇଥିଲା । ସମାରୋହରେ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଦକ୍ଷିଣ କେନାଲ ବିଭାଜନ ୧ର ନିର୍ବାହୀ ଯନ୍ତ୍ରୀ ରାଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ଅତିରିକ୍ତ ତହସିଲଦାର ଆଦିତ୍ୟ ପ୍ରଶାଦ ମିଶ୍ର, ଦିପ୍ତୀ ରଞ୍ଜନ ପ୍ରହାରାଜ, ସେକସନ ଅଫିସର ରାଜେନ୍ଦ୍ର କୁଲଦୀପ, ନିର୍ବାହୀ ଯନ୍ତ୍ରୀ ଜୁନାଗଡ ଗୋବର୍ଦ୍ଧନ ନାଏକ, ଇଂରାଜୀ ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପାଣି ପଞ୍ଚାୟତର ଭୂମିକା, ଜଳ ସମ୍ପଦର ସୁବିନିଯୋଗ, ଜଳ ସେଚନ ପ୍ରଣାଳୀର ଉପଯୁକ୍ତ ରକ୍ଷଣା ବେକ୍ଷଣ, ପରିବେଶ ସନ୍ତୁଳନ ଏବଂ ସୁରକ୍ଷା, କୃଷି ଉତ୍ପାଦନ ବୃଦ୍ଧି, କୃଷକମାନଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିର ଉନ୍ନତି ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ । ବିଭିନ୍ନ ପାଣି ପଞ୍ଚାୟତ କର୍ମକର୍ତ୍ତାମାନେ ଦକ୍ଷିଣ ମୁଖ୍ୟ କେନାଲ, ଶାଖା କେନାଲଗୁଡିକୁ ଦୀର୍ଘ ଦିନରୁ ମରାମତି କରାଯାଉ ନ ଥିବାରୁ କେନାଲ ତଳ ମୁଣ୍ଡକୁ ପାଣି ପହଞ୍ଚି ପାରୁ ନ ଥିବା ଅଭିଯୋଗ କରିଥିଲେ। ଏହି ଅବସରରେ ଦିପ୍ତୀ ରଞ୍ଜନ ପ୍ରହରାଜଙ୍କ ନେତୃତ୍ୱରେ ପାଣି ପଞ୍ଚାୟତ କର୍ମକର୍ତ୍ତାମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଚିତ୍ତରଞ୍ଜନ ଦଳପତି ମଞ୍ଚ ସଂଯୋଜନା କରିଥିଲେ। ପ୍ରତାପ ଚନ୍ଦ୍ର ବେହେରା, ଚୈତନ ବାକ୍ସେ ଏବଂ ଅନ୍ୟ ମର୍କଚାରୀମାନେ ସହଯୋଗ କରିଥିଲେ । ସହାକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ନେଲସନ ତାଡିଙ୍ଗି ଧନ୍ୟବାଦ ଅର୍ପଣ କରିଥିଲେ ।




ପାଣି ପଞ୍ଚାୟତ ପକ୍ଷ ପାଳନ ସମାରୋହରେ ମଞ୍ଚାସୀନ ଅତିଥି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା’ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ଷଷ୍ଠଦିନରେ ପୁଷ୍ୟାଭିଷେକ ମହୋତ୍ସବ

**ଗୁଡ଼ଭେଲା,୧୮।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ନୂଆଁପଡା ଗ୍ରାମ ରାମଜୀ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ୧୦ତମ ପୁଷ୍ୟାଭିଷେକ ମହୋତ୍ସବ ଶୁକ୍ରବାର ଷଷ୍ଠ ଦିନରେ ପହଞ୍ଚିଛି। ପ୍ରତ୍ୟେକ ଦିନ ରାମାୟଣ ପାରାୟଣ ଓ ଶ୍ରୀରାମ କଥା ଅନୁଷ୍ଠିତ ହେଉଛି। ପୁରୀରୁ ଆସିଥିବା କସ୍ତୁରୀ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରବଚକ ଭାବେ ଯୋଗଦେଇ ଲୋକଙ୍କୁ ଧର୍ମ ଓ ଆଧ୍ୟାତ୍ମିକତା ନେଇ ବିଭିନ୍ନ ଉଦାହରଣ ମାଧମରେ ବୁଝାଇଥିଲେ। ପୁରୁଷୋତ୍ତମ ପଣ୍ଡା ପୂଜା କାର୍ଯ୍ୟ ତୁଲାଉଛନ୍ତି। ସୁଶୀଲ କୁମାର ମେହେର କର୍ତ୍ତା ଭାବେ କାର୍ଯ୍ୟ ତୁଲାଉଛନ୍ତି। ଆସନ୍ତା ୨୧ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

### ୨୦ରୁ ସାଇଟ୍‌ରେ ଫୁଟବଲ ଟୁର୍ନାମେଣ୍ଟ

**ବଲାଙ୍ଗୀର ଅଫିସ, ୧୮।୧:** ବଲାଙ୍ଗୀର ସଦାଇପାଲିସ୍ଥିତ ପଲ୍ଲୀଶ୍ରୀ ଷ୍ଟାଡିୟମରେ ରବିବାରଠାରୁ ୫୨ତମ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଟୁର୍ନାମେଣ୍ଟ ଆୟୋଜକ ସଦାଇପାଲି ରାମଜୀ ଯୁବକ ସଂଘ ଓ ସୁଶ୍ରୀ ଇଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ ଏଡୁକେଶନ୍ (ସାଇଟ୍) ସ୍ପୋର୍ଟସ୍ ସୋସାଇଟି ସମ୍ପାଦକ ଇଂ ନାରାୟଣ ପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଫୁଟବଲ ଖେଳର ପ୍ରଚାର ପ୍ରସାର ପାଇଁ ଚଳିତବର୍ଷ ସିନିୟର ପୁରୁଷ ଓ ୧୯ ବର୍ଷରୁ କମ୍ ବାଳକ ମଧରେ ଦୁଇଟି ଟୁର୍ନାମେଣ୍ଟ କରାଯିବ। ସାଇଟ୍ ପ୍ରତିଷ୍ଠାତା ତଥା ଫାଓ ଓଡିଶା ଓ ବଲାଙ୍ଗୀର ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନରେ ଖେଳଗୁଡିକ ଆୟୋଜନ କରାଯିବ। ସାଙ୍ଗଠନିକ ସମ୍ପାଦକ ଡା. ସିଦ୍ଧେଶ୍ୱର ମିଶ୍ର, ଆବାହକ ଶଶୀଶେଖର ପଣ୍ଡା, କୋଚ୍ ସୌମେନ୍ଦ୍ର ପରିଚ୍ଛା, କୋଷାଧକ୍ଷ ଆଦିତ୍ୟ ପଟ୍ଟନାୟକ ଓ ସଂଯୋଜକ ସୁଧାଂଶୁ ସେଠ୍‌ଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ନିଶାରକାନ୍ତ ନାଗ ଓ ଈଶ୍ୱର ମଚ୍ଛଖଣ୍ଡଙ୍କୁ ପଡିଆ ପରିଚାଳନା ଦାୟିତ୍ୱ ଦିଆଯାଇଛି। ୨୦ ତାରିଖାରେ ସାଇଟ୍ ସଦାଇପାଲି ବନାମ ସହୀଦ ଜିମ୍ନାସିୟମ ଟିଟିଲାଗଡ, ୨୧ ତାରିଖ ବରପାଲି ଏନ୍‌ୱାଇଏସ୍ ବନାମ୍ ଇଲେଭେନ ଷ୍ଟାର ବଲାଙ୍ଗୀର ମଧରେ ଖେଳ ହେବ। ୨୨ତାରିଖରେ ଲୋଇସିଂହା ଏପିଜେ ବନାମ ଜରାସିଂହା ବିଏନ୍‌ଏଏ, ୨୩ରେ ବୋଡାସମ୍ବର ସ୍ପୋଟିଂ ପଦ୍ମପୁର ବନାମ ପାଟଣେଶ୍ୱରୀ ସ୍ପୋଟିଂ ପାଟଣାଗଡ ମଧରେ ଖେଳ ହେବ। ୨୪ ଓ ୨୫ ସେମି ଫାଇନାଲ ଏବଂ ୨୭ ତାରିଖ ଗ୍ରାଣ୍ଡ ଫାଇନାଲ ଖେଳ ଅନୁଷ୍ଠିତ ହେବ। ୧୯ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ୨୮ ତାରିଖ ଆଗଲପୁର ବନାମ କଅଗାଁ ଡିସିଏଫଏ, ୨୯ ତାରିଖ ଚୂଡାପାଲି ନବଜ୍ୟୋତି କ୍ଲବ ବନାମ ବରକାନି ଜିପିଏଫଏ, ୩୦ରେ କୁଶଙ୍ଗ ୱାଇଏଫଏ ବନାମ ଅମାମୁଣ୍ଡା, ୩୧ ତାରିଖ ବୁର୍ଦ୍ଦା ଏଫଏ ବନାମ ଖଲିଆପାଲି ଜେଏସ୍ ମଧରେ ଖେଳ ଅନୁଷ୍ଠିତ ହେବ। ୧ ଓ ୨ ତାରିଖରେ ସେମିଫାଇନାଲ ଓ ୩ ତାରିଖ ଗ୍ରାଣ୍ଡ ଫାଇନାଲ ଖେଳ ଆୟୋଜନ କରାଯିବ।

# ବାଇକ୍‌କୁ ଧକ୍କାଦେଇ ଓଲଟିଲା ତୀର୍ଥଯାତ୍ରୀ ବସ୍

## ବାଇକ୍ ଚାଳକ ମୃତ

**ପାଟଣାଗଡ, ୧୮।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ-ପଦ୍ମପୁର ରାସ୍ତାର ପାଟଣାଗଡ ଥାନା ଅନ୍ତର୍ଗତ ଝରନିପାନି ଗ୍ରାମ ନିକଟରେ ଶୁକ୍ରବାର ସକାଳ ପ୍ରାୟ ୮ଟାରେ ଏକ ବାଇକକୁ ଧକ୍କାଦେଇ ତୀର୍ଥଯାତ୍ରୀ ବସ୍ ଓଲଟି ପଡିଛି। ଦୁର୍ଘଟଣାରେ ବାଇକ ଆରୋହୀ ଚଙ୍ଗରିଆ ଗ୍ରାମର ଅମରି ବରିହା(୫୦)ଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ଭାରସାମ୍ୟ ହରାଇ ବସ୍ ଓଲଟି ପଡିବାରେ ଏଥିରେ ଯାତ୍ରୀମାନଙ୍କ ମଧ୍ୟରୁ ୧୬ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ପାଟଣାଗଡ ପୋଲିସ, ଆମ୍ବୁଲାନ୍ସ ଏବଂ ଦମକଳ



ବାଇକକୁ ଧକ୍କା ଦେଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିବା ବସ୍।

ବାହିନୀ ସହାୟତାରେ ସ୍ଥାନୀୟ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଛତିଶଗଡ ଦୁର୍ଗ ଜିଲାର ଭିଲାଇ, ରାବେଲି, ବେନ୍ଦେର ଏବଂ ଆମେରି ଗ୍ରାମର ପ୍ରାୟ ୬୫ଜଣ ଯାତ୍ରୀ ଉକ୍ତ ବସ୍‌ରେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ନୃସିଂହନାଥ ଯାଉଥିଲେ। ଝରଣିପାନି ଗ୍ରାମ ନିକଟରେ ସାମନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ପାଟଣାଗଡ ଅତିରିକ୍ତ ଜିଲାପାଳ ପଦ୍ମନାଭ ପୁରୋହିତ, ଏନଏସି ନିର୍ବାହୀ ଅଧିକାରୀ ସୁକାନ୍ତ ବେଉରା, ଥାନା ଅଧିକାରୀ, ବାରିଣୀ ଦାସ, ସାମାଜିକ କର୍ମୀ କନ୍ଦର୍ପ ସୁଆର ପହଞ୍ଚି ତୀର୍ଥଯାତ୍ରୀମାନଙ୍କ ରହିବା ଏବଂ ଖାଇବା ବ୍ୟବସ୍ଥା କରିଥିଲେ। ଛତିଶଗଡ ପ୍ରଶାସନ ସହିତ ଯୋଗାଯୋଗ କରି ସେମାନଙ୍କୁ ସେଠାକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଏନେଇ ପାଟଣାଗଡ ଥାନାରେ ଏକ ମାମଲା(ନଂ.୧୯/୧୯)ରୁଜୁ ହୋଇଛି। ବାଇକ ଆରୋହୀଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଲାଗି କଳସ ଶୋଭାଯାତ୍ରା

**ବଙ୍ଗୋମୁଣ୍ଡା, ୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ସତ୍ୟ ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ଉପଲକ୍ଷେ ଶୁକ୍ରବାର କଳସ ଶୋଭାଯାତ୍ରା ଓ ବ୍ରହ୍ମଅଗ୍ନି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଠାଧିଶ ଅବଧୂତ କପିଳେନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ଚାରି ଦିନ ଧରି ଉକ୍ତ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଅବଧୂତ ଭଗବାନ ବାବା ଏବଂ ଆଶ୍ରମବାସୀଙ୍କ ସହ ଆଶାଲତା ଦାସ, ଶରତଚନ୍ଦ୍ର ସିଂ ଭୋଇ, ନିଲାଞ୍ଚଳ ଥନାପତି, ଚକ୍ରଧର ପାଣିଗ୍ରାହୀ, କିଶୋର ପୁଟେଲ, ଦୟା ପୁଟେଲ, ଅନୀଲ ଜୈନ, ହେମଲାଲ ରଣା, ରମେଶ ରଣା, ନିତ୍ୟା ବାଗ ପ୍ରମୁଖ ସହଯୋଗ କରୁଛନ୍ତି।

### ଉନ୍ନୀତ ବିଦ୍ୟାଳୟ କ୍ରୀଡ଼ା

## ଆରତୀ ବାଳିକା, ସିଦ୍ଧାନ୍ତ ବାଳକ ଚାମ୍ପିୟନ

**ଟିଟିଲାଗଡ, ୧୮।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସିହିନୀ ସରକାରୀ ଉନ୍ନିତ ବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଣ୍ଡା କ୍ରୀଡା ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ୧୦୦, ୨୦୦ ମିଟର ଦୌଡ, ଲମ୍ଫଡିଆଁ, ସଟଫୁଟ ଥ୍ରୋ, ଡିସକସ ଥ୍ରୋ, ପୁଚି ଖେଳରେ ଭାଗନେଇଥିଲେ। ବାଳିକା ବିଭାଗରେ ଆରତୀ ବାଗ ଓ ବାଳକ ବିଭାଗରେ ସିଦ୍ଧାନ୍ତ ଜାନୀ ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୀତବାସ ନାଏକ ଅଧକ୍ଷତା କରି କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଲିଙ୍ଗରାଜ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜନରେ ସିହିନୀ ଗ୍ରାମ ଯୁବକ ସଂଘ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଖେଳ ଶିକ୍ଷକ ରାଜେଶ ସ୍ୱାଇଁଙ୍କୁ ସହଯୋଗ କରିଥିଲେ।



ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କୃତ କୃତୀ ପ୍ରତିଯୋଗୀ।

### ବ୍ଲକସ୍ତରୀୟ ବିଜ୍ଞାନମେଳାର ସମୀକ୍ଷା ବୈଠକ

**ଦେଓଗାଁ, ୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକସ୍ତରୀୟ ବିଜ୍ଞାନ ମେଳାର ସମୀକ୍ଷା ବୈଠକ ଶୁକ୍ରବାର ଉପରଝର ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ କୁମାର ଷାଣ୍ଢଙ୍କ ଆବାହକତ୍ୱ ତଥା ଜରାସିଂହା ହାଇସ୍କୁଲର ପ୍ରଧାନ ଶିକ୍ଷକଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ, ସମ୍ମାନୀତ ଅତିଥି ଏବିଇଓ ଅଭିନ୍ନଚନ୍ଦ୍ର ନାଏକ, ମନୋହର ଉଟୀ ପ୍ରମୁଖ ଯୋଗଦେଇ ଚଳିତ ବର୍ଷରେ ବିଜ୍ଞାନମେଳାକୁ ଆକର୍ଷଣୀୟ କରିବାପାଇଁ ଗୁରୁତ୍ୱାରୋପ କରିଥିଲେ। ବୈଠକକୁ ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରା ସଂଯୋଜନା କରିଥିଲେ। କୁତୁର୍ଲା ସୁରଧନୁ ହାଇସ୍କୁଲରେ ୨୦୧୯ ବର୍ଷର ବିଜ୍ଞାନମେଳା ଆୟୋଜନ ପାଇଁ ପ୍ରଧାନ ଶିକ୍ଷକ ରତନ ମେହେରଙ୍କ ପରାମର୍ଶକ୍ରମେ ଗିରୀଶ ଚନ୍ଦ୍ର ପଣ୍ଡା ଓ ଦିଲିପ କୁମାର ମହାରଣା ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କଠାରୁ ବିଜ୍ଞାନ ପତାକା ଗ୍ରହଣ କରିଥିଲେ। ଏହି ଅବସରରେ ବ୍ଲକର ସମସ୍ତ ସିଆରସିସି, ବିଜ୍ଞାନ ଶିକ୍ଷକ ଉପସ୍ଥିତ ଥିଲେ।

### ■ ୫୨ତମ ମକର ମେଳା ଉଦ୍‌ଯାପିତ

## କୃଷିଜାତ ଦ୍ରବ୍ୟ ପ୍ରଦର୍ଶନ କଲେ ୨୨୭ ଚାଷୀ

**ଗୁଡ଼ଭେଲା,୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅର୍ନ୍ତଗତ ତେନ୍ତୁଲିଖୁଣ୍ଟି ଗ୍ରାମ ମକର ମେଳା ପଡ଼ିଆରେ ଗତ ଛଅ ଦିନ ଧରି ଚାଲିଥିବା ୫୨ତମ ଗ୍ରାମ ପଞ୍ଚାୟତସ୍ତରୀୟ ମକର ମେଳା ଗୁରୁବାର ରାତିରେ ଉଦଯାପିତ ହୋଇଯାଇଛି। କୃଷିଭିତ୍ତିକ ଉକ୍ତ ମେଳାରେ ଗୁଡଭେଲା ବ୍ଲକର ୨୨୭ଜଣ ଚାଷୀ ନିଜ ଜମିରେ ଚାଷ କରିଥିବା ଆଖୁ, ଧାନ, ପନିପରିବା. ଫୁଲ ଆଦି କୃଷିଜାତ ଦ୍ରବ୍ୟ ପ୍ରଦର୍ଶିତ କରିଥିଲେ। ଆୟୋଜକ କମିଟି ସଭାପତି ଆନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏପରି ମେଳା ମାଧ୍ୟମରେ କୃଷକ ନିଜ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ କରିବା ସହ ଅନ୍ୟ ଚାଷୀଙ୍କୁ କିଛି ନୂଆ ଶିଖାଇ ପାରିବ ବୋଲି ମତପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ, ସାମାଜିକ କର୍ମୀ ବେବୀ ଦୋରା, ସମିତି ସଭ୍ୟ ଅମ୍ରିତା ପ୍ରଧାନ, ମନୋଜ ଜୈନ ଓ ନାଏବ ସରପଞ୍ଚ ଲଳିତ ଝାଙ୍କର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ୧୦ଜଣ ଶ୍ରେଷ୍ଠ ଚାଷୀଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ସମ୍ମାନୀତ ଚାଷୀମାନେ ହେଲେ ଆଖୁ ଚାଷ ପାଇଁ ବୀର ରଣା, ଧାନ-ଗୋପୀ ମନହିରା, ସାରୁ-ଟିକେଚନ୍ଦ ରଣା, ଫୁଲକୋବି- ମଧୁସୂଦନ ରଣା, ବନ୍ଧାକୋବି- ଭଜମନ ବାଗ, ଲଙ୍କା-ନୀଳାମ୍ବର ରଣା, ପାତଲଘଣ୍ଟା-ସୁଧାଂଶୁ ରଣା, ବାଇଗଣ- ନୀଳଚକ୍ର ରଣା, ପିଆଜ- ଶୁଭକାନ୍ତ ରଣା ଓ ଅଦା ଚାଷ ପାଇଁ ଯଦୁମଣି ରଣା। ରାମପ୍ରସାଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଶ୍ରେଷ୍ଠ ଚାଷୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ଜାଳେଣି ନାହିଁ, ୩ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

**ଲୋଇସିଂହା,୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୩ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ ରହିଛି। ରୋଷେଇ ପାଇଁ ଆବଶ୍ୟକ ଜାଳେଣି କାଠ ଅଭାବ ଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଗତ ବୁଧବାରଠାରୁ ମଧ୍ୟାହ୍ନ ଭୋଜନ ରୋଷେଇ ହେଉ ନ ଥିବାରୁ ସ୍କୁଲରେ ଅଧ୍ୟୟନ କରୁଥିବା ୮୯ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବଦଳରେ ୫ଟଙ୍କିଆ ବିସ୍କୁଟ ପ୍ୟାକେଟ ଦିଆଯାଉଛି। ଶୁକ୍ରବାର ଖାଇବା ଛୁଟି ପରେ ଛାତ୍ରୀଛାତ୍ରମାନେ ବିସ୍କୁଟ ଧରି ଘରକୁ ଖାଇବାକୁ ଯାଉଥିବା ଦେଖିବାକୁ ମିଳିଥିଲା। ମଧ୍ୟାହ୍ନଭୋଜନ ରୋଷେଇ ହେଉ ନ ଥିବାରୁ ବିସ୍କୁଟ ଦିଆଯାଇଥିବା ପିଲାମାନେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁଣସାଗର ସାହୁ ମଧ୍ୟାହ୍ନଭୋଜନ ବନ୍ଦ ସମ୍ପର୍କରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇଥିବା କହିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ମେହେର କହିଛନ୍ତି ଯେ, ଶୁଖିଲା ଜାଳେଣି ସରିଯାଇଛି। କଞ୍ଚାକାଠରେ ରୋଷେୟାମାନେ ରାନ୍ଧିବାକୁ ଅମଙ୍ଗ ହେଉଥିବା କହିଥିଲେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଏବିଓ ବ୍ୟସଦେବ ରାୟଙ୍କୁ ପଚାରିବାରୁ, ମଧ୍ୟାହ୍ନ ଭୋଜନ ବନ୍ଦ ସମ୍ପର୍କରେ ମୋତ କେହି ଜଣାଇ ନାହାନ୍ତି। ଶନିବାରସ୍କୁଲ ଯାଇ ତଦନ୍ତ କରିବି ବୋଲି କହିଥିଲେ।



ଖାଇଛୁଟି ପରେ ବିସ୍କୁଟ ଧରି ପିଲାମାନେ ଘରକୁ ଯାଉଛନ୍ତି।

### ରମେଶ ସିଂଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

## ଚଲକି, କଲଚିକଛାର ସେମିରେ

**ଟିକ୍ରାପଡା, ୧୮।୧ (ଡି.ଏନ.ଏ)**

ସଇଁତଳା ବ୍ଲକ ଝିଙ୍କିଡୁଙ୍ଗୁରୀ ପଞ୍ଚାୟତ ଅଧିନ ଝରବାହାଲିଠାରେ ରମେଶ ସିଂଭୋଇ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ କଂଗ୍ରେସ ସଭାପତି ଗୁଣସାଗର ମାଝୀ, ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ, ବ୍ଲକ ବିଜେଡି ସଭାପତି ଦିଲିପ ରାଜପଲିଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଚଲକି ଓ ଅନ୍ତର୍ଲା ଦଳ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ତର୍ଲାକୁ ୧-୦ ଗୋଲରେ ହରାଇ ଚଲକି ସେମି ଫାଇନାଲକୁ ଉନ୍ନିତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲ କଲଚିକଛାର ଓ ଟିକ୍ରାପଡା ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିକ୍ରାପଡାକୁ ୧-୦ ଗୋଲରେ ହରାଇ କଲଚିକଛାର ସେମିଫାଇନାଲକୁ ଉନ୍ନିତ ହୋଇଥିଲା। ଜିତେନ୍ଦ୍ର ଜାଲ, ବିନୋଦ ବେହେରା, ରାଜେଶ ପୋଢ ଖେଳ ପରିଚାଳନା କରିଥିଲେ। ଯୁବରାଜ ବର୍ଗତ୍ତି, ରାଧେଶ୍ୟାମ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ।

### ■ ଧିରେ ସୁସ୍‌ତେ ଚାଲିଛେ ଶୌଚାଳୟ୍ ତିଆରି କାମ୍

## ୫ ବଛର ଉତାରୁ ବି ଦରଖଁଡ଼ିଆ

**ବେଲପଡା, ୧୮।୧ (ଡି.ଏନ.ଏ)**

କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନ କାୟକାରି କରି କୋଟି କୋଟି ଟଁକା ସାରୁଛନ୍। ହେଲେ ବଲାଙ୍ଗୀର ଜିଲା ବେଲପଡ଼ା ବସଷ୍ଟାଣ୍ଡରେ ଆଏଜ୍‌ତକ୍ ଗୁଟେ ଶୌଚାଳୟ ଥାପନ ନାଇଁ ହେଇପାରବାର। ବଲାଙ୍ଗୀର ଜିଲାର ୧୪ଟା ବ୍ଲକ ଭିତରୁ ବେଲପଡ଼ା ବ୍ଲକ ଗୁଟେ ମୁଖିଆ ରାସ୍ତା ତରେ ଅଛେ। ଇ ବସଷ୍ଟାଣ୍ଡକେ ଫିଦିନ ୪୦ଟା ପାଖାପାଖି ବସ ଆସୁଛେ। ସେନ୍‌ତା ବ୍ଲକ ଉପରେ ୨୫ଟା ପଁଚେତ୍‌ର ଲୋକ୍ ନିରଭର କରୁଛନ୍। ହେଲେ ଲୁକ୍‌କର ବେଭାର ଲାଗି ବସଷ୍ଟାଣ୍ଡରେ ଗୁଟେ ଶୌଚାଳୟ ତିଆର ହେଇ ନାଇଁ ପାରବାରଟା ଥାନୀୟ ନେତା, ପରଶାସନିକ ଅଧିକାରୀକର କାମ୍‌କାୟ୍ ଉପରେ ପ୍ରଶ୍ନବାଚୀ ସୁରୁଷ୍ଟି କରୁଛେ। ବାହାରୁ ଆସୁଥିବାର ଲୋକ୍‌ମାନେ ଝାଡା, ପରିସ୍ରା ଯିବାର ଲାଗି ବଡ଼ାଟେ ହଇରାନ ହରକତ ହେଉଛନ୍। ବଡ଼ଭାଗି ମହିଲାମାନେ ହିନସ୍ତା ହଟହଟା ହେଉଥିଲେ ବି ପରଶାସନର ନିଦ୍ ନାଇଁ ଭାଂଗବାର। ୭ ଜାନୁୟାରୀ ୨୦୧୪ରେ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂଦେଓ ବସଷ୍ଟାଣ୍ଡରେ ଗୁଟେ ଶୌଚାଳୟ ତିଆର କରବାର ଲାଗି ଶୁଭ ଦେଇଥିଲେ। ବିଧାୟକ ଶୁଭ ଦେବାର ବଛରେ ଉତାରୁ ବେଲପଡ଼ା ପଁଚେତ ସମିତି ତରଫୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୪ ଲାଖ୍ ଟଁକା ଖରଚ୍ ଅଟକଲରେ କାମ୍ ଆରମ୍ ହେଇଥିଲା। ଠିକାଦାର ଏଷ୍ଟିମେଟ ହିସାବେ ଛାତ୍ ତକ୍ ଘର ତିଆରି କରିଥିଲେ। ଫେନ୍ ୧ ଲାଖ୍ ୨୫ ହଜାର ଏଷ୍ଟିମେଟରେ ଛାତ ଆର ଘରର ପ୍ଲାଷ୍ଟର କାମ୍ ସରିଛେ। ହେଲେ ଇ କାମ୍ ସାରବାକେ ଫେନ୍ ୨ ଲାଖ୍ ଟଁକାର ଏଷ୍ଟିମେଟ ହେଇଛେ ବଲି ଶୁନବାକେ ମିଳୁଛେ। ଇ ବାବ୍‌ଦେ ତଦାରଖ ଦାଇତିଅରେ ଥିବାର କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ରଥ ବାବୁଙ୍କୁ ପଚରାଲାରୁ ଇ କାମ୍ ଲାଗି ଯେତ୍‌କି ଟଁକା ଆସିଥିଲା ସେଥିରେ ନାଇଁହୁଏ। ସେଥିରଲାଗି ଶୌଚାଳୟର ଗ୍ରିଲ, ଟାଇଲ, ବୋରୱେଲ ଆଦିର ଲାଗି ଫେନ୍ ୨ ଲାଖ୍ ଟଁକା ଆସିଛେ, ଠିକାଦାରଙ୍କୁ ବି ଜଲଦି କାମ୍ ସାରବାକେ ତାଗିଦ କରାଯାଇଛେ ବଲି କହିଥିଲେ। ହେଲେ କେଭେ ଇ ଶୌଚାଳୟର ଫିତା କଟା ହେଉଛେ ଆର ଲୋକ୍ ବେଭାର କରୁଛନ୍ ଦେଖିବାର ବାକି ରହିଲା।



ବେଲପଡ଼ା ବସଷ୍ଟାଣ୍ଡରେ ତିଆରି ହେଉଥିବାର ଶୌଚାଳୟ।

## ସାମାଜିକ ନିରାପତ୍ତା ଭତ୍ତା ୧୫ଶହ ଦାବିରେ ଧାରଣା

**ଲୋଇସିଂହା,୧୮।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ କୋସଲ ସମାଜ ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଥିଲା। ଉକ୍ତ ସଂଗଠନ ପକ୍ଷରୁ ସମାଜିକ ସୁରକ୍ଷା ଯୋଜନା ଭତ୍ତା ୧୫ଶହ ବୃଦ୍ଧି ଓ ବେରୋଜଗାରୀମାନଙ୍କୁ ମାସକୁ ୫ହଜାର ଭତ୍ତା ପ୍ରଦାନ ଦାବି କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଜରିଆରେ ପ୍ରଦାନ କରିଥିଲେ। ବିଡିଓ ଦାବିପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କୋସଲ ସମାଜ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ବୃଦ୍ଧାବୃଦ୍ଧ ଏକ ରାଲିରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅନୁଷ୍ଠିତ ଧାରଣା ସଭାରେ ପୂର୍ଣ୍ଣ ବିଶ୍ୱାଳ, କପିଲ କୁମାର ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ ଯେ, କେନ୍ଦ୍ର ତଥା ରାଜ୍ୟ ସରକାର ବିଧବା, ଭିନ୍ନକ୍ଷମ,ବାର୍ଦ୍ଧକ୍ୟମାନଙ୍କୁ ମାସକୁ ୩ଶହ ଓ ୫ଶହ ଭତ୍ତା ଟଙ୍କା ପ୍ରଦାନ କରୁଛନ୍ତି। ଏଥିରେ ସେମାନେ ସମ୍ମାନ ସହ ବଞ୍ଚି ପାରିବେ ନାହିଁ। ସମ୍ବିଧାନରେ ସମ୍ମାନ ସହ ବଞ୍ଚିବାର ଅଧିକାର ଥିଲେ ମଧ୍ୟ ତାହା ରାଜ୍ୟରେ କାର୍ଯ୍ୟକାରୀ ହେଉନାହିଁ ବୋଲି ସଭାରେ ବକ୍ତାମାନେ କହିଥିଲେ। ସଭାକାର୍ଯ୍ୟ ପରେ ବିଡିଓ ଖାଡିଆ ବିକ୍ଷୋଭକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରି କହିଥିଲେ ଯେ, ବ୍ଲକରେ ଅଦ୍ୟାବଧି ୧୪ହଜାର ହିତାଧିକାରୀ ବିଭିନ୍ନ ଭତ୍ତା ପାଉଛନ୍ତି। ଭୋଟର କାର୍ଡରେ ତ୍ରୁଟି ଯୋଗୁ ଅନେକଙ୍କ ବୟସ ହୋଇଯାଇଥିଲେ ସୁଦ୍ଧା ଭତ୍ତାରୁ ବଞ୍ଚିତ ରହିଛନ୍ତି। ଅନେକ ଭୋଟର କାର୍ଡକୁ ଜାଲିଆତି କରି ଭତ୍ତା ହାତଉଛନ୍ତି। ବର୍ଷକକୁ ଦୁଇଥର ଭୋଟର କାର୍ଡ ସଂଶୋଧନ କରଯାଇଥଏ। ଗାଁ ଅଙ୍ଗନୱାଡି କର୍ମୀଙ୍କ ପାଖରେ ତ୍ରୁଟିଥିବା କାର୍ଡକୁ ସଂଶୋଧନ କରିବାକୁ ଆହ୍ୱାନ ଦେଇଥିଲେ।



ବ୍ଲକ ପରିସରରେ ଧାରଣାରତ ବୃଦ୍ଧାବୃଦ୍ଧ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୯ ଜାନୁୟାରୀ, ୨୦୧୯



ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।
- ଇମରସନ



## ସଂକ୍ଷେପରେ

### ଗୋଁଡୱାନା ଗଣ୍ଡ ସମାଜର ବାର୍ଷିକ ଉତ୍ସବ

ରିଷିଡା,୧୮।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା ପୌରକେଲା ପଞ୍ଚାୟତର ବୁଢ଼ୀପଦରସ୍ଥିତ ବଡଦେଓ ମନ୍ଦିର ପରିସରରେ ଅଖିଳ ଭାରତୀୟ ଗୋଁଡୱାନା ଗଣ୍ଡ ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ଟି ଜିଲାର ରାଜ୍ୟସ୍ତରୀୟ ମହାସଚିବ ଗୌତମ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ।



### ବାଲୁକା ଶିଳ୍ପୀ ଉଚ୍ଚ ପ୍ରଶଂସିତ

ରିଷିଡା,୧୮।୧(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଡଙ୍ଗରମୁଣ୍ଡା ଗ୍ରାମର ବାଲୁକା ଶିଳ୍ପୀ ଓମ ପ୍ରକାଶ ସାହୁ କଳାହାଣ୍ଡି ସୀମାନ୍ତ ବଲାଙ୍ଗୀର ଜିଲା ତେନ୍ତୁଲିଖୁଣ୍ଟି ମକର ମେଳାରେ ବାଲୁକା କଳା ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ତାଙ୍କର ଏହି କଳା ଦେଖିବାକୁ ମେଳାରେ ପ୍ରବଳ ଭିଡ ହୋଇଥିଲା ।

### ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ପ୍ରସ୍ତୁତି ବୈଠକ

କୋକସରା/ଲଡୁଗାଁ,୧୮।୧ (ଡି.ଏନ.ଏ.)
କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଯୁକ୍ତ ୨ କଲେଜରେ ଲଡୁଗାଁ ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲଡୁଗାଁ ସରପଞ୍ଚ କହ୍ନେଇଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତସ୍ତରୀୟ ସାଧାରଣତନ୍ତ୍ର ଦିବସ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବା ନେଇ ଆଲୋଚନ ହୋଇଥିଲା । ଏଥିରେ ପଞ୍ଚାୟତ ଅଧୀନରେ ଥିବା ସମସ୍ତ ସ୍କୁଲ, କଲେଜର ଛାତ୍ରୀଛାତ୍ର ପରେଡରେ ଅଂଶ ଗ୍ରହଣ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ ବିଦ୍ୟାଳୟ ଛାତ୍ରୀଛାତ୍ର କିଭଳି ବହୁ ସଂଖ୍ୟାରେ ଯୋଗଦେଇ ଅଂଶ ଗ୍ରହଣ କରିବେ ସେ ନେଇ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯିବା ନେଇ ଆଲୋଚନା କରାଯାଇଥିଲା । ପୁରୁଷମାନଙ୍କ ପାଇଁ ଭରାଉତ୍ତୋଳନ, ହାଣ୍ଡି ଫଟା ଓ ମହିଳାମାନଙ୍କ ପାଇଁ ଛୋଟି, ହୁଲହୁଲି, ମାଠିଆ ବାଲାନ୍ସ ଆଦି ପ୍ରତିଯୋଗୀତା ପାଇଁ ସ୍ଥିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ ଚନ୍ଦ୍ର ମାଝି, ତ୍ରିନାଥ ଠାକୁର, ପୂର୍ଣ୍ଣଚନ୍ଦ୍ର ସାହୁ, ହାଇସ୍କୁଲର ପ୍ରଧାନଶିକ୍ଷକ ରୁପେନ୍ଦ୍ର ବାଣୁଁଆ, ଅଧ୍ୟାପକ ସଞ୍ଜୟ ପୁରୋହିତ, ପ୍ରେମାନ୍ଦ ସା, ପୂର୍ବତନ ଖେଳ ଶିକ୍ଷକ ହେମନ୍ତ କୁମାର ସାହୁ, ଭରାତ ଭୂଷଣ ଠାକୁର, ରବିନାରାୟଣ ଦାସ, ଟୁନୁ ମହାନନ୍ଦ, କଲେଜର ଖେଳ ଶିକ୍ଷକ ବିରେନ୍ଦ୍ର ନରାୟଣ ଦାସ, ଧଜ ମହାନନ୍ଦ, ଗଗନ ମହାନନ୍ଦ, ସଞ୍ଜୟ ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ସାହୁ ଉମେଶ ସାହୁ, ଅଙ୍ଗନୱାଡି କମୀ ତରୁଲତା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ତ ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ପର୍ଶୁରାମ ଦୁର୍ଗା ଧନ୍ୟବାଦ ଦେଇଥିଲେ ।

# ୧୨ ଘଣ୍ଟିଆ ଗୋଲାମୁଣ୍ଡା ବନ୍ଦ

ଗୋଲାମୁଣ୍ଡା,୧୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କିଷାନ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଶୁକ୍ରବାର ୧୨ ଘଣ୍ଟିଆ ଗୋଲାମୁଣ୍ଡା ବନ୍ଦ କରାଯାଇଛି । ଗୋଲାମୁଣ୍ଡା ସହରରେ ଏହ ରାଲିରେ ଆସି ଉକ୍ତ ୫ ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପ୍ରଭାସ ବୋଡେକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା । କିଷାନ ସଂଘ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଶତାଧିକ ସଂଘ କର୍ମକର୍ତ୍ତା ଓ କୃଷକମାନେ ଏକ ଜୁଟ ହୋଇ ପିକେଟିଂ କରି ଗୋଲାମୁଣ୍ଡା ସହରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ବ୍ୟାଙ୍କ, ଅଫିସ ବନ୍ଦ କରିଥିଲେ । ଏହାକୁ ସମର୍ଥନ କରି ସହରର ଦୋକାନ ବଜାର ମଧ ବନ୍ଦ ରହିଥିଲା । ୫ ଦଫା ଦାବି ମଧ୍ୟରେ ଗୋଲାମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ, ଚାଷୀମାନଙ୍କୁ ତୁରନ୍ତ ପ୍ୟାକେଜ ଟଙ୍କା ପ୍ରଦାନ କରାଯାଉ, ଅନ୍‌ଲାଇନ ମାଧ୍ୟମରେ ଚାଷୀ ଆବେଦନ କରିଥିବା ଶଷ୍ୟ ବୀମା ତଥ୍ୟକୁ କମ୍ପାନୀ ଚାଷୀଙ୍କୁ ଫେରାଇ ଦେଉଛି ଫେରସ୍ତ ନ କରିବା ପାଇଁ କମ୍ପାନୀଙ୍କୁ ପ୍ରଶାସନ ମାଧ୍ୟମରେ ତାଗିତ କରାଯାଉ, ଗୋଲାମୁଣ୍ଡା, ବୃନ୍ଦାବାହାଲ, ମାନଝରୀ, ଧାମନପୁର, ଚିଲଗାଁ (ଡୋକରୀପଡା)କୁ ତଦୟରନ୍ତ ଭୁ ବନ୍ଦୋବସ୍ତର ନୋଟିଫିକେସନ କରାଯାଉ, ୨୦୧୭-୧୮ ରେ ବାକିଥିବା ଶଷ୍ୟ ବୀମା ତୁରନ୍ତ ଚାଷୀଙ୍କୁ ପ୍ରଦାନ କରିବାର ଆଦି ରହିଛି । ଏହି ବନ୍ଦରେ ପ୍ରସନ୍ନ ରାଉତ, କୃଷ୍ଣଚନ୍ଦ୍ର ମୁଣ୍ଡ, ରାହାସ ମଙ୍ଗରାଜ, ଜନ୍ମେଜୟ ମାଝି,ତୁଲସି ମାଝି, ମିନିକେତନ ମାଝି, ସଦାନନ୍ଦ ମାଝି, ଲକ୍ଷପତି ସିପ୍‌କା, ଉପେନ୍ଦ୍ର ନାଏକ, ବିଭୁତି କାଣ୍ଡ, ରମେଶ ଅଗ୍ରୱାଲ, ସଜିତ ମହାନନ୍ଦ, ବସନ୍ତ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବି ଉପରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଗୋଲାମୁଣ୍ଡାରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ ବୋଲି ସଂଘର ସାଭାପତି ମଙ୍ଗରାଜ ପ୍ରକାଶ କରିଛନ୍ତି ।



କିଷାନ ସଂଘ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

**କିଷାନ୍ ସଂଘ ପକ୍ଷରୁ ୫ ଦଫା ଦାବି**

## ମକରମେଳା ସହ ମା’ ଚଣ୍ଡୀଙ୍କ ବଳିଭୋଗ ସମ୍ପନ୍ନ

ପଲମ,୧୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧୀନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ନୀଳକଣ୍ଠେଶ୍ୱର ମନ୍ଦିର ପୀଠରେ ୧୨ ତାରିଖରୁ ଚାଲିଥିବା ମକରମେଳା ଶୁକ୍ରବାର ସମ୍ପନ୍ନ ହୋଇଯାଇଛି । ଯାତ୍ରା ଶେଷ ଦିନରେ ନୀଳକଣ୍ଠେଶ୍ୱର ମହାଦେବଙ୍କଠାରେ ଖେଚୁଡି ଅନ୍ନ ଭୋଗ ଲାଗିବା ପରେ ମା’ ଚଣ୍ଡୀଙ୍କ ମନ୍ଦିରରେ ଜଣେ ବ୍ୟକ୍ତିଙ୍କୁ କାଳସୀ ଲାଗି ଭକ୍ତଙ୍କୁ ଆଶିର୍ବାଦ ପ୍ରଦାନ କରିଛନ୍ତି । ପରେ ଆଦିବାସୀଙ୍କ ପ୍ରଥା ତଥା ପରମ୍ପରାମତେ ମା’ଙ୍କ ନିକଟରେ ବୋଦା ବଳି ପ୍ରଦାନ କରାଯାଇଥିଲା । ମନ୍ଦିର ପୂଜକ ଭାବେ କମ୍ବୁପାଣି ବଡମାଳି ଓ ତାଙ୍କ ସହଯୋଗୀମାନେ ପୂଜାର୍ଚ୍ଚନା କରିଥିଲେ । ମକରମେଳା କମିଟି ସଭାପତି ନିରାକାର ସାହୁ ସାଇଦଲଙ୍ଗା, ସମ୍ପାଦକ କଂସାସୁର ଜାନୀ କୁଶୁର୍ଲା ପୂଜାର ପ୍ରତ୍ୟେକ ଜିନିଷର ଆୟୋଜନ କରିଥିଲେ । ମକରମେଳାର ସଦସ୍ୟମାନେ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ କୁଶୁର୍ଲା ମକରମେଳାରେ ବହୁ ଦୂରଦୂରାନ୍ତରୁ ଅନେକ ବଣିକମାନେ ଆସି ବ୍ୟବସାୟ ପାଇଁ ଦୋକାନ ଖୋଲିଥାନ୍ତି । ପ୍ରତ୍ୟେକ ସାମଗ୍ରୀ ଏହି ମକରମେଳାରେ ମିଳୁଥିବା ଯୋଗୁ ଗ୍ରାହକମାନଙ୍କ ଭିଡ ଜମିଛି । ପ୍ରତ୍ୟେହ ଦିନ ହଜାର ହଜାର ଲୋକଙ୍କ କିଣା ବିକା ଚାଲିଥାଏ । ମକରମେଳାରେ ବଲାଙ୍ଗୀରରୁ ଆସିଥିବା ବାଘ ନାଚ ସମସ୍ତଙ୍କ ମନମୋହିଥିଲା। ଚଳିତବର୍ଷ ମକରମେଳା ଶାନ୍ତିପୂର୍ଣ୍ଣ ଭାବେ ସମାପନ ହୋଇଥିଲା । ମ.ରାମପୁର ଥାନା କର୍ତ୍ତୃପକ୍ଷ ତଥା ସହଯୋଗୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୁପେ ସୁରକ୍ଷା ପ୍ରଦାନ ହୋଇଥିଲା ।



ମା’ ଚଣ୍ଡୀଙ୍କ ମନ୍ଦିରରେ କାଳସୀଙ୍କୁ ଶୋଭଯାତ୍ରାରେ ନିଆଯାଉଛି ।



ଧଉଳି ଆର୍ଟ ଫେଷ୍ଟିଭାଲରେ କଳାହାଣ୍ଡିର ୩ ଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

ଦ୍ୱିତୀୟ ଅନ୍ତର୍ଜାତୀୟ ଧଉଳି ଆର୍ଟ ଫେଷ୍ଟିଭାଲ- ୨୦୧୯

## କଳାହାଣ୍ଡିର ୩ ଶିଶୁଶିଳ୍ପୀ ପୁରସ୍କୃତ

ଭବାନୀପାଟଣା,୧୮।୧(ଡି.ଏନ.ଏ.)

ଭୁବନେଶ୍ୱରଠାରେ ଆୟୋଜିତ ହୋଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଧଉଳି ଆର୍ଟ ଫେଷ୍ଟିଭାଲ-୨୦୧୯ରେ କଳାହାଣ୍ଡି ଜିଲାର ୩ଜଣ ଶିଶୁ ଚିତ୍ରଶିଳ୍ପୀ ଉନ୍ନତ ମାନର ଚିତ୍ରକଳା ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଏହି ଶିଶୁ ଶିଳ୍ପୀମାନେ ଭବାନୀପାଟଣାର ବିଶିଷ୍ଟ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡିଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଅରବିନ୍ଦ ଆର୍ଟ ଓ କ୍ରାଫ୍ଟ ସ୍କୁଲର ଛାତ୍ରୀଛାତ୍ର । ଭୁବନେଶ୍ୱରସ୍ଥିତ ଧଉଳି ଆର୍ଟ କଲେଜଠାରେ ଏହି କାର୍ଯ୍ୟକ୍ରମ ୩ ଧରି ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣାର ଶିଳ୍ପୀ ଅଭିଷେକ ପରିଡା, ସ୍ମୃତିରଞ୍ଜନ ବେହେରା ଓ ସ୍ନେହାଂଶ ପଟ୍ଟନାୟକ ପୁରସ୍କୃତ ହୋଇଛନ୍ତି ବୋଲି ଆର୍ଟ ଓ କ୍ରାଫ୍ଟ ସ୍କୁଲର ଅଧ୍ୟକ୍ଷ ରେଡ୍ଡି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଲଳିତ କଳା ଏକାଡେମୀର ପୂର୍ବତନ ଅଧ୍ୟକ୍ଷ ଜଗଦିଶ ଚନ୍ଦ୍ର କାନୁନଗୋ, ଜିଲା ପରିଷଦ ସଦସ୍ୟା ଭୁବନେଶ୍ୱର, ଦିପ୍ତିମୟୀ ସୁନ୍ଦରାୟ, ଧଉଳି ଗ୍ରାମପଞ୍ଚାୟତ ସରପଞ୍ଚ ପୂର୍ଣ୍ଣିମା ସାହୁ, ପର୍ଯ୍ୟଟନ ଅଧିକାରୀ ଓଟିଡିସି ଭୁବନେଶ୍ୱର ଅଜୟ କୁମାର ରାଉତ, ପରିଚାଳନା କମିଟି ଅଧ୍ୟକ୍ଷ ଏମ.କେ. ମିଶ୍ର, ଧଉଳି ଆର୍ଟ କଲେଜର ଅଧ୍ୟକ୍ଷ ପଞ୍ଚାନନ ସାମଲ ଉପସ୍ଥିତ ରହି ଶିଶୁଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ସ୍ପଟ୍ ପେଣ୍ଟିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ ମଧ ଭବାନୀପାଟଣାର ଶିଶୁଶିଳ୍ପୀ ସ୍ମୃତିରଞ୍ଜନ ବେହେରା ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

## ବଲାଙ୍ଗୀରକୁ ହରାଇ ସମ୍ବଲପୁର ବିଜୟୀ

ମୋହନଗିରି,୧୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିରେ ଚାଲିଥିବା ଧବଳେଶ୍ୱର କ୍ରିଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଷଷ୍ଠ ଲିଗ୍ ମ୍ୟାଚରେ ବଲାଙ୍ଗୀରକୁ ହରାଇ ସମ୍ବଲପୁର ବିଜୟୀ ହୋଇଛି । ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ ଜିଣି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଥିଲା । ଜବାବରେ ବଲାଙ୍ଗୀର ଦଳ ୨୦ ଓଭରରେ ଖେଳି ୮ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା । ବ୍ୟକ୍ତିଗତ ଭାବେ ୬୪ ରନ ସଂଗ୍ରହ କରିଥିବା ସମ୍ବଲପୁରର ସଞ୍ଜୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା । ମ୍ୟାଚରେ ଅମ୍ପିୟାର ଭାବରେ ସତ୍ୟ ମାହାପାତ୍ର ଓ ରାଧାକାନ୍ତ ବେହେରା ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ ସ୍ୱପ୍ନେଶ୍ୱର କର୍ମୀ, ଜଳେଶ୍ୱର ସାହୁ, ସ୍କୋର ବୋର୍ଡରେ ସୁନିଲ କୁମାର ଭୋଇ ଓ ଚନ୍ଦ୍ରଭାନୁ ବେହେରା ଦାୟିତ୍ୱ ତୁଲାଇଥିଲେ । ୧୯ ତାରିଖରେ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ସମ୍ବଲପୁର ଓ ଭାବନୀପାଟଣା ମଧ୍ୟରେ ଅନୁଷ୍ଠିତ ହେବ।

## ବାଞ୍ଜିପଦର ହାଇସ୍କୁଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ବାର୍ଷିକ କ୍ରୀଡା ଉଦ୍‌ଯାପନୀ ମଞ୍ଚରେ ମଞ୍ଚାସୀନ ଅତିଥି ଗଣ ।

କର୍ଲାମୁଣ୍ଡା,୧୮।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ଗ୍ରାମପଞ୍ଚାୟତ ବାଞ୍ଜିପଦରସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୁଧବାରଠାରୁ ଚାଲିଥିବା ବିଦ୍ୟାଳୟର ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ତୋରେଶ୍ୱର ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମହେନ୍ଦ୍ର ରଣା, ମୁଖ୍ୟବକ୍ତା ଭାବେ ଅଶୋକ କୁମାର ରଣା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ବନିତା ରଣା, ସତ୍ୟଭାମା ବାଗ, ପୁଷ୍ପା ବଗର୍ତ୍ତି ପ୍ରମୁଖ ଯୋଗଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟଭିମୁଖୀ କରିବା ଏବଂ ସେମାନଙ୍କ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା କରିବା ଦିଗରେ ପ୍ରତିବର୍ଷ ଆଥଲେଟିକ ମିଟ୍‌ର ଆବଶ୍ୟକତା ରହିଛି। ଯଦ୍ୱାରା ଛାତ୍ରୀଛାତ୍ରଙ୍କ ମାନସିକତା କ୍ଷେତ୍ରରେ ଉନ୍ନତି ସୃଷ୍ଟି ହୁଏ ବୋଲି ଅତିଥିମାନେ କହିଥିଲେ । ବାର୍ଷିକ କ୍ରୀଡା ଉତ୍ସବରେ ବିଦ୍ୟାଳୟରେ ଅଧ୍ୟୟନରତ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଦୌଡ, ହାଇ ଜମ୍ପ, ସର୍ଟପୁଟ, ଡିସକସ ଥ୍ରୋ, ଲଙ୍ଗ ଜମ୍ପ, କବାଡି, ବେଙ୍ଗ ଡିଆଁ, ଗଣିତ ଖେଳ, ପୁଚି ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଦଶମ ଶ୍ରେଣୀର ଛାତ୍ରୀ ସୁରଭି ରଣା ଓ ସୁଭଦ୍ରା ବାଗଙ୍କ ସଂଯୋଜନାରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ରଘୁପତି କୁଅଁର, ଚୁମନ କୁମାର ସାହୁ, ସୁରଜିତ ରଣା, ପ୍ରଶାନ୍ତ କୁମାର ପଧାନ, ସଞ୍ଜୟ କୁମାର ରାଉତ ପ୍ରମୁଖ ପରିଚାଳନା କରିଥିଲେ ।



ଜଣେ କୃତୀ ଛାତ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି (ବାମ)। ବାର୍ଷିକ କ୍ରୀଡା ଅବସରରେ ଜଣେ ଛାତ୍ରୀ ନୃତ୍ୟ ପରିବେଷଣ କରୁଛନ୍ତି ।

୧୯୬୮ ବ୍ୟାଚ୍ ବ୍ରଜମୋହନ ହାଇସ୍କୁଲ

## ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ

ଭବାନୀପାଟଣା,୧୮।୧(ଡି.ଏନ.ଏ.)

ଓଡିଶାର ସର୍ବପୁରାତନ ବ୍ରଜମୋହନ ହାଇସ୍କୁଲର ୧୯୬୮ ବ୍ୟାଚ୍ ଏକାଦଶ ଶ୍ରେଣୀ ଛାତ୍ରମାନେ ସମବେତ ହୋଇ ମେଦିନିପୁରସ୍ଥିତ ଏକ ଘରୋଇ କୃଷିଫାର୍ମଠାରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଧୁଧାମରେ ପାଳନ କରିଛନ୍ତି। ପୁରାତନ ଛାତ୍ରମାନେ ଦେଶ ବିଦେଶରେ ଥିଲେ ମଧ ପ୍ରତ୍ୟେକ ବର୍ଷ ଦଶହରା ସମୟରେ ଏକତ୍ରୀତ ହୋଇ ଭବାନୀପାଟଣାଠାରେ ବନ୍ଧୁମିଳନର ଆୟୋଜନ କରୁଥିବା ବେଳେ ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମବେତ ହୋଇ ଆନନ୍ଦ ଉଲ୍ଲାସର ସହ ପାଳନ କରିଛନ୍ତି । ଏହି ଅବସରରେ ନୈସ୍ୟ ଭୋଜିର ଆୟୋଜନ ସହ ବିଭିନ୍ନ ସାଂସ୍କୃତିକ ଓ ପରିବେଶ ସୁରକ୍ଷା ସକାଶେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ୧୯୬୮ ବ୍ୟାଚ୍‌ର ପୁରାତନ ଛାତ୍ର ପୂର୍ବତନମନ୍ତ୍ରୀ ତଥା ଓଡିଶା ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୁପେନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ପୁରାତନ ଛାତ୍ର କୃପାସିନ୍ଧୁ ପଣ୍ଡା, ସାରଦା ଚରଣ ପଣ୍ଡା, ଅଭେଦା ନନ୍ଦ ମିଶ୍ର, ସରୋଜ କୁମାର ସାହୁଙ୍କ ସମେତ ବିଭିନ୍ନ ସଦସ୍ୟମାନେ ଅଂଶ ଗ୍ରହଣ କରି ନିଜର ବିଗତ ଦିନର ଐତିହାସିକ ଘଟଣା ବଳୀ ଓ ବିଦ୍ୟାଳୟ ଜୀବନର ଅନୁଭୂତୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯେଉଁ ବନ୍ଧୁମାନେ ସ୍ୱର୍ଗାରୋହଣ କରିଛନ୍ତି ସେମାନଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇ ସେମାନଙ୍କ ବିଧବା ପତ୍ନୀମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଏହି ସୁବର୍ଣ୍ଣ ଜୟନ୍ତୀ ସମାବେଶରେ ନରହରି ପଟ୍ଟନାୟକ, ଡା. ଅଶୋକ କୁମାର ମୁଣ୍ଡ, ଗିରୀଧାରି ସାହୁ, ପ୍ରମୋଦ ମହାନ୍ତି, ଦେବେନ୍ଦ୍ରନାଥ ଗହିର, ଯୁଧିଷ୍ଠିର ସାହୁ, ଡ. ଅଭିନ୍ନ ପଣ୍ଡା, ନନ୍ଦକିଶୋର ବିଶି, ଶେଖଅବଦୁଲ ଅଲିମ୍ ପ୍ରମୁଖ ସହଯୋଗ କରିଥିଲେ। ଆୟୋଜିତ ଆଲୋଚନାଚକ୍ରକୁ ପ୍ରଭାସଚନ୍ଦ୍ର ମିଶ୍ର ସଂଯୋଜନା କରିଥିବା ବେଳେ ଜଗଦିଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ବ୍ରଜମୋହନ ହାଇସ୍କୁଲର ୧୯୬୮ ବ୍ୟାଚ୍ ଏକାଦଶ ଶ୍ରେଣୀ ପୂର୍ବତନ ଛାତ୍ରମାନେ।

କଳାହାଣ୍ଡି ଜିଲାରେ ବୃଦ୍ଧି ପାଉଛି ଯାନବାହନ

# ଯାଞ୍ଚ ହେଉନି ଫିଟ୍‌ନେସ୍, ବଢୁଛି ଦୁର୍ଘଟଣା

ଭବାନୀପାଟଣ,୧୮।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ଦିନକୁ ଦିନ ଯାନବାହନ ବୃଦ୍ଧି ପାଇବା ଯୋଗୁ ଦୁର୍ଘଟଣା ମଧ ବଢୁଛି। ଅନେକ ଗାଡି ମୋଟରର ଫିଟନେସ୍ ଯାଞ୍ଚ ହେଉ ନ ଥିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଜିଲାରେ ଅନେକ ଗାଡିମୋଟର ବିନା ଫିଟନେସରେ ଚାଲିଥିବା ଜଣାପଡିଛି। ଅନେକ ଯାତ୍ରୀବାହୀ ବସ୍ ମଧ୍ୟ ବିନା ଫିଟନେସରେ ଚାଲିଛି। ବସ୍ ମାଲିକମାନେ ଆରଟିଓ କାର୍ଯ୍ୟାଳୟର କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଫିଟନେସ ସାର୍ଟିଫିକେଟ ହାସଲ କରୁଥିବା ଅଭିଯୋଗ ହୋଇଛି। ୧୯୭୨ରେ କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆରମ୍ଭ ହେବା ପରେ ଯାନବାହନ ସଂଖ୍ୟା କ୍ରମଶଃ ତାହା ବୃଦ୍ଧି ପାଇ ବର୍ତ୍ତମାନ ୧ଲକ୍ଷ ୮୭ ହଜାର ୨୩୨ରେ ପହଞ୍ଚିଛି। ସେଥିମଧ୍ୟରୁ କୃଷି ପାଇଁ ବ୍ୟବହୃତ ଟ୍ରାକ୍ଟର ୨୯୯, ଆମ୍ବୁଲାନ୍ସ ୬୦, ବସ୍ ୩୫୭, କନଷ୍ଟ୍ରକସନ ଇକ୍ୟୁପେମେଣ୍ଟ ଭାଇକେଲ ୭୧, କ୍ରେନ ମାଉଣ୍ଟେଡ ଭାଇକେଲ ୩୨, ଶିକ୍ଷା ପାଇଁ ବ୍ୟବହୃତ ବସ୍ ୭୪, ଇ ରିକ୍ସା (ପି)୧୪, ଏକ୍ସ କେଭେଟର (କମରସିଆଲ) ୧୪୮, ଗୁଡ୍ସ କେରିୟର ୬୧୧୮, ଲକ୍ସରୀ କେବ ୪୮, ମେକ୍ସି କେବ ୬୮୭, ମୋଟର ସାଇକେଲ/ସ୍କୁଟର ୧ ଲକ୍ଷ ୪୨ ହଜାର ୨୩୫, ମୋଟରସାଇକେଲ/ସ୍କୁଟର ଉଇଥ୍ ସାଇଡ୍ କାର ୧୭, ମୋପେଡ ୧୧ ହଜାର ୪୦୩, ମୋଟର କେବ ୩୪୩, ମୋଟର କାର ୪୯୩୧, ଓମିନି ବସ୍ ୨୧୦୨, ଓମିନି ବସ (ବେସରକାରୀ) ୧୫୩୯, ଥ୍ରୀ ହୁଇଲର (ଗୁଡ୍ସ) ୧୬୬, ଥ୍ରୀ ହୁଇଲର (ପାସେଞ୍ଜର)୧୬୧୮, ଟ୍ରାକ୍ଟର (କମରଶିଆଲ) ୭୯୨୭, ଟ୍ରାକ୍ଟର -ଟ୍ରଲି (କମରଶିଆଲ) ୧୧୩୩, ଟ୍ରଲିଇଏର (କମରଶିଆଲ) ୫୭୬୮ ଆଦି ରହିଥିବା ବିଭାଗ ପକ୍ଷରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଏତେ ସଂଖ୍ୟକ ଯାନବାହନ ଜିଲାରେ ଚାଲୁଥିବାବେଳେ ସେଗୁଡିକ ମଧ୍ୟରୁ ଅଧିକାଂଶର ଫିଟନେସ ନାହିଁ। ପରିବହନ ବିଭାଗ ପକ୍ଷରୁ ଏ ଗୁଡିକୁ ବିଦ୍ଧିବଦ୍ଧ ଭାବରେ ଯାଞ୍ଚ କରାଯାଉନାହିଁ। ଫଳରେ ଜିଲାରେ ଏବେ ଶତାଧିକ ଯାନବାହନ ବିନା ଫିଟନେସରେ ଚାଲୁଥିବା ଜଣାପଡିଛି। ଏ ନେଇ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଡିଙ୍କୁ ପଚାରିବାରୁ ଫିଟନେସ ସାର୍ଟିଫିକେଟ ବର୍ଷକୁ ଥରେ ଦିଆଯାଏ। ନୂଆ ଗାଡିର କିଛି ଆବଶ୍ୟକତା ନାହିଁ। ପୁରୁଣା ଗାଡିଗୁଡିକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି କହିଥିଲେ।

**ରିପୋର୍ଟ-ଉତ୍ତମ କୁମାର ଦାଶ**




ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଶାଗବାହାଲ ଗ୍ରାମରେ ୫ ଦୋକାନରେ ଚୋରି, ପାଟ୍ରୋଲିଂ ଦାବି

**ବାଲିଶଙ୍କରା, ୧୮।୧ (ଡି.ଏନ.ଏ)-** ତଳସରା ଥାନା ଅନ୍ତର୍ଗତ ଶାଗବାହାଲ ଗ୍ରାମରେ ଗତ ବିଳମ୍ବିତ ରାତିରେ ଶୋଭାଚନ୍ଦ୍ର ସାହୁଙ୍କ ଘରେ ପଶି ଟଙ୍କା ଚୋରି ହୋଇଛି। ପ୍ରମୋଦ ପ୍ରଧାନ, ହୀରାଲାଲ କୁଜୁର, ପବିତ୍ର ତନ୍ତି, ମନୋଜ ପ୍ରଧାନଙ୍କ ଦୋକାନ ଗୃହ ତାଲା ଭାଙ୍ଗି ଦୋକାନରୁ ମୋବାଇଲ, ମଟର ସାଇକେଲ ସାମଗ୍ରୀ, ଏହିପରି ବିଭିନ୍ନ ଜିନିଷ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିବା ବେଳେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି । ସେହିପରି ଦେଢ଼ ମାସ ପୂର୍ବେ ଶଙ୍କରାବାହାଲ ଗ୍ରାମରୁ ଘରେ ପଶି ବନ୍ଧୁକ ଦେଖାଇ ଘରେ ସଞ୍ଚୟ କରି ରଖିଥିବା ଟଙ୍କା ପଇସା ନେଇଯାଇଥିଲେ। ଥାନାରେ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ କୌଣସି ସୁରାକ ପାଇ ନ ଥିବା ନେଇ ପୋଲିସ କାର୍ଯ୍ୟକଳାପକୁ ନେଇ ଅଞ୍ଚଳରେ ପୋଲିସ ଉପରେ ଜନସାଧାରଣଙ୍କ ଆସ୍ଥା ତୁଟୁଛି। ଏହି ଉପାନ୍ତ ସୀମାନ୍ତ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ଓ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ବାଇକ୍ ଧକ୍କାରେ ସ୍କୁଟି ଚାଳକ ଆହତ

**ବଡଗାଁ, ୧୮।୧ (ଡି.ଏନ.ଏ)-** ବଡଗାଁ ମହାବୀର ଛକଠାରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କଣ୍ଢିଆମୁରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର ପାଣିଗ୍ରାହୀ ସ୍କୁଟିରେ ରାସ୍ତା ଅତିକ୍ରମ କଲାବେଳେ ବାଇକ ଧକ୍କା ଦେବାରୁ ହାତର ଗୋଟିଏ ଆଙ୍ଗୁଠିର ୮୦ ପ୍ରତିଶତ ଛିଣ୍ଡି ଯାଇଥିଲାବେଳେ ୨ ଆଙ୍ଗୁଠି ଭାଙ୍ଗି ଯାଇଛି। ମୁଣ୍ଡରେ ମଧ ଆଘାତ ହୋଇଛି । ତାଙ୍କୁ ବଡଗାଁ ଆଇଟିଆଇର ଆମ୍ବୁଲାନ୍ସରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ନିଆଯାଇଛି।

ବିଦେଶୀ ମଦ ଦୋକାନରୁ ଚୋରି ଘଟଣାର ରହସ୍ୟ ଉନ୍ମୋଚିତ

# ଅଭିଯୋଗକାରୀ ହେଲେ ଅଭିଯୁକ୍ତ

**ଲହୁଣୀପଡା, ୧୮।୧ (ଡି.ଏନ.ଏ)**




ଗିରଫ ୨ ଅଭିଯୁକ୍ତ।

**ଲହୁଣୀପଡ଼ା**
- ମଦ ଦୋକାନ ମ୍ୟାନେଜରଙ୍କ ସମେତ ୨ କୋର୍ଟ ଚାଲାଣ
- ବାହାରର ଭଡ଼ାଟିଆ ଦୁର୍ବୃତ୍ତଙ୍କ ଦ୍ୱାରା ହୋଇଥିଲା ଚୋରି
- ୧୮ ଦିନ ପରେ ଘଟଣାର ପର୍ଦ୍ଦାଫାଶ କଲା ପୋଲିସ

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଦୁନିଆନି ନିକଟସ୍ଥ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ନବବର୍ଷ ବିଳମ୍ବିତ ରାତିରେ ଚୋରି ହେବା ଘଟଣାର ରହସ୍ୟ ଉନ୍ମୋଚନ କରିଛି ଲହୁଣୀପଡା ଥାନା ପୋଲିସ। ଚୋରି ଅଭିଯୋଗ କରିଥିବା ମ୍ୟାନେଜର ଖୋଦ ଚୋର ବୋଲି ପ୍ରମାଣିତ ହେବା ପରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ନିଜେ ଅଭିଯୁକ୍ତ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ ୩୧ ଡିସେମ୍ବର, ୨୦୧୮ ରାତିରେ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ବିପୁଳ ପରିମାଣର ବିଭିନ୍ନ ପ୍ରକାର ବିଦେଶୀ ମଦ ଓ ୩ ରୁ ୪ ହଜାର ନଗଦ ଟଙ୍କା ଚୋରି ହୋଇଛି ବୋଲି ନୂଆବର୍ଷରେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ସନ୍ଦେହ କରି ପୋଲିସ ମାମଲା ରୁଜୁ କରିବାରେ ବିଳମ୍ବ କରିଥିଲା। ଯାହାକି ପୋଲିସ ମଧ ସନ୍ଦେହ ଘେରକୁ ଆସିଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ଯୋରସୋର ତଦନ୍ତ କରିଥିଲା। ଫଳରେ ଘଟଣାର ମୋଡ ଭିନ୍ନ ହୋଇଥିଲା। ଶେଷରେ ଘଟଣାର ପର୍ଦ୍ଦାଫାଶ କରିଛି। ଠିପି ବନ୍ଦ ବିଦେଶୀ ମଦ ଦୋକାନର ଚୋରି ଯୋଜନାବଦ୍ଧ ଭାବେ ଟଙ୍କା ଦେଇ ବାହାରୁ ଚୋର ଆଣି ଦୋକାନରୁ ଚୋରି କରାଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭାଗିରଥି ମାହାଲି ବିପୁଳ ପରିମାଣର ବିଦେଶୀ ମଦ ବିକ୍ରି କରି ଦେଇ ଅର୍ଥକୁ ଆତ୍ମସାତ କରିଥିଲେ।

ମାଲିକ ପଚାରିବାରୁ ସେ ସବୁ ବିଭିନ୍ନ ସ୍ଥାନରେ ଧାରରେ ଦିଆଯାଇଛି ବୋଲି ସଫେଇ ଦେଇଥିଲେ ମଧ ଅର୍ଥକୁ ଭରଣ କରି ନପାରିବାରୁ ମାଲିକ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ନିଜକୁ ସଚ୍ଚୋଟ ଦେଖାଇବା ପାଇଁ ଏକ ଯୋଜନା କରିବା ସହିତ ସାଙ୍ଗମାନଙ୍କ ସହଯୋଗରେ ତିରିଶ ହଜାର ଟଙ୍କା ବିନିମୟରେ ବାହାରୁ ଭଡାଟିଆ ଚୋର ଆଣିଥିଲେ। ଦୋକାନ ଭଙ୍ଗାରୁଜା କରିବା ସହିତ କେତେକ ମଦ ପେଟି ଭାଙ୍ଗି ଫୋପାଡି ଦେବା ଏବଂ ଷ୍ଟକ ଖାତାକୁ ନଷ୍ଟ କରି ରିଆମାଳରେ ପୋଡି ଦେଇ ଚୋରିର ରୂପ ଦେଇଥିଲା। କିନ୍ତୁ ପୋଲିସର ତନାଘନା ତଦନ୍ତରୁ ସବୁ ଜଣା ପଡିଥିଲା । ମ୍ୟାନେଜର ଭାଗିରଥି ମାହାଲି ସାଙ୍ଗମାନଙ୍କ ସହିତ ଯୋଜନା ପ୍ରସ୍ତୁତ କରିଥିଲା । ଯୋଜନା ବଦ୍ଧ ଭାବେ କାମ କରିଥିଲେ ମଧ ୧୮ ଦିନ ପରେ ଚୋର ପୋଲିସ ହାତରେ ଧରା ପଡିଲା। ମ୍ୟାନେଜର ଭାଗିରଥି ମାହାଲି ଭାଲୁଡୁଙ୍ଗୁରୀ ଗ୍ରାମର ନିରୋଜ ଲୋହରା (୨୮) ସମେତ ତିନି ଜଣଙ୍କୁ ପୋଲିସ ଅଟକ ରଖିବା ପରେ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଅନ୍ୟ ଜଣଙ୍କୁ ପଚରାଉଚରା ଚାଲିଛି। ସମ୍ପୃକ୍ତ ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି । ଏମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ପିଏଲ୍ଏଫ୍ଆଇ ସଦସ୍ୟ ଅର୍ଜୁନଙ୍କୁ ଗୁଳିକରି ହତ୍ୟା ଘଟଣା

# ୯ ମାସ ପରେ ୩ ଅଭିଯୁକ୍ତ କୋର୍ଟ ଚାଲାଣ, ବନ୍ଧୁକ ଜବତ

**କୁଆଁରମୁଣ୍ଡା,୧୮।୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଖୁଖୁଣ୍ଡୁବାହାଲ ଗ୍ରାମରେ ଗତବର୍ଷ ମାର୍ଚ୍ଚରେ ଅନୁଷ୍ଠିତ ଏକ ବିବାହ ଭୋଜିରେ ରାଜଗାଙ୍ଗପୁର ଅଞ୍ଚଳର ପିଏଲ୍ଏଫ୍ଆଇ ସଦସ୍ୟ ଅର୍ଜୁନ ଗୋପ(୨୨)ଙ୍କୁ ଖୁଖୁଣ୍ଡୁବାହାଲ ଗ୍ରାମରେ ଗୁଳିମାରି ହତ୍ୟା କରାଯାଇଥିଲା। ଏହା ପରେ ଅର୍ଜୁନ ଗୋପଙ୍କୁ ଅଭିଯୁକ୍ତମାନେ ୧୪୩ ନମ୍ବର ଜାତୀୟ ରାଜପଥର ଚାର୍ଡିଛକ ବୁଲାଣି ନିକଟରୁ ଅଳ୍ପ ଦୂରରେ ଏକ କଲଭର୍ଟ ଗର୍ତ୍ତରେ ଫିଙ୍ଗି ଦେଇଥିଲେ। ମୃତଦେହ ପଚି ଦୁର୍ଗନ୍ଧ ହେବା ପରେ ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇ ଥିଲା। ଏହି ଗୁଳିକାଣ୍ଡରେ ସମ୍ପୃକ୍ତ ଖୁଖୁଣ୍ଡୁବାହାଲ ଗ୍ରାମର ସୁରଜ ନନ୍ଦ(୨୫), ଅଫିନ୍ଦ୍ର ନନ୍ଦ(୨୪) ଓ ତୁଲେଶ୍ୱର ନନ୍ଦ(୨୨) ଘଟଣା ପରଠାରୁ ପୋଲିସ ଆଖିରେ ଧୂଳି ଦେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ସେତେବେଳେ ଏକ ମାମଲା (ନଂ. ୩୬/୧୮) ବୀରମିତ୍ରପୁର ଥାନାରେ ରୁଜୁ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଥିଲା। ହେଲେ ଗୁପ୍ତ ସୂଚନା ଆଧାରରେ ଦୀର୍ଘ ୯ ମାସ ପରେ ଅର୍ଥାତ୍ ଶୁକ୍ରବାର ବଡି ଭୋରରୁ ଉକ୍ତ ୩ ଫେରାର୍ ଅଭିଯୁକ୍ତଙ୍କୁ ଫାଣ୍ଡି ଅଧିକାରୀ ଅନିଲ ପରିଡା ଖୁଖୁଣ୍ଡୁବାହାଲସ୍ଥିତ ସେମାନଙ୍କ ଘରୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଏହା ସହ ହତ୍ୟା ଘଟଣାରେ ବ୍ୟବହୃତ ବନ୍ଧୁକକୁ ଚାର୍ଡି ଛକ ନିକଟସ୍ଥ ଏକ ପଥର ନିକଟରେ ପୋତାଯାଇଥିବା ବିଷୟରେ ଅଭିଯୁକ୍ତମାନଙ୍କଠାରୁ ତଥ୍ୟ ଆଦାୟ କରି ଜବତ କରାଯାଇଛି। ସେହିପରି ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ ଆପାଚେ ବାଇକକୁ ମଧ୍ୟ ପୋଲିସ ଜବତ କରିଛି। ଅପରାହ୍ନରେ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। କୋର୍ଟ ଚାଲାଣ ହୋଇଥିବା ୩ ଜଣ ଅଭିଯୁକ୍ତ ମଧ୍ୟ ପିଏଲ୍ଏଫ୍ଆଇ ସଙ୍ଗଠନ ସଦସ୍ୟ ଥିଲେ ବୋଲି ଫାଣ୍ଡି ଅଧିକାରୀ ପରିଡା ସୂଚନା ଦେଇଛନ୍ତି।



ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟି ବୈଠକରେ ଶୁକ୍ରବାର ଉପସ୍ଥିତ ନେତା, କର୍ମୀ।

# ଜିଲା ଭାଜପାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**ସୁନ୍ଦରଗଡ଼, ୧୮।୧(ଡି.ଏନ୍.ଏ)**

ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ କମିଟିର ବୈଠକ ଶୁକ୍ରବାର ଜିଲା ସଭାପତି ବଟକିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଜିଲା ସାଧାରଣ ସମ୍ପାଦକ କୁଳଦୀପ ସିଂ ପରିଚାଳନା କରିଥିଲେ। ଏହି ବୈଠକରେ ଉପେନ୍ଦ୍ର ପ୍ରଧାନ, ସୁନୀଲ ସିଂ ଦେଓ, ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ପ୍ରଭାରି ଗିରୀଶ ଚନ୍ଦ୍ର ସାହୁ, ତଳସରା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରଦ୍ୟୁତ୍ ନାଏକ, ସ୍ୱଚ୍ଛ ଭାରତ ମିଶନ ଜିଲା ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ସୁରେଶ ପଟେଲ, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଜିଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି କଳାକୃଷ୍ଣ ଓରାମ, ଆରତି ପଟେଲ, ସଂଯୁକ୍ତା ନାଏକ, ଡା. ହିମାଂଶୁ ଶେଖର ଷଡଙ୍ଗୀ, ବୈକୁଣ୍ଠ ବନଛୋର, ଜିଲା ସାଧାରଣ ସମ୍ପାଦକ ପ୍ରେମ ସାଗର ଓରାମ, ଜିଲା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ ପ୍ରମୁଖ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ କେନ୍ଦ୍ର ସରକାରଙ୍କ ସାଢେ ୪ବର୍ଷର ଶାସନ କାଳରେ ହୋଇଥିବା ଐତିହାସିକ ବିକାଶମୂଳକ କାର୍ଯ୍ୟଧାରାକୁ ପାଥେୟ କରି ତୃଣମୂଳ ସ୍ତରକୁ ଯାଇ ଜନତାଙ୍କୁ ବିକାଶ ବାର୍ତ୍ତା ଦେଇ ଲୋକଙ୍କର ସମସ୍ୟାର ସମାଧାନ କରିବା ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭାପତି ମିଶ୍ର ତାଙ୍କ ବକ୍ତବ୍ୟରେ ରାଜ୍ୟସରକାରଙ୍କ ପିଠା, କାଳିଆ ଯୋଜନା ଏବଂ ବିଭିନ୍ନ ଯୋଜନାରେ କେନ୍ଦ୍ର ସରକାର ଦେଉଥିବା ପାଣ୍ଠିକୁ ଅପବ୍ୟବହାର କରାଯାଉଛି ବୋଲି ଅଭିଯୋଗ କରିଥିଲେ।

# ଖୁଣ୍ଟଗାଁରେ ଜଙ୍ଘା ବଡ଼ଦେଓ ପୂଜା ଉତ୍ସବ

**ଲହୁଣୀପଡା, ୧୮।୧ (ଡି.ଏନ.ଏ)**

ଗୋଁଣ୍ଡ ସମ୍ପ୍ରଦାୟ ପକ୍ଷରୁ ପ୍ରଭୁ ଜଙ୍ଘାବଡଦେଓ ପର୍ବ ପାଳିତ ହୋଇଯାଇଛି। ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁଠାରେ ଜିଲାର ଦ୍ୱିତୀୟ ଜଙ୍ଘାବଡଦେଓ ମନ୍ଦିରରେ ଏହି ପର୍ବ ସମାରୋହରେ ପାଳିତ ହୋଇଛି। ଜଙ୍ଘାବଡଦେଓ ପର୍ବ ଶାମ୍ବଦଶମୀ ତିଥିରେ ଅନୁଷ୍ଠିତ ହେଉଥିବା ବେଳେ ଏହାକୁ ଗୋଁଣ୍ଡ ସମ୍ପ୍ରଦାୟର ଇଷ୍ଟ ଦେବତା ଭାବେ ପୂଜା ଅର୍ଚ୍ଚନା କରିଥାନ୍ତି। ପୌରାଣିକ ମତରେ ପ୍ରଭୁ ଶ୍ରୀ ଜଗନ୍ନାଥ ବାଙ୍କି ମୁହାଣ ଉଦ୍ଧାର ପରେ କଟିଦେବାରୁ ଉର୍ଦ୍ଧ୍ୱ ରତ୍ନ ସିଂହାସନରେ ପୂଜିତ ହେଉଥିବା ବେଳେ କଟିରୁ ତଳ ଅଂଶଟି ଜଙ୍ଘାବଡଦେଓ ଭାବେ ଗୋଁଣ୍ଡ ସମ୍ପ୍ରଦାୟ ପୂଜା କରି ଆସୁଛନ୍ତି । ଖୁଣ୍ଟଗାଁର ଆଖପାଖ ଅଞ୍ଚଳର ଏହି ପର୍ବ ନିଷ୍ଠାପର ସହିତ ମହିଳାମାନେ ବାଦ୍ୟ ନୃତ୍ୟ, ଖଣ୍ଡା, ଖଡଗ ଧରି କଳସ ଶୋଭାଯାତ୍ରା କରି କଳସ ସ୍ଥାପନା ପରେ ଅନୁଷ୍ଠାନିକ ଭାବେ ପୂଜକ ନେତ୍ରାନନ୍ଦ ନାଏକ, ନିରଞ୍ଜନ ପୂଜା ଅର୍ଚ୍ଚନା କରିଥିଲେ । ଏହି ପୂଜାରେ ବହୁ ସଂଖ୍ୟାରେ ବ୍ରତଧାରୀମାନେ ଉପସ୍ଥିତ ଥିବା ବେଳେ ନିକଟସ୍ଥ ଗ୍ରାମର ଗୋଁଣ୍ଡ ସମ୍ପ୍ରଦାୟର ବହୁ ପୁରୁଷ, ମହିଳା, ପିଲାଛୁଆ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। କେବଳ ଗୋଁଣ୍ଡ ସମ୍ପ୍ରଦାୟର ନୁହେଁ, ଭିନ୍ନ ବର୍ଣ୍ଣର ଲୋକମାନେ ମଧ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିବା ଦେଖିବାକୁ ମିଳିଥିବା ବେଳେ ଦୋକାନ, ବଜାର, ଲାଗି ଏକ ଯାତ୍ରାର ଭ୍ରମ ସୃଷ୍ଟି କରୁଥିଲା । ଜଙ୍ଘାବଡଦେଓ ପୂଜା ପାଳନ କମିଟି ସଭାପତି ଅଜୟ କୁମାର ନାଏକ, ସମ୍ପାଦକ ଭୁବନେଶ୍ୱର ମହାପାତ୍ର, ହେମେନ୍ଦ୍ରେ ପ୍ରସାଦ ମହାପାତ୍ର, ପ୍ରେମନାରାୟଣ କାଲୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଧାର୍ମିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସାନ୍ତୁନ କାଲେ, ରହିନୁ ନାଏକ, ନୃପମଣି ମହାପାତ୍ର, ଶଶିକାନ୍ତ ଗାର୍ଦ୍ଦିଆ, ନରୋତ୍ତମ ମହାନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲହୁଣୀପଡ଼ାରେ ଜଙ୍ଘାବଡଦେଓଙ୍କ ପୂଜା କରାଯାଉଛି।

# ଉଠାଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ପକ୍ଷ ପାଳନ

**ଲେଫ୍ରିପଡା, ୧୮।୧ (ଡି.ଏନ.ଏ)**



ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅଧିକାରୀ।

ଟାଙ୍ଗରପାଲି ବ୍ଲକ୍ ଚେତନା ନର୍ସରୀଠାରେ ଓଡିଶା ସରକାର ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ସୁନ୍ଦରଗଡ ଉଠାଜଳସେଚନ ବିଭାଗର ସୌଜନ୍ୟ କ୍ରମେ ଡିଭିଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଗୁରୁବାର ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ଉଠାଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ଆର.ଏନ. ସାମଲଙ୍କ ଅଧ୍ୟକ୍ଷତାରେ ଅଧୀକ୍ଷଣଯନ୍ତ୍ରୀ ଇ.ଆର ପ୍ରୀୟଦର୍ଶୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଚାଷୀଙ୍କୁ ଉଠାଜଳସେଚନ ମାଧ୍ୟରେ ପାଣିର ସଦ୍‌ବ୍ୟବହାର କରି ଚାଷ କାର୍ଯ୍ୟ ସୁଚାରୁ ଭାବେ ପରିଚାଳନା କରିବା ଦିଗରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ସୁରେଶ କୁମାର ବିଶ୍ୱାସ ଯୋଗଦାନ କରି ଚାଷୀଙ୍କୁ ଆଧୁନିକ କୃଷି ଜ୍ଞାନକୌଶଳର ବ୍ୟବହାର ସମ୍ବନ୍ଧରେ ଆଲୋଚନା କରିଥିଲେ। ଚାଷୀଙ୍କ ଫସଲ ଦ୍ୱିଗୁଣିତ କରି ଲାଭାନ୍ୱିତ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। ସହକାରୀ ଯନ୍ତ୍ରୀ ସାନନ୍ଦ କିଷାନ ଉଠାଜଳସେଚନ ବିଭାଗ ପକ୍ଷରୁ ସରକାରୀ ସ୍ତରରେ ଚାଷୀଙ୍କ ସକାଶେ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗ ପକ୍ଷରୁ କୃଷି ଓ କୃଷକର ଉନ୍ନତି ପାଇଁ ଉଠାଜଳସେଚନର ଆବଶ୍ୟକତା ଦିଗରେ ପୂର୍ବରୁ କରାଯାଇଥିବା ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ଭାବେ ପ୍ରଥମ ସ୍ଥାନରେ ସୁନ୍ଦରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଅଙ୍କିତା ବହିଦାରଙ୍କୁ ଦୁଇ ହଜାର ଟଙ୍କା, ଦ୍ୱିତୀୟ ସ୍ଥାନରେ ସୁନ୍ଦରଗଡ ଭବାନୀ ଶଙ୍କର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିପିକା ସାହୁଙ୍କୁ ପନ୍ଦର ଶହ ଟଙ୍କା ଏବଂ ତୃତୀୟ ସ୍ଥାନରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଛାତ୍ର ଆୟୁଷ କୁମାର ପଟେଲଙ୍କୁ ଏକ ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ବିପ୍ର ନାଏକ,ବିଭୂତି ନାଏକ, ଧରଣୀଧର ସାହୁ, କନିଷ୍ଠ ଯନ୍ତ୍ରୀ ପଲ୍ଲବୀ ଆଚାର୍ଯ୍ୟ, ଶିଳାରାଣୀ ନାଏକ ପ୍ରମୁଖ ବିଭାଗୀୟ କର୍ମଚାରୀ ସମେତ ଅଞ୍ଚଳର ସମସ୍ତ ଉଠାଜଳସେଚନ ବିଭାଗ ଦ୍ୱାରା ପରିଚାଳିତ ପାଣି ପଞ୍ଚାୟତର କର୍ମକର୍ତ୍ତା ଏବଂ ଚାଷୀ ଉପସ୍ଥିତ ଥିଲେ।

# ଯାତାୟାତ ଲାଗି ରାସ୍ତା ବିପଦସଙ୍କୁଳ

**କୁଆଁରମୁଣ୍ଡା,୧୮।୧(ଡି.ଏନ୍.ଏ.)**



କୁଆଁରମୁଣ୍ଡା-ବାବୁପଡ଼ା ରାସ୍ତା ମଝିରେ ଗର୍ତ୍ତ ହୋଇଛି।

**କୁଆଁରମୁଣ୍ଡା**
- ବାବୁପଡ଼ା ରାସ୍ତାରେ ଗର୍ତ୍ତ
- ପ୍ରଶାସନର ଦୃଷ୍ଟି ପଡୁ ନାହିଁ



ମାଳତୀ ଦେବୀ



ପଦ୍ମିନୀ ବେହେରା



କୁନ୍ତୀ ମେହେର

ରାଜ୍ୟ ସରକାର ଆମ ଗାଁ, ଆମ ବିକାଶ ଯୋଜନା ଠାରୁ ଆରମ୍ଭ କରି ପିଠା ଓ ଅନ୍ୟାନ୍ୟ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ମାତ୍ର ସେଗୁଡିକର କାର୍ଯ୍ୟକାରିତା କେତେଦୂର ବାସ୍ତବରେ ପରିଣତ ହେଉଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଆଁରମୁଣ୍ଡା-ବାବୁପଡ଼ା ରାସ୍ତା। ଏହି ରାସ୍ତା କୁଆଁରମୁଣ୍ଡା ତଳବସ୍ତି ହୋଇ ବାବୁପଡା ଓ ନାଇକେନବାହାଲ ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତା ଦେଇ ନାଇକେନବାହାଲ, ବେଲଡିପା, ବାବୁପଡ଼ା, କୁଆଁରମୁଣ୍ଡାବସ୍ତି ବାସିନ୍ଦା ଯାତାୟାତ କରିଥାଆନ୍ତି। ଏହା ସହ ନାଇକେନବାହାଲରେ ଥିବା ବିଭିନ୍ନ ଶିଳ୍ପ କାରଖାନାକୁ କର୍ମଚାରୀମାନେ ଯିବା ଆସିବା ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାଆନ୍ତି। ମାତ୍ର ଏହି ରାସ୍ତାର ମଧ୍ୟବର୍ତ୍ତୀ ସ୍ଥାନରେ ଏକ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ପାଇଁ ବିପଦସଙ୍କୁଳ ପାଲଟିଛି। କୁଆଁରମୁଣ୍ଡା ହରିହର ହାଇସ୍କୁଲ ଓ ସରସ୍ୱତୀ ଶିଶୁ ମନ୍ଦିର, ଆଦର୍ଶ ବିଦ୍ୟାଳୟ ଇତ୍ୟାଦିକୁ ପାଠ ପଢିବା ପାଇଁ ପିଲାମାନେ ଉକ୍ତ ରାସ୍ତା ଦେଇ ଆସିବାକୁ ଉଚିତ ମଣୁ ନାହାନ୍ତି। କାରଣ ସାମାନ୍ୟ ଅସାବଧାନତାରେ ରାସ୍ତାରେ ସୃଷ୍ଟ ଗର୍ତ୍ତରେ ପଡିବାର ଯଥେଷ୍ଟ ଭୟ ରହିଛି। କେତେ ପିଲା ମଧ୍ୟ ଉକ୍ତ ଗର୍ତ୍ତରେ ପଡ଼ି ଖଣ୍ଡିଆ ଖାବରା ହୋଇଥିବା ନଜିର ରହିଛି। ହେଲେ ଏହି ରାସ୍ତା ପଞ୍ଚାୟତ ଓ ବ୍ଲକ ନିକଟରୁ ମାତ୍ର ୧ କି.ମି ଦୂରରେ ଅବସ୍ଥିତ ଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏ ସମ୍ପର୍କରେ କୁଆଁରମୁଣ୍ଡା ତଳବସ୍ତିର ୮୦ ବର୍ଷିୟା ବୃଦ୍ଧା ମାଳତୀ ଦେବୀ କୁହନ୍ତି ଯେ, ଗତବର୍ଷ ପ୍ରବଳ ବର୍ଷାରେ ବାବୁପଡ଼ା ରାସ୍ତାରେ ଛୋଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଗର୍ତ୍ତକୁ କେହି ମରାମତି ନ କରିବାରୁ ଏହାର ପରିଧି ବୃଦ୍ଧି ପାଇବାରେ ଲାଗିଛି। ବସ୍ତିର ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ଉକ୍ତ ଗର୍ତ୍ତରେ ପଡ଼ିଆହତ ହେଉଥିଲେ ମଧ୍ୟ ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ବୃଦ୍ଧା ମାଳତୀ ଦେବୀ ଅଭିଯୋଗ କରିଛନ୍ତି। ସେହିପରି ବରିଷ୍ଠ ନାଗରିକ କୁନ୍ତି ମେହେର ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ତାଙ୍କ ମତରେ ଉକ୍ତ ରାସ୍ତା ଦେଇ ଯିବାଆସିବା କରିବା ପାଇଁ ସ୍କୁଲ ପିଲାଠାରୁ ଆରମ୍ଭ କରି ସାଇକେଲ ଆରୋହୀମାନେ ବହୁ ହଇରାଣ ହେଉଛନ୍ତି। ସେହିପରି ବସ୍ତିର ଅନ୍ୟ ଜଣେ ୫୬ ବର୍ଷିୟା ମହିଳା ପଦ୍ମିନୀ ବେହେରା କୁହନ୍ତି ଯେ, ଗତ ୫ ମାସରୁ ଉର୍ଦ୍ଧ୍ୱ ହେଲା ବର୍ଷା ଯୋଗୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିଲା। ପ୍ରଶାସନ ପକ୍ଷରୁ ଏହାର ମରାମତି କରାଯାଇ ନ ଥିବାରୁ ଗର୍ତ୍ତଟି ବଡ ହେବାରେ ଲାଗିଛି। ଏ ସମ୍ପର୍କରେ ରାଜନେତାଙ୍କଠାରୁ ପ୍ରଶାସନିକ ଅଧିକାରୀମାନେ ସବୁ ଜାଣି ଚୁପ୍ ବସିବା ନେଇ ଆଶ୍ଚର୍ଯ୍ୟ ପ୍ରକଟ କରୁଛି ବୋଲି ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତିରେ କୁଆଁରମୁଣ୍ଡାବସ୍ତି ନିକଟସ୍ଥ ବାବୁପଡ଼ା ରାସ୍ତାରେ ସୃଷ୍ଟ ଗର୍ତ୍ତକୁ ମରାମତି କରିବା ପାଇଁ ପ୍ରଶାସନିକ ସ୍ତରରେ କି ପ୍ରକାରର ବ୍ୟବସ୍ଥା କରାଯାଉଛି ଦେଖିବାକୁ ବାକି ରହିଲା।

# ଜଙ୍ଘା ବଡ଼ଦେଓଙ୍କ ବାର୍ଷିକ ଉତ୍ସବ

**ହେମଗିର, ୧୮।୧ (ଡି.ଏନ.ଏ)**

ହେମଗିର ବ୍ଲକର ଟାଙ୍ଗରଡିହି ଭଗତପଡାଠାରେ ଷଡ ବଂଶୀୟ ଗୋଁଡ ସମାଜର ୧୮ତମ ଜଙ୍ଘା ବଡଦେଓଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ପ୍ରତି ବର୍ଷ ପରି ୧୮ ବର୍ଷ ଧରି ବେନ୍ଦ୍ରିଚୁଆଁ ଗୁଡି ଆନୁକୂଲ୍ୟରେ ଏହି ପୂଜା ହୋଇ ଆସୁଛି । ଏଥିରେ ମୁଖ୍ୟଅତିଥି ଭାବରେ ସମାଜର ସୁନ୍ଦରଗଡ ଜିଲା ସଭାପତି ଗୋବିନ୍ଦ ଚନ୍ଦ୍ର ଭୋଇ ଯୋଗଦେଇଥିଲେ ।

ସେହିପରି ସମ୍ମାନିତ ଅତିଥି ଭାବରେ ଜିଲା ଉପସଭାପତି ସୁନୀଲ ଭୋଇ, ଲୋଇସିଂହା ଗୁଡି ସଭାପତି ଗୋକୁଳ ମାଝୀ, ଚାରପଡା ଗୁଡି ସଭାପତି ନାରାୟଣ ଧୃଆ, ବରପାଲି ଗୁଡି ସଭାପତି ଶଚିନ୍ଦ୍ର ମାଝୀ, ରୋହିଣୀ ଗୁଡି ସଭାପତି ସଞ୍ଜିବ ଭୋଇ, ପୂର୍ବତନ କନିକା ସରପଞ୍ଚ ଶାନ୍ତ ଧୃଆ, କାଳିଆ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଜନଜାତି ସମ୍ପ୍ରଦାୟର ଆଦିମ ଅଧିବାସୀ ଭାବରେ ପରିଚିତ ଗୋଁଡ ସମାଜ ତାଙ୍କର ଇଷ୍ଟଦେବ ଭାବରେ ଜଗନ୍ନାଥଙ୍କର ପ୍ରତ୍ୟକ୍ଷ ଅବତାର ଜଙ୍ଘା ବଡଦେଓଙ୍କ ପୂଜା କରି ଆସୁଛନ୍ତି । ଏବେ ମଧ ଜଙ୍ଘା ବଡଦେଓ ଏକ ପ୍ରତ୍ୟକ୍ଷ ଦେବତା ବୋଲି ଗୋଁଡ ସମାଜ ବିଶ୍ୱାସ କରୁଥିବାରୁ ଭାରତର ପ୍ରାୟ ଅଧିକାଂଶ ସ୍ଥାନରେ ପୂଜା ପାଉଛନ୍ତି । ଏହି ଉତ୍ସବ ଅବସରରେ ଟାଙ୍ଗରଡିହି, ବେନ୍ଦ୍ରିଚୁଆଁ, ଲକେଡ ଝରନ, କୁଟ୍ରାଯୋର, ଘିନାଚାଳ ଗ୍ରାମର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କମିଟିର ସଭାପତି ଚନ୍ଦ୍ରମଣି ଭୋଇ, ଉପସଭାପତି ଏତୁଆର ମାଝୀ, ସମ୍ପାଦକ କ୍ଷମାଶୀଳ ଭୋଇ, କ୍ଷୀତିରାମ ଭୋଇ, ଡିଲେଶ୍ୱର ଧୃଆ ପ୍ରମୁଖ ସହଯୋଗ କରିଥିବା ବେଳେ ବେଣୁଧର ମାଝୀ, ଈଶ୍ୱର ଚନ୍ଦ୍ର ଅତା ପ୍ରମୁଖ ପରିଚାଳନା କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୯ ଜାନୁୟାରୀ, ୨୦୧୯



ରାଗିବା ପୂର୍ବରୁ ହଠାତ୍ ସ୍ଥିର ହୋଇଯାଅ, ଆଉ କ୍ରୋଧର ସର୍ବଶେଷ ପରିଣାମ କଥା ଚିନ୍ତା କର।

- କନ୍‌ଫୁସିୟସ



## ସଂକ୍ଷେପରେ

### ଓଡ଼ିଶା କବାଡ଼ି ଟିମ୍‌ରେ ବବିନ

**ଝାରସୁଗୁଡ଼ା ଅଫିସ,୧୮।୧-** ଜାନୁଆରୀ ୨୧ରୁ ୨୪ ପର୍ଯ୍ୟନ୍ତ ବିହାରର ପାଟଣାଠାରେ ଜାତୀୟ ସବ ଜୁନିୟର କବାଡି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଓଡ଼ିଶା ଟିମ୍ ପକ୍ଷରୁ ଝାରସୁଗୁଡ଼ାର ବବିନ୍ ବରମୁ ମନୋନୀତ ହୋଇଛନ୍ତି। ଓଡ଼ିଶା କବାଡି ଆସୋସିଏଶନ୍ ବବିନ୍‌ଙ୍କ ମନୋନୟନ ଏବଂ ବିହାର ଗସ୍ତ ନେଇ ଜିଲା କ୍ରୀଡ଼ା ସଂଘକୁ ଅବଗତ କରାଇଛି। ଏହି ଖବର ପାଇ ଶୁକ୍ରବାର ବବିନ୍ ଓଡ଼ିଶା ଟିମ୍ ସହ ଯୋଗଦେବାକୁ କଟକ ଗସ୍ତ କରିଛନ୍ତି। ଶନିବାର ଓଡ଼ିଶା ଟିମ୍ ସହ ବବିନ୍ ବିହାର ଗସ୍ତ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବବିନଙ୍କ ଯାତ୍ରା ପୂର୍ବରୁ କ୍ରୀଡାସଂଘର ତାପସ ରାୟଚୌଧୁରୀ, ବ୍ରିଜେଶ ଶର୍ମା, ମନୋଜ ଦାସ, ଟୁଟୁ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ନକ୍ସାପାଲିରେ ମକର ଯାତ୍ରା

**କିର୍ମିରା,୧୮।୧(ଡି.ଏନ.ଏ.)-** କିର୍ମିରା ବ୍ଲକ ନକ୍ସାପାଲି ଗ୍ରାମରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହରିହରଙ୍କୁ ପୂଜାରୀ ନବୀନ ତ୍ରିପାଠୀ ଓ ଗଙ୍ଗାଧର ମହାପାତ୍ର ଲିମଟିକ୍ରା ପୂଜାମଣ୍ଡପରେ ଭେଟ କରାଯାଇଥିଲେ। ଗାଁ ଜମିଦାର ନେତ୍ରାନନ୍ଦ ସିଂ ନାଏକ ଛେରାପହଁରା କରିଥିଲେ ।

# କ୍ୟାନ୍‌ସର ହସ୍ପିଟାଲ ଶିଳାନ୍ୟାସ ପୂର୍ବରୁ କେଁ

**ଝାରସୁଗୁଡ଼ା ଅଫିସ,୧୮।୧**

ଜାନୁୟାରୀ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିବାକୁ ଥିବା କ୍ୟାନସର କେୟାର ହସ୍ପିଟାଲ ପ୍ରସଙ୍ଗରେ କେଁ ବାହାରିଛି। ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପୂର୍ବରୁ କ୍ୟାନସର ହସ୍ପିଟାଲ ବିଷୟକୁ ଚର୍ଚ୍ଚା ପରିଧିକୁ ଆଣିଛନ୍ତି। ତାଙ୍କ ଅଭିଯୋଗ ହେଲା, ୨୦୧୭ ମାର୍ଚ୍ଚ ୭ତାରିଖରେ ଝାରସୁଗୁଡ଼ା ଜିଲା ଖଣିଜ ପାଣ୍ଠି ବୈଠକରେ ଏକ କର୍କଟ ହସ୍ପତାଲ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ହସ୍ପିଟାଲ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ କରିବାକୁ ବିଧାୟିକା ଦାବି କରିଥିଲେ। କିନ୍ତୁ ଡିଏମ୍‌ଏଫ୍ ବୋର୍ଡ ଅଧ୍ୟକ୍ଷ ଏବଂ କେତେକ ବୋର୍ଡ ସଦସ୍ୟଙ୍କ ପ୍ରରୋଚନାରେ ଏହି ହସ୍ପିଟାଲ ଝାରସୁଗୁଡ଼ାରେ ନିର୍ମାଣ ମସୁଧା କରାଯାଇଥିଲା। ଏହା ବିରୋଧରେ ସୁଶୀଲ ପୁରୋହିତ ଏବଂ ଡିଏମଏଫ ବୋର୍ଡ ସଦସ୍ୟ ସାମଲ ନାଏକ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଯେଉଁଥିରେ ଇସ୍ପାତ ଓ ଖଣି ସଚିବ, ଝାରସୁଗୁଡ଼ା ଜିଲାପାଳ, ସ୍ୱାସ୍ଥ୍ୟ ସଚିବ ଏବଂ ପଶ୍ଚିମାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ପକ୍ଷଭୁକ୍ତ କରିଥିଲେ। ୧୪ ଅଗଷ୍ଟ ୨୦୧୮ରେ ହାଇକୋର୍ଟ ଏହି ମାମଲାର ଶୁଣାଣି ବେଳେ ୩ ସପ୍ତାହ ମଧ୍ୟରେ ପ୍ରଥମ ପକ୍ଷ ସ୍ୱାସ୍ଥ୍ୟ ବିଭାଗ ନିକଟରେ ରିପ୍ରେଜେଣ୍ଟେଶନ ଦାଖଲ କରିବେ। ଦାଖଲ ରିପୋର୍ଟକୁ ୬ ମାସ ମଧ୍ୟରେ ତର୍ଜମା କରି ସ୍ୱାସ୍ଥ୍ୟ ବିଭାଗ ଚୂଡାନ୍ତ ନିଷ୍ପତ୍ତି ନେବେ। ଏହି ସମୟ ମଧ୍ୟରେ ହସ୍ପିଟାଲ ନିର୍ମାଣ ନେଇ ପ୍ରକ୍ରିୟା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ପ୍ରଥମ ପକ୍ଷ ସହ ଆଲୋଚନା ନ କରି ଏକପାଖିଆ ଭାବେ ଝାରସୁଗୁଡ଼ାରେ କ୍ୟାନସର ହସ୍ପିଟାଲ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ହାଇକୋର୍ଟଙ୍କ ଅବମାନନା ବୋଲି ବିଧାୟିକା ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଶନିବାର ବ୍ରଜରାଜନଗରରେ ଏକ ସର୍ବଦଳୀୟ ବୈଠକ ଡକାଯିବ। ଏଥିରେ ଭବିଷ୍ୟତ ଆନ୍ଦୋଳନ ରୂପରେଖ ସ୍ଥିର ହେବ। ଖବରଦାତା ସମ୍ମିଳନୀରେ ଭାଜପା ନେତା ଦିନେଶ ଜୈନ, ରଘୁନନ୍ଦନ ପଣ୍ଡା, ସୁନୀଲ ପଣ୍ଡା, ସୁଶୀଲ ପୁରୋହିତ, ସାମଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବିଧାୟିକାଙ୍କ ଅଭିଯୋଗ ବାବଦରେ ଜିଲାପାଳ ତଥା ଡିଏମ୍‌ଏଫ ବୋର୍ଡ ଅଧ୍ୟକ୍ଷ ବିଭୂତି ଭୂଷଣ ପଟ୍ଟନାୟକ କହିଛନ୍ତି ଯେ, କ୍ୟାନସର ହସ୍ପିଟାଲ ନେଇ ବୋର୍ଡ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେନେଇ ବ୍ରଜରାଜନଗର ଏବଂ ଝାରସୁଗୁଡା ଭଳି ୨ଟି ସ୍ଥାନ ସ୍ଥିରୀକୃତ ହୋଇଥିଲା। ଝାରସୁଗୁଡ଼ା ଜିଲା ମୁଖ୍ୟାଳୟ ହୋଇଥିବାରୁ ଏଠାରେ ସ୍ଥାପନ ପାଇଁ ସରକାର ସ୍ଥିର କରିଥିଲେ। କିନ୍ତୁ ଏହା ବିରୋଧରେ ହାଇକୋର୍ଟରେ ମାମଲା ଦାୟର କରାଯାଇଥିଲା। ହାଇକୋର୍ଟ ମାମଲାର ଶୁଣାଣି କରି ସ୍ୱାସ୍ଥ୍ୟ ବିଭାଗ ସଚିବ ଏହାର ନିଷ୍ପତ୍ତି ନେବେ ବୋଲି କହିଥିଲେ। ବିଭିନ୍ନ ଦୃଷ୍ଟି କୋଣକୁ ବିଚାର କରି ସ୍ୱାସ୍ଥ୍ୟ ବିଭାଗ ଝାରସୁଗୁଡ଼ାରେ ଏହି ହସ୍ପିଟାଲ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନେବା ସହ ମାମଲାକୁ ଖାରଜ କରିଥିଲେ।

ଅନ୍ୟପକ୍ଷରେ ଝାରସୁଗୁଡା ବିଧାୟକ ନବ ଦାସ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, ଝାରସୁଗୁଡା ଲୋକଙ୍କ ଦାବି କ୍ରମେ ରାଜ୍ୟ ସରକାର କର୍କଟ ହସ୍ପିଟାଲ ଝାରସୁଗୁଡ଼ା ସଦର ମହକୁମାରେ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି ଏହି ପ୍ରକଳ୍ପକୁ ବିଳମ୍ବିତ କରିବାକୁ ଅପଚେଷ୍ଟା କରି ଅଦାଲତରେ ମାମଲା ଦାୟର କରିଥିଲେ। ହେଲେ କୋର୍ଟ ସ୍ୱାସ୍ଥ୍ୟ ବିଭାଗ ଉପରେ ଏହାର ନିଷ୍ପତ୍ତି ନ୍ୟସ୍ତ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଏହି ମାମଲାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ହସ୍ପିଟାଲ ଝାରସୁଗୁଡାରେ ସ୍ଥାପନ ହେବ ବୋଲି ନିଷ୍ପତ୍ତି ନେବା ସହ ମାମଲାକୁ ୬ ନଭେମ୍ବର ୨୦୧୮ରେ ଖାରଜ କରିଥିଲେ।




ଖବରଦାତା ସମ୍ମିଳନୀରେ ବିଧାୟିକା ଏବଂ ଅନ୍ୟମାନେ।

## ୨୦ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ରାଉରକେଲା ଅଫିସ, ୧୮।୧**

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଓ ଚତୁର୍ଥ ଇଷ୍ଟି ଦୀପନା ମହୋତ୍ସବ ଆସନ୍ତା ୨୦ତାରିଖରେ ଜଲଦା ମିନିଷ୍ଟାଡିୟମଠାରେ ପାଳନ କରାଯିବ। ଏନେଇ ଗୁରୁବାର ଅପରାହ୍ନରେ ଷ୍ଟାଡିୟମ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ସୂଚନା ପ୍ରଦାନ କରିଥିଲେ। ପାନପୋଷ ଉପଖଣ୍ଡର ଲାଠିକଟା, ବିଶ୍ରା, କୁଆଁରମୁଣ୍ଡା ଓ ନୂଆଗାଁ ସମେତ ଏଥିରେ ରାଜଗାଙ୍ଗପୁର ଅଞ୍ଚଳର ବହୁ ଭକ୍ତ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଏଥିରେ କୁହାଯାଇ ଥିଲା। ପୂର୍ବରୁ ସହରରେ ୩ଟି ମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଚତୁର୍ଥ ମହୋତ୍ସବ ଜଲଦା ମିନି ଷ୍ଟାଡିୟମଠାରେ ଆୟୋଜନ କରାଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲା ସମେତ ଜିଲା ବାହାରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀ ଆସିବା କାର୍ଯ୍ୟକ୍ରମ ରହିଛି। ସେନେଇ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଥିବା କୁହାଯାଇଛି। ୨୦ତାରିଖ ବ୍ରାହ୍ମ ମୁହୂର୍ତ୍ତରୁ ବେଦ ମାଙ୍ଗଳିକ ଓ ସାହାନାଇ ସହ ପ୍ରତ୍ୟୁଷରେ ଉଷା କୀର୍ତ୍ତନ, ସକାଳୁ ସମବେତ ପ୍ରାର୍ଥନା ଅନୁଷ୍ଠିତ ହେବ। ସକାଳ ୭ରୁ ୮ଟା ମଧ୍ୟରେ ସଦଗ୍ରନ୍ଥାଦି ପଠନ, ମନନ ସହ ସଂଗୀତାଞ୍ଜଳି କାର୍ଯ୍ୟକ୍ରମ ରହିଥିବା ମଞ୍ଚାସୀନ କର୍ମକର୍ତ୍ତା ସୂଚନା ଦେଇଥିଲେ। ସେହିପରି ସକାଳ ସାଢେ ୮ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ନଗର କୀର୍ତ୍ତନ କରାଯିବା ନେଇ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଏହି କୀର୍ତ୍ତନ ଶୋଭାଯାତ୍ରା ଫର୍ଟିଲାଇଜର ଟାଉନଶିପ୍ ପରିକ୍ରମା କରିବ। ଏଥିରେ ସମସ୍ତ ଭକ୍ତ ସାମିଲ ହେବେ। ଦିନ ୧୧ଟାରେ ସତ୍‌ସଙ୍ଗ ତଥା ସାଧାରଣ ସଭାରେ ଶ୍ରଦ୍ଧାଳୁ ଉପସ୍ଥିତ ରହିବେ ବୋଲି ମଞ୍ଚାସୀନ କର୍ମକର୍ତ୍ତା କହିଥିଲେ। ଖବରଦାତା ସମ୍ମିଳନୀରେ ବସନ୍ତ ଜେନା, କିଶୋର ଦାସ, ଅଶୋକ ରାୟ, ନକୁଳ ଜେନା, ସତ୍ୟାନନ୍ଦ ଦାସ, ସଚ୍ଚିଦାନନ୍ଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

# ପିଠା କାର୍ଯ୍ୟକ୍ରମରେ ତାତିଲେ ମହିଳା

**ରାଉରକେଲା ଅଫିସ,୧୮।୧**

ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଅଧୀନ ଦକ୍ଷିଣ ରାଉରକେଲା ବୋଇତ ବନ୍ଧାଣ ପଡ଼ିଆରେ ଗୁରୁବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେଲେ ଅଞ୍ଚଳଟି ମହାନଗର କିମ୍ବା ପଞ୍ଚାୟତ ଅଧିନରେ ଆସୁ ନ ଥିବା ବେଳେ ନିର୍ବାଚନକୁ ଆଖି ଆଗରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି। ଏପରି କି ଏହାରି ପଛରେ କି ରହସ୍ୟ ରହିଛି ବୋଲି ଉପସ୍ଥିତ ମହିଳାମାନେ ପ୍ରଶ୍ନ କରିଥିଲେ। ବିଜେଡି ସରକାର ୨୦ବର୍ଷ କାଳ ଶାସନ କରିବା ପରେ ଦକ୍ଷିଣ ରାଉରକେଲାର ୨୫ରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦା ଅବହେଳିତ ହୋଇ ରହିଛନ୍ତି। ସେମାନଙ୍କୁ ମହାନଗର କିମ୍ବା ପଞ୍ଚାୟତ ଅଧୀନକୁ ନିଆଗଲା ନାହିଁ। ବର୍ତ୍ତମାନ ଅଞ୍ଚଳରେ ସରକାରୀ ଡାକ୍ତରଖାନାଟିଏ ହୋଇ ପାରିଲାନି। ମଞ୍ଜୁର ହୋଇଥିବା ମେଡିକାଲକୁ ଫେରାଇ ଦିଆଯାଇଥିବା ଅଭିଯୋଗ କରିଥିଲେ। ଏବେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ କିଛି ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟିବାକୁ ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯିବା କେତେଦୂର ଯଥାର୍ଥ ବୋଲି ଉପସ୍ଥିତ ମହିଳା କର୍ମୀ ମଞ୍ଚାସୀନ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ଉପସ୍ଥିତ ଅଧିକାରୀ କହିଥିଲେ, ସରକାରଙ୍କ ଯୋଜନା ସଂକ୍ରାନ୍ତରେ ଜନସାଧାରଣଙ୍କୁ ବୁଝାଇବା ନେଇ ଏହି କାର୍ଯ୍ୟକ୍ରମ ହେଉଛି। ଏପରି କି ଏହାର ସୁଫଳ ଲୋକେ କିପରି ପାଇବେ ସେ ନେଇ ଆଲୋଚନା କରାଯିବ।

ଦକ୍ଷିଣ ରାଉରକେଲା କାହିଁକି ମହାନଗର କି ପଞ୍ଚାୟତ ଅଧୀନକୁ ଗଲା ନାହିଁ ସେନେଇ ତାଙ୍କ ପାଖରେ ଉତ୍ତର ନ ଥିବା କହିଥିଲେ। ପରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିବା ଦେଖିବାକୁ ମିଳିଥିଲା। ସେ କହିଥିଲେ, ଏହା ଶିଳ୍ପାଞ୍ଚଳ ଅନ୍ତର୍ଭୁକ୍ତ ହୋଇଥିବାରୁ ଆର୍‌ଏମ୍‌ସି କିମ୍ବା ପଞ୍ଚାୟତ ଅନ୍ତର୍ଭୁକ୍ତ ହୋଇପାରୁ ନାହିଁ। ତଥାପି ଲୋକେ କିପରି ସରକାରୀ ଯୋଜନାରୁ ସୁଫଳ ପାଇବେ ସେ ନେଇ ଚେଷ୍ଟା ଜାରି ରହିଛି। ପୀଠା କାର୍ଯ୍ୟକ୍ରମରେ କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ପରିଚୟ ପତ୍ର ବଣ୍ଟନ କରାଯାଇଥିବା ବେଳେ ୧୨ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କୁ ଆଗାମୀ ଦିନରେ ବିଭିନ୍ନ ଯୋଜନାରେ ସାମିଲ କରାଯିବ ବୋଲି କୁହାଯାଇଥିଲା। ଏନେଇ ଘଟଣାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# କଣ୍ଟାପାଲି ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ପାଳନ

**ବାରକୋଟ, ୧୮।୧ (ଡି.ଏନ.ଏ)**

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଟାପାଲି ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ୨୫ ବର୍ଷପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, କଣ୍ଟାପାଲି ସରପଞ୍ଚ ମନ୍ଦାକିନୀ ବେହେରା, ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟକ ମୁକ୍ତେଶ୍ୱର ରାଉତ ଯୋଗଦେଇଥିଲେ । ସକାଳ ୧୦ ଘଟିକା ସମୟରେ ରେଗେଡାଖୋଲ ଏବଂ ତାଳଖଲି ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀଙ୍କ ଗହଣରେ ନୂତନ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା କଳସଯାତ୍ରା କରାଯାଇଥିଲା । ଏହାପରେ ସମାଜସେବୀ ଇଂ. ଚିତ୍ତରଞ୍ଜନ ପ୍ରଧାନ ଫିତାକାଟି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁପୂଜନ ପରେ ସନ୍ଧ୍ୟା ୫ଟାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିମନ୍ୟୁ ନନ୍ଦଙ୍କ ସଭାପତିତ୍ୱରେ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




କଣ୍ଟାପାଲି ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି, ବକ୍ତା।

# ଆଜି ବିଜାପାଲି ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

**ଲଖନପୁର,୧୮।୧ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପଞ୍ଚଗାଁ ପଞ୍ଚାୟତ ବିଜାପାଲି ମହିମା ଆଶ୍ରମରେ ୩୪ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଶନିବାର ଆରମ୍ଭ ହୋଇ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ। ଯଜ୍ଞ ବ୍ରହ୍ମଅବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଚାଲିବ । ଏଥିରେ ବ୍ରହ୍ମାବଧୂତ ଚିତ୍ତରଞ୍ଜନ ବାବା, ତୁଳାରାମ ବାବା, ବରୁଣ ବାବା, ଉଦ୍ଧବ ବାବା ପ୍ରମୁଖ ବହୁସାଧୁ, ସନ୍ଥ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଯଜ୍ଞ ପ୍ରାରମ୍ଭ ଶନିବାର ତ୍ରୟୋଦଶୀ ତିଥିରେ କଳସଯାତ୍ରା, ସନ୍ଧ୍ୟାବ୍ରାହ୍ମ ମୁହୂର୍ତ୍ତରେ ବ୍ରହ୍ମଧୁନି ସ୍ଥାପନ, ଅଖଣ୍ଡ ବ୍ରହ୍ମଧୁନି ପ୍ରଜ୍ୱଳନ, ଆଠ ଭଜନ, ବିଶ୍ୱଶାନ୍ତି ପାଇଁ ବ୍ରହ୍ମଧୂନୀରେ ଘୃତାହୁତି ଆଦି କାର୍ଯ୍ୟକ୍ରମ ରହିଛି । ସେହିପରି ରବିବାର ଚତୁର୍ଦ୍ଦଶୀ ତିଥିରେ ପ୍ରାତଃବ୍ରହ୍ମ ମୁହୂର୍ତ୍ତରେ ଦର୍ଶନ ସ୍ତୁତି ପ୍ରାର୍ଥନା, ଅବକାଶ ଜଣାଣ ଆଦି କାର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ ଦିବସ ସୋମବାର ପୌଷପୂର୍ଣ୍ଣିମା ତିଥିରେ ମାହେନ୍ଦ୍ରବେଳା ଶୁଭ ମୁହୂର୍ତ୍ତରେ ବିଶ୍ୱର ମଙ୍ଗଳ କାମନା ପାଇଁ ଯଜ୍ଞର ପୂର୍ଣ୍ଣାହୁତି ସାଙ୍ଗକୁ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ରହିଛି। ଯଜ୍ଞରେ ପଡୋଶୀ ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଜିଲାରୁ ସାଧୁ, ସନ୍ଥ ଓ ଶ୍ରଦ୍ଧାଳୁମାନେ ଯୋଗଦେବା ପାଇଁ ଆସିବାରେ ଲାଗିଛନ୍ତି। ପୌଷପୂର୍ଣ୍ଣିମା ମେଳାରେ ମୀନାବଜାର, ଦୋକାନ ବଜାର ଆଦି ଖୋଲିଛି। ଯଜ୍ଞ ଦର୍ଶନ ସାଙ୍ଗକୁ ଲୋକେ ଦୋକାନ ବଜାରରୁ କିଣାବିକାର ମଜା ଉଠାଇବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷାପାଇଁ କମିଟି ଓ ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ ବିଶେଷ କରି ପଶ୍ଚିମ ଓଡ଼ିଶାରେ ପୌଷ ପୂର୍ଣ୍ଣିମାତିଥିରେ ଲୋକେ ଛେଳି, ମେଣ୍ଢା, କୁକୁଡା ଆଦି ଜୀବଜନ୍ତୁଙ୍କୁ ହତ୍ୟା କରି ମଦ, ମାଂସ ଖାଇ ବହୁ ଆଡମ୍ବରରେ ଏହାକୁ ପାଳନ କରିଥାନ୍ତି। ଫଳରେ ସମାଜ ଉପରେ ଏହାର କୁପ୍ରଭାବ ପଡିଥାଏ । ସୁସ୍ଥସମାଜ ଗଠନ କରିବା ନେଇ ପୌଷପୂର୍ଣ୍ଣିମା ତିଥିରେ ମଦ,ମାଂସ ନ ଖାଇ ଆଧ୍ୟାତ୍ମିକ ଚେତନାରେ ନିଜକୁ ସାମିଲ କରିବା ପାଇଁ ମହିମାଧର୍ମ ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏହି ପ୍ରୟାସ ଗତ ୩୪ବର୍ଷ ତଳେ ବ୍ରହ୍ମବଧୂତ ବାବା ବୀରେନ୍ଦ୍ର କରିଥିଲେ। ସେହି ଦିନଠାରୁ ପୌଷପୂର୍ଣ୍ଣିମା ତିଥିରେ ଲୋକେ ମଦ, ମାଂସ ଆହର ନ କରି ଏହି ଯଜ୍ଞରେ ସାହାଯ୍ୟ ସହଯୋଗକରି ନିଜକୁ ସମର୍ପିତ କରିଥାନ୍ତି। ଏହି ପରମ୍ପରା ପଶ୍ଚିମ ଓଡ଼ିଶାରେ ଏକ ନିଆରା। ଏଥିରେ ଲୋକେ ଆକୃଷ୍ଟ ହେଉଥିବାରୁ ଯଜ୍ଞରେ ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହେଉଛି। ମହିମାଧର୍ମର ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିବା ସାଙ୍ଗକୁ ପ୍ରଶଂସା କରିଆସୁଛନ୍ତି।

## ଦାଦନ ଖଟେଇବାକୁ ନେଇ ନିର୍ଯାତନା : ଥାନାରେ ଅଭିଯୋଗ

**ରିଆମାଳ, ୧୮।୧ (ଡି.ଏନ.ଏ)**

ଦେବଗଡ଼ ଜିଲା ରିଆମାଳ ଥାନା ପାଳକୁଦର ଓ କେନ୍ଦଇଝୁରୀ ଗ୍ରାମର ୧୧ଜଣ ଯୁବକଙ୍କୁ ଦାଦନ ଖଟେଇବାକୁ ନେଇ ନିର୍ଯାତନା ଦିଆଯାଇଛି। ଏନେଇ ଶୁକ୍ରବାର ଜଣେ ଦାଦନ ଶ୍ରମିକ ଅଶ୍ୱିନୀଙ୍କ ବାପା ବିପିନ ଢୁଙ୍ଗହୁଙ୍ଗ ରିଆମାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କଇଡ଼ାପାଳ ଗ୍ରାମର ଜଣେ ବ୍ୟକ୍ତି ଏମାନଙ୍କୁ ଭୁବନେଶ୍ୱର କରି ଗୟା ନେଇଯାଇଥିଲେ। ସେଠାରେ ଯୁବକମାନଙ୍କୁ ନିର୍ଯ୍ୟାତନା ଦିଆଯାଇଛି। ସେମାନଙ୍କୁ ଫେରାଇ ଆଣିବାକୁ ଦାବି ହେଉଛି।

# ମହିଳା, ପୁରୁଷ କବାଡ଼ି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଦେବଗଡ,୧୮।୧(ସ୍ୱ.ପ୍ର.)**

ସ୍ଥାନୀୟ ଗୋପାଳଜୀ ମନ୍ଦିର ପଡିଆଠାରେ ଦେବଗଡ କବାଡି କମିଟି ତରଫରୁ ୮ମ ରାଜ୍ୟସ୍ତରୀୟ ମହିଳା, ପୁରୁଷ ଦିବାରାତ୍ର କବାଡି ଚାମ୍ପିୟନଶିପ୍ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ମହିଳା ବିଭାଗରେ କଟକ, କୁଆଖିଆ, କିଟ ୟୁନିଭର୍ସିଟି ଭୁବନେଶ୍ୱର, ଦେବଗଡ ଏବଂ ପୁରୁଷ ବିଭାଗରେ ଢେଙ୍କାନାଳ, କଟକ, ଦେବଗଡ, କୁଆଖିଆ, କିଟ ୟୁନିଭର୍ସିଟି ଆଦି ଟିମ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ସମସ୍ତେ ପରସ୍ପରକୁ ଲିଗ୍ ରାଉଣ୍ଡରେ ଭେଟିଥିଲେ। ଏହି ଅବସରରେ କମିଟି ସଭାପତି ପ୍ରଫୁଲ୍ଲ କୁମାର ନାୟକ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲା ବିଜେଡି ସଭାପତି ସୁଧିର କୁମାର କପରଦାର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କବାଡି ପତାକା ଉତ୍ତୋଳନ ଏବଂ ଫିତାକାଟି ଏହାକୁ ଉଦଘାଟନ କରିଥିଲେ। ଖେଳାଳିମାନଙ୍କ ସହ କରମର୍ଦ୍ଦନ କରିଥିଲେ। ଅନ୍ୟପକ୍ଷରେ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ ବିଧାୟକ ସମ୍ବଲପୁର ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ଦେବଗଡ ସୁବାଷଚନ୍ଦ୍ର ପାଣିଗ୍ରାହୀ ଯୋଗଦାନ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚଗୁଡିକୁ ଦେଖିବା ପାଇଁ ଶତାଧିକ ମହିଳା, ପୁରୁଷ ତଥା ଶିଶୁଦର୍ଶକଙ୍କ ଭିଡ ଜମିଥିଲା। ଓଡିଶା କବାଡି ସଂଘର ଉପ ସଭାପତି ପୃଥ୍ୱୀରାଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମ୍ୟାଚଗୁଡିକର ରେଫରୀ ଭାବେ ଓଡିଶା କବାଡି ରେଫରୀ ବୋର୍ଡ ଚେୟାରମେନ୍ ପଦ୍ମଚରଣ ପ୍ରଧାନ, ସମ୍ବଲପୁର ରାଜେଶ ସେଠ ଓ ପ୍ରମୋଦ ସାହୁ, ସୁରେନ୍ଦ୍ର ନାୟକ, ମଳୟ ରାଉତ, ଲିଙ୍ଗରାଜ ସାହୁ, ବୃନ୍ଦଦେବ ପ୍ରଧାନ, ବିଶ୍ୱଭୁଷଣ ପାଲ, ମିହିର ପଟ୍ଟନାୟକ ଓ ପ୍ରଶାନ୍ତ ପରିଡା ସ୍କୋରର ଏବଂ ଅଫିସିଆଲ ଭାବେ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅବନୀ ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ।



ଜିଲା ବିଜେଡି ସଭାପତି ସୁଧୀର କୁମାର କପରଦାର ଖେଳକୁ ଉଦଘାଟନ କରୁଛନ୍ତି।

## ରାଜ୍ୟସ୍ତରୀୟ ସ୍ଲୋଗାନ ପ୍ରତିଯୋଗିତାରେ ଛାତ୍ରୀଙ୍କ କୃତିତ୍ୱ



ଶିକ୍ଷୟିତ୍ରୀ ଶିକ୍ଷକମାନେ ରାଜ୍ୟସ୍ତରୀୟ ସ୍ଲୋଗାନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରୁଛନ୍ତି।

**କୋଲାବିରା,୧୮।୧ (ଡି.ଏନ୍.ଏ.)**

ରାଜ୍ୟସ୍ତରୀୟ ସ୍ଲୋଗାନ ପ୍ରତିଯୋଗିତାରେ କୋଲାବିରା ବ୍ଲକ ପରମାଣପୁର ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ନବମ ଜାତୀୟ ଭୋଟର ଦିବସ ୨୦୧୯ ପାଳନ ଅବସରରେ ଭୁବନେଶ୍ୱର ବାଣୀବିହାରଠାରେ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ସ୍ଲୋଗାନ ପ୍ରତିଯୋଗିତାରେ କୋଲାବିରା ବ୍ଲକର ପରମାଣପୁରସ୍ଥିତ ଚକ୍ରଧର ବିର୍ତ୍ତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ନିଶାମଣି ବଢେଇଙ୍କ କନ୍ୟା ପୂଜା ବଢେଇ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଯାହାକି ଜିଲା ସମେତ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଝସାନନ୍ଦ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟା ସଭ୍ୟ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ପୂଜାଙ୍କ ମାତା ପିତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ

**ସଂକ୍ଷେପରେ**

## ୩ଦିନ ହେଲା ପଡିରହିଛି ଅଜଣା ମୃତଦେହ

ବଡଗାଁ, ୧୮।୧ (ଡି.ଏନ.ଏ)- ବଡଗାଁ ଥାନା ଅନ୍ତର୍ଗତ କିଞ୍ଜିରକେଲା ଗାଁ ନିକଟ ଶିଆଳଯୋର ନାଳ ଉପରମୁଣ୍ଡ ଏକ ମହୁଲ ଗଛମୂଳେ ୩ ଦିନ ହେଲା ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖାଯାଇଛି। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଘଟଣାସ୍ଥଳକୁ ଯାଇଥିଲା ବେଳେ ହାପ୍‌ପେଣ୍ଟ ପିନ୍ଧିଥିବା ପ୍ରାୟ ୫୦ରୁ ୫୫ ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ପୋଲିସକୁ ସୂଚନା ଦିଆଯାଇଛି । ମୃତ ବ୍ୟକ୍ତି କିଏ ଜଣାପଡିନାହିଁ।

# କାଲୁଙ୍ଗା ଶିଳ୍ପାଞ୍ଚଳ ରାସ୍ତା ମରଣଯନ୍ତା

## ■ ଧୂଳି ଧୂଆଁରେ ଅଣନିଃଶ୍ୱାସୀ ଅଞ୍ଚଳବାସୀ

ରାଉରକେଲା ଅଫିସ/ ବେଦବ୍ୟାସ, ୧୮।୧ (ଡି.ଏନ୍.ଏ.)

ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କାଲୁଙ୍ଗା କରତ କଳ ଛକରୁ ଶିଳ୍ପାଞ୍ଚଳ ୨କି.ମି. ରାସ୍ତା ଏବେ ମରଣ ଯନ୍ତା ପାଲଟିଛି। ଧୂଳିଧୂଆଁରେ ଅଣନିଃସ୍ୱାସୀ ହେଉଛନ୍ତି ଅଞ୍ଚଳବାସୀ। ରାସ୍ତାରୁ ପିଚୁ ଉଠି ଗୋଡି ଗଡୁଥିବା ବେଳେ ଆଣ୍ଠୁଏ ଗାଡରେ ପଡି ଲୋକେ ଖଣ୍ଡିଆ ଖାବରା ହେଉଛନ୍ତି। ନାକ କାନରେ କପଡା ନ ଢାଙ୍କିଲେ ଯାତାୟତ ସମ୍ଭବ ହେଉନି। ନିମ୍ନମାନର ପିଚୁ ଯୋଗୁ ଏହି ରାସ୍ତା ଅଳ୍ପ କିଛି ଦିନ ମଧ୍ୟରେ ନଷ୍ଟ ହୋଇଯିବାରୁ ଏଭଳି ସ୍ଥିତି ଉପୁଜିଥିବା କୁହାଯାଇଛି। ଏହି ରାସ୍ତା ଦେଇ ଶିଳ୍ପାଞ୍ଚଳ କାଲୁଙ୍ଗାକୁ ନିରନ୍ତର ଯାତାୟାତ କରୁଥିବା ଭାରିଯାନ ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏପରି କି ଦିନ ତମାମ ଧୂଳି ଉଡିବା ବନ୍ଦ ହେଉନି। ଫଳରେ ରାସ୍ତା ପାର୍ଶ୍ୱ ବାସିନ୍ଦା ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ଧୂଳିର ଆସ୍ତରଣ ଜମୁଥିବା ବେଳେ ବାଇକ୍ ଆରୋହୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପପକ୍ଷେ ରାସ୍ତା ମଝିରେ ଆଣ୍ଠୁଏ ଖାଲ। ଏହାକୁ ମରାମତି ନେଇ ଉଦ୍ୟମ କରାଯାଉ ନାହିଁ। ଏଭଳିସ୍ଥିତିରେ ରାତି ଅନ୍ଧାରରେ ବାଇକ ଚାଳକ ପଡି ଦୁର୍ଘଟଣାଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ଧୂଳି ଯୋଗୁ କରତକଳ ରାସ୍ତା ଦେଇ ଛାତ୍ରୀଛାତ୍ରମାନେ ଯାତାୟତ କରିବାକୁ ନିରାପଦ ମଣୁ ନାହାଁନ୍ତି। ଶିଳ୍ପ କାରଖାନାକୁ ଯାତାୟତ କରୁଥିବା ଭାରିଯାନ ରାସ୍ତା ନଷ୍ଟ କରୁଥିବା ବେଳେ ଏହାର ମରାମତି ନେଇ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ଏଭଳି ସମସ୍ୟା ଲାଗି ରହିଥିବା ବେଳେ କାଲୁଙ୍ଗାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପଟେଲ ବାର୍ଲା, ଶିବ କିଷାନ, ଦାସରଥି କିଷାନ, ସୁକଦେବ ନନୋହାର, ଚନ୍ଦ୍ରମଣି କିଷାନ ପ୍ରମୁଖ ଦାବି କରିଛନ୍ତି।



କାଲୁଙ୍ଗା କରତ କଳ ଛକରୁ ଶିଳ୍ପାଞ୍ଚଳ ୨କି.ମି. ରାସ୍ତାରେ ପିଚୁ ଉଠିଯାଇଛି।

## ଆବର୍ଜନାରେ ବଣିଆ ଗେଟ୍ ନାଳ, ବ୍ୟବସାୟୀଙ୍କ ଅସନ୍ତୋଷ

ରାଉରକେଲା ଅଫିସ,୧୮।୧

ଗତ କିଛି ଦିନ ହେବ ପ୍ଲାଣ୍ଟସାଇଟ ନିକଟ ବଣିଆ ଗେଟ ଛକ ଡ୍ରେନେଜ ବ୍ୟବସ୍ଥା ଅକାମି ହୋଇପଡିଛି। କୁଢ କୁଢ ଆବର୍ଜନା ନାଳ ଭିତରେ ପଡିଥିବା ବେଳେ ଦୁର୍ଗନ୍ଧରେ ପଥଚାରି ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏପରି କି ବର୍ଜ୍ୟଜଳ ନିଷ୍କାସିତ ହୋଇ ନ ପାରି ଜମି ରହୁଥିବାରୁ ଏପରି ଦୁରବସ୍ଥା ଉପୁଜିଥିବା ସ୍ଥାନୀୟ ବ୍ୟବସାୟୀମାନେ କହିଛନ୍ତି। ଅନ୍ୟପକ୍ଷେ ପାଖ ହୋଟେଲ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଭାସୁଛି। ପଥଚାରୀ ମଇଳା ପାଣିରେ ଯାତାୟତ କରିବାକୁ ବାଧ ହେଉଛନ୍ତି। ଦୋକାନୀଙ୍କ ନିମନ୍ତେ ଡଷ୍ଟବିନ ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନେ ବାଧ ହୋଇ ବର୍ଜ୍ୟ ପଦାର୍ଥ ନାଳକୁ ଫିଙ୍ଗୁଥିବା ଜଣାପଡିଛି। ଏହା ଏକ ବ୍ୟସ୍ତବହୁଳ ଛକ। ନିକଟରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ରାତି ଆଶ୍ରୟ ସ୍ଥଳ ରହିଛି। ଏହାସତ୍ତ୍ୱେ ପରିମଳ ଅବସ୍ଥା ପ୍ରତି ଦୃଷ୍ଟି ଦିଆଯାଉ ନ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଭୋଟ ସର୍ବସ୍ୱ ରାଜନୀତି ପାଇଁ ଓଡ଼ିଆଙ୍କ ସ୍ୱାର୍ଥ ଭୂଲୁଣ୍ଠିତ ହେଉଛି

ରାଉରକେଲା ଅଫିସ,୧୮।୧

**ସମ୍ରାଟ କପିଳେନ୍ଦ୍ର ଜୟନ୍ତୀ**

ଓଡ଼ିଶା ଇତିହାସର ମହାନ ଦିଗ୍‌ବିଜୟୀ ପ୍ରଜାବତ୍ସଳ ରାଜା କପିଳେନ୍ଦ୍ର ଦେବଙ୍କ ପବିତ୍ର ଜୟନ୍ତୀ ସେକ୍ଟର-୫ ଗୁଣ୍ଡିଚା ମନ୍ଦିରରେ ପାଳିତ ହୋଇଯାଇଛି। କଳିଙ୍ଗ ବିକାଶ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ, ସଚେତନ ନାଗରିକ ମଞ୍ଚ, ରେଳ ଓ ସଡ଼କ ଉପଯୋଗକାରୀ ସଂଘ, ଶିଳ୍ପାଞ୍ଚଳ ଲେଖକ ସମାଜ, ଯାଦବ ଉନ୍ନୟନ ସମିତି କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ଇଂ. ଭରତ ଦାସ ଅଧ୍ୟକ୍ଷତା କରି ସମ୍ରାଟ କପିଳେନ୍ଦ୍ର ଦେବ ଓ ସାମ୍ପ୍ରତିକ ଓଡ଼ିଶାର ପ୍ରଗତି ନେଇ ଆଲୋକପାତ କରିଥିଲେ। ସେ କପିଳେନ୍ଦ୍ରଙ୍କ ସୁଶାସନ ଓ ପ୍ରଜା କଲ୍ୟାଣ ନେଇ କେତେକ ତଥ୍ୟ ଉପସ୍ଥାପନ କରିଥିଲେ। ସୁବିଶାଳ କଳିଙ୍ଗ ସାମ୍ରାଜ୍ୟର ପ୍ରତିଷ୍ଠାତା ଦିଗବିଜୟୀ ସମ୍ରାଟ ବୀର କପିଳେନ୍ଦ୍ର ଦେବ ହେଉଛନ୍ତି ଗର୍ବ ଓ ଗୌରବର ପ୍ରତୀକ। ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ଆରବ ସାଗର କୂଳରେ ନିର୍ମାଣ ନେଇ ମହାରାଷ୍ଟ୍ରବାସୀ ସଂଗଠିତ ହେଉଛନ୍ତି। ଏପରି ଅବସ୍ଥାରେ କପିଳେନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱରଠାରେ ପ୍ରତିଷ୍ଠା ନ ହେବା ପରିତାପର ବିଷୟ ବୋଲି ଦାସ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ଦାସ, ସୁଦାମ ଦାସ, ନାରାୟଣ ପତି, ପି.ପି. ରାୟ, ଅମୂଲ୍ୟ ବରାଳ, ବଳରାମ ଦାସ, ଗୁରୁଚରଣ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କପିଳେନ୍ଦ୍ରଙ୍କ ଶାସନ କାଳ ଉପରେ ଆଲୋଚନା କରିଥିଲେ। ସେମାନେ ଓଡ଼ିଶା ଭାଷା ଆଇନର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ଏହି ଦିଗରେ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରାଯାଇ ଥିଲା। ଅଣ ଓଡ଼ିଆଙ୍କ କର୍ତ୍ତୃତ୍ୱ ଓ ଜମି ଜବରଦଖଲ ସହ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଭିଡ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଭୂମି ଅଧିକାର ଆଇନ ନ ଥିବାରୁ ଏଭଳି ଉତ୍କଟ ସମସ୍ୟା ଉପୁଜିଥିବା ଆଲୋଚନାରେ କୁହାଯାଇଥିଲା। ଭୋଟସର୍ବସ୍ୱ ରାଜନୀତିପାଇଁ ଓଡ଼ିଆଙ୍କ ସ୍ୱାର୍ଥ ଭୂଲୁଣ୍ଠିତ ହେଉଥିବା ଅଭିଯୋଗ ହୋଇଥିଲା। ସମସ୍ତ ସଂଗଠନ ଏକ ସ୍ୱରରେ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇ ଥିଲଶ। ଏଥିରେ କ୍ଷୀରୋଦ ଜେନା, ନିଶିଚାନ୍ଦ ରାଉତରାୟ, ଉଦୟନାଥ ଖୁଣ୍ଟିଆ, ଦୁଃଖିଶ୍ୟାମ ସେନାପତି, କାଳିନ୍ଦୀ ବାରିକ, ସର୍ବେଶ୍ୱର ଦାସ, ଜ୍ଞାନ ରଞ୍ଜନ ମିଶ୍ର, ମାୟାଧର ଦାସ, ବୈଷ୍ଣବ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ଏନ୍‌ଆଇଟିର ୧୬ତମ ସମାବର୍ତ୍ତନ ଉତ୍ସବ

ରାଉରକେଲା ଅଫିସ,୧୮।୧

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ୧୬ତମ ସମାବର୍ତ୍ତନ ଉତ୍ସବ ୧୯ ତାରିଖରେ ଅନୁଷ୍ଠିତ ହେବ। ଏନେଇ ଗୁରୁବାର କ୍ୟାମ୍ପସ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ଅନିମେଷ ବିଶ୍ୱାସ ଏହି ସୂଚନା ଦେଇଥିଲେ। ସେ କହିଥିଲେ, କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ ଡ. କୁମାର ମଙ୍ଗଳମ୍ ବିର୍ଲା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବିଭିନ୍ନ ବିଭାଗର ୧୫୪୦ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ସେଥିମଧ୍ୟରୁ ୧୧ଜଣଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ ସହ ୨୦ଜଣଙ୍କୁ ସିଲଭର ମେଡାଲ ପ୍ରଦାନ କରାଯିବ। ଏହା ବ୍ୟତୀତ ଗବେଷଣା ଓ ପିଏଚ୍‌ଡି ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦେଇଥିଲେ। ଏନ୍‌ଆଇଟିକୁ କିପରି ଶୀର୍ଷରେ ପହଞ୍ଚାଯାଇପାରିବ ସେନେଇ ପ୍ରୟାସ ଜାରି ରହିଥିବା ନିର୍ଦ୍ଦେଶକ ବିଶ୍ୱାସ କହିଥିଲେ। ଏଥିରେ ପ୍ରଫେସର ଜେ.କେ. ପାତ୍ର, ଜନସମ୍ପର୍କ ଅଧିକାରୀ ଇତିଶ୍ରୀ ରାଠୋର ପ୍ରମୁଖ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପଦକ ଶୁଣୁଥିବି,**
**ସୁନ୍ଦର ବଦନ ଚାହୁଁଥିବି,**
**ଲୁଣ ଘିନି ଭାତ ଖାଉଥିବି ।**

ପତିପତ୍ନୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଠିକ୍ ଥିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଯେତେ ଅଭାବ ଅନଟନ ଲାଗିରହିଲେ ମଧ୍ୟ ତା'ର କଷ୍ଟ ଜମା ଜଣାପଡ଼ି ନ ଥାଏ କି ଅଭାବ ମନକୁ ସେତେ ବ୍ୟଥିତ କରି ନ ଥାଏ। ପତିର ମଧୁର ଭାଷା, ଚାହାଣି ଓ ବ୍ୟବହାର ପାଖେ ପତ୍ନୀ ମନ ବନ୍ଧା ପଡ଼ିଯାଇଥାଏ। ଏପରିସ୍ଥଳେ କିଛି ନ ଥିଲେ ସୁଦ୍ଧା ସେ ମନ ଊଣା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକ ଦେଶର ଗାଳି,**
**ଅନ୍ୟ ଦେଶର ବୋଲି ।**

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳଣ, ଭାଷା ତଥା ଖାଦ୍ୟପେୟ ଦେଖିବାକୁ ମିଳିଥାଏ। ଯେ ଯେଉଁ ଦେଶକୁ ଯାଇଥାଏ ତାକୁ ସେଠାକାର ନୀତିନିୟମରେ ଚଳିବାକୁ ପଡ଼ିଥାଏ। ଅନ୍ୟ ଦେଶର ଥିବା ଭିନ୍ନତାକୁ ଅନିଚ୍ଛା ସତ୍ତ୍ୱେ ଆପଣେଇ ନେବାକୁ ପଡ଼ିଥାଏ। ସେହିପରି ଏକ ଦେଶ ବା ଅଞ୍ଚଳରେ ବ୍ୟବହାର କରାଯାଉଥିବା ଭାଷା ଶ୍ରୁତିକଟୁ ଲାଗୁଥିଲେ ବି ଅନ୍ୟ ଅଞ୍ଚଳ ପାଇଁ ତାହା ବେଶ୍ ଲୋକାଦୃତ ଭାଷା ହୋଇଥିବାରେ ସେଭଳି କୌଣସି ବିଚିତ୍ରତା ପରିଲକ୍ଷିତ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମୂଳ ନିବାସୀ କଲ୍ୟାଣ ସମିତି ପକ୍ଷରୁ ମକର ମିଳନ

ରାଉରକେଲା ଅଫିସ,୧୮। ୧

ସେକ୍ଟର-୬ ମୁଖୀ ବସ୍ତି କାରୁଆ ସମାଜ ତଥା ମୂଳନିବାସୀ କଲ୍ୟାଣ ସମିତି ଆନୁକୂଲ୍ୟରେ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଟୁସୁ ଦେବୀଙ୍କ ପୂଜାର୍ଚ୍ଚନା କରି ଉତ୍ସବର କିମ୍ବଦନ୍ତୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକର୍ତ୍ତା କାଳିପଦ ମୁଖୀ, ପ୍ରସାଦ କାରୁଆ ଓ ଜୀବନ କାରୁଆ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମକରଧ୍ୱଜ ମୁଖୀ, ସଙ୍ଗୀତଲାଲ ମୁଖୀ, ଜିତା ମୁଖୀ, ଜୟନାରାୟଣ କାରୁଆ, ସୁରୁ ମୁଖୀ ପ୍ରମୁଖ ଉପସ୍ଥିତ ଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**ଜିଲ୍ଲା କୃଷି କାର୍ଯ୍ୟାଳୟ, ଆଠଗଡ଼**
**ବିହନ ବିଶୋଧନ ଅଭିଯାନ, ରବି ୨୦୧୮-୧୯**

ଚଳିତ ରବି ଋତୁ ୨୦୧୮-୧୯ ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ମୁଗ ଓ ବିରି ବିହନ ବିଶୋଧନ ଅଭିଯାନ ଆଠଗଡ଼ କୃଷି ଜିଲ୍ଲାର ୪ଟି ବ୍ଲକ ଯଥା- ଆଠଗଡ଼, ତିଗିରିଆ, ବଡ଼ମ୍ବା ଓ ନରସିଂହପୁର ଅନ୍ତର୍ଭୁକ୍ତ ୮୧ଟି ଗ୍ରାମରେ ତା୨୦।୦୧।୨୦୧୯ ଠାରୁ ୩୧।୦୧।୨୦୧୯ରିଖ ମଧ୍ୟରେ କରାଯିବା ପାଇଁ ସ୍ଥିର କରାଯାଇଛି। ତେଣୁ ପ୍ରତି ବ୍ଲକରେ ଥିବା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ କରାଯାଉ ଅଛି କି, ସେମାନେ ବିପୁଳ ସଂଖ୍ୟାରେ ଯୋଗଦାନ କରି ସେମାନଙ୍କର ସଞ୍ଚିତ ମୁଗ ଓ ବିରି ବିହନ ଗୁଡ଼ିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହା ଦ୍ୱାରା ପରବର୍ତ୍ତୀ ସମୟରେ ମୁଗ ଓ ବିରି ଗଛ ବିହନଜନିତ ଓ ମୃତ୍ତିକା ଜନିତ ରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇପାରିବ।

ସ୍ୱା./- ଶ୍ରୀ ପ୍ରଫୁଲ୍ଲ କୁମାର ମାଟି,
ଜିଲ୍ଲା କୃଷି ଅଧିକାରୀ, ଆଠଗଡ଼

**ବିହନ ବିଶୋଧନ ଅଭିଯାନ, ରବି- ୨୦୧୮-୧୯**
**ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ଆନୁକୂଲ୍ୟରେ**

ରାଜ୍ୟ ଯୋଜନା ମାଧ୍ୟମରେ ଚଳିତ ରବି ଋତୁରେ ଚାଷୀଭାଇମାନେ ବ୍ୟବହାର କରୁଥିବା ଡାଲି ଜାତୀୟ ଫସଲ (ମୁଗ/ବିରି) ବିହନକୁ ବୁଣିବା ପୂର୍ବରୁ ବିଶୋଧନ କରି ଫସଲକୁ ରୋଗପୋକ ଦାଉରୁ ରକ୍ଷା କରିବାକୁ ଅନୁରୋଧ। ଏହି କାର୍ଯ୍ୟକ୍ରମ କୃଷି ସମ୍ପ୍ରସାରଣ ଅଭିଯାନ ମାଧ୍ୟମରେ ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ତତ୍ତ୍ୱାବଧାନରେ ବଡ଼ଚଣା, ଧର୍ମଶାଳା, ରସୁଲପୁର ଓ ବରୀ ବ୍ଲକର ବିଭିନ୍ନ ଗ୍ରାମରେ ତା୧୬।୦୧।୨୦୧୯ଠାରୁ ତା୩୧।୦୧।୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ବିହନ ବିଶୋଧନ କରାଯିବା ସଙ୍ଗେ ସଙ୍ଗେ ବିହନ ବିଶୋଧନ ଉପରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯିବ। ଏହାର ସଫଳ ରୂପାୟନ ଦ୍ୱାରା ଧର୍ମଶାଳା କୃଷି ଜିଲ୍ଲାକୁ କୃଷି କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ବିଶେଷ ଅନୁରୋଧ।

ସ୍ୱା./- ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳା, ଜିଲ୍ଲା- ଯାଜପୁର

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

**FINANCE**
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

GET INSTANT CASH AGAINST GOLD
**GOLD CASH**
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
**ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

୧୯୪୫ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
**ପ୍ରଫେସର ବିପି ଖନ୍ନା**
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

ଡିଜିଟାଲ ଉପକରଣ -କମ୍ପାନୀ-
**SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355,
9162431749

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଲଭପାଉନ୍ଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡ଼ା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡ଼ା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
**ବାବା ଆଲାମ ଖାନ**
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |